# ଧରିତ୍ରୀ DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୧୫/୨୦୨୪ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, September 15/2024 | Page 16 | ₹ 7.00 | SAMBALPUR

୫୦ଶ ଭାଗ ୨୯୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 50 ISSUE 292 | ମୂଲ୍ୟ ₹୭/-




**ହରମନପ୍ରୀତ୍‌ଙ୍କ ଡବଲ ଗୋଲ୍**

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ପାକିସ୍ତାନ ବିପକ୍ଷ ବିଜୟ ମ୍ୟାଚରେ ଡବଲ ଗୋଲ୍ ସ୍କୋର କରିଛନ୍ତି ଭାରତର ହରମନପ୍ରୀତ୍ ସିଂ।

୧୬

୦୨

**ସବୁ ଇଣ୍ଡଷ୍ଟ୍ରି ପାଇଁ ହେମା କମିଟି ଜରୁରୀ: ଅନନ୍ୟା**

ମଲିଉଡ୍ ପରି ପ୍ରତ୍ୟେକ ଇଣ୍ଡଷ୍ଟ୍ରି ପାଇଁ ହେମା କମିଟି ଭଳି ପ୍ୟାନେଲ ଆବଶ୍ୟକ ବୋଲି ଅଭିନେତ୍ରୀ ଅନନ୍ୟା ପାଣ୍ଡେ କହିଛନ୍ତି।



# ଟାଇନା କମ୍ପାନୀରେ ମାଧବୀଙ୍କ ନିବେଶ

## ସେବି ମୁଖ୍ୟଙ୍କ ବିରୋଧରେ କଂଗ୍ରେସର ସାଂଘାତିକ ଅଭିଯୋଗ

ନୂଆଦିଲ୍ଲୀ,୧୪।୯

ଭାରତର ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍ ଓ ତାଙ୍କ ସ୍ୱାମୀ ଆଦାନୀ ଗ୍ରୁପ୍‌ର ଷ୍ଟକ୍ ମୂଲ୍ୟ ଜାଲିଆତିରେ ସମ୍ପୃକ୍ତ ଦରିଆପାରି ସଂସ୍ଥାରେ ପୁଞ୍ଜିନିବେଶ କରିଥିବା ଆମେରିକୀୟ ଗବେଷଣା ସଂସ୍ଥା ହିଣ୍ଡେନବର୍ଗ ପ୍ରକାଶ କରିବା ପରେ ତାଙ୍କ ବିରୋଧରେ ଗୋଟିଏ ପରେ ଗୋଟିଏ କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟେରେଷ୍ଟ ଅଭିଯୋଗ ଆସିବାରେ ଲାଗିଛି। ପଡୋଶୀ ଚାଇନା ସହ ଭାରତର ଭୂରାଜନୈତିକ ଉତ୍ତେଜନା ଲାଗିରହିଥିବାବେଳେ ସେହି ଦେଶର ବିଭିନ୍ନ କମ୍ପାନୀ ସମେତ ଭାରତ ବାହାରେ ମାଧବୀ ବିପୁଳ ପୁଞ୍ଜିନିବେଶ କରିଥିବା କଂଗ୍ରେସ ଶନିବାର ସାନି ଅଭିଯୋଗ ଆଣିଛି। ପ୍ରକାଶିତ ହୋଇ ନ ଥିବା ମୂଲ୍ୟସମ୍ବେଦୀ ସୂଚନା ପାଖରେ ଥାଇ ସେବି ଅଧ୍ୟକ୍ଷା ତାଲିକାଭୁକ୍ତ ସିକ୍ୟୁରିଟିଗୁଡ଼ିକରେ କାରବାର କରୁଥିଲେ ବୋଲି କଂଗ୍ରେସ କହିଛି।

ବରିଷ୍ଠ କଂଗ୍ରେସ ନେତା ପୱନ୍ ଖେରା ଉପରୋକ୍ତ ଅଭିଯୋଗ ଆଣି ପୁଣିଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ପ୍ରଶ୍ନ ଉଠାଇଛନ୍ତି। ମାଧବୀ ଭାରତ ବାହାରେ ବିପୁଳ ପୁଞ୍ଜିନିବେଶ କରିଥିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ



ମାଧବୀ ପୁରୀ ବୁଚ୍

ଅବଗତ କି? ଯଦି ହଁ, ତେବେ ନିବେଶ ତାରିଖ ଓ ଏହାକୁ ସର୍ବସାଧାରଣରେ ପ୍ରକାଶ କରିବା ସମୟ କେବେ ବୋଲି ସେ ପ୍ରଶ୍ନ କରିଛନ୍ତି। ଚାଇନା ସହ ଭାରତର ଉତ୍ତେଜନା ଲାଗିରହିଥିବାବେଳେ ସେବି ଅଧ୍ୟକ୍ଷା ସେଠାର କମ୍ପାନୀରେ ପୁଞ୍ଜିନିବେଶ କରିବା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଅବଗତ କି ବୋଲି ଖେରା ଜାଣିବାକୁ ଚାହିଁଛନ୍ତି।

ସୂଚନାଯୋଗ୍ୟ, ବିରୋଧୀ ଦଳ କ୍ରମାଗତ ଭାବେ ସେବି ଅଧ୍ୟକ୍ଷାଙ୍କ ବିରୋଧରେ ଗୁରୁତର ଅଭିଯୋଗ କରିଆସୁଥିବାବେଳେ ମାଧବୀ ଓ ତାଙ୍କ ସ୍ୱାମୀ ଧବଳ ବୁଚ୍ ଏହାକୁ ଭିତ୍ତିହୀନ କହି ଖଣ୍ଡନ କରିଆସିଛନ୍ତି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାକୁ ପରାମର୍ଶ ସେବା ଯୋଗାଉଥିବା ଆଗୋରା ଆଡଭାଇଜରି ପ୍ରା. ଲିଃରେ ମାଧବୀଙ୍କର ୯୯ ପ୍ରତିଶତ ଅଂଶଧନ ରହିଥିବା କଂଗ୍ରେସ ଅଭିଯୋଗ କରିଥିବାବେଳେ ☞ପୃଷ୍ଠା-୧୧



ଆଇଏସ୍ଏସ୍‌ରୁ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ସହଯାତ୍ରୀ ବୁଚ୍ ୱିଲ୍‌ମୋର ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରୁଛନ୍ତି।

# ମହାକାଶରୁ ଭୋଟ ଦେବେ ସୁନୀତା

## ଆଇଏସ୍ଏସ୍‌କୁ ସବୁଠୁ ସୁଖଦ ସ୍ଥାନ କହିଲେ

ୱାଶିଂଟନ,୧୪।୯(ପି.ଟି.)

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରେ ୨୦୨୫ ଫେବୃଆରୀ ପର୍ଯ୍ୟନ୍ତ ରହିବାକୁ ଥିବା ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନୀତା ୱିଲିୟମ୍ସ ଓ ତାଙ୍କ ସହଯାତ୍ରୀ ବୁଚ୍ ୱିଲ୍‌ମୋର ସେଠାରୁ ନଭେମ୍ବର ୫ରେ ହେବାକୁ ଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ଭୋଟ ଦେବାକୁ ଯୋଜନା କରୁଛନ୍ତି। ନାଗରିକ ଭାବେ ଭୋଟ ଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କର୍ତ୍ତବ୍ୟ। ତେଣୁ ମହାକାଶରେ ଥାଇ ଭୋଟ ଦେବାକୁ ଆମେ ଚିନ୍ତା କରୁଛୁ ବୋଲି ୫୮ ବର୍ଷୀୟା ସୁନୀତା ଖବରଦାତାମାନଙ୍କୁ କହିଛନ୍ତି।

ଗତ ଜୁନ୍‌ରୁ ଆଇଏସ୍ଏସ୍‌ରେ ଅଟକି ରହିଥିବା ସୁନୀତା ଏବଂ ୱିଲ୍‌ମୋର ସେଠାରୁ ଶୁକ୍ରବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ଭାଗ ନେଇଥିଲେ। ସେମାନଙ୍କୁ ୮ ଦିନିଆ ମିଶନରେ ମହାକାଶ କେନ୍ଦ୍ରକୁ ☞ପୃଷ୍ଠା-୧୧

# ସୁଭଦ୍ରା: ଆଜି ସୁଦ୍ଧା ଆବେଦନ କରିଥିଲେ ୧୭ରେ ପ୍ରଥମ କିସ୍ତି

ଭୁବନେଶ୍ୱର, ୧୪।୯(ଅନିଲ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ଏହି ଯୋଜନାରେ ଏ ପର୍ଯ୍ୟନ୍ତ ପ୍ରାୟ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଆବେଦନ କରିଥିବାବେଳେ ଆବେଦନକାରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସେପ୍ଟେମ୍ବର ୧୫ ସୁଦ୍ଧା ଆବେଦନ କରିସାରିଥିବା ମହିଳାମାନଙ୍କୁ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ** ଏବେ ଅନିଚ୍ଛୁକ







## ସଂକ୍ଷେପରେ

### ୩ ଏନ୍‌କାଉଣ୍ଟର: ୫ ଆତଙ୍କବାଦୀ ନିହତ

ଶ୍ରୀନଗର,୧୪।୯

ଜମ୍ମୁ-କଶ୍ମୀରର ବାରମୂଲ୍ଲା ଜିଲାରେ ଶନିବାର ସକାଳେ ସୁରକ୍ଷା ଯବାନଙ୍କ ଏନ୍‌କାଉଣ୍ଟରରେ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରୁ ଉତ୍ତର କଶ୍ମୀର ଜିଲାର ଚକ୍ ଟାପେର କ୍ରିରିଠାରେ ଯବାନ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଆରମ୍ଭ ହୋଇଥିଲା। ଉକ୍ତ ଅଞ୍ଚଳରେ ଆତଙ୍କବାଦୀ ରହିଥିବା ଗୋଇନ୍ଦା ସୂଚନା ଆଧାରରେ ସେନା ଯବାନ ଏବଂ ପୋଲିସ ତଲାସି ଅଭିଯାନ ଚଳାଇଥିବାବେଳେ ଆତଙ୍କବାଦୀ ଗୁଳିମାଡ଼ କରିବାରୁ ଏନ୍‌କାଉଣ୍ଟର ହୋଇଥିଲା। ଶୁକ୍ରବାର କଠୁଆରେ ଅନ୍ୟ ଏକ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଥିଲେ। ଏହା ପୂର୍ବରୁ ଜମ୍ମୁ-କଶ୍ମୀରର କିସ୍ତୱାର ଜିଲାରେ ଏନ୍‌କାଉଣ୍ଟର ବେଳେ ଆତଙ୍କବାଦୀଙ୍କ ଗୁଳିରେ ୨ ଜଣ ଯବାନ ପ୍ରାଣ ହରାଇବା ସହ ଅନ୍ୟ ୨ ଜଣ ଆହତ ହୋଇଥିଲେ। ମୃତ ଯବାନଦ୍ୱୟ ହେଲେ ନାଏବ ସୁବେଦାର ବିପିନ କୁମାର ଏବଂ ସିପାହି ଅରବିନ୍ଦ ସିଂ।

### କୋଲକାତାରେ ବିସ୍ଫୋରଣ: ଜଣେ ଆହତ

କୋଲକାତା,୧୪।୯

କେନ୍ଦ୍ରୀୟ କୋଲକାତାର ବ୍ଲୋଚମାନ୍ ଷ୍ଟ୍ରିଟ୍ ଏବଂ ଏସ୍‌ଏନ୍ ବାନାର୍ଜୀ ରୋଡ୍‌ରେ ଶନିବାର ଅପରାହ୍ନରେ ବିସ୍ଫୋରଣ ଘଟି ଜଣେ ୫୮ ବର୍ଷୀୟ ଜରି ଗୋଟାଳି ଆହତ ହୋଇଛନ୍ତି। ପୋଲିସ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରାବନ୍ଦୀ କରି ତଦନ୍ତ ଚଳାଇଛି। ବୋମା ଚିହ୍ନଟ ଓ ନିଷ୍କ୍ରିୟକାରୀ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ ଚଳାଇଥିଲା। ସେଠାରେ ଅଧିକ ବୋମା ନ ଥିବା ଜଣାପଡ଼ିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଛି। ଫୋରେନ୍‌ସିକ୍ ଟିମ୍ ବିସ୍ଫୋରଣର କାରଣ ଓ କି ପ୍ରକାର ବିସ୍ଫୋରଣ ଥିଲା, ତାହାର ଅନୁଧ୍ୟାନ କରୁଛି। ଜାତୀୟ ତଦନ୍ତକାରୀ ଟିମ୍ (ଏନ୍‌ଆଇଏ) ଘଟଣାର ତଦନ୍ତ କରିବାକୁ ଭାଜପା ନେତା ତଥା କେନ୍ଦ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ଦାବି କରିଛନ୍ତି।

### ତାର ଚୋରି କରିବାରୁ ଦଳିତ ବାଳକଙ୍କୁ ଉଲଗ୍ନ କରି ନଚାଇଲେ

କୋଟା, ୧୪।୯

ରାଜସ୍ଥାନର କୋଟାସ୍ଥିତ ମହାବୀର ନଗର ଅଞ୍ଚଳରୁ ଏକ ଲଜ୍ଜାକର ଘଟଣା ସାମ୍ନାକୁ ଆସିଛି। ତାର ଚୋରି କରିବା ଅଭିଯୋଗରେ ଜଣେ ୧୨ ବର୍ଷୀୟ ବାଳକଙ୍କୁ ଉଲଗ୍ନ କରାଇ ୫ରୁ ୭ ଜଣ ଯୁବକ ନାଚିବାକୁ ବାଧ କରିଛନ୍ତି। ଏହାର ଏକ ଭିଡିଓ ଭାଇରାଲ ହେବା ପରେ କୋଟା ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଶନିବାର ପୋଲିସ ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା କରି ତଦନ୍ତ ଚଳାଇଛି। ମହାବୀର ନଗର ଅଞ୍ଚଳରେ ବାଳକଟି ଏକ ଦୋକାନରୁ ତାର ଚୋରି କରିଥିବା ଅଭିଯୋଗରେ ୫ରୁ ୭ ଜଣ ଯୁବକ ତାଙ୍କୁ ପିଟିବା ସହ ଉକ୍ତ କାଣ୍ଡ ଘଟାଇଥିବା ନେଇ କୋଟା ଏସ୍‌ପି ଅମୃତା ଦୁହାନ୍ କହିଛନ୍ତି। ପୀଡ଼ିତଙ୍କ ବାପା କରିଥିବା ଅଭିଯୋଗକୁ ଭିତ୍ତିକରି ପୋଲିସ ବିଏନ୍‌ଏସ୍‌ର ଏସ୍‌ସି ଏବଂ ଏସ୍‌ଟି (ଅତ୍ୟାଚାର ନିବାରଣ) ଆକ୍ଟ ଓ ପୋକ୍‌ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରିଛି।

# ମମତାଙ୍କ ଶେଷ ଉଦ୍ୟମ ବିଫଳ

## ବୈଠକର ସିଧା ପ୍ରସାରଣ ଦାବିରେ ଡାକ୍ତର ଅଟଳ



ସ୍ୱାସ୍ଥ୍ୟଭବନ ବାହାରେ ଆନ୍ଦୋଳନରତ ଜୁନିୟର ଡାକ୍ତରମାନଙ୍କୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମ୍ବୋଧନ କରୁଛନ୍ତି।

କୋଲକାତା,୧୪।୯(ପି.ଟି.)

ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ପ୍ରତିବାଦରେ ପଶ୍ଚିମବଙ୍ଗର ଜୁନିୟର ଡାକ୍ତରମାନେ ମାସେରୁ ଊର୍ଦ୍ଧ୍ୱ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିବାବେଳେ ଅଚଳାବସ୍ଥା ଦୂର ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶନିବାର ଅପରାହ୍ନରେ ଅଚାନକ ଆନ୍ଦୋଳନ ସ୍ଥଳରେ ପହଞ୍ଚିଥିଲେ। ଶେଷ ଉଦ୍ୟମ ସ୍ୱରୂପ ମୁଖ୍ୟମନ୍ତ୍ରୀ ସେମାନଙ୍କ ନିକଟରେ ପହଞ୍ଚି ଦାବିପୂରଣ ପାଇଁ ପ୍ରତିଶ୍ରୁତି ଦେବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ସନ୍ଧ୍ୟାରେ ଡାକ୍ତରମାନଙ୍କର ଏକ ପ୍ରତିନିଧି ଦଳ ଆଲୋଚନା ପାଇଁ ମମତାଙ୍କ କାଳୀଘାଟସ୍ଥିତ ବାସଭବନ ନିକଟରେ ପହଞ୍ଚିଥିଲେ। ତେବେ ସେମାନେ ବୈଠକର ସିଧା ପ୍ରସାରଣ ଏବଂ ଭିଡିଓ ରେକର୍ଡିଂ ଦାବିରେ ଅଟଳ ରହିବାରୁ ରାତି ୯ଟା ପର୍ଯ୍ୟନ୍ତ ଆଲୋଚନା ଆରମ୍ଭ ହୋଇପାରି ନ ଥିଲା। ତେବେ ଆର୍.ଜି. କର ମାମଲା ସୁପ୍ରିମକୋର୍ଟଙ୍କ ବିଚାରାଧୀନ ଥିବାରୁ ମିଟିଂର ସିଧାପ୍ରସାରଣ ହୋଇପାରିବ ନାହିଁ ବୋଲି ମମତା କହିଥିଲେ।

ଶନିବାର ଆଲୋଚନା ପାଇଁ ଆପଣମାନେ ନିବେଦନ କରିଥିଲେ। ଅନ୍ୟୂନ ଆସି ମୋ ସହ ଚା’ ପିଅନ୍ତୁ ବୋଲି ମମତା ଡାକ୍ତରମାନଙ୍କୁ କହିଛନ୍ତି। ସେ ଦୀର୍ଘ ସମୟ ଅପେକ୍ଷା କରିବା ସତ୍ତ୍ୱେ ଡାକ୍ତରମାନେ ଆଲୋଚନା ଚାହୁଁ ନ ଥିବା ଜଣାପଡୁଛି। ରାଜନୀତିକୁ ଭୁଲିଯିବା ପାଇଁ ସେ ଡାକ୍ତରମାନଙ୍କୁ ଅନୁରୋଧ କରିବା ସହ କେବଳ ସୁପ୍ରିମକୋର୍ଟଙ୍କ ଅନୁମତି କ୍ରମେ ବୈଠକର ସିଧା ପ୍ରସାରଣ ହୋଇପାରିବ ବୋଲି ମମତା କହିଛନ୍ତି।

ସଲ୍ଟ ଲେକ୍‌ସ୍ଥିତ ସ୍ୱାସ୍ଥ୍ୟଭବନ ବାହାରେ ଆନ୍ଦୋଳନରତ ଡାକ୍ତରମାନେ ‘ଆମେ ନ୍ୟାୟ ଚାହୁଁ’ ସ୍ଲୋଗାନ ଦେଉଥିବାବେଳେ ମମତା ଅପରାହ୍ନରେ ସେମାନଙ୍କ ପାଖରେ ପହଞ୍ଚି କହିଥିଲେ, ମୁଁ ମୁଖ୍ୟମନ୍ତ୍ରୀ ଭାବେ ନୁହେଁ, ଆପଣମାନଙ୍କ ଦିଦି ଭାବେ ଏଠାକୁ ଆସିଛି। ଆପଣମାନଙ୍କ ଦାବିକୁ ଅନୁଧ୍ୟାନ କଲା ପରେ ଯଦି କେହି ଦୋଷୀ ହୋଇଥାନ୍ତି, କାର୍ଯ୍ୟାନୁଷ୍ଠାନ ନିଆଯିବ। ଡାକ୍ତରମାନେ କାର୍ଯ୍ୟକୁ ଫେରିବା ପାଇଁ ମମତା ନିବେଦନ କରିବା ସହ ସେମାନଙ୍କ ପ୍ରତି କୌଣସି ଅନ୍ୟାୟ ହେବ ନାହିଁ ବୋଲି କହିଥିଲେ। ଆପଣମାନେ ବର୍ଷା ସତ୍ତ୍ୱେ ରାସ୍ତାରେ ଆନ୍ଦୋଳନରେ ବସିରହିଥିବାରୁ ମୁଁ ରାତିରେ ଶୋଇପାରୁ ନାହିଁ। ସଙ୍କଟର ସମାଧାନ ପାଇଁ ଏହା ତାଙ୍କର ଶେଷ ଉଦ୍ୟମ ବୋଲି ମମତା କହିଥିଲେ। ଗଣତାନ୍ତ୍ରିକ ଆନ୍ଦୋଳନକୁ ଚାପି ଦେବାରେ ବିଶ୍ୱାସ କରୁ ନ ଥିବାରୁ ଡାକ୍ତରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ମଧ୍ୟ ସେ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟମନ୍ତ୍ରୀ ଫେରିଯିବା ପରେ ଜୁନିୟର ଡାକ୍ତରମାନେ କହିଛନ୍ତି, ବିନା ଆଲୋଚନାରେ ସେମାନଙ୍କ ଦାବି ଉପରେ କୌଣସି ସାଲିସ୍ ପାଇଁ ସେମାନେ ପ୍ରସ୍ତୁତ ନୁହନ୍ତି। ଡାକ୍ତରମାନେ ମମତାଙ୍କ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରିଦେଇଥିବାରୁ ଅଚଳାବସ୍ଥାର ତୁରନ୍ତ ସମାଧାନ ହେବାର କୌଣସି ସୂଚନା ମିଳୁନାହିଁ।

### ସନ୍ଦୀପ୍‌ଙ୍କ ଭିଶୋଇ ଘରୁ ମିଳିଲା ଉତ୍ତର ଖାତା

ଆର୍.ଜି. କର ମେଡିକାଲ କଲେଜର ପୂର୍ବତନ ପ୍ରିନ୍ସିପାଲ ସନ୍ଦୀପ୍ ଘୋଷଙ୍କ ଜଣେ ସମ୍ପର୍କୀୟଙ୍କ ଘରୁ ମେଡିକାଲ ପରୀକ୍ଷାର ଉତ୍ତର ଖାତା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜବତ କରିଛି। ସନ୍ଦୀପ୍‌ଙ୍କ ଭିଶୋଇ ଘରୁ ଉତ୍ତର ଖାତା ସମେତ ସରକାରୀ ଟେଣ୍ଡରର ନକଲ ଏବଂ ବିଭିନ୍ନ ଦସ୍ତାବିଜ ମିଳିଛି। ଗତ ୬ ତାରିଖରେ ଇଡି ସନ୍ଦୀପ୍‌ଙ୍କ ଭିଶୋଇ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଛାତ୍ରୀଛାତ୍ରଙ୍କଠାରୁ ଟଙ୍କା ନେଇ ସେମାନଙ୍କୁ ପରୀକ୍ଷାରେ ଭଲ ଗ୍ରେଡ୍ ଦେଉଥିବା ରାକେଟ୍‌ରେ ସନ୍ଦୀପ୍ ସମ୍ପୃକ୍ତ ବୋଲି ପୂର୍ବରୁ ଜୁନିୟର ଡାକ୍ତରମାନେ ଅଭିଯୋଗ କରିଥିଲେ। ମେଧାବୀ ଛାତ୍ରୀଛାତ୍ର ପରୀକ୍ଷାରେ ବହୁତ ଭଲ କରୁଥିବା ସତ୍ତ୍ୱେ ସେମାନଙ୍କର ମାର୍କ କମ୍ ରହୁଥିଲା। ଟଙ୍କା ନେଇ କଲେଜ କର୍ତ୍ତୃପକ୍ଷ ପ୍ରଶ୍ନପତ୍ର ଲିକ୍ କରିବା ସହ ଉତ୍ତର ଖାତାରେ ଜାଲିଆତି କରୁଥିଲେ ବୋଲି ସେମାନେ ଅଭିଯୋଗ କରିଥିଲେ। ୬ ତାରିଖରେ ସନ୍ଦୀପ୍‌ଙ୍କ ଚନ୍ଦନନଗରସ୍ଥିତ ଭିଶୋଇ ଘରୁ ଇଡି ଏକ କଳା ଟ୍ରଲି ବ୍ୟାଗ୍ ନେଇଥିଲା, ଯେଉଁଥିରେ ପାଖାପାଖି ୨୦୦ ପୃଷ୍ଠାର ଉତ୍ତର ଖାତା ରହିଥିବା ଏକ ସୂତ୍ରରୁ ଜଣାପଡ଼ିଛି।

### କେଜରିୱାଲଙ୍କ ଘର ଆଗରେ ବାଣ ଫୁଟାକୁ ନେଇ ଏତଲା

ନୂଆଦିଲ୍ଲୀ, ୧୪।୯

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ନର୍ଥ ଦିଲ୍ଲୀର ସିଭିଲ ଲାଇନ୍ସସ୍ଥିତ ବାସଭବନ ସମ୍ମୁଖରେ ବାଣ ଫୁଟିବା ମାମଲାକୁ ନେଇ ଶନିବାର ପୋଲିସ ନିଜ ଆଡୁ ଏଫ୍‌ଆଇଆର୍ ରୁଜୁ କରିଛି। କେଜରିୱାଲ ତିହାର ଜେଲରୁ ମୁକୁଳିବା ଖୁସିରେ ତାଙ୍କ ବାସଭବନ ସମ୍ମୁଖରେ ଆମ୍ ଆଦ୍‌ମୀ ପାର୍ଟି(ଆପ୍)ର କାର୍ଯ୍ୟକର୍ତ୍ତା ତଥା କେଜରିୱାଲଙ୍କ ପ୍ରଶଂସକମାନେ ଅନେକ ସମୟ ଧରି ବାଣ ଫୁଟାଇବା ସହ ସେଲିବ୍ରେଶନ କରିଥିଲେ। ତେବେ ଶୀତ ଋତୁରେ ଦେଶର ରାଜଧାନୀର ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ପାଇଁ ବାଣ ବିକ୍ରି, ଉତ୍ପାଦନ ଓ ଏହାର ବ୍ୟବହାର ଉପରେ ସୋମବାର ଦିଲ୍ଲୀ ସରକାର ପ୍ରତିବନ୍ଧକ ଲଗାଇଥିଲେ। ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଧାରା ୨୨୩(ପ୍ରଶାସନ ଦ୍ୱାରା ଜାରି ଆଦେଶକୁ ଅବମାନନା)କୁ ଭିତ୍ତି କରି ଏକ ମାମଲା ସିଭିଲ ଲାଇନ୍ସ ଥାନାରେ ରୁଜୁ ହୋଇଛି। ସୂଚନାଯୋଗ୍ୟ, କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ଦ୍ୱାରା ଦାଏର ହୋଇଥିବା ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲାରେ ସୁପ୍ରିମକୋର୍ଟ ଶୁକ୍ରବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଜାମିନ ପ୍ରଦାନ କରିଥିଲେ। ସେ ତିହାର ଜେଲରେ ୫ ମାସରୁ ଊର୍ଦ୍ଧ୍ୱ ସମୟ ଅତିବାହିତ କରିଥିଲେ।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭, ଲୋକକଲ୍ୟାଣ ମାର୍ଗ ବାସଭବନରେ ଗୋମାତା ଜନ୍ମ ଦେଇଥିବା ବାଛୁରୀର ନାଁ ଦୀପଜ୍ୟୋତି ରଖାଯାଇଛି। ମୋଦି ଉକ୍ତ ବାଛୁରୀ ସହ ସମୟ ବିତାଉଥିବାର ଭିଡିଓ ଶନିବାର ଏକ୍ସ’ରେ ଶେୟାର କରିଛନ୍ତି।

### ହିନ୍ଦୀ, ଅନ୍ୟ ଭାଷା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇପାରିବ ନାହିଁ: ଶାହା

ନୂଆଦିଲ୍ଲୀ,୧୪।୯(ପି.ଟି.)

ହିନ୍ଦୀ ଏବଂ ଅନ୍ୟ ଭାରତୀୟ ଭାଷା ମଧ୍ୟରେ କଦାପି ପ୍ରତିଦ୍ୱନ୍ଦ୍ୱିତା ହୋଇପାରିବ ନାହିଁ। କାରଣ ହିନ୍ଦୀ ଭାଷା ଅନ୍ୟ ଭାଷାମାନଙ୍କ ବନ୍ଧୁ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଶନିବାର କହିଛନ୍ତି। ହିନ୍ଦୀ ଦିବସ ଅବସରରେ ଚତୁର୍ଥ ଅଖିଳ ଭାରତୀୟ ରାଜଭାଷା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ଶାହା କହିଥିଲେ, ଅନ୍ୟ ସବୁ ଭାଷା ସୁଦୃଢ଼ ନ ହେବା ଯାଏ ସରକାରୀ ଭାଷା ହିନ୍ଦୀର ଉନ୍ନତି ହୋଇପାରିବ ନାହିଁ। ହିନ୍ଦୀ ଏବଂ ସମସ୍ତ ସ୍ଥାନୀୟ ଭାଷା ପରସ୍ପର ସହ ମିଶି ଏକତ୍ର କାର୍ଯ୍ୟ କରିବା ଦ୍ୱାରା ସେଗୁଡ଼ିକ ସୁଦୃଢ଼ ହୋଇପାରିବ ଏବଂ ସେମାନଙ୍କ ମଧ୍ୟରେ ସମ୍ପର୍କ ମଜଭୁତ ହେବ ବୋଲି ଶାହା କହିଛନ୍ତି।

### ତାଜମହଲ ମୁଖ୍ୟ ଗମ୍ବୁଜରୁ ପାଣି ଗଳୁଛି

ଆଗ୍ରା,୧୪।୯

ଆଗ୍ରାରେ ୩ ଦିନ ହେଲା ଲଗାଣ ବର୍ଷା ଯୋଗୁ ତାଜମହଲର ମୁଖ୍ୟ ଗମ୍ବୁଜରୁ ପାଣି ଗଳୁଥିବା ଦେଖିବାକୁ ମିଳିଛି। ବର୍ଷାଜଳରେ ତାଜମହଲ ଉଦ୍ୟାନ ସମ୍ପୂର୍ଣ୍ଣ ବୁଡ଼ିଯାଇଥିବାର ଭିଡିଓ ଗୁରୁବାର ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ମୁଖ୍ୟ ଗମ୍ବୁଜରେ ଛିଦ୍ର କାରଣରୁ ପାଣି ଗଳୁଥିବା ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ)ର ବରିଷ୍ଠ ଅଧିକାରୀ କହିଛନ୍ତି। ତାଜମହଲରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ସେ ସଫେଇ ଦେଇଛନ୍ତି। ଏଏସ୍‌ଆଇ ଆଗ୍ରା ସର୍କଲରର ସୁପରିଣ୍ଟେଣ୍ଡିଂ ଚିଫ୍ ରାଜକୁମାର ପଟେଲ କହିଛନ୍ତି, ମୁଖ୍ୟ ଡୋମ୍‌ରୁ ପାଣି



ଗଳୁଥିବା ଆମେ ଦେଖିବାକୁ ପାଇଛୁ। ଯାଞ୍ଚ କଲା ପରେ ସେଠାରେ ଏକ କ୍ଷୁଦ୍ର ଛିଦ୍ର ହୋଇଥିବା ଜଣାପଡ଼ିଥିଲା। ଡ୍ରୋନ୍ କ୍ୟାମେରା ସହାୟତାରେ ମୁଖ୍ୟ ଗମ୍ବୁଜକୁ ଯାଞ୍ଚ କରାଯାଇଥିବା ସେ କହିଛନ୍ତି।

### କଶ୍ମୀରରେ ମୋଦିଙ୍କ ପ୍ରଥମ ନିର୍ବାଚନୀ ରାଲି

ଜମ୍ମୁ,୧୪।୯(ପି.ଟି.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ପ୍ରଥମ ନିର୍ବାଚନୀ ରାଲି କରିଛନ୍ତି। ସଭାକୁ ସମ୍ବୋଧିତ କରି ମୋଦି କହିଥିଲେ, ଜମ୍ମୁ-କଶ୍ମୀର ବିଧାନସଭା ନର୍ବାଚନରେ ଉକ୍ତ ଅଞ୍ଚଳର ବିକାଶ ପାଇଁ ନିଜକୁ ସମର୍ପିତ କରିଥିବା ଯୁବ ନେତୃତ୍ୱ ଏବଂ ଦୁର୍ନୀତିକୁ ପ୍ରୋତ୍ସାହିତ କରି ତଥା ଜନସାଧାରଣଙ୍କୁ ସେମାନଙ୍କ ଅଧିକାରରୁ ବଞ୍ଚିତ କରିଥିବା ୩ ବଂଶବାଦୀ ପରିବାର ମଧ୍ୟରେ ଲଢ଼େଇ ହେବାକୁ ଯାଉଛି। ଡୋଡା ଜିଲାର ଭାଜପା ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଏହି କେନ୍ଦ୍ରଶାସିତ ଅଞ୍ଚଳରେ ଆତଙ୍କବାଦ ଶେଷ ନିଶ୍ୱାସ ନେଉଛି। ଜମ୍ମୁ-କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବା ମୋଦି ଦୋହରାଇଥିଲେ। ତେବେ ନ୍ୟାଶନାଲ କନ୍‌ଫରେନ୍ସ, କଂଗ୍ରେସ ଏବଂ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟିକୁ କ୍ଷମତାକୁ ନ ଆଣିବା ପାଇଁ ସେ କଶ୍ମୀର ଜନସାଧାରଣଙ୍କୁ ସତର୍କ କରାଇ ଦେଇଥିଲେ। ଉକ୍ତ ଦଳଗୁଡ଼ିକର ନୀତି ଆତଙ୍କବାଦୀଙ୍କ ପାଇଁ ଭିତ୍ତିଭୂମି ସୃଷ୍ଟି କରିବା ସହ ଯୁବନେତୃତ୍ୱକୁ ବଢ଼ିବାକୁ ଦେଉ ନ ଥିଲା। ବିଦେଶୀ ଶକ୍ତିଙ୍କ ଟାର୍ଗେଟରେ ରହିଆସିଥିବା ଜମ୍ମୁ-କଶ୍ମୀରର ଭବିଷ୍ୟତ ସମ୍ପର୍କରେ ନିର୍ବାଚନ ନିଷ୍ପତ୍ତି ନେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ୯୦ ଆସନ ବିଶିଷ୍ଟ ଜମ୍ମୁ-କଶ୍ମୀର ବିଧାନସଭା ପାଇଁ ସେପ୍ଟେମ୍ବର ୧୮ରୁ ୩ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି।

### ୟୁକ୍ରେନ୍, ପାଶ୍ଚାତ୍ୟ ରାଷ୍ଟ୍ରଙ୍କୁ ରୁଷିଆର ଧମକ

ମସ୍କୋ,୧୪।୯

ରୁଷୀୟ ଅଞ୍ଚଳ ମଧ୍ୟରେ ଆକ୍ରମଣ ପାଇଁ ୟୁକ୍ରେନ୍‌କୁ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ସେମାନଙ୍କ ଅସ୍ତ୍ରଶସ୍ତ୍ର ବ୍ୟବହାର ପାଇଁ ଅନୁମତି ଦେବାକୁ ଆଲୋଚନା ଚଳାଇଛନ୍ତି। ଏହା ଜାଣିବା ପରେ ରୁଷିଆ ଅଧିକାରୀମାନେ ଶନିବାର ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ କଡ଼ା ଚେତାବନୀ ଦେଇଛନ୍ତି। ଯଦି ପାଶ୍ଚାତ୍ୟ ରାଷ୍ଟ୍ର ଆକ୍ରମଣରେ ପ୍ରତ୍ୟକ୍ଷ ଭାବେ ସାମିଲ ହୁଅନ୍ତି, ତେବେ ଯୁଦ୍ଧ ଉତ୍ତେଜନା ବୃଦ୍ଧି ପାଇବ, ଯାହା ଉପରେ କୌଣସି ନିୟନ୍ତ୍ରଣ ରହିବ ନାହିଁ। କିଭ୍‌କୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯିବ ବୋଲି ରୁଷିଆ କର୍ତ୍ତୃପକ୍ଷ କହିଛନ୍ତି।



ୟୁକ୍ରେନ୍ ଆକ୍ରମଣର ନେତୃତ୍ୱ ନେଉଥିବା ରୁଷୀୟ ସୈନ୍ୟ।

ଯୁଦ୍ଧରେ ୟୁକ୍ରେନ୍‌ର ବିଜୟ ୱାଶିଂଟନର ନିଷ୍ପତ୍ତି ଉପରେ ନିର୍ଭର କରୁଛି ବୋଲି ଶୁକ୍ରବାର ଏହାର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି କହିଥିଲେ। ଏଥିରୁ ଏକ ଦୀର୍ଘମିଆଦୀ ଯୁଦ୍ଧର ସ୍ପଷ୍ଟ ସୂଚନା ମିଳୁଛି। ଯୁଦ୍ଧ ଜିତିବା ପାଇଁ କିଭ୍ ନାଟୋ ସହଯୋଗୀ ରାଷ୍ଟ୍ରଗୁଡ଼ିକର ସହାୟତା ଚାହୁଁଛି। ଜେଲେନ୍‌ସ୍କିଙ୍କ କାର୍ଯ୍ୟାଳୟର ମୁଖ୍ୟ ଆଣ୍ଡ୍ରି ୟେରମାକ୍ କହିଛନ୍ତି, କଠୋର ନିଷ୍ପତ୍ତି ଆବଶ୍ୟକ। ସାମରିକ ଘାଟିଗୁଡ଼ିକରେ ଆତଙ୍କ ସୃଷ୍ଟି ହୋଇଛି। ସେଗୁଡ଼ିକୁ ଧ୍ୱଂସ କରାଗଲେ ଆତଙ୍କ ବନ୍ଦ ହୋଇପାରିବ ବୋଲି ସେ କହିଥିଲେ। ରୁଷିଆର ଆକ୍ରମଣ କ୍ଷମତାକୁ ସୀମିତ କରିବାକୁ ହେଲେ କଠୋର ନିଷ୍ପତ୍ତି ଆବଶ୍ୟକ। ସହଯୋଗୀମାନେ ଏଥିପାଇଁ ଅନୁମତି ଦେବାକୁ କୁଣ୍ଠାବୋଧ କରିଆସୁଛନ୍ତି। ମସ୍କୋ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କିଭ୍‌କୁ ଜଣାଇ ଦିଆଯାଇଥିବା ରୁଷିଆ ବହିର୍ବ୍ୟାପାର ଉପମନ୍ତ୍ରୀ ସର୍ଗେଇ ର୍‍ୟାବକୋଭ୍ କହିଛନ୍ତି।

## ଫୁର୍‌ସତ୍

### ‘ବୁର୍ଜ ଅଜିଜି’ ହେବ ବିଶ୍ୱର ଦ୍ୱିତୀୟ ସର୍ବୋଚ୍ଚ ବିଲ୍ଡିଂ

ଦୁବାଇ

ଦୁବାଇ ଶେଖ୍ ଜାୟଦ୍ ରୋଡ୍‌ରେ ବିଶ୍ୱର ଦ୍ୱିତୀୟ ଉଚ୍ଚତମ କୋଠା ‘ବୁର୍ଜ ଅଜିଜି’ର ନିର୍ମାଣ ଚାଲିଛି। ଏହାର ଉଚ୍ଚତା ୭୨୫ ମିଟର(୨୩୭୯ ଫୁଟ) ହେବ। ତେବେ ୮୩୦ ମିଟର (୨୭୨୩ ଫୁଟ) ଉଚ୍ଚତା ବିଶିଷ୍ଟ ଦୁବାଇର ବୁର୍ଜ ଖଲିଫା ବିଶ୍ୱର ସବୁଠାରୁ ଉଚ୍ଚତମ କୋଠା ହୋଇଥିବାବେଳେ ଖୁବ୍‌ଶୀଘ୍ର ‘ବୁର୍ଜ ଅଜିଜି’ ସବୁଠାରୁ ଉଚ୍ଚ ଅଟ୍ଟାଳିକା ତାଲିକାରେ ଦ୍ୱିତୀୟ ସ୍ଥାନ ଅଧିକାର କରିବ।

ତେବେ ‘ବୁର୍ଜ ଅଜିଜି’ ବିଲ୍ଡିଂରେ ବିଶ୍ୱର ସର୍ବୋଚ୍ଚ ନାଇଟ୍ କ୍ଲବ, ସର୍ବୋଚ୍ଚ ହୋଟେଲ ଲବି ଏବଂ ସର୍ବୋଚ୍ଚ ଅବ୍‌ଜରବେସନ୍ ଡେକ୍ ଆଦି ମଧ୍ୟ ଅନ୍ତର୍ଭୁକ୍ତ ହେବ ବୋଲି ସୂଚନା ମିଳିଛି। ୨୦୨୮ ସୁଦ୍ଧା ୧୩୧ ମହଲା ବିଶିଷ୍ଟ ‘ବୁର୍ଜ ଅଜିଜି’ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଯିବ ବୋଲି



ଅଜିଜି ଡେଭଲପ୍‌ମେଣ୍ଟସ୍ କନ୍‌ଷ୍ଟ୍ରକ୍ସନ୍ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ବିଲ୍ଡିଂର ବିକ୍ରୟ ଫେବୃଆରୀ ୨୦୨୫ରେ ଆରମ୍ଭ ହେବ। ‘ବୁର୍ଜ ଅଜିଜି’ ବିଲ୍ଡିଂରେ ୭ଟି ସାଂସ୍କୃତିକ ଥିମ୍ ଦ୍ୱାରା ଅନୁପ୍ରାଣିତ ଏକ ସ୍ୱତନ୍ତ୍ର ଅଲ୍-ସୁଟ୍ ସାତ-ତାରକା ହୋଟେଲ ରହିବ, ଯେଉଁଥିରେ ସମସ୍ତ ପ୍ରକାର ବିଳାସପୂର୍ଣ୍ଣ ସୁବିଧା ଉପଲବ୍ଧ ହେବ। ସେହିପରି ଏହି ବିଲ୍ଡିଂରେ ଏକ ଆଡ୍ରେନାଲିନ୍ ଜୋନ୍ ସହିତ ଏକ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷଣ ଡେକ୍ ରହିବ। ଏହା ବ୍ୟତୀତ ପେଣ୍ଟ୍ ହାଉସ୍, ଆପାର୍ଟମେଣ୍ଟ ଏବଂ ହଲିଡେ ହୋମ୍ ପରି ବାସସ୍ଥାନ ମଧ୍ୟ ରହିବ।

### ୪ ରାଜ୍ୟକୁ ସଂଯୋଗ କରୁଛି ସୋନଭଦ୍ର ଜିଲା

ଲକ୍ଷ୍ନୌ

ଭାରତରେ ଏପରି ଏକ ଜିଲା ରହିଛି, ଯାହା ୪ଟି ଭିନ୍ନ ଭିନ୍ନ ରାଜ୍ୟକୁ ସ୍ପର୍ଶ କରିଥାଏ। ଉତ୍ତରପ୍ରଦେଶର ଦ୍ୱିତୀୟ ବୃହତ୍ତମ ଜିଲା ସୋନଭଦ୍ର ହେଉଛି ଦେଶର ଏକମାତ୍ର ଜିଲା, ଯାହା ୪ ରାଜ୍ୟକୁ ସଂଯୋଗ କରୁଛି। ଏହି ଜିଲା ମଧ୍ୟପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ବିହାରର ସୀମାକୁ ସ୍ପର୍ଶ କରୁଛି। ନିକଟରେ ଇନ୍‌ଷ୍ଟଗ୍ରାମରେ ଷ୍ଟଡି ଚ୍ୟାନେଲ ‘ପ୍ରୋମିନେଣ୍ଟ କ୍ଲାସେସ୍’ର ଏନେଇ ଏକ ଭିଡିଓ ଭାଇରାଲ ହୋଇଛି। ଉକ୍ତ ଭିଡିଓରେ ସାଧାରଣ ଜ୍ଞାନ ସମ୍ପର୍କିତ ଏକ ପ୍ରଶ୍ନ ପଚରାଯାଇଥିଲା, ଯାହା ଅନେକ ୟୁଜର୍ସଙ୍କୁ ଆକର୍ଷିତ କରିଛି। ସୂଚନାଯୋଗ୍ୟ, ଭାରତର ୨୮ ରାଜ୍ୟ ଏବଂ ୮ କେନ୍ଦ୍ରଶାସିତ ଅଞ୍ଚଳରେ ୮୦୦ରୁ ଅଧିକ ଜିଲା ରହିଛି।

### ସବୁ ଇଣ୍ଡଷ୍ଟ୍ରି ପାଇଁ ହେମା କମିଟି ଜରୁରୀ: ଅନନ୍ୟା

ବେଙ୍ଗାଲୁରୁ

ବଲିଉଡ୍ ଅଭିନେତ୍ରୀ ଅନନ୍ୟା ପାଣ୍ଡେ ଶନିବାର କର୍ଣ୍ଣାଟକର ରାଜଧାନୀ ବେଙ୍ଗାଲୁରୁରେ ଅନୁଷ୍ଠିତ ହୋଇଥିବା ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେର ‘ମାଇଣ୍ଡ୍ ରକ୍ସ ୟୁଥ୍ ସମିଟ୍ ୨୦୨୪’ କାର୍ଯ୍ୟକ୍ରମରେ ଯୋଗଦେଇ ଚଳଚ୍ଚିତ୍ର ଶିଳ୍ପ କ୍ଷେତ୍ରରେ ମହିଳାଙ୍କ ସୁରକ୍ଷାକୁ ନେଇ ଗୁରୁତ୍ୱାରୋପ କରିଛନ୍ତି। ମାଲୟାଲମ ସିନେମା କ୍ଷେତ୍ରରେ ଅଭିନେତ୍ରୀମାନଙ୍କୁ ନ୍ୟାୟ ପ୍ରଦାନ ଦିଗରେ ହେମା କମିଟି ଚମତ୍କାର କାର୍ଯ୍ୟ କରୁଛି। ପ୍ରତ୍ୟେକ ଶିଳ୍ପରେ ମହିଳାମାନଙ୍କ ଦ୍ୱାରା ପରିଚାଳିତ ଏପରି ପ୍ୟାନେଲ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏଭଳି ପ୍ୟାନେଲ ଦ୍ୱାରା ମହିଳାମାନେ ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସାହସ ପାଇବେ। ଭାରତର ବିଭିନ୍ନ ଚଳଚ୍ଚିତ୍ର ଶିଳ୍ପରେ ଯୌନ ଶୋଷଣର ଶିକାର ହେଉଥିବା ଅଭିନେତ୍ରୀମାନଙ୍କୁ ନ୍ୟାୟ ପ୍ରଦାନ ଦିଗରେ ଏହିପରି କମିଟି ସହାୟକ ହେବ ବୋଲି ସେ କହିଛନ୍ତି। ୨୦୧୯ରେ କରନ୍ ଜୋହରଙ୍କ ନିର୍ମିତ ‘ଷ୍ଟୁଡେଣ୍ଟ ଅଫ୍ ଦି ଇୟର ୨’ରେ ଡେବ୍ୟୁ କରିଥିବା ଅନନ୍ୟା ସମ୍ପ୍ରତି ‘କଲ୍ ମି ବେ’ ସିରିଜ୍ ପାଇଁ ଚର୍ଚ୍ଚାରେ ରହିଛନ୍ତି। ଏହି ସିରିଜ୍ ଗତ ୬ ତାରିଖରେ ଓଟିଟି ପ୍ଲାଟ୍‌ଫର୍ମ ‘ଆମାଜନ ପ୍ରାଇମ୍’ରେ ରିଲିଜ୍ ହୋଇଛି।



**ଆଜିର ମନ୍ତବ୍ୟ** "ଜମ୍ମୁ-କଶ୍ମୀରରେ ଆତଙ୍କବାଦ ଶେଷ ନିଃଶ୍ୱାସ ଛାଡ଼ୁଛି। ଏହି ସୁନ୍ଦର ଉପତ୍ୟକାକୁ ନଷ୍ଟ କରିଦେଇଥିବା ପାରିବାରିକ ରାଜନୀତିର ମୁକାବିଲା ପାଇଁ କେନ୍ଦ୍ର ସରକାର ନୂଆ ନେତୃତ୍ୱର ପରିକଳ୍ପନା କରିଛନ୍ତି। –ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ, ସ୍ଥାନ: ସତ୍‌ସଙ୍ଗ ବିହାର ପରିସର, ସମୟ: ପ୍ରାତଃ ୫ଟା ୩୦ରୁ ଆରମ୍ଭ।
- ଓଡ଼ିଶା ଟେକ୍ନୋଲୋଜିକାଲ କନକ୍ଲେଭ୍‌ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଇକୋ ବ୍ୟାଙ୍କ ମହିଳା ଶାଖା ପକ୍ଷରୁ ସମ୍ମିଳନୀ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ହୋଟେଲ ଏକ୍ସିଲେନ୍ସି, ସମୟ: ୧୦ଟା ୩୦।
- ଟାଇମ୍ସ ଭୁବନେଶ୍ୱର ପକ୍ଷରୁ କୁଇଜ୍ ପ୍ରତିଯୋଗିତା, ସ୍ଥାନ: ଓୟୁଏଟି ସମ୍ମିଳନୀ କକ୍ଷ, ସମୟ: ୯ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୋଉ ଫାଉଣ୍ଡେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ମଧ୍ୟାହ୍ନ ୧୨ଟା।
- ୫୭ତମ ଇଞ୍ଜିନିୟରିଂ ଦିବସ ପାଳନ, ସ୍ଥାନ: ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସ, ୟୁନିଟ୍-୪, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବନ୍ଧୁଘର ସାହିତ୍ୟ ପିଣ୍ଡାର ମାସିକ ସାହିତ୍ୟ ଆସର, ସ୍ଥାନ: ସମ୍ ହସ୍ପିଟାଲ ଗୋଲେଇ ଛକ ପାଖ, ସମୟ: ଅପରାହ୍ନ ୫ଟା।
- ଡ୍ୟାନ୍ସ ଇମେଜ୍ ଫେଷ୍ଟିଭାଲ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର ପକ୍ଷରୁ ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଶୈଳବାଳା ସାହିତ୍ୟ ସଂସଦର ୮ମ ବାର୍ଷିକ ସାରସ୍ୱତ ସମାରୋହ ୨୦୨୪, ସ୍ଥାନ: ରୋଟାରି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ସୁଭଦ୍ରା ଯୋଜନା ସଚେତନତା ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ସୁଭଦ୍ରା ଯୋଜନା ସଚେତନତା ପାଇଁ ମାନବ ଶୃଙ୍ଖଳ ଓ ପଦଯାତ୍ରା, ସ୍ଥାନ: ତିଗିରିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ଅଲ୍ ଓଡ଼ିଶା ଶ୍ରୀଅରବିନ୍ଦ ଷ୍ଟଡି ସର୍କଲ କମିଟି ପକ୍ଷରୁ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏଶନ୍‌ର ୩୫ତମ ବାର୍ଷିକ ସମ୍ମିଳନୀର ଉଦ୍‌ଯାପନୀ, ସ୍ଥାନ: କଟକ ସାରଳା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କଟକ ସିଟି ଇଞ୍ଜିନିୟର୍ସ କ୍ଲବ ପକ୍ଷରୁ ୫୭ତମ ଯନ୍ତ୍ରୀ ଦିବସ ଓ ଡ. ସୁବାସିନୀ ଲେଙ୍କାଙ୍କ ଗଳ୍ପ ପୁସ୍ତକ ମୋ ମାଟିର ମହକ ଉନ୍ମୋଚନ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପୂର୍ଣ୍ଣିମା ଫାଉଣ୍ଡେଶନ ପକ୍ଷରୁ ୫୭ତମ ଯନ୍ତ୍ରୀ ଦିବସ ପାଳନ, ସ୍ଥାନ: ଓଡ଼ିଶା ରାଜ୍ୟ ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ତମ ଜନ୍ମ ମହୋତ୍ସବ, ସ୍ଥାନ: କଟକ ସତ୍‌ସଙ୍ଗ ବିହାର ପରିସର, ବକ୍ସିବଜାର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ସ୍ୱାଗତ, ସ୍ଥାନ: କଟକ ରେଳଷ୍ଟେଶନ, ସମୟ: ଅପରାହ୍ନ ୨ଟା ୨୦।
- ବସୁଧୈବ କୁଟୁମ୍ବକମ୍ ମିଶନର ୧୦୧ତମ ଅଧିବେଶନ, ସ୍ଥାନ: ଦି ଲିଙ୍କ୍ ଆଇ ହସ୍ପିଟାଲ ସମ୍ମିଳନୀ କକ୍ଷ, ଲିଙ୍କରୋଡ୍, ସମୟ: ଅପରାହ୍ନ ୪ଟା।
- ଦି ଓଡ଼ିଶା ଇଞ୍ଜିନିୟର୍ସ ଫୋରମ ପକ୍ଷରୁ ୫୭ତମ ଇଞ୍ଜିନିୟର୍ସ ଦିବସ ପାଳନ, ସ୍ଥାନ: କଟକ ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରିଣୀ ସଂଘର ଷଡ଼ବିଂଶ ବାର୍ଷିକ ଉତ୍ସବ ୨ୟ ଦ୍ୱିବସରେ ଧର୍ମସଭା-ପ୍ରବଚନ, ସ୍ଥାନ: ବଳଦେବଜୀଉ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ସତ୍ୟବାଦୀରେ ସୁଭଦ୍ରା ସଚେତନତା ରଥ ପରିକ୍ରମା, ସ୍ଥାନ: ବୀରରାମଚନ୍ଦ୍ରପୁର, ନୂଆସମେଶ୍ୱରପୁର, ସାଣ୍ତରାଶାସନ, ନରେନ୍ଦ୍ରପୁର, ଦାଶବିଦ୍ୟାଧରପୁର ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ସାକ୍ଷୀଗୋପାଳ ଠାକୁରଙ୍କ ସୁନିଆଁ ଭେଟି, ସ୍ଥାନ: ସାକ୍ଷୀଗୋପାଳ ମନ୍ଦିର ପରିସର, ସମୟ: ରାତ୍ର ୯ଟା।

## ଖୋର୍ଦ୍ଧା

- ଜୀବନ ବିନ୍ଦୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନବଜ୍ୟୋତି ଯୁବକ ସଂଘ ସଭାଗୃହ, ଶାମୁକାପାଟଣା, ବୋଲଗଡ଼, ସମୟ: ସକାଳ ୯ଟା।
- 'ଆମରି ସତ୍ୟ' ପତ୍ରିକାର ବାର୍ଷିକୋତ୍ସବ, ସ୍ଥାନ: ପିଏନ୍ କଲେଜ ମୈତ୍ରୀ ଭବନ, ଖୋର୍ଦ୍ଧା, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ସକାଳ ୮ଟା।
- ବସ୍ତା ପ୍ରେସ୍ କ୍ଲବ ତରଫରୁ ଦିବଂଗତ ଖବରଦାତାଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା, ସ୍ଥାନ: ବାହାର୍ଦ୍ଦା ଡାକବଙ୍ଗଳା, ବସ୍ତା, ସମୟ: ସକାଳ ୯ଟା।
- ଆଇନ ସଚେତନତା ଶିବିର, ସ୍ଥାନ: ଜାମୁଝାଡ଼ି, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଖଇରା ସରସ୍ୱତୀ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଦିବଂଗତ ସିପିଏମ୍ ନେତା ସୀତାରାମ ୟେଚୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଖଇରା ସିପିଏମ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ଆୟୁର୍ବେଦ ସେମିନାର ଓ ଚିକିତ୍ସକ ସମ୍ମିଳନୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଆତିଥ୍ୟ ଭବନ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା। ଉଦ୍‌ଯାପନୀ ଉତ୍ସବ, ସମୟ: ଅପରାହ୍ନ ୨ଟା ୩୦।
- ୫୭ତମ ବାର୍ଷିକ ଇଞ୍ଜିନିୟର୍ସ ଦିବସ ଉତ୍ସବ, ସ୍ଥାନ: ଭେନ୍ୟା ପାରାଡାଇଜ୍, ବାଲେଶ୍ୱର, ସମୟ: ଦିବସବ୍ୟାପୀ।

## ଭଦ୍ରକ

- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ରାମମନ୍ଦିର ଛକ, ଧାମନଗର, ସମୟ: ସକାଳ ୭ଟା ୩୦।
- ସୁଭଦ୍ରା ପଦଯାତ୍ରା ଶୁଭାରମ୍ଭ, ସ୍ଥାନ: ବ୍ଲକ୍ ଅଫିସ୍ ପରିସର ଭଣ୍ଡାରିପୋଖରୀ, ସମୟ: ସକାଳ ୮ଟା।
- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୯ଟା ୩୦।
- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: କାଳିପଡ଼ିଆଠାରୁ ବିଜୁସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ରଥ ସ୍ୱାଗତ କାର୍ଯ୍ୟକ୍ରମ, ସ୍ଥାନ: ଉତ୍ତୁକୁଡ଼ା ଓ ଜଳେଶ୍ୱରପୁର ପଞ୍ଚାୟତ, ଚାନ୍ଦବାଲି, ସମୟ: ଅପରାହ୍ନ ୩ଟା।
- ଶିଶୁ ସାହିତ୍ୟିକ ସ୍ୱର୍ଗତ ଗୋବିନ୍ଦ ଭଞ୍ଚାଚାର୍ଯ୍ୟଙ୍କ ଶୋକସଭା, ସ୍ଥାନ: ବ୍ରିଗେଡ୍ ସ୍କୁଲ, ତିହିଡ଼ି, ସମୟ: ଅପରାହ୍ନ ୪ଟା।

## କେନ୍ଦୁଝର

- ମଠରେ ସୁନିଆଁ ଉତ୍ସବ ଏବଂ ଭଜନ କୀର୍ତ୍ତନ, ସ୍ଥାନ: ବୃନ୍ଦାବନପୁର, ହାଟଡ଼ିହୀ, ସମୟ: ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ହରିବଂଶ ପାଠ ଏବଂ ପୂଜା, ସ୍ଥାନ: ଶାଳନିଆଁ, ହାଟଡ଼ିହୀ, ସମୟ: ସକାଳ ୭ଟା।
- ବାମନ ଜନ୍ମ ଉତ୍ସବ, ସ୍ଥାନ: ସୋଲପଟା, ହାଟଡ଼ିହୀ, ସମୟ: ସକାଳ ୯ ଟା।
- ସୁଭଦ୍ରା ଯୋଜନା ସଚେତନତା ଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ରହ୍ମପୁର-ଟାଟା ବନ୍ଦେ ଭାରତ ଟ୍ରେନ ଶୁଭାରମ୍ଭ ଉତ୍ସବ, ସ୍ଥାନ: କେନ୍ଦୁଝରଗଡ଼ ରେଳ ଷ୍ଟେଶନ, ସମୟ: ଅପରାହ୍ନ ୪ଟା ୪୫।

## ମୟୂରଭଞ୍ଜ

- ସାମାଜିକ କର୍ମୀ ସ୍ୱର୍ଗତ ସନ୍ତୋଷ ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଉଦଳା ବସ୍‌ଷ୍ଟାଣ୍ଡ ମୋଟର କର୍ମଚାରୀ ସଂଘ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ଓ ବ୍ଲକସ୍ତରୀୟ କରମ ପୂଜା ଉପଲକ୍ଷେ ଆଖଳା ଭାତା, ସ୍ଥାନ: ସୁରେଇଡ଼ିହି ଏବଂ ଚିତ୍ର ଜଗନ୍ନାଥ ମନ୍ଦିର, ମୋରଡା, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ବନ୍ଦେ ଭାରତ ଟ୍ରେନ ଶୁଭାରମ୍ଭ, ସ୍ଥାନ: ବ୍ରହ୍ମପୁର ରେଲୱେ ଷ୍ଟେଶନ, ସମୟ: ସକାଳ ୯ଟା।
- ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ସାଧାରଣ ବୈଠକ, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ମଧ୍ୟାହ୍ନ ୧୨ଟା।
- କଳିଙ୍ଗ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ, ସ୍ଥାନ: ଉତ୍କଳ ଆଶ୍ରମ ଜାତୀୟ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ଗଞ୍ଜାମ

- ଆସିକା ବ୍ଲକ ଓ ଏନ୍ଏସି ପକ୍ଷରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ଆସିକା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ଘରେ ଘରେ ସୁଭଦ୍ରା କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ପଞ୍ଚାୟତ ସମିତି ସଭାଗୃହ, ସମୟ: ସକାଳ ୮ଟା।

## କନ୍ଧମାଳ

- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ ତମ ଜନ୍ମୋତ୍ସବ, ସ୍ଥାନ: ଦାରିଙ୍ଗବାଡି ସତ୍‌ସଙ୍ଗ କେନ୍ଦ୍ର, ସମୟ: ପ୍ରାତଃ ୫ ଟାରୁ ଅପରାହ୍ନ ୫ଟା ୫୪ ପର୍ଯ୍ୟନ୍ତ।
- ସୁଭଦ୍ରା ଯୋଜନା ଉପଲକ୍ଷେ ପଦଯାତ୍ରା, ସ୍ଥାନ: ସର୍କିଟ ହାଉସରୁ ବିଜୁ କଲ୍ୟାଣ ମଣ୍ଡପ, ଫୁଲବାଣୀ, ସମୟ: ସକାଳ ୮ ଟା।
- 'ମେଘ ଉତ୍ସବ' ସାହିତ୍ୟ ଚର୍ଚ୍ଚା ଓ କବିତା ପାଠୋତ୍ସବ, ସ୍ଥାନ: ମିଶ୍ର କଲ୍ୟାଣ ମଣ୍ଡପ (ଦାରିଙ୍ଗବାଡି ), ସମୟ: ସକାଳ ୯ଟାରୁ ଅପରାହ୍ନ ୫ଟା।
- ଅତିବଡ଼ି ଶ୍ରୀ ଶ୍ରୀ ଜଗନ୍ନାଥ ଦାସ ଜୟନ୍ତୀ ସମାରୋହ. ସ୍ଥାନ: ଏମ୍‌କେଏସ୍‌ପି, ଫୁଲବାଣୀ, ସମୟ: ସକାଳ ୯ଟା୩୦।
- ସୁଭଦ୍ରା ଯୋଜନାର ଜନ ସଚେତନ ପଦଯାତ୍ରା, ସ୍ଥାନ: ସିଡିପିଓ କାର୍ଯ୍ୟାଳୟରୁ ଆରମ୍ଭ, ଦାରିଙ୍ଗବାଡି, ସମୟ: ପୂର୍ବାହ୍ନ ୧୦ଟା।

## ଗଜପତି

- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ଟାଉନ ହଲଠାରୁ ବିଜୁ କଲ୍ୟାଣ ମଣ୍ଡପ ପର୍ଯ୍ୟନ୍ତ, ସମୟ: ସକାଳ ୮ଟା।

## ଢେଙ୍କାନାଳ

- ସୁଭଦ୍ରା ସ୍ୱାଗତ ଶୋଭାଯାତ୍ରା, ସ୍ଥାନ: ଜିଲା କାର୍ଯ୍ୟାଳୟ, ସମୟ: ସକାଳ ୮ଟା।

## ଅନୁଗୋଳ

- ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୭ ତମ ଆବିର୍ଭାବ ଦିବସ ଉତ୍ସବ, ସ୍ଥାନ : କଣିହାଁ ବ୍ଲକ ତେଲିସିଂହା ଗ୍ରାମ ସ୍ଥିତ ଆଞ୍ଚଳିକ ସତ୍‌ସଙ୍ଗ କେନ୍ଦ୍ର, ସମୟ : ସକାଳ ୭ ଟା, ପ୍ରସାଦ ସେବନ: ଅପରାହ୍ନ ୧ ଟା।
- ଖୁଦୁରୁକୁଣୀ ବ୍ରତ ସମାପନ, ସ୍ଥାନ: କଣିହାଁ ବ୍ଲକ ବଡ଼ହୀରା ଗ୍ରାମ, ସମୟ: ମଧ୍ୟାହ୍ନ ୧୨ଟା।

## ଜଗତ୍‌ସିଂହପୁର

- ପ୍ରେରଣା ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ଏରସମାସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡ଼ା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୁରୁଣା ବସଷ୍ଟାଣ୍ଡ, ସମୟ:ସକାଳ ୬ଟା।
- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ:ତିନିମୁହାଣି, କେନ୍ଦ୍ରାପଡ଼ା ସହର, ସାନ୍ତସାହି ଛକ, କେନ୍ଦ୍ରାପଡ଼ା, ବସଷ୍ଟାଣ୍ଡ ଛକ, ଆଳି, ସଂସ୍କୃତିଭବନ, ଉଦୟନଗର, ଡେରାବିଶ, ୟୁକୋ ବ୍ୟାଙ୍କ ଛକ, ଗରଦପୁର, ତହସିଲ ଅଫିସ, କେୟାରବାଙ୍କ, ମହାକାଳପଡ଼ା, ଆଇବି ଛକ, ମାର୍ଶାଘାଇ, ହରପାର୍ବତୀ ମନ୍ଦିର, ପଟ୍ଟାମୁଣ୍ଡାଇ, ଥାନା ଛକ, ରାଜକନିକା, ରାଜନଗର ବ୍ରିଜ, ରାଜନଗର, ସମୟ:ସକାଳ ୮ଟା।
- ସୁଭଦ୍ରା ଯୋଜନା ସଚେତନତା ରଥ ଭ୍ରମଣ, ସ୍ଥାନ: ଜୁଆଣିଆ ପଞ୍ଚାୟତ କାର୍ଯ୍ୟାଳୟ, ଆଳି, ବଡପଡା ପଞ୍ଚାୟତ କାର୍ଯ୍ୟାଳୟ, ପଟ୍ଟାମୁଣ୍ଡାଇ, ଜମଧର ପଞ୍ଚାୟତ କାର୍ଯ୍ୟାଳୟ, କେନ୍ଦ୍ରାପଡ଼ା, ତିକନପୁର ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ମେହେନ୍ଦିପୁର ପଞ୍ଚାୟତ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ:ପୂର୍ବାହ୍ନ ୧୦ଟା।
- ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ଛପାଲି, ମହାକାଳପଡ଼ା, ସମୟ:ପୂର୍ବାହ୍ନ ୧୦ଟା।

## ଯାଜପୁର

- ଯାଜପୁର ମିରର୍‌ର ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ: ଯାଜପୁର ରୋଡ ହୋଟେଲ ରୟାଲ କଳିଙ୍ଗ, ସମୟ: ପୂର୍ବାହ୍ନ ୧୧ଟା।
- ଲାୟନ୍ସ କ୍ଲବର ଯାଜପୁର ଅଫିସ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଟାଉନ ଗାନ୍ଧୀଛକ, ସମୟ: ସନ୍ଧ୍ୟା ୬ଟା।
- ଜାରକା ଗଣେଶ ପୂଜା କମିଟି ପକ୍ଷରୁ କଟକ ସୁଇଟ ଡ୍ୟାନ୍ସ ମହଲ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଧର୍ମଶାଳା ବ୍ଲକ ଅଧୀନ ଜାରକା ଗଣେଶ ପୂଜା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ନୟାଗଡ଼

- ମହର୍ଷି ଦୟାନନ୍ଦ ଚାରିଟେବଲ ଟ୍ରଷ୍ଟର ବାର୍ଷିକ ଉତ୍ସବ, ସ୍ଥାନ:ଓଡ଼ଗାଁ ବ୍ଲକର ପଥରା ବୃଦ୍ଧାଶ୍ରମ, ସମୟ: ପ୍ରାତଃ ୫ଟା ।
- ଶ୍ରୀମଦ୍ ଭାଗବତ ସପ୍ତାଙ୍ଗ ମହାଯଜ୍ଞ, ପାରାୟଣ ଓ ପ୍ରବଚନର ୫ମ ଦିବସ, ସ୍ଥାନ:ଦଶପଲ୍ଲା ସହରର ଦୁର୍ଗାବଜାର କଲୋନୀ, ସମୟ: ପାରାୟଣ ସକାଳ ୭ଟା।
- ସୁନିଆଁ ପର୍ବ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଜିଲାପାଳ ଓ ନୟାଗଡ଼ ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ:ନୟାଗଡ଼ ବ୍ଲକ୍ ଠାରୁ ନୟାଗଡ଼ ଜିଲାପାଳ ଅଫିସ, ସମୟ: ସକାଳ ୮ଟା।
- ଶ୍ରୀ ରାମକୃଷ୍ଣ ବିବେକାନନ୍ଦ ଆଶ୍ରମ ନୟାଗଡ଼ ପକ୍ଷରୁ ମୂଲ୍ୟବୋଧଭିତ୍ତିକ ଶିକ୍ଷା କାର୍ଯ୍ୟକ୍ରମ ଉପରେ ଯୁବ ସମ୍ମେଳନ, ସ୍ଥାନ:ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଂସାରୀ ସମ୍ପ୍ରଦାୟର ସୁନିଆଁ ପର୍ବ, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପାଣୁସାହୁ ପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ସୁନିଆଁପର୍ବ, ସ୍ଥାନ:ଓଡ଼ଗାଁ ଶ୍ରୀ ରଘୁନାଥ ଜୀଉ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।
- ଗଜ ଉଦ୍ଧାରଣ, ବଳି ବାମନ ପ୍ରସଙ୍ଗ, ସମୁଦ୍ର ମନ୍ଥନ, ଅମ୍ବରୀଶ ଉପାଖ୍ୟାନ ଉପରେ ପ୍ରବଚନ, ସମୟ: ସନ୍ଧ୍ୟା ୭ଟା।
- ତଅପୋଇ ମେଳା, ସ୍ଥାନ: ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ପାଣୁସାହୁ ପାଟଣା, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଜିଲାସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ରେଳ ଷ୍ଟେସନରୁ ଜିଲା ପରିଷଦ କନଫରେନ୍ସ ହଲ୍, ସମୟ: ସକାଳ ୮ ଟା।
- ବ୍ଲକସ୍ତରୀୟ ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ଗୁଡ଼ାରୀ, ମୁନିଗୁଡ଼ା, ସମୟ: ସକାଳ ୮ଟା ।
- ଗଜଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ, ସ୍ଥାନ: ରାମକୃଷ୍ଣ ନଗର ପୂଜା ମଣ୍ଡପ, ସମୟ: ସକାଳ ୮ଟା ୩୦।
- ଅଗ୍ନି ଭୈରବ ବାଲିଯାତ୍ରା ଆରମ୍ଭ, ସ୍ଥାନ: ଟିକିରି, ସମୟ: ଅପରାହ୍ନ ୩ଟା।
- ନବରାତ୍ରି ଉତ୍ସବ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ରାୟଗଡ଼ା, ସମୟ : ଅପରାହ୍ନ ୪ ଟା।
- ନ୍ୟୁ କଲୋନୀସ୍ଥିତ ମା ଗଜଲକ୍ଷ୍ମୀ ପୂଜା କମିଟିର ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ମଧୁସୂଦନ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।

## ନବରଙ୍ଗପୁର

- ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ, ସ୍ଥାନ: ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ବିଏମ୍‌ଏସ୍ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ନାଲ୍‌କୋ ମଜଦୂର ସଂଘ କାର୍ଯ୍ୟାଳୟ, ଦାମନଯୋଡ଼ି, ସମୟ: ସକାଳ ୮ଟା।
- ବ୍ଲକ ପ୍ରଶାସନ ପକ୍ଷରୁ ସୁଭଦ୍ରା ଯୋଜନାକୁ ନେଇ ସ୍ୱାଗତ ପଦଯାତ୍ରା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ସେମିଳିଗୁଡ଼ା, ସମୟ: ସକାଳ ୮ ଟା।
- କୋରାପୁଟ ଜିଲା ଆଇନ ସହାୟତା ସେବା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ : ସର୍ବୋଦୟ ସମିତି, କୋରାପୁଟ, ସମୟ: ପୂର୍ବାହ୍ନ ୧୧ ଟା।
- କୋରାପୁଟ ସରକାରୀ ଆଉଟ ସୋର୍ସିଙ୍ଗ କର୍ମଚାରୀ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଦକ୍ଷତା ତାଲିମ କେନ୍ଦ୍ର ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା ୩୦।

## ମାଲକାନଗିରି

- ଜିଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା, ସ୍ଥାନ: କାଲିମେଲା ଏମ୍‌ପିଭି ୮୧ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୭ଟା।
- ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ : ସକାଳ ୭ଟା।
- ସଙ୍ଗୀତଜ୍ଞ ଜୁଲାରାମ କଲେତଙ୍କ ପାରମ୍ପରିକ ଗୀତ ଉନ୍ମୋଚନ କାର୍ଯ୍ୟକ୍ରମ, ସ୍ଥାନ : ସମଲେଇ ମନ୍ଦିର, ସମୟ : ସକାଳ ୮ଟା ୩୦।
- ଯାଦବ ସମାଜ ପକ୍ଷରୁ ପ୍ରତିଭା ସମ୍ମାନ ସମାରୋହ ଓ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ତପସ୍ୱିନୀ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁରୀ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା ୩୦।
- କଲମ ଆୟୋଜିତ ନୂଆଁଖାଇ ଭେଟଘାଟ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ଲିଟିଲ ମିସ୍ / ଲିଟିଲ ମାଷ୍ଟର ପ୍ରତିଯୋଗିତା ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ସାଇ ଶିକ୍ଷା ପରିଷଦ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।
- ଧନୁପାଲି ଆଞ୍ଚଳିକ ନୂଆଁଖାଇ ଭେଟ ଘାଟ ତିହାର -୨୦୨୪, ସ୍ଥାନ : ଧନୁପାଲି ନିକଟସ୍ଥ ଆଦିତ୍ୟ କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୪ଟା।
- ଶ୍ରୀନିବାସ ଅଗ୍ରୱାଲ ସ୍ମୃତି ସମିତି ପକ୍ଷରୁ ଜାତୀୟ ଆଲୋଚନା ଚକ୍ର, ସ୍ଥାନ : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା।
- ଆଫ୍ରିକାନ ଡାଇମଣ୍ଡ ସର୍କସ ଶୁଭାରମ୍ଭ, ସ୍ଥାନ : ଅଇଁଠାପାଲି ପିଏଚଡି ପଡିଆ, ସମୟ : ସନ୍ଧ୍ୟା ୭ଟା୧୫।

## ବଲାଙ୍ଗୀର

- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: କୋଶଳ କଳାମଣ୍ଡଳ ପଡିଆ, ବଲାଙ୍ଗୀର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ମିଶନ ପଡିଆ, ବଲାଙ୍ଗୀର, ସମୟ: ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ଜିଲାସ୍ତରୀୟ ସୁଭଦ୍ରା ଯୋଜନା ସ୍ୱାଗତ ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଅଷ୍ଟ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ମେଣ୍ଡିଳିପାଲି, ବୀରମହାରାଜପୁର, ସମୟ: ସକାଳ ୯ଟା।
- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ବୀରମହାରାଜପୁର ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ ଟା।
- ସୁବର୍ଣ୍ଣପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ସୁରେଶ୍ୱରୀ ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନାଟ୍ୟ ପୁସ୍ତକ ଉନ୍ମୋଚନ ଉତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ଜିଲା ପରିଷଦ ସଭାଗୃହ, ସମୟ: ସନ୍ଧ୍ୟା ୬ଟା ୩୦।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରି ଭାଗବତ ମନ୍ଦିର ପ୍ରାଙ୍ଗଣ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- କୃଷ୍ଣଲୀଳା ଓ କଂସ ଦରବାରର ଉଦ୍‌ଯାପନୀ, ସ୍ଥାନ: କୁମାରକେଲି, ଉଲୁଣ୍ଡା ବ୍ଲକ, ସମୟ:ସନ୍ଧ୍ୟା ୭ଟା୩୦।

## ବରଗଡ଼

- ନିଷ୍ଠା ପରିବାର ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସହଁରାପାଲି ଛକ, ଭେଡ଼େନ, ସମୟ: ସକାଳ ୯ଟା।
- ମାହେଶ୍ୱରୀ ସାଂସ୍କୃତିକ ସଂସଦର ନୂଆଖାଇ ଭେଟ୍, ସ୍ଥାନ: କୁରୁଆଁ, ବରଗଡ଼, ସମୟ: ସନ୍ଧ୍ୟା ୬ଟା।

## ଝାରସୁଗୁଡ଼ା

- ସୁଭଦ୍ରା ଯୋଜନା ସମ୍ପର୍କରେ ପଦଯାତ୍ରା, ସ୍ଥାନ: ସହରସ୍ଥିତ କାଳୀମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ରୁଦ୍ରାଭିଷେକ, ସ୍ଥାନ: ଝାରସୁଗୁଡ଼ା ପୌରାଞ୍ଚଳ ସ୍ଥିତ ୧୯ ନମ୍ବର ୱାର୍ଡ ଝାଡ଼େଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ପୂଜା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଝାରସୁଗୁଡ଼ା ପୌରାଞ୍ଚଳସ୍ଥିତ ୨୦ ନମ୍ବର ୱାର୍ଡ ମଙ୍ଗଳ ବଜାର ହନୁମାନ ମନ୍ଦିର ପ୍ରାଙ୍ଗଣ, ସମୟ: ଅପରାହ୍ନ ୫ଟା।

## ସୁନ୍ଦରଗଡ଼

- ସୁଭଦ୍ରା ସ୍ୱାଗତ ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସୁନ୍ଦରଗଡ଼, ସମୟ: ସକାଳ ୮ଟା।
- ବଡ଼ଗାଁ ପଞ୍ଚାୟତ ସମିତି ପକ୍ଷରୁ ସୁଭଦ୍ରା ଯୋଜନା ଲାଗି ଶୋଭାଯାତ୍ରା, ସ୍ଥାନ:ବଡ଼ଗାଁ ବ୍ଲକ ଅଫିସ, ସମୟ:ପୂର୍ବାହ୍ନ୧୦ଟା।
- ବଡ଼ଗାଁ ଚାଲେଞ୍ଜ ସିଲ୍ଡ ଫୁଟବଲ ଉଦ୍‌ଯାପନ, ସ୍ଥାନ: ବଡ଼ଗାଁ ମିନି ଷ୍ଟଡିୟମ, ସମୟ: ଅପରାହ୍ନ ୩ଟା୩୦।

## ରାଉରକେଲା

- ଜୟଦେବ କଳା ବିକାଶ କେନ୍ଦ୍ରର ଅହୋରାତ୍ର କାର୍ଯ୍ୟକ୍ରମ, ସ୍ଥାନ: ଜଗଦା ବାଟ ମା' ମଙ୍ଗଳା ପରିସର, ସମୟ: ସକାଳ ୬ଟା।
- ଗୀତା ପ୍ରବଚନ କାର୍ଯ୍ୟକ୍ରମର ୬ଷ୍ଠ ଦିବସ, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ ସ୍ଥିତ ହନୁମାନ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟପାଳଙ୍କ ଦ୍ୱାରା ନୂତନ ବନ୍ଦେ ଭାରତ ଟ୍ରେନ୍‌ର ଫ୍ଲାଗ୍‌ଅଫ୍, ସ୍ଥାନ: ରାଉରକେଲା ରେଲୱେ ଷ୍ଟେଶନ ପ୍ଲାଟଫର୍ମ ନଂ. ୬, ସମୟ: ପୂର୍ବାହ୍ନ ୧୦ଟା।
- ଧାମରା ସାହିତ୍ୟ ସଂସଦ ପକ୍ଷରୁ ବର୍ଷା କବିତା ଆସର, ସ୍ଥାନ: ଧାମରା ସଂଘ, ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।
- ମ୍ୟୁନିସିପାଲ କଲେଜରେ ଦ୍ୱି ଦିବସୀୟ ଜାତୀୟ ସ୍ତରୀୟ କର୍ମଶାଳା, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆର୍‌ଏସ୍‌ପି ସ୍ୱୀକୃତ ଶ୍ରମିକ ନିର୍ବାଚନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୮, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଆଇଇଆଇ ପକ୍ଷରୁ ୫୭ତମ ଇଞ୍ଜିନିୟର୍ସ ଦିବସ ପାଳନ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ଅପରାହ୍ନ ୩ଟା୩୦।
- ଫେଶନ କ୍ରେଜି-୨ କାର୍ଯ୍ୟକ୍ରମ, ସ୍ଥାନ: ଏରିଆ-୫୧, ସିଭିଲଟାଉନଶିପ୍, ସମୟ: ଅପରାହ୍ନ ୫ଟା ।
- ରାଜବୀ କରମା ମହୋତ୍ସବ, ସ୍ଥାନ: ଓରାମପଡା, ଦୁର୍ଗାପୁର, ସମୟ: ଅପରାହ୍ନ ୫ଟା।
- ସତ୍ୟବାଦୀର ଶେଷ ଶାଖା ଆଚାର୍ଯ୍ୟ ହରିହର ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଜେଲ ରୋଡ୍, ରାଉରକେଲା, ସମୟ: ଅପରାହ୍ନ ୫ଟା ୩୦।
- ତ୍ରିଦିବସୀୟ ଭାଗବତ କଥାମୃତର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଏ' ବ୍ଲକ, କୋଏଲ ନଗର, ସମୟ: ସନ୍ଧ୍ୟା ୭ଟା।

## ଦେବଗଡ଼

- ସତ୍ୟସାଇ ମନ୍ଦିର କମିଟି ପକ୍ଷରୁ ନଗର କୀର୍ତ୍ତନ ପରିକ୍ରମା, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୪ଟା।
- ଶ୍ରୀ ଶ୍ରୀ ଗଣେଶ ପୂଜା, ସ୍ଥାନ: ଗଣେଶ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ଼, ସମୟ: ଅପରାହ୍ନ ୩ଟା ୩୦।
- ଗଣେଶ ମେଳା ଅବସରରେ କଂସ ଦରବାର, ସ୍ଥାନ: ଦେବଗଡ଼ ସହର, ସମୟ: ଅପରାହ୍ନ ୪ଟା।
- ତ୍ରିନାଥ ମେଳା କାର୍ଯ୍ୟକ୍ରମ, ସ୍ଥାନ: ବାବୁସାହି, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।
- ଗଣେଶ ମେଳା ଅବସରରେ ସର୍ବସାଧାରଣରେ କ୍ଷୀରି ବଣ୍ଟନ, ସ୍ଥାନ: ସଭାଗଲି ଛକ, ଦେବଗଡ଼, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀଗଣେଶଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ଗଣେଶ ପୂଜା ମଣ୍ଡପ, ସମୟ: ୬ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆରତୀ, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀଗଣେଶଙ୍କ ଆଶୀର୍ବାଦ ଲଡୁ ଉନ୍ମୋଚନ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ଼, ସମୟ: ସନ୍ଧ୍ୟା ୭ଟା।
- ଗଣେଶ ମେଳା ଅବସରରେ ଟିକେଟ ଶୋ ଅପେରା, ସ୍ୱର୍ଣ୍ଣ ମନ୍ଦିର, ସ୍ଥାନ: ପ୍ରଧାନପାଟ ରୋଡ଼, ବଡ ବଗିଚା, ସମୟ: ରାତ୍ର ୧୧ଟା।

## କଳାହାଣ୍ଡି

- ସୁଭଦ୍ରା ଯୋଜନା ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ବିଶ୍ୱ ସଂସ୍କୃତି ଦିବସ ସମାରୋହ, ସ୍ଥାନ: ଭବାନୀପାଟଣା ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ନୂଆପଡ଼ା

- କୁଲତା ସମାଜର ଜିଲାସ୍ତରୀୟ ନୂଆଁଖାଇ ଭେଟ୍‌ଘାଟ, ସ୍ଥାନ: ପୋଲିସ ପଡିଆସ୍ଥିତ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱାଶହେ ଜିଲା କୁଲତା ସମାଜ ପକ୍ଷରୁ ନଗର ପରିକ୍ରମା, ସ୍ଥାନ: ନୂଆପଡ଼ା ଜିଲା ସଦର ମହକୁମା ଏକତା ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୭ ତମ ଜୟନ୍ତୀ ପାଳନ, ସ୍ଥାନ: ସତ୍‌ସଙ୍ଗ ବିହାର ନୂଆପଡ଼ା, ସମୟ: ସକାଳ ୮ଟା।

## ବୌଦ୍ଧ

- ସୁଭଦ୍ରା ସ୍ୱାଗତ ପଦଯାତ୍ରା, ସ୍ଥାନ: ଟାଉନହଲ ବୌଦ୍ଧ, ସମୟ: ସକାଳ ୮ଟା।
- ବିକାଶ ମେଳା ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସଭାଗୃହ ବୌଦ୍ଧ, ସମୟ: ଅପରାହ୍ନ ୪ଟା ।
- ଗେହ୍ଲାମା କଳାନିକେତନ ପକ୍ଷରୁ ନୂଆଁଖାଇ ଭେଟଘାଟ ଉଦ୍‌ଯାପନ, ସ୍ଥାନ: ଗୁରୁ ଶ୍ରୀଭିକାରୀ କଳାମଣ୍ଡପ, ବୌଦ୍ଧ, ସମୟ: ଅପରାହ୍ନ ୫ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପରିବାରର ସହମତି ଓ ସହଯୋଗ କାରଣରୁ ଆପଣଙ୍କ କାମ ନିର୍ବିଘ୍ନରେ ସମ୍ପନ୍ନ ହେବ। ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବେ। ଦ୍ୱିଜା ନକ୍ଷତ୍ରର ପାଖକୁ ଆସି ପାରି ନ ଥିବା ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। କଚେରି ମାମଲାରେ ପ୍ରତିପକ୍ଷ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିପାରିବେ ନାହିଁ।

**ବୃଷ** କୃତ୍ତିକା ନକ୍ଷତ୍ର ବନ୍ଧୁଙ୍କ ପରାମର୍ଶ କ୍ରମେ ପ୍ରତିଯୋଗିତାରେ ସଫଳତା ହାସଲ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅନ୍ୟକୁ ସାହାଯ୍ୟର ଦୁଃସାହସିକ ପଦକ୍ଷେପ ପାଇଁ ପ୍ରଶଂସିତ ହେବେ।

**ମିଥୁନ** ଆଜି ଅଷ୍ଟମ ଚନ୍ଦ୍ର ହେତୁ କର୍ମକ୍ଷେତ୍ରରେ ଚାପର ବଶବର୍ତ୍ତି ହୋଇ କେତେକ କାମ କରିବାକୁ ବାଧ୍ୟ ହେବେ। ପଡ଼ୋଶୀମାନେ ଈର୍ଷାନ୍ୱିତ ହୋଇ ଭିନ୍ନ ପ୍ରକାରର ମନ୍ତବ୍ୟ ଦେଇପାରନ୍ତି। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ସ୍ଥିତି ମାନ୍ଦା ହେବନାହିଁ। ବିଶିଷ୍ଟ ବ୍ୟକ୍ତିଙ୍କ ପୃଷ୍ଠପୋଷକତା କାରଣରୁ ସାମୟିକ ମନୋବଳ କାମକୁ ତ୍ୱରାନ୍ୱିତ କରିବ।

**କର୍କଟ** ଅତୀତର ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ବିବାଦ ଦେଖାଦେବ। ରାଶ୍ୟାଧିପ ସପ୍ତମ କେନ୍ଦ୍ରସ୍ଥ ଯୋଗୁ ଦୀର୍ଘଦିନରୁ ଖୋଜୁଥିବା ଜିନିଷର ସନ୍ଧାନ ମିଳିବ। ପରିବାରର ସାହାଯ୍ୟକ୍ରମେ ପୂର୍ବ କଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ନିର୍ମାଣ, ପରିବହନ, ସଭାସମିତି, ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ଦୂର ହେବ।

**ସିଂହ** ଦୀର୍ଘଦିନରୁ ଯାହା ଚାହୁଁଛନ୍ତି ତାହା ପାଇବା ସକାଶେ ସାମାନ୍ୟ କଷ୍ଟସ୍ୱୀକାର କରିବାକୁ ପଡ଼ିବ। ଦ୍ୱାଦଶାଧିପ ଷଷ୍ଠଭାବରେ ଅବସ୍ଥାନ କରିଥିବାରୁ ଗସ୍ତ କାର୍ଯ୍ୟକ୍ରମ ବାତିଲ ହୋଇପାରେ। ସଭାସମିତିରେ ଅଥବା ଆଲୋଚନା କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ନୀତିଗତ କାମରୁ ବନ୍ଧୁବର୍ଗଙ୍କ ଦ୍ୱାରା ପ୍ରଶଂସିତ ହେବେ।

**କନ୍ୟା** ଆଜି ଚିତ୍ରା ନକ୍ଷତ୍ର ସକାଶେ କେତେକ ଅନିଚ୍ଛାକୃତ କାରଣବଶତଃ କର୍ମାରମ୍ଭ ସ୍ଥଗିତ ରହିଯିବ। ସମସ୍ୟା ବୃଦ୍ଧି ପାଉଥିବାରୁ ଅନ୍ୟମାନଙ୍କ ପ୍ରତି ଭଲ ଧାରଣା ହ୍ରାସ ପାଇପାରେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ପୂର୍ବକ କର୍ମକ୍ଷେତ୍ରରେ ଗୁରୁ ଦାୟିତ୍ୱ ବହନ କରିବେ। ପାରିବାରିକ ଆବଶ୍ୟକତା ପୂରଣ ସକାଶେ ଧାର ସୂତ୍ରରେ ଅର୍ଥ ଆଣିବେ।

**ତୁଳା** ଅନ୍ୟମାନେ ନିଜର ସୁବିଧା ଅନୁଯାୟୀ କାମ କରି ଆପଣଙ୍କ ପାଇଁ ସମସ୍ୟାର କାରଣ ସାଜିପାରନ୍ତି। ଆପଣଙ୍କ ସୁନିୟନ୍ତ୍ରିତ କାର୍ଯ୍ୟ ଲାଗି କର୍ମକ୍ଷେତ୍ରରେ ଅପମାନଜନକ ସ୍ଥିତିରୁ ରକ୍ଷା ପାଇବେ। ଆତ୍ମୀୟମାନେ ବିରୁଦ୍ଧାଚରଣ କରିପାରନ୍ତି। ସ୍ୱାତୀ ନକ୍ଷତ୍ର ସଭାସମିତିରେ ଯୁକ୍ତିଯୁକ୍ତ କଥା କହି ପ୍ରଶଂସିତ ହେବେ।

**ବିଛା** ଆଶା ପୂରଣ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବାରେ ସମ୍ପର୍କୀୟଙ୍କ ଅବଦାନକୁ ଭୁଲିପାରିବେ ନାହିଁ। ତୃତୀୟ ଚନ୍ଦ୍ର ପ୍ରଭାବରୁ ରାଜନୈତିକ ସ୍ତରରେ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା ଉପକୃତ ହେବେ। ପର କଥାକୁ ପ୍ରାଧାନ୍ୟ ଦେଲେ ପାରିବାରିକ କ୍ଷେତ୍ରରେ ଅଶାନ୍ତି ଆସିବ। ସ୍ୱାସ୍ଥ୍ୟହାନି ଯୋଗୁ ଚିକିତ୍ସକଙ୍କ ପାଖକୁ ଧାଁ ଧଉଡ଼ କରିବେ।

**ଧନୁ** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସାହାଯ୍ୟ, ସଦିଚ୍ଛା ଲାଭ କରି ଖୁସି ରହିବେ। ଅଜଣା ବ୍ୟକ୍ତିଙ୍କ ଦ୍ୱାରା ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ନିଜର କୌଣସି କାମ ହାସଲ ପାଇଁ ପର ଉପରେ ନିର୍ଭର କରି ଚିନ୍ତାକୁଳ ହେବେ। ମୂଳା ନକ୍ଷତ୍ର ସକାଶେ ପାରିବାରିକ ଜଞ୍ଜାଳ ବୃଦ୍ଧି ସାମୟିକ ବ୍ୟସ୍ତତାର କାରଣ ହୋଇପାରେ।

**ମକର** ପରିବାରରେ ଭୁଲ୍ ବୁଝାମଣା କାରଣରୁ ଛୋଟ କଥାକୁ କେନ୍ଦ୍ର କରି କଳହ ସୃଷ୍ଟି ହେବ। ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରିପାରିଲେ ନିଶ୍ଚିତ ସଫଳତା ହାସଲ କରିବେ। ସାମାଜିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ। ଆଜି ଶ୍ରୀଚନ୍ଦ୍ର ହେତୁ ଅପରାହ୍ନେ ଆଶା କରୁଥିବା ଜିନିଷଟି ପାଇ ଖୁସି ହୋଇଯିବେ।

**କୁମ୍ଭ** ଅଯଥା ସନ୍ଦେହଜନିତ ଘରୋଇ କଳହ ବଢ଼ି ବଢ଼ି ମନ ଭଲ ରହିବ ନାହିଁ। ଏଣେ କର୍ମକ୍ଷେତ୍ରରେ ମଧ୍ୟ ଯୋଜନା ଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେବ ନାହିଁ। ପୂର୍ବଭାଦ୍ର ନକ୍ଷତ୍ର ବିଭିନ୍ନ ଅସୁବିଧାରେ ବୁଡ଼ି ରହିଥିବା ସମୟରେ ନିଜ ଲୋକମାନେ ଦାଉ ସାଧିପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ରାଜନୀତି, ଚଳଚ୍ଚିତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ମୀନ** ସମସ୍ୟା ବିଜଡ଼ିତ ପରିସ୍ଥିତିରେ ବନ୍ଧୁଙ୍କ ସହାନୁଭୂତି ଲାଭ କରି କାମ ହାସଲ କରିବେ। ରେବତୀ ନକ୍ଷତ୍ର ସାମାଜିକ ସ୍ତରରେ ଜନହିତକର କାର୍ଯ୍ୟରେ ନିଜକୁ ଲିପ୍ତ ରଖିପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟର ନେତୃତ୍ୱ ନେଇ ପ୍ରଶଂସିତ ହେବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ହେତୁ ବ୍ୟସ୍ତତା ଅନୁଭବ କରିବେ।

ଆଜି ସେପ୍ଟେମ୍ବର ୧୫ ତାରିଖ, ଅଭିଯନ୍ତା ଦିବସ, ଭାଦ୍ରବ ଶୁକ୍ଳପକ୍ଷର ଶ୍ରବଣା ଦ୍ୱାଦଶୀ ରବିବାର, ଶ୍ରୀଦିବ୍ୟସିଂହ ଦେବ ମହାରାଜାଙ୍କ ନୂତନ ଅଙ୍କ ଆରମ୍ଭ, ସୁନିଆଁ, ସର୍ବସମ୍ମତ ବାମନ ଜନ୍ମ, ଶ୍ରୀମନ୍ଦିରରେ ବାମନ ଜନ୍ମ, ଶକ୍ରଧ୍ୱଜ ଉତ୍ଥାପନ, ଇନ୍ଦ୍ରଧ୍ୱଜ ପୂଜା, ଗରୁଡ଼ ପାର୍ଶ୍ୱ ପରିବର୍ତ୍ତନ, ବୈଷ୍ଣବସମ୍ମତ ବିଜୟା ଏକାଦଶୀ ଉପବାସ, ଖୁଦୁରୁକୁଣୀ ଓଷା ଶେଷପାଳି, ମାସାନ୍ତ, ଶରଣ, ରାଶିନକ୍ଷତ୍ର-ଶ୍ରବଣା/ମକର, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୭ ଗତେ ଘ.୦୯।୪୦ ମଧ୍ୟେ, ଘ.୦୧।୧୨ ଗତେ ଘ.୦୧।୪୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୪।୧୪ ଗତେ ଘ.୦୫।୪୫ ମଧ୍ୟେ ରାହୁକାଳ।

ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡ଼ିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। —ଶ୍ରୀଅରବିନ୍ଦ

ସୁନିଆଁ, ଅଟଙ୍କ ବାମନ ଜନ୍ମ ଓ ୧୪୩୨ ସାଲ ପ୍ରବେଶ



# ଏବେ ଅନିଚ୍ଛୁକ



ଆକାର ପଟେଲ

ବର୍ତ୍ତମାନ ଭାରତର ପ୍ରମୁଖ ରାଜନୈତିକ ଶକ୍ତି ହେଉଛି ଭାରତୀୟ ଜନତା ପାର୍ଟି (ଭାଜପା)। ରାଜନୈତିକ ଫାଇଦା ପାଇଁ ଆଦର୍ଶକୁ ସାମୟିକ ଭାବେ ବିରାମ ଦେବାରେ ଏହାର ଇତିହାସ ରହିଛି। ଏହା ମଧ୍ୟ ସମୟକ୍ରମେ ପୁରୁଣା ହୋଇଯାଉଥିବା ସ୍ଥିତିକୁ ପରିତ୍ୟାଗ କରିଛି। ଏହି ଦିଗଟି ଏବେ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି ଯାହା ଆମେ ଏହି ସ୍ତମ୍ଭର ଶେଷଭାଗକୁ ଲକ୍ଷ୍ୟକଲେ ଜାଣିପାରିବା। ଉଦାହରଣ ସ୍ୱରୂପ ୧୯୫୦ ଦଶକରେ ଜନସଂଘ ରୂପରେ ଦଳ ଡ. ଆମ୍ବେଡକରଙ୍କ ହିନ୍ଦୁ କୋଡ୍ ବିଲ୍‌କୁ ବିରୋଧ କରିଥିଲା। ହିନ୍ଦୁ ବିବାହକୁ ଚିରନ୍ତନ ମନେକରିବା କାରଣରୁ ହେଉ କିମ୍ବା ଛାଡ଼ପତ୍ର ଯୌଥ ପରିବାରକୁ ଶେଷ କରିଦେବ ବୋଲି ଭାବି ଏହାକୁ ଗ୍ରହଣକରି ନ ଥିଲା (ମୂଳତଃ ଏହା ଚାହୁଁ ନ ଥିଲା ମହିଳାମାନେ ଉତ୍ତରାଧିକାରରେ ଭାଗ ନିଅନ୍ତୁ)। ହିନ୍ଦୁ ସମାଜ ଏବଂ ସହରରେ ଅଣୁ ପରିବାରରେ ଛାଡ଼ପତ୍ର ସ୍ୱାଭାବିକ ହୋଇଗଲା ପରେ ଏହି ସ୍ଥିତି ଅଦୃଶ୍ୟ ହୋଇଗଲା। କୌତୂହଳପୂର୍ଣ୍ଣ ବିଷୟ ହେଉଛି, ହିନ୍ଦୁତ୍ୱ ସହିତ ଏହାର ଔପଚାରିକ ସମ୍ପର୍କ। ଭାଜପା ୧୯୯୬ ମେନିଫେଷ୍ଟୋରେ ପ୍ରଥମ ଥର ପାଇଁ ହିନ୍ଦୁତ୍ୱ ଶବ୍ଦ ବ୍ୟବହାର କରିଥିଲା। ଏହାର ୧୯୯୮ ମେନିଫେଷ୍ଟୋରେ ଧାରା ୩୭୦, ଗୋହତ୍ୟା ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଓ ଏକକ ନାଗରିକ ସଂହିତା ସମେତ 'ହିନ୍ଦୁତ୍ୱ'ର ଆଠଟି ବିଷୟ ଉଲ୍ଲେଖ କରିଥିଲା। କିନ୍ତୁ ପରବର୍ତ୍ତୀ ବର୍ଷ ଏସବୁକୁ ବନ୍ଦ କରିଦିଆଗଲା। ହିନ୍ଦୁତ୍ୱ କିମ୍ବା ୩୭୦ କିମ୍ବା ଗୋହତ୍ୟା କିମ୍ବା ୟୁନିଫର୍ମ ସିଭିଲ୍ କୋଡ୍ କିଛି ରହିଲା ନାହିଁ। ଅନ୍ୟପକ୍ଷରେ ୧୯୯୯ ମେନିଫେଷ୍ଟୋରେ ସଂଖ୍ୟାଲଘୁ ସମ୍ପ୍ରଦାୟ ସମ୍ପର୍କିତ ପାଞ୍ଚଟି ବିଷୟ ଉଲ୍ଲେଖ କରାଗଲା। ସେମାନଙ୍କୁ ସମ୍ପୂର୍ଣ୍ଣ ସୁରକ୍ଷା ଏବଂ ଧର୍ମନିରପେକ୍ଷତା ପାଇଁ ଦଳ ପ୍ରତିବଦ୍ଧତା ନିଶ୍ଚିତ କରିଥିଲା। ତେବେ ସେହି ଗୋଟିଏ ବର୍ଷରେ କ'ଣ ଏତେ ବଦଳିଗଲା ? ସେତେବେଳେ ବି ଭାଜପା କ୍ଷମତାରେ ଥିଲା। ଅଟଳ ବିହାରୀ ବାଜପେୟୀଙ୍କ ସହିତ ମମତା ବାନାର୍ଜୀ, ଜେ. ଜୟଲଳିଥା ଏବଂ ଜର୍ଜ ଫର୍ଣ୍ଣାଣ୍ଡିଜ୍‌ଙ୍କ ଭଳି ଅନେକ ନେତା ଥିଲେ। ବାଜପେୟୀ ଶାସନ ପାଇଁ ଦଳର ଆଦର୍ଶ ବା ବିଚାରଧାରାକୁ ତ୍ୟାଗ କରିଥିଲେ। ସେହିବର୍ଷ ଭାଜପା ଆଉ ଥରେ ଜିତିଥିଲା। ତେବେ ଦଳର ୨୦୦୪ ମେନିଫେଷ୍ଟୋ ଥିଲା ଏନ୍‌ଡିଏର ଏକ ଡକ୍ୟୁମେଣ୍ଟ। ସେଥିରେ ଏକକ ନାଗରିକ ସଂହିତା ଓ ହିନ୍ଦୁତ୍ୱ କିମ୍ବା ଧାରା ୩୭୦ ବିଷୟରେ କିଛି ବି ଲେଖା ନ ଥିଲା। ତେବେ ଅଯୋଧ୍ୟା ବିବାଦକୁ ନେଇ ଏକ ଆପୋସ ସମାଧାନ ପାଇଁ ଏନ୍‌ଡିଏ ଆହ୍ୱାନ ଦେଇଥିଲା। ଏଭଳି ପରିବର୍ତ୍ତନ ପୂର୍ବରୁ ମଧ୍ୟ ଘଟିଥିଲା।

୧୯୫୭ରେ ପାର୍ଟି ଘୋଷଣା କରିଥିଲା ଯେ, ଭାରତୀୟ ଜୀବନର ମୂଲ୍ୟବୋଧକୁ ଦୃଷ୍ଟିରେ ରଖି ଅର୍ଥନୈତିକ ବ୍ୟବସ୍ଥାରେ ଏହା ବୈପ୍ଲବିକ ପରିବର୍ତ୍ତନ ଆଣିବ। ଅବଶ୍ୟ ଏଗୁଡ଼ିକ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇ ନ ଥିଲା କି ଭବିଷ୍ୟତରେ ମାନିଫେଷ୍ଟୋରେ 'ବୈପ୍ଳବିକ ପରିବର୍ତ୍ତନ' ବିଷୟ ପୁନର୍ବାର ଉଠାଯାଇ ନ ଥିଲା। ୧୯୫୪ରେ ଏବଂ ପୁନର୍ବାର ୧୯୭୧ରେ ଜନସଂଘ ସମସ୍ତ ଭାରତୀୟ ନାଗରିକଙ୍କ ସର୍ବାଧିକ ଆୟକୁ ମାସିକ ୨,୦୦୦ ଓ ସର୍ବନିମ୍ନ ୧୦୦ ଟଙ୍କା ପର୍ଯ୍ୟନ୍ତ ୨୦:୧ ଅନୁପାତରେ ସୀମିତ କରିବାକୁ ନିଷ୍ପତ୍ତି ନେଇଥିଲା। କୁହାଯାଇଥିଲା ଯେ, ଏହି ବ୍ୟବଧାନ ହ୍ରାସ କରି ଏକ ଆଦର୍ଶ ବ୍ୟବଧାନ ୧୦:୧ ଅନୁପାତରେ ପହଞ୍ଚିବା ପର୍ଯ୍ୟନ୍ତ ଏହା କାର୍ଯ୍ୟ ଜାରି ରଖିବ ଏବଂ ସମସ୍ତ ଭାରତୀୟ ସେମାନଙ୍କ ସ୍ଥିତିକୁ ଆଧାରକରି ଏହି ପରିସର ଭିତରେ ଆୟ କରିପାରିବେ। ଏହା ସହ ପାର୍ଟି ମଧ୍ୟ ସହରଗୁଡ଼ିକରେ ଆବାସିକ ଘରଗୁଡ଼ିକର ଆକାରକୁ ସୀମିତ କରିବା ସହ ୧୦୦୦ ବର୍ଗ ଗଜ୍‌ରୁ ଅଧିକ ପ୍ଳଟ୍‌କୁ ଅନୁମତି ଦେବ ନାହିଁ ବୋଲି ଘୋଷଣା କରିଥିଲା। ବାଜପେୟୀଙ୍କ ଅଧୀନରେ ଏହା ଜାରି ରହିଲା, କିନ୍ତୁ ପରେ ବନ୍ଦ କରିଦିଆଗଲା। କୌତୂହଳର ବିଷୟ, ବ୍ୟକ୍ତିଗତ ସ୍ୱାଧୀନତାର ସମ୍ପୂର୍ଣ୍ଣ ବିରୋଧୀ ଆଡ୍‌ମିନିଷ୍ଟ୍ରେଟିଭ ଡିଟେନ୍‌ଶନ (ବିନା ବିଚାର ଓ ଦୋଷରେ ବ୍ୟକ୍ତିଙ୍କୁ ଅଟକ ରଖିବା) ଆଇନକୁ ଜନସଂଘ ରଦ୍ଦ କରିବ ବୋଲି କହିଥିଲା। ୧୯୫୦ ଦଶକରେ ମଧ୍ୟ ଏହି ପ୍ରତିଶ୍ରୁତିକୁ ଦୋହରାଯାଇଥିଲା। ତେବେ ୧୯୬୭ରେ ଏହା କହିଥିଲା ଯେ, ଦେଶଦ୍ରୋହୀ ତଥା ବ୍ୟାଘାତକାରୀ ତତ୍ତ୍ୱଗୁଡ଼ିକ ମୌଳିକ ଅଧିକାରକୁ ଅନୁମତି ଦେବ ନାହିଁ। କିନ୍ତୁ ସମୟକ୍ରମେ ସଂଘ ଏବଂ ଭାଜପା ଆଡ୍‌ମିନିଷ୍ଟ୍ରେଟିଭ ଡିଟେନ୍‌ଶନ ଲ' ତଥା ୟୁଏପିଏ ଭଳି ଆଇନର ବଡ଼ ସମର୍ଥକ ପାଲଟିଗଲା।

୧୯୫୪ରେ ପାର୍ଟି ଘୋଷଣା କରିଥିଲା, ଆଦୌ ଚାଷ ହୋଇ ନ ଥିବା ମାଟିକୁ ହଳ କରିବାରେ କେବଳ ଟ୍ରାକ୍ଟର ବ୍ୟବହାର ହେବ ଏବଂ ସାଧାରଣ ଚାଷ ଉଦ୍ଦେଶ୍ୟରେ ତାହାର ବ୍ୟବହାରକୁ ବନ୍ଦ କରାଯିବ। ଅବଶ୍ୟ ବଳଦ ଓ ଷଣ୍ଢ ହତ୍ୟା ବନ୍ଦ କରିବା ପାଇଁ ଏଭଳି ଚେଷ୍ଟା କରୁଥିଲା। ପରେ ଏହା ବି ବନ୍ଦ ହୋଇଗଲା ଓ ତାହାର କାରଣ ସମ୍ପର୍କରେ କିଛି କୁହାଗଲା ନାହିଁ। ୧୯୫୧ରେ ଗୋହତ୍ୟା ନିଷେଧାଦେଶ କାରଣ ସମ୍ପର୍କରେ ଉଲ୍ଲେଖ କରିଥିଲା ଯେ, ଗୋରୁକୁ କୃଷି ଜୀବନର ଏକ ଅର୍ଥନୈତିକ ୟୁନିଟ୍ କରିବା ପାଇଁ ଏହା ଆବଶ୍ୟକ। ୧୯୫୪ର ମାନିଫେଷ୍ଟୋ ଅଧିକ ଧର୍ମୀୟ ଥିଲା ଏବଂ ଗୋ ସୁରକ୍ଷାକୁ ଏକ 'ଧର୍ମୀୟ କର୍ତ୍ତବ୍ୟ' ବୋଲି ଏଥିରେ ଉଲ୍ଲେଖ କରାଯାଇଥିଲା। ତେବେ ଏସବୁ ମଧ୍ୟରୁ କୌଣସିଟିର ବର୍ତ୍ତମାନ ସହ ସମ୍ପର୍କ ଅଛି କି ? ଅବଶ୍ୟ ଏହା ହୋଇଛି, ୨୦୧୪ରୁ ମୋଦି ଯାହା କରିଆସୁଛନ୍ତି ତାହା ଏବେ ଜାରି ରଖିବା ପାଇଁ ତାଙ୍କ ୨୪୦ ସଦସ୍ୟ ବିଶିଷ୍ଟ ଭାଜପାର କ୍ଷମତା ନାହିଁ। ଲେଖକ ପ୍ରତାପ ଭାନୁ ମେହେଟ୍ଟା ଏହା ଉପରେ ବର୍ଣ୍ଣନା କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ପରାଜୟର କାରଣ ନିର୍ଣ୍ଣୟ କରିବାରେ ଏବଂ ଏକ ନୂତନ ଯୋଜନା କରିବାରେ ଅସମର୍ଥ। ସେ ପାର୍ଲାମେଣ୍ଟରେ ବ୍ୟାକ୍‌ଫୁଟ୍‌ରେ ଅଛନ୍ତି। ନିୟନ୍ତ୍ରଣ କରିବାର କ୍ଷମତା ଚାଲିଯାଇଛି। ଅଧିକାଂଶଙ୍କ ମତରେ ତାଙ୍କ ରାଜନୈତିକ କ୍ୟାରିୟରରେ ପ୍ରଥମ ଥର ପାଇଁ ଲୋକପ୍ରିୟ ଭାବନାକୁ ଅନ୍ତର୍ନିହିତ କରିବାର କ୍ଷମତା ଅପସରିଗଲା। ତେବେ ମୋଦି ବର୍ତ୍ତମାନ କ'ଣ କରିବା ଉଚିତ ଭାଜପା ଏହାର ଉତ୍ତର ଦେଉ। ଆଦର୍ଶରୁ ଶାସନକୁ ପରିବର୍ତ୍ତନ କରିବାରେ ବାଜପେୟୀ ସମୟ ନଷ୍ଟକରି ନ ଥିଲେ। ତାଙ୍କୁ ଅନୁକରଣକରି ମୋଦି ଧର୍ମନିରପେକ୍ଷବାଦୀଙ୍କୁ ଉତ୍ସାହିତ କରିବା ଦରକାର, କିନ୍ତୁ ସେ ତାହା କରିବାକୁ ଏବେ ଅନିଚ୍ଛୁକ।

Email:aakar.patel@gmail.com

## su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 4 | | 7 | | | | 1 | | 9 |
| | | 8 | | | | | 7 | |
| | | | | 7 | | | 8 | |
| | 9 | | 3 | | 4 | | | 6 |
| | | 1 | 8 | | | | 3 | |
| 6 | | | 2 | | | | | |
| | | | 4 | | | | 9 | |
| | | 9 | | | | 5 | 1 | 7 |
| | | | | | | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 9 | 7 | 5 | 6 | 1 | 8 |
| 1 | 7 | 8 | 6 | 2 | 4 | 3 | 9 | 5 |
| 5 | 9 | 6 | 3 | 8 | 1 | 7 | 4 | 2 |
| 3 | 1 | 7 | 5 | 9 | 8 | 2 | 6 | 4 |
| 8 | 6 | 2 | 1 | 4 | 7 | 5 | 3 | 9 |
| 9 | 4 | 5 | 2 | 6 | 3 | 8 | 7 | 1 |
| 7 | 3 | 4 | 8 | 5 | 9 | 1 | 2 | 6 |
| 6 | 5 | 9 | 7 | 1 | 2 | 4 | 8 | 3 |
| 2 | 8 | 1 | 4 | 3 | 6 | 9 | 5 | 7 |

ଗତକାଲିର ଉତ୍ତର

# ମୃତ୍ୟୁକୋଷ୍ଠୀ ତିଆରି କରିପାରେ ଏଆଇ



ସହଦେବ ସାହୁ

ଏଆଇ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା ଆମକୁ ଦୁଃଖ ଓ ସୁଖ ଜଣାଇପାରେ, ମଜା କଥା ଶୁଣାଇପାରେ। କାହାର କେତେବେଳେ ମୃତ୍ୟୁ ହେବ ତାହା ବି କହିପାରେ, ଅର୍ଥାତ୍ ଜାତକ ତିଆରି କରିପାରେ। ଏହା ଦେଖାଇ ଦେଇଛନ୍ତି ଡେନ୍‌ମାର୍କର ଦଳେ ବୈଜ୍ଞାନିକ। ସେମାନେ ତିଆରି କରିଥିବା କୋଷ୍ଠୀର ନାମ ଲାଇଫ୍‌୨ଭେକ୍ (Life2Vec): ୨୦୧୬ରେ ସେମାନେ ଦଶ ଲକ୍ଷ ପାଖାପାଖି ୩୫ରୁ ୬୫ ବୟସର ଡାନିଶ୍ (ଡେନ୍‌ମାର୍କ ଅଧିବାସୀ)ମାନଙ୍କ ଜୀବନଯାତ୍ରାର ଚିକିନିଖି ବିବରଣୀକୁ ଭିତ୍ତି କରି ଏଆଇଠାରୁ ଉତ୍ତର ଚାହିଁଥିଲେ ଆଗାମୀ ୪ ବର୍ଷରେ, ୨୦୨୦ ବେଳକୁ କିଏ କିଏ ମୃତ୍ୟୁମୁଖରେ ପଡ଼ିଥିବେ। ନାଗରିକମାନଙ୍କ ଜୀବନର ଚିକିନିଖି ବିବରଣୀ ରଖୁଛି ଡେନ୍‌ମାର୍କ ସରକାରଙ୍କ ୧୯୬୬ରେ ପ୍ରତିଷ୍ଠିତ ରାଷ୍ଟ୍ରୀୟ ସଂସ୍ଥା 'ଷ୍ଟାଟିଷ୍ଟିକ୍ସ ଡେନ୍‌ମାର୍କ'। ପୃଥିବୀରେ ଆଉ କୌଣସି ଦେଶ ନାଗରିକମାନଙ୍କ ଏପରି ତଥ୍ୟ ରଖିପାରିନାହାନ୍ତି। ଜଉମୁଦ ଦିଆହୋଇ ରଖାହୋଇଥିବା ଲାଇଫ୍‌୨ଭେକ୍ କୋଷ୍ଠୀକୁ ୨୦୨୦ରେ ଖୋଲି ଦେଖାଗଲା, ଯେଉଁମାନେ ମରିବେ ବୋଲି ସୂଚିତ କରାହୋଇଥିଲା, ସେମାନଙ୍କ ଭିତରୁ ୭୬% କ୍ଷେତ୍ରରେ ମୃତ୍ୟୁ ଘଟିଛି। ଜଣେ ମାର୍କିନ୍ ଓ ୭ ଜଣ ଡାନିଶ୍ ଗବେଷକଙ୍କ ନେତୃତ୍ୱ ନେଇଥିଲେ ଡାନିଶ୍ ବୈଜ୍ଞାନିକ ସୁନେ ଲେହମାନ୍। ଏ କଥା ପ୍ରଥମେ ପ୍ରକାଶ କଲା ଫାଇନାନ୍‌ସିଆଲ୍ ଟାଇମ୍ସ ଓ ବ୍ଲୁମ୍‌ବର୍ଗ ଟର୍ମିନାଲ୍‌ରେ। ୨୦୧୯ର କାଉଣ୍ଟଡାଉନ୍ ଫିଲ୍ମରେ ଏକ କାଳ୍ପନିକ ଜାତକରେ ଅନୁରୂପ ଏକ ଗଣନା କରାଯାଇଥିଲା, ଯହିଁରେ ୨୬% କ୍ଷେତ୍ରରେ ସତ ଦେଖାହୋଇଥିଲା ; 'ରଟନ ଟମୋଟୋଜ୍' ନାମକ ସିନେମା ଜଗତର ମୂଲ୍ୟାୟନକାରୀ ସଂସ୍ଥା ଏ ରେଟିଂ ଦେଇଥିଲା। ଡାନିଶ୍ ଅନୁଧ୍ୟାନର ସତ୍ୟତା ତ ୭୬%! ବୟସ ବାଛିଥିବା ଗବେଷକମାନେ କହନ୍ତି, ୩୫ରୁ କମ୍ ବୟସର ଲୋକଙ୍କ ଭିତରେ ମୃତ୍ୟୁ ଆଶଙ୍କା ପ୍ରାୟ ନାହିଁ ଏବଂ ୬୫ ବର୍ଷରୁ ଅଧିକ ବୟସ୍କଙ୍କ ଭିତରେ ମୃତ୍ୟୁ ଆଶଙ୍କା ବହୁତ ବେଶି। ଏଭଳି ବଛା ହୋଇଥିବା ପ୍ରତ୍ୟେକ ମଣିଷ ଜୀବନରେ ଯାହା ଯାହା ଘଟିଯାଇଛି ପୂରା କାହାଣୀକୁ ଗୋଟିଏ ଲମ୍ବା ବାକ୍ୟରେ ଲେଖିହେବ ବୋଲି ଏଆଇ ଆଲ୍‌ଗୋରିଦିମ୍ ତିଆରି କରିଥିବା ସୁନେ ଲେହମାନ୍ କହନ୍ତି। ଏଆଇ ଲଗାଇ ତିଆରି କରାହୋଇଥିବା ଜାତକରେ ଥିଲା ୨୦୧୬ ଜାନୁଆରୀ ୧ ପରେ ୪ ବର୍ଷ ଭିତରେ କିଏ କିଏ ମରିପାରନ୍ତି। ଏପରି ଚିହ୍ନଟ କରାହୋଇଥିବା ନାମ ଭିତରୁ ୭୬ ପ୍ରତିଶତଙ୍କ କ୍ଷେତ୍ରରେ ଠିକ୍ ଥିଲା। ଅର୍ଥାତ୍ ଅବଧାନ ବା ଜ୍ୟୋତିଷ ତିଆରି କରୁଥିବା ଜାତକଠାରୁ ଏଆଇ ଜାତକ ବେଶି ବୈଜ୍ଞାନିକ।



ଏ ଅନୁଧ୍ୟାନରେ ସମ୍ପୃକ୍ତ ଲୋକଙ୍କୁ ଗବେଷଣାର କାରଣ କୁହାଯାଇନଥିଲା ; ଏପରି କହିବାଟା ଦାୟିତ୍ୱହୀନତାର ଉଦାହରଣ ହୋଇଥା'ନ୍ତା। କ'ଣ କ'ଣ ଆୟୁଷକୁ କମାଇଥାଏ ବା ବଢ଼ାଇଦିଏ ସେସବୁର ଉଦାହରଣ ବି ପ୍ରକାଶ କରାଯାଇନାହିଁ, ଅନୁମାନ କରାଯାଉଛି ଡାକ୍ତରମାନଙ୍କଠୁ ସେସବୁ କାରଣ (ଫାକ୍ଟର) ନିଆଯାଇଛି। ସାଧାରଣ ଲୋକର ଚିନ୍ତାରେ ବିପର୍ଯ୍ୟୟ ହିଁ ମଣିଷକୁ ଅଳ୍ପାୟୁ କରିଥାଏ, ଆଉ ସବୁ କାରଣ ମଣିଷକୁ ଜଳ ଜଳ ଦିଶେନାହିଁ। ଯେଉଁସବୁ ଫ୍ୟାକ୍ଟରକୁ ଅନୁଧ୍ୟାନରେ ଭର୍ତ୍ତି କରାଯାଇଥିଲା, ସେଗୁଡ଼ିକ ଭିତରୁ ଅଳ୍ପାୟୁ ହେବାର କେତେକ କାରଣ ଜଣାଅଛି, ଯଥା (୧) ପୁରୁଷ ଭାବେ ଜନ୍ମ, (୨) ମାନସିକ ରୋଗ, (୩) ଦକ୍ଷତା ଦରକାର କରୁଥିବା ବୃତ୍ତି ଓ (୪) ସ୍ୱଳ୍ପ ରୋଜଗାର। ଆଉ କ'ଣ କ'ଣ ସ୍ୱାସ୍ଥ୍ୟକୁ ଖରାପ କରେ ତାହା ବି ଥିଲା, ଯଥା କର୍କଟ ରୋଗର ବିଭିନ୍ନ ସ୍ତର। ଗବେଷଣାକୁ ଗୁପ୍ତ ରଖିବାର କାରଣ ଇନ୍‌ସ୍ୟୁରାନ୍ସ କମ୍ପାନୀ ଭଳି କର୍ପୋରେଶନମାନେ ଯେପରି ଏ ମଡେଲ୍ ନ ଜାଣନ୍ତୁ, କାରଣ ସେମାନେ ବୀମାଭୁକ୍ତ ହେବାକୁ ଯାଉଥିବା ଲୋକଙ୍କ ଉପରେ ଲାଗୁ କରିଦେବେ। ଗବେଷକମାନଙ୍କ ଉଦ୍ଦେଶ୍ୟ ଲୋକେ ମରଣ ଆସନ୍ନ ଜାଣିଗଲେ ସାଙ୍ଗେ ସାଙ୍ଗେ ପ୍ରତିକାର ବ୍ୟବସ୍ଥା କରିପାରିବେ।

ଜେନେରେଟିଭ୍ ଏଆଇ ସପକ୍ଷରେ ଯେତେ ଭଲ କାରଣ ଅଛି, ସେତିକି ଖରାପ କାରଣ ବା ଡ୍ରବାକ୍ ଅଛି। ଏଆଇ ତିଆରି ପ୍ରବନ୍ଧ ଛତୁ ଫୁଟିବା ଭଳି ବ୍ୟାପିଲାଣି। ବହୁତ ପ୍ରବନ୍ଧ ବାଜେ। ଆମେ ଯେତେବେଳେ ନିମ୍ନମାନର ଏଆଇ ପାଠ ପାଉ ବଡ଼ ଖରାପ ଲାଗେ। ଏଆଇ ବିସ୍ଫୋରକ ସ୍ଥିତିରେ ପହଞ୍ଚିଗଲାଣି, ପ୍ରବଞ୍ଚନାର କାରଣ ହୋଇଗଲାଣି, ଯଥା ଶୈକ୍ଷିକ ପରୀକ୍ଷାରେ ଲଗାଇ ପରୀକ୍ଷକଙ୍କୁ ଠକିବା, ସୂକ୍ଷ୍ମ କଳାର କାଳ ହେବା, ଆମ ମୁହଁ ବଦଳରେ ଏଆଇ ଛବି ଚହଲିବା। ବହୁକ୍ଷେତ୍ରରେ ଲାଭ ବି ମିଳିଲା, ଯଥା ସ୍କ୍ରିନ୍‌ଶଟ୍ ବା ଛବି ଭିତରୁ ପାଠ କାଢ଼ିବା। ଆଗରୁ ମୋତେ ଛବି ଭିତରେ ଲେଖାଥିବା କଥାଟାକୁ ଟାଇପ୍ ବା ଲେଖିବାକୁ ପଡୁଥିଲା, ଏବେ ଏଆଇ ଲେଖାକୁ ଛବିରୁ ଅଲଗା କରିଦେଉଛି। ପିଲାଙ୍କ ପାଇଁ ମନଛୁଆଁ (ଫାଣ୍ଟାସି) ଗପ ଓ କ୍ୟାରେକ୍ଟର ତିଆରି କରିପାରୁଛି, କଳ୍ପନାର ଖେଳ ତିଆରି କରିବାରେ ମାହିର। କେତେକ କ୍ଷେତ୍ରରେ ଏଆଇ ବାଜେ ପ୍ରବନ୍ଧଟିଏ ଲେଖିଦେଇଛି, ତାକୁ ବି ଏକ ଚିଠା ବା ଡ୍ରାଫ୍ଟ ରୂପେ ଗ୍ରହଣ କରିହେବ। ଯାହା କଳ୍ପନାରେ ଆସୁଛି, ସେ କଥା ପଚାରିଦେଲେ ଏଆଇ ଦିଗ୍‌ଦର୍ଶନ ଦେଉଛି– ଭେଗ୍ ବା ଅସ୍ପଷ୍ଟ ବା ଅବିକଶିତ ଧାରଣାକୁ ପୂର୍ଣ୍ଣତା ଦେଇପାରୁଛି। ଏଯାଏ ତ ଆମେ ଏଆଇକୁ କିପରି ପୂର୍ଣ୍ଣପ୍ରାଣରେ ବ୍ୟବହାର କରିହେବ ତା' ଜାଣିନାହୁଁ। ଦିନକୁ ଦିନ ଏଆଇର ନୂଆ ନୂଆ କ୍ଷମତା ଆବିଷ୍କାର କରୁଛୁ। ଚାଟ୍‌ବଟ୍ ଯେତେବେଳେ ବାହାରିଲା ଆମେ ପିଲାଳିଆ ଖେଳ ବୋଲି ଭାବିଥିଲୁ, ଏବେ ତାହାର କ୍ଷମତା ଅଳ୍ପ ବହୁତେ ଜାଣିଗଲା ପରେ ଚାଟ୍‌ଜିପିଟି ବାହାରିଲା। ଗୁଗୁଲ ସର୍ଚ୍ଚ ଇଞ୍ଜିନ ଖୋଲି ରଚନା ବା ଚିତ୍ର ଖୋଜିବା ଛାଡ଼ିଦେଲୁଣି, ଏଆଇ ଲଗାଇ ମାଗିଲେ ସର୍ଚ୍ଚ ଇଞ୍ଜିନ ଭଳି ଗୁଡ଼ାଏ ପାଠର ଶୀର୍ଷକ ଦେଖାଉ ନାହିଁ, ପ୍ରଥମେ ଗୋଟିଏ ସାର୍ଥକ ସାରାଂଶ ରୂପ ଯୋଗାଉଛି, ଯେଉଁଠୁ ଆମେ ଆହୁରି ଭଲ କରିପାରିବା। ବୈଜ୍ଞାନିକ ପ୍ରବନ୍ଧ ବା ଗବେଷଣା ଲେଖା ପ୍ରକାଶ କରିବାକୁ ହେଲେ ପ୍ରଥମେ ଏଆଇ ଲେଖାଟିକୁ ଭିତ୍ତିଭୂମି ରୂପେ ବା ପ୍ରଥମ ପ୍ରଚେଷ୍ଟା (ଚିଠା ବା ଡ୍ରାଫ୍ଟ) ଭାବେ ଗ୍ରହଣ କଲେ ତହିଁରୁ ବହୁତ ସାହାଯ୍ୟ ମିଳେ। ଟେକ୍ନୋଲଜି କମ୍ପାନୀଗୁଡ଼ିକ କହନ୍ତି, ମଣିଷର ତ ସବୁ ପରିସ୍ଥିତିର ସାମ୍ନା କରିବାର କ୍ଷମତା ଅଛି, ତାକୁ ଏଆଇ ପରିବର୍ଦ୍ଧିତ କରିପାରେ। କମ୍ପାନୀଗୁଡ଼ିକ ଟେକ୍ନୋଲଜିରେ ଛଙ୍କା ବା ଫିଲ୍‌ଟର ଲଗାଇ ସ୍କାମ୍‌ର ସମ୍ଭାବନା କମାଉଛନ୍ତି। ଦରକାର ପଡ଼ିଲେ ନିୟନ୍ତ୍ରଣ କରିବାର, ଏବଂ ନୂଆ ଅଭ୍ୟାସ (ହାବିଟ୍) ଶିଖିବାର ସାମର୍ଥ୍ୟ ମଣିଷର ଅଛି, ଏଆଇ ଯେତେ ଖରାପ କାମ କରିପାରେ, ତାକୁ ବୈଜ୍ଞାନିକମାନେ ସମୟକ୍ରମେ ସଂଶୋଧନ କରିପାରିବେ।

ମାନବିକ ମୂଲ୍ୟବୋଧ ମୁଖ୍ୟ ଭୂମିକା ନେଲେ ଏଆଇ କରିପାରୁଥିବା ଗଣ୍ଡଗୋଳିଆ ପରିସ୍ଥିତିରେ ସୁଧାର ଆଣିହେବ। ଏଆଇ ତିଆରି କରୁଥିବା କୋଷ୍ଠୀ ପଢ଼ି କେଉଁଠି କେଉଁଠି ସୁଧାରିବାର ଅବସର ବା ସୁଯୋଗ ଅଛି ତା' ଉପରେ ମଣିଷ ଜୋର୍ ଦେବ ଓ ଦୀର୍ଘାୟୁ ହେବାର ଉପାୟ ଖୋଜିବ। ପରିବେଶରେ ପ୍ରତିଟି ଜୀବନ ବିଚ୍ଛୁଡ଼ି ବା ଫୋପଡ଼ା ହୋଇପଡ଼ିଛି, ତାହାର ଟ୍ରାଜେକ୍ଟରି ବା ଫୋପଡ଼ା-ମାର୍ଗ ଉପରେ ଲାଇଫ୍‌୨ଭେକ୍ ଭଳି ଭବିଷ୍ୟବାଣୀ କରି ଲୋକଙ୍କୁ ଆଗରୁ ଜଣାଇଲେ ପ୍ରତିକାର ବ୍ୟବସ୍ଥା କରିହେବ ତଥା ଏଆଇ ବ୍ୟବହାର କରି ମୃତ୍ୟୁର ଆଗମନ ପ୍ରକ୍ରିୟାକୁ ଓ ବୁଦ୍ଧିର ହ୍ରାସ(କଗ୍ନିସନ୍ ଲସ୍) ପ୍ରକ୍ରିୟାକୁ ରୋକିବାର ବ୍ୟବସ୍ଥା କରିହେବ।

sahadevas@yahoo.com

# 'ନଅ ହାତିଆ ଶାଢ଼ି'ର ସ୍ରଷ୍ଟା

ବ୍ୟକ୍ତିତ୍ୱ



ପ୍ରଶାନ୍ତି ରାମ

ପୁସ୍ତକର ଇଂଲିଶ୍ ନାମ 'ନାଇନ୍ ୟାର୍ଡ ସାରିଜ୍'। ଏହାର ଓଡ଼ିଆ ମର୍ମାନୁବାଦ କଲେ କୁହାଯାଇପାରିବ 'ନଅ ହାତିଆ ଶାଢ଼ି'। ଲେଖିକା ପ୍ରଶାନ୍ତି ରାମ ସିଙ୍ଗାପୁରରେ ରହୁଥିବା ଭାରତୀୟ ମୂଳବାସିନ୍ଦା। ଉପନ୍ୟାସ କ୍ଷେତ୍ରରେ ଏହା ଲେଖିକାଙ୍କ ପ୍ରଥମ ପଦାର୍ପଣ ହୋଇଥିଲେ ହେଁ ପୁସ୍ତକର ନାମକରଣ ପ୍ରତୀକାତ୍ମକ ରଖିଦେଇଥିବାରୁ ତାହା ପାଠିକାପାଠକଙ୍କୁ ବେଶ୍ ଆକୃଷ୍ଟ କରିଛି।

ଏକ ତାମିଲ ବ୍ରାହ୍ମଣ ପରିବାରର ବହୁପିଢ଼ିର କାହାଣୀକୁ ଉକ୍ତ ପୁସ୍ତକରେ ଏଭଳି ସନ୍ନିବେଶିତ କରାଯାଇଛି ଯେ, ସେଥିରେ ମହିଳାମାନଙ୍କ ଭୂମିକା ଅଗ୍ରପ୍ରାଧାନ୍ୟ ଲାଭକରିଛି। ସିଙ୍ଗାପୁର, ସିଡ୍‌ନୀ, ନ୍ୟୁୟର୍କ ଓ କନେକ୍ଟିକଟ୍ ଭଳି ଅନ୍ତର୍ଜାତୀୟ ନଗରୀରେ ଏହି ପରିବାରର ଉପସ୍ଥିତିକୁ ଲେଖିକା ଅତି ସୂକ୍ଷ୍ମ ଭାବେ ବର୍ଣ୍ଣନା କରିଛନ୍ତି। ତେବେ ବହିର ଅଧିକ ପୃଷ୍ଠା ମାଡ଼ିବସିଛି ସିଙ୍ଗାପୁର। ୧୯୫୦ରୁ ୨୦୧୯ ଯାଏ ୯ ଜଣ ମହିଳାଙ୍କ ଜୀବନର ଗତିକୁ ପୁସ୍ତକରେ ବାନ୍ଧେଇବା ବେଳେ ସତେ ଯେମିତି ସେମାନଙ୍କୁ ୯ ହାତିଆ ଶାଢ଼ିରେ ସେ ଗୁଡ଼େଇ ଦେଇଛନ୍ତି। ସବୁ ଚରିତ୍ର କାଳ୍ପନିକ ସ୍ତରର। ହେଲେ ସେଥିରେ ତାମିଲ ଜୀବନଧାରା ଓ ସଂସ୍କୃତିକୁ ଏକ ପ୍ରବହମାନ ଧାରାରେ ଯିବା ଲାଗି ବାଟ ଦେଖାଇଛନ୍ତି। ଗୋଟେ ଚରିତ୍ର 'ରାଜି'। ଏହି ବୟସ୍କା ମହିଳା ତାମିଲନାଡୁର ଏକ ଆଶ୍ରମରେ ରୁହନ୍ତି। ତାଙ୍କ ଝିଅ ପଦ୍ମା ନିଜ ପରିବାରକୁ ପାରମ୍ପରିକ ଢଙ୍ଗରେ ଅତି ସଂଘର୍ଷମୟ ଅବସ୍ଥାରେ ନେଇଚାଲିଛନ୍ତି। ପରବର୍ତ୍ତୀ ସମୟରେ ପଦ୍ମାଙ୍କ ବିବାହଯୋଗ୍ୟା ଝିଅ କୀର୍ଥନା ସିଙ୍ଗାପୁରରେ ପ୍ରବାସୀ ଜୀବନ ବିତାଉଥିବାର ଦୃଶ୍ୟକୁ ଲେଖିକା ପୁସ୍ତକରେ ନିଖୁଣ ଭାବେ ସ୍ଥାନ ଦେଇଛନ୍ତି। ମହିଳା ସଂହତିକୁ ଦର୍ଶାଇବାକୁ ଯାଇ ପ୍ରଶାନ୍ତିଙ୍କ ବର୍ଣ୍ଣନାର ଏକ ଦୃଶ୍ୟ ରହିଛି ଆମ୍ମାଙ୍କ ଚିଠି ଲେଖାରୁ। ୫୬ ବର୍ଷ ପରେ ଆମ୍ମା ତାଙ୍କ ଝିଅଙ୍କ ପାଖକୁ ପ୍ରଥମ ଚିଠି ଲେଖୁଛନ୍ତି। ସେଥିରେ ସେ କହୁଛନ୍ତି, ତୁ ଓ ତୋ ସାନ ଭଉଣୀ ମୋ ଅନ୍ତରର ବେଦନା ବୁଝିବା ପାଇଁ ଠିକ୍ ବୟସରେ ପହଞ୍ଚିଯାଇଛ। ଯେତେବେଳେ ତୁମ ବାବା ମୋତେ ଛାଡ଼ି ଚାଲିଗଲେ ଓ ତାଙ୍କ ଆତ୍ମା ସ୍ୱର୍ଗରେ ବିଲୀନ ହୋଇଯାଇଥିଲା, ସେତେବେଳେ ତୁମ୍ଭମାନଙ୍କୁ ନେଇ ମୁଁ କେମିତି ଚଳିବି ଭାବୁଥିଲି। ଅନ୍ତ୍ୟେଷ୍ଟି ସରିବା ପରେ ଦୁଇ ଭଉଣୀ ସିଙ୍ଗାପୁର ପଳାଇଗଲ। ଚେନ୍ନାଇରେ କେବଳ ମୁଁ ରହିଗଲି। ସେତେବେଳେ ଜଣେ ବିଧବାଙ୍କୁ ଲୋକେ କେଉଁ ଦୃଷ୍ଟିରେ ଦେଖନ୍ତି ତାହା ଯିଏ ଆଖିରେ ଦେଖି ନ ଥିବେ ବିଶ୍ୱାସ କରିପାରିବେ ନାହିଁ। ମୋତେ ଯେମିତି ଗୋଟେ ବଡ଼ ରୋଗ ହୋଇଯାଇଛି ସେଭଳି ଲୁଚି ରହିବାର ଜୀବନ ବିତାଇବାକୁ ପଡ଼ିଛି। ତଥାପି କୌଣସି ପୁରୁଷଙ୍କ ସହାୟତା ବିନା ଧୈର୍ଯ୍ୟର ସହ ମୁଁ ପରିସ୍ଥିତିକୁ ମୁକାବିଲା କରିଛି। ତୁ ମୋତେ ସବୁବେଳେ ସିଙ୍ଗାପୁର ପଳାଇଯିବା ଲାଗି ବାଧ୍ୟ କରିଛୁ। କିନ୍ତୁ ବିଧବାର ନିଜ ଘର ଛଡ଼ା ପୃଥିବୀରେ ଆଉ ଭଲ ସ୍ଥାନ ନାହିଁ ବୋଲି ମୁଁ ଧରି ନେଇଥିଲି। ଏତେ ଯନ୍ତ୍ରଣା ଭିତରେ ଖୁସିରେ ରହିବାକୁ ଚେଷ୍ଟା କରିଛି। ଏଠି କହିରଖେ– ତୋ ବାବା କେତେ ଭଲ ଥିଲେ ତାହା ତୁମକୁ ଦେଖାଇବା ଦରକାର ନାହିଁ। ଯେତେବେଳେ ମୁଁ କୌଣସି କଥାରେ ବିଚଳିତ ହୋଇଯାଉଥିଲି ସେ ମୋତେ ଅବିଚଳ ରହିବାକୁ ଶକ୍ତି ଦେଉଥିଲେ। ସେ ମଣିଷର ସଦ୍‌ଗୁଣ ଓ ଜୀବନ ଜିଇବାର ମୂଲ୍ୟବୋଧ ଶିଖାଇଯାଇଛନ୍ତି। ଏତେ ସତ୍ତ୍ୱେ ତାଙ୍କ ବିନା ମୋ ଜୀବନ ଅଧୁରା ଲାଗୁଛି।

ଉକ୍ତ ଉପନ୍ୟାସରେ ଆମ୍ମାଙ୍କ ଚରିତ୍ରର ବର୍ଣ୍ଣନା ଏହିଭଳି ଚାଲିଥିବା ବେଳେ ସିଙ୍ଗାପୁରରେ ସେହି ତାମିଲ ପରିବାରର ତିନି ମହିଳା ପିଢ଼ିଙ୍କ ଚରିତ୍ରକୁ ଲେଖିକା ଅତି ସାବଲୀଳ ଢଙ୍ଗରେ ବର୍ଣ୍ଣନା କରିଥିବାରୁ 'ନାଇନ୍ ୟାର୍ଡ ସାରିଜ୍' ସିଙ୍ଗାପୁର ସାହିତ୍ୟ ପୁରସ୍କାର ପାଇପାରିଛି। ସେପ୍ଟେମ୍ବର ୧୦ରେ ପ୍ରଶାନ୍ତି ଏହି ସମ୍ମାନ ପାଇବା ପରେ ତାଙ୍କ ବ୍ୟକ୍ତିତ୍ୱ ଢେର ଚର୍ଚ୍ଚାକୁ ଆସିଛି। ସମୀକ୍ଷକଙ୍କ ମତରେ ପ୍ରଶାନ୍ତିଙ୍କ ପ୍ରତ୍ୟେକଟି ଲେଖାରେ ସେ କିଛି ଭିନ୍ନ ଛାପ ଛାଡ଼ି ଯିବାକୁ ଚାହିଁଥାଆନ୍ତି। ତାଙ୍କ ସୃଜନଶୀଳତା ଗତାନୁଗତିକ ଶୈଳୀରୁ ଊର୍ଦ୍ଧ୍ୱକୁ ଉଠିପାରୁ ଥିବାରୁ ପାଠକୀୟ ଆଦୃତି ପାଇଚାଲିଛି।

ପ୍ରଶାନ୍ତି ରାମ ସିଙ୍ଗାପୁରର ନାନ୍ୟାଙ୍ଗ ଟେକ୍ନୋଲଜିକାଲ ୟୁନିଭର୍ସିଟିରେ ପୂର୍ଣ୍ଣକାଳୀନ ରାଇଟିଂ ଲେକ୍‌ଚରର ଭାବେ ଅବସ୍ଥାପିତ। ସେହିଠାରୁ ସେ ମଧ୍ୟ କ୍ରିଏଟିଭ୍ ରାଇଟିଂରେ ପିଏଚ୍.ଡି. କରିଛନ୍ତି। ସେ ଅନେକ କ୍ଷୁଦ୍ର ଗଳ୍ପ ଓ ପ୍ରବନ୍ଧ ରଚନା କରିଛନ୍ତି। ୨୦୨୦ରେ ସାହିତ୍ୟ ପତ୍ରିକା 'ମୋହଗାନି ଜର୍ନାଲ'ର ସହପ୍ରତିଷ୍ଠାତା ଥିବା ପ୍ରଶାନ୍ତି ଏବେ ଫିକ୍ସନ ଏଡିଟର ଭାବେ କାର୍ଯ୍ୟରତ। ନିଜ ସୃଜନସମ୍ପତ୍ତି ସୃଷ୍ଟିର ପ୍ରେରଣା ସେ ନିଜ ଶୟନକକ୍ଷର ବାତାୟନ ଦେଇ ଆସୁଥିବା ପ୍ରାକୃତିକ ଆଲୋକରୁ ପାଇଥାଆନ୍ତି ବୋଲି କହିଥାଆନ୍ତି। ଏବଂ ତାହାକୁ ପ୍ରୋତ୍ସାହନ ଦେବାରେ ଗ୍ରୀନ୍ ଟି' ଓ ଫୋନ୍‌ର ସାଇଲେଣ୍ଟ ମୋଡ୍ ବିଶେଷ ସହାୟକ ହୋଇଥାଏ ବୋଲି ଏକ ସାକ୍ଷାତ୍‌କାରରେ କହିଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

୮୭ ବର୍ଷ ବୟସରେ କର୍ମଚଞ୍ଚଳ ଡ. ମାୟା ଟଣ୍ଡନ। ସେ ସଡ଼କ ସୁରକ୍ଷା ଉପରେ ସଚେତନତା ସୃଷ୍ଟି କରିବା ସହ ଦୁର୍ଘଟଣାରେ ପ୍ରାଥମିକ ଚିକିତ୍ସା ଯୋଗାଇ ଲୋକଙ୍କ ଜୀବନ ରକ୍ଷା କରିବା ସମ୍ପର୍କରେ ଲୋକଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏବେ ସୁଦ୍ଧା ସେ ୧,୩୩,୦୦୦ ଲୋକଙ୍କୁ ପ୍ରଶିକ୍ଷଣ ଦେଇସାରିଲେଣି। 'ସହାୟତା ଟ୍ରଷ୍ଟ' ମାଧ୍ୟମରେ ଡ. ମାୟା ଏହି କାର୍ଯ୍ୟ କରୁଛନ୍ତି। ଆନାସ୍ଥେସିଓଲୋଜିଷ୍ଟ ଡ. ମାୟାଙ୍କ ଜନ୍ମ ଆଜ୍‌ମେରରେ। ଜୟପୁରର ସାୱାଇ ମାନ ସିଂ ହସ୍ପିଟାଲରେ କାର୍ଯ୍ୟକରି ୧୯୮୫ରେ ଅବସର ନେବା ପରେ ପାଖାପାଖି ୩୦ ବର୍ଷ ହେବ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ସଡ଼କ ସୁରକ୍ଷା ଉପରେ ପ୍ରଶିକ୍ଷଣ ଦେବା ଲାଗି ପ୍ରଥମେ ରାଜସ୍ଥାନ ପୋଲିସ ଏକାଡେମୀ ତାଙ୍କୁ ଅନୁରୋଧ କରିଥିଲା ଓ ସେମାନଙ୍କୁ ପ୍ରଶିକ୍ଷଣ ଦେବା ଥିଲା ତାଙ୍କର ପ୍ରଥମ ଅଭିଯାନ। ଏହା ପରଠାରୁ ସେ ଦେଶର ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଡ଼କ ସୁରକ୍ଷା ଓ ଦୁର୍ଘଟଣାରେ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ମାଗଣାରେ ପ୍ରଶିକ୍ଷଣ ଦେଇ ଚାଲିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୫ ସେପ୍ଟେମ୍ବର ୧୯୭୫

- ଆରବ ଅଧିକୃତ ଅଞ୍ଚଳରୁ ଇସ୍ରାଏଲ ହଟିଯିବାକୁ ଦାବି ଜଣାଇ ଆରବ ରାଷ୍ଟ୍ରମାନେ ଆନ୍ତଃ ପାର୍ଲାମେଣ୍ଟାରୀ ସମ୍ମିଳନୀରେ ଆଗତ କରିଥିବା ଏକ ପ୍ରସ୍ତାବ ବିରୁଦ୍ଧରେ ଆମେରିକା ଓ ବ୍ରିଟେନ ସମେତ ପାଶ୍ଚାତ୍ୟ ରାଷ୍ଟ୍ରମାନେ ଭୋଟ ଦେଇଛନ୍ତି।
- ବନ୍ୟା ବିପଦ ସମ୍ପର୍କରେ ଭାବୀ ସୂଚନା ଦେବା ଏବଂ କଳନା କରିବାର ଏକ ନୂତନ କୌଶଳ ସମ୍ପ୍ରତି ବ୍ରିଟେନରେ ହୋଇଥିବା ଏକ ଅନୁଧ୍ୟାନ ଫଳରେ ଉଦ୍ଭାବିତ ହୋଇଥିବା ଜଣାପଡ଼ିଛି।
- ଭାରତୀୟ ତୈଳ ଓ ପ୍ରାକୃତିକ ଗ୍ୟାସ୍ କମିଶନ ଇରାକର ଦକ୍ଷିଣାଞ୍ଚଳରେ ଭୂକମ୍ପନ ସର୍ଭେ କରିବା ପାଇଁ ଇରାକ ଜାତୀୟ ତୈଳ କମ୍ପାନୀ ସହ ଚୁକ୍ତିବଦ୍ଧ ହୋଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଭାଗବତ ଟୁଙ୍ଗିର ପୁନରୁଦ୍ଧାର ହେଉ

ମହାଶୟ,

ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବାକୁ ଗତ ସରକାର ଅମଳରେ ନିଷ୍ପତ୍ତି ନିଆଯାଇ ଅର୍ଥ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ଗତ ଦଶବର୍ଷ ମଧ୍ୟରେ ସବୁ ଗ୍ରାମରେ ଏ ପର୍ଯ୍ୟନ୍ତ ସମ୍ଭବପର ହୋଇ ପାରିନାହିଁ। ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ସଂସ୍କୃତି ବିଭାଗ ଜରିଆରେ ପ୍ରତିବର୍ଷ ୨୫ ହଜାର ଟଙ୍କା ମଞ୍ଜୁର କରୁଥିଲେ ମଧ୍ୟ ଗତ ୧୦ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରି ନାହିଁ। ପ୍ରତି ବ୍ଲକରେ ଏ ଦିଗରେ ବ୍ୟୟ କରାଯିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ଲକ ଆକାଉଣ୍ଟରେ ରହିଛି। ବ୍ଲକ ପ୍ରଶାସନର ଆନ୍ତରିକତା ଅଭାବରୁ ଅର୍ଥ ଥାଇ ମଧ୍ୟ ଭାଗବତ ଗାଦି ପାଇଁ ଗୃହ ନିର୍ମାଣ ଓ ପୁନରୁଦ୍ଧାର କାର୍ଯ୍ୟ ସମ୍ଭବ ହୋଇନାହିଁ। ନୂତନ ସରକାର କାଳବିଳମ୍ବ ନ କରି ପୁରାତନ ଭାଗବତ ଟୁଙ୍ଗି ପାଇଁ ଆବଶ୍ୟକ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇଦେଲେ ଲୋକମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଗ୍ରାମରେ ଏକତା, ସଂହତି ବୃଦ୍ଧି ପାଇବ ଏଥିରେ ସନ୍ଦେହ ନାହିଁ।

– ନିର୍ମଳଚନ୍ଦ୍ର ସାମଲ, ବଡ଼ଚଣା, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ତରୁପୁଞ୍ଜ କି ଧିଆନେ ରହିଥିଲା ତବଧ
ଛାୟା ଅଙ୍ଗେ ଅଙ୍ଗ ଢାଳି, ନ ଥିଲା ତ ଶବଦ
ଜୋଛନାର ସଙ୍ଗତେ ମୃଦୁ ମଧୁ ହିଲ୍ଲୋଳ
ଦୂର ନଦୀ ବାଲୁକାରେ କରୁଥିଲା ବିକଳ,
ମନେ ମନେ ପୀରତିରେ ବରୁଥିଲା ରଜନୀ
ତୁମେ କିମ୍ପା ଧୀର ପଦେ ଉଭାହେଲ ସଜନୀ !
(ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭାରତର ଯୁବଶକ୍ତି ପରିବର୍ତ୍ତନ ବାହକ



ବିଶିଷ୍ଟ ଆଧାତ୍ମିକ ଚିନ୍ତକ ଡ. ଚନ୍ଦ୍ରଭାନୁ ଶତପଥୀଙ୍କୁ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଉଛି। ରାଜ୍ୟପାଳ ରଘୁବର ଦାସଙ୍କ ସହ ଅନ୍ୟ ଅତିଥିମାନେ ଉପସ୍ଥିତ ଅଛନ୍ତି।

## କିଟ୍ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ ଉତ୍ସବ

■ ୪ କ୍ଷେତ୍ରରେ ୪ ବ୍ୟକ୍ତିତ୍ୱଙ୍କୁ ଡକ୍ଟରେଟ ଡିଗ୍ରୀ ■ ୫୯ ଛାତ୍ରୀଛାତ୍ରଙ୍କୁ ପଦକ ପ୍ରଦାନ

ଭୁବନେଶ୍ୱର,୧୪।୯ (ଶର୍ମିଷ୍ଠା ପାଣିଗ୍ରାହୀ)

ଯୁବଶକ୍ତି ହେଉଛି ଦେଶର ସବୁଠୁ ବଡ଼ ଶକ୍ତି। ଭବିଷ୍ୟତର ମୂଳଦୁଆ। ଏହି ଯୁବଉର୍ଜା, ଉତ୍ସାହ ଓ ନବସର୍ଜନା ସହ ଭାରତ ଆଜି ବିଶ୍ୱରେ ସଫଳତାର କାହାଣୀ ଲେଖିଚାଲିଛି। ଭାରତର ଯୁବଶକ୍ତି ହେଉଛନ୍ତି ପରିବର୍ତ୍ତନ ବାହକ। ଏକ ସମୃଦ୍ଧ ଭାରତ ଗଠନରେ ଯୁବଶକ୍ତିଙ୍କ ଅଗ୍ରଣୀ ଭୂମିକା ରହିଛି ବୋଲି ରାଜ୍ୟପାଳ ରଘୁବର ଦାସ କହିଛନ୍ତି। ଶନିବାର କିଟ୍ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଛାତ୍ରୀଛାତ୍ରଙ୍କ ସଫଳତା ସମାଜର ଅନ୍ୟମାନଙ୍କୁ ଉପରକୁ ଉଠାଇବା ସହ ସମାଜରେ ସାର୍ଥକ ପରିବର୍ତ୍ତନରେ ନିହିତ ରହିଛି। ଏହାକୁ ପ୍ରଥମେ ନିଜ ପରିବାର ଓ ସମାଜରୁ ଆରମ୍ଭ କରିବା ସହ ବାସ୍ତବ ଜୀବନରେ ପାଦ ଦେବାବେଳେ ସମାଜର ସବୁଠାରୁ ଗରିବ, ନିଷ୍ପେସିତ ଓ ଅବହେଳିତ ଲୋକଙ୍କ କଥା ଚିନ୍ତା କରି ସେମାନଙ୍କୁ ସାହାଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଆଭାସୀ ମାଧ୍ୟମରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ୟୁକ୍ରେନ୍‌ର ଶାନ୍ତି ନୋବେଲ ବିଜେତା ଓଲେକସାଣ୍ଡ୍ରା ମାଟ୍‌ଭିଚକ୍ କହିଲେ, ଖୁବ୍ ଅଳ୍ପ ସମୟ ମଧ୍ୟରେ କିଟ୍ ଭାରତ ତଥା ବିଶ୍ୱର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଭାବେ ପ୍ରସିଦ୍ଧି ଲାଭ କରିପାରିଛି। ଏଭଳି ଏକ ଶିକ୍ଷାନୁଷ୍ଠାନ ଗଢ଼ିବା ଏବଂ ଅସମାନତା ଦୂର କରିବା କ୍ଷେତ୍ରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ ପ୍ରଶଂସନୀୟ। ଜଣେ ସାଧାରଣ ଲୋକ ସମାଜରେ ସୁଦୂରପ୍ରସାରୀ ପ୍ରଭାବ ପକାଇବା ସହ ଅସାଧାରଣ କାମ କରିପାରେ ବୋଲି ଏଥିରୁ ପ୍ରମାଣିତ ବୋଲି ସେ କହିଥିଲେ।

ଏହି ଅବସରରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ହାଇଦ୍ରାବାଦସ୍ଥିତ ଏସିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଏଆଇଜି ହସ୍ପିଟାଲର ଅଧ୍ୟକ୍ଷ ଡ. ଡି. ନାଗେଶ୍ୱର ରେଡ୍ଡୀ, ଆଧାତ୍ମିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଶିଷ୍ଟ ଆଧାତ୍ମିକ ଚିନ୍ତକ ଡ. ଚନ୍ଦ୍ରଭାନୁ ଶତପଥୀ, ଟେକ୍ନୋଲୋଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ପୁନେସ୍ଥିତ କେପିଆଇଟି ଟେକ୍ନୋଲୋଜିର ସହ-ପ୍ରତିଷ୍ଠାତା କିଶୋର ପାଟିଲ ଏବଂ କ୍ରୀଡ଼ାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଓଡ଼ିଶା ଆଥ୍‌ଲେଟିକ ସଂଘ ଓ ଓଡ଼ିଶା ଫୁଟ୍‌ବଲ ସଂଘର ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିଲା।

ଚଳିତବର୍ଷ ମୋଟ ୭୨୮୩ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ, ୫୪୫୫ ଜଣଙ୍କୁ ସ୍ନାତକ, ୧୫୯୭ ଜଣଙ୍କୁ ସ୍ନାତକୋତ୍ତର ଓ ୧୮୬ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତ୍ୱ ହାସଲ କରିଥିବା ୫୯ଜଣ ଛାତ୍ରୀଛାତ୍ରଙ୍କୁ ପଦକ ପ୍ରଦାନ କରାଯାଇଥିଲା। ୩ ଜଣଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ, ୨୬ ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣପଦକ, ୨୭ ଜଣଙ୍କୁ କୁଳପତି ରୌପ୍ୟ ପଦକ ଏବଂ ଅନ୍ୟ ୩ ଜଣଙ୍କୁ ନନିବାଳା ସ୍ମୃତି ସ୍ୱର୍ଣ୍ଣ ପଦକ, ପି. କେ. ବଳ ସ୍ମୃତି ସ୍ୱର୍ଣ୍ଣ ପଦକ ଓ ପିପିଏଲ ସ୍ୱର୍ଣ୍ଣ ପଦକ ଦିଆଯାଇଥିଲା।

କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ସାମନ୍ତ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ ପରିଜା ସଭାପତିତ୍ୱ ଅଭିଭାଷଣରେ ଦୂରଦୃଷ୍ଟି, କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତ ମନୋଭାବର ପ୍ରତୀକ କିଟ୍ ବୋଲି କହିଥିଲେ। କୁଳପତି ପ୍ରଫେସର ଶରଣଜିତ ସିଂହ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର୍.ଏନ୍. ଦାଶ, ପୂର୍ବତନ କୁଳାଧିପତି ପ୍ରଫେସର ଏନ୍.ଏଲ୍. ମିତ୍ର, ପ୍ରଫେସର ବେଦ ପ୍ରକାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଇଞ୍ଜିନିୟର୍ସ ଦିବସର ଅନୁଚିନ୍ତା



ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟ

**ବୈ**ଷୟିକ ବିଜ୍ଞାନ କ୍ଷେତ୍ରରେ ସର୍ବୋଚ୍ଚ ଡିଗ୍ରୀଧାରୀ ଭାରତବର୍ଷର ଜଣେ ମହାନ କୃତୀ ସନ୍ତାନ ହେଉଛନ୍ତି ଇଞ୍ଜିନିୟର ସାର୍ ମୋକ୍ଷଗୁଣ୍ଡମ୍ ବିଶ୍ୱେଶ୍ୱରାୟ। ୧୮୬୧ ସେପ୍ଟେମ୍ବର ୧୫ ରେ ଜନ୍ମଗ୍ରହଣ କରିଥିବା ଏହି ଖ୍ୟାତନାମା ବୈଷୟିକ ବିଜ୍ଞାନୀ ନିଜର କର୍ମକୁଶଳ ଦ୍ୱାରା ପ୍ରତିଟି ଭାରତୀୟଙ୍କ ମନରେ ଛାପ ଛାଡ଼ି ୧୯୬୨ ଏପ୍ରିଲ ୧୪ରେ ଇହଲୀଳା ସମ୍ବରଣ କରନ୍ତି। ନିଜ ଜନ୍ମ ମାଟିରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ୧୮୭୬ରେ ବାଙ୍ଗାଲୋର କେନ୍ଦ୍ରୀୟ ମହାବିଦ୍ୟାଳୟରୁ ଶିକ୍ଷା ଏବଂ ପରେ ୧୮୮୦ – ୧୮୮୩ ପୁଣେ ସ୍ଥିତ କଲେଜ ଅଫ୍ ସାଇନ୍ସରୁ ଇଞ୍ଜିନିୟରିଂରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ବମ୍ବେ ବିଶ୍ୱବିଦ୍ୟାଳୟକୁ ଗୌରବ ମଣ୍ଡିତ କଲେ। ସେଇଠୁ ଆରମ୍ଭ ହେଲା ବୈଷୟିକ କ୍ଷେତ୍ରରେ ଭାରତରେ ବୈପ୍ଳବିକ ପରିବର୍ତ୍ତନ। ଜାତୀୟ ଜଳସେଚନ କମିଶନଙ୍କ ଅନୁରୋଧ କ୍ରମେ ୧୯୦୧ ଠାରୁ ୧୯୦୩ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଅଞ୍ଚଳ ଭ୍ରମଣ କରି ଜଳସେଚନ କାର୍ଯ୍ୟ ନିମନ୍ତେ ବିସ୍ତୃତ ଯୋଜନା ପ୍ରସ୍ତୁତ କଲେ। ବମ୍ବେ ସରକାରଙ୍କ ଅଧୀନରେ ୨୩ ବର୍ଷ କର୍ମମୟ ଜୀବନରୁ ଅବ୍ୟାହତି ନେଇ ବୈଦେଶିକ ଜ୍ଞାନକୌଶଳ ଆହରଣ କରିବା ପାଇଁ ପୃଥିବୀର ବିଭିନ୍ନ ଦେଶ ଗସ୍ତ କରିଥିଲେ। ଭାରତ ଫେରିବା ପରେ ବିଶ୍ୱେଶ୍ୱରାୟ ମୁଖ୍ୟଯନ୍ତ୍ରୀ ପଦବୀରେ ଅଧିଷ୍ଠିତ ହୋଇ ନଦୀ ବହୁଳ ଭାରତବର୍ଷରେ ପ୍ରତି ବର୍ଷ ବନ୍ୟା ଯୋଗୁ ଜନସାଧାରଣ ଭୋଗୁଥିବା ନାହିଁ ନଥିବା ବନ୍ୟା ଅସୁବିଧା ଓ ତଜ୍ଜନିତ କଷ୍ଟ ଦାଉରୁ ରକ୍ଷା ନିମନ୍ତେ ଆରମ୍ଭ କରିଲେ ନଦୀବନ୍ଧ ଯୋଜନା।

ଦେଶର ପ୍ରଥମ ବହୁମୁଖୀ ନଦୀବନ୍ଧ ଯୋଜନା କାବେରୀ ନଦୀରେ କୃଷ୍ଣରାଜ ସାଗର ତାଙ୍କର ମାନସ ସନ୍ତାନ। ଜାତିର ଜନକ ମହାତ୍ମା ଗାନ୍ଧୀ ବନ୍ୟା ପ୍ରପୀଡ଼ିତ ଓଡ଼ିଶାବାସୀଙ୍କ ଅବସ୍ଥା ଅନୁଧ୍ୟାନପୂର୍ବକ ପ୍ରତିକାର ନିମନ୍ତେ ସାର ବିଶ୍ୱେଶ୍ୱରାୟଙ୍କୁ ଅନୁରୋଧ କରିଥିଲେ। ନିଜ ଖର୍ଚ୍ଚରେ ଓଡ଼ିଶା ଆସି ହୀରାକୁଦ ନଦୀବନ୍ଧ ଯୋଜନାର ନକ୍ସା ପ୍ରସ୍ତୁତ କରିଥିଲେ ବିଶ୍ୱେଶ୍ୱରାୟ। ସମଗ୍ର ଦେଶରେ ତାଙ୍କର ବିଭିନ୍ନ କୃତି ଓ କୀର୍ତ୍ତି ପାଇଁ ଆଧୁନିକ ଭାରତର ନିର୍ମାତା ନାମରେ ସେ ବିଖ୍ୟାତ ହୋଇଥିଲେ। ୧୯୫୫ରେ ଭାରତ ସରକାର ତାଙ୍କୁ ସର୍ବୋଚ୍ଚ ନାଗରିକ ସମ୍ମାନ 'ଭାରତ ରତ୍ନ ' ରେ ବିଭୂଷିତ କରିଥିଲେ। ବୈଷୟିକ ଜ୍ଞାନ ଧୀସମ୍ପନ୍ନ ତଥା ଭାରତମାତାର କୃତୀ ସନ୍ତାନ ବିଶ୍ୱେଶ୍ୱରାୟଙ୍କ ପବିତ୍ର ଜନ୍ମତିଥି ସେପ୍ଟେମ୍ବର ୧୫କୁ ଇଞ୍ଜିନିୟର୍ସ ଦିବସ ଭାବେ ୧୯୬୭ଠାରୁ ପାଳନ କରିବାକୁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ୨୦୨୪ ସେପ୍ଟେମ୍ବର ୧୫ ଇଞ୍ଜିନିୟର ଦିବସ ତା 'ର ସ୍ମୃତିରେ ଅନନ୍ୟ ସମୀକରଣ ସୃଷ୍ଟିକରି ଭାରତ ତଥା ଓଡ଼ିଶାର ଇଞ୍ଜିନିୟରମାନଙ୍କ ପାଇଁ ତେଜୋଦୀପ୍ତ ନୂତନ ସୂର୍ଯ୍ୟ ଆଣିବାର ବଜ୍ର ଶପଥ ନେଉ।

**– ଇଂ. ପ୍ରତ୍ୟୁଷ କୁମାର ବେହେରା**
ମୋ: ୭୫୦୪୦୮୧୮୬୩

# ଉତ୍ତମ ଶାସନ ପାଇଁ କୃତ୍ରିମ ବୁଦ୍ଧିମତ୍ତାର ଗୁରୁତ୍ୱ

**ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଆଜି**



ଗଣତନ୍ତ୍ର ବିଷୟରେ ସଚେତନତା ବୃଦ୍ଧି ପାଇଁ ମିଳିତ ଜାତିସଂଘର ସାଧାରଣ ସଭା ସେପ୍ଟେମ୍ବର ୧୫କୁ ୨୦୦୭ରେ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ଭାବରେ ଘୋଷଣା କରିଥିଲା। ସେପ୍ଟେମ୍ବର ୧୫, ୧୯୯୭ରେ ଆନ୍ତଃ ସଂସଦୀୟ ୟୁନିଅନ (ଆଇପିୟୁ) ଗଣତନ୍ତ୍ର ଉପରେ ବିଶ୍ୱବ୍ୟାପୀ ଘୋଷଣାନାମା ଗ୍ରହଣ କରିଥିଲା। ଏହାର ଦଶ ବର୍ଷ ପୂର୍ତ୍ତି ପାଳନ ଅବସରରେ ଉକ୍ତ ଦିବସର ସ୍ମରଣ ଲାଗି ଏହି ତାରିଖ ଚୟନ କରାଯାଇଥିଲା। ୨୦୦୮ରୁ ପାଳିତ ହୋଇଆସୁଥିବା ଏହି ଦିବସ ସମଗ୍ର ବିଶ୍ୱରେ ଗଣତନ୍ତ୍ରର ସ୍ଥିତି ସମୀକ୍ଷା କରିବାର ଏକ ଅବସର ଆଣିଥାଏ। ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ ଥିମକୁ ନେଇ ଏହା ପାଳନ କରାଯାଇଥାଏ।। ଚଳିତବର୍ଷ ଲାଗି ଥିମ୍ ରହିଛି 'ଉତ୍ତମ ଶାସନ ପାଇଁ ଏକ ଉପକରଣ ଭାବେ କୃତ୍ରିମ ବୁଦ୍ଧିମତ୍ତାର ଗୁରୁତ୍ୱ'। ତେବେ ଏହି ଦିବସ ମୁକ୍ତ ମତ, ନାଗରିକ ସ୍ୱାଧୀନତା ଏବଂ ଆଇନର ଶାସନକୁ ଗୁରୁତ୍ୱ ଦେବା ପାଇଁ ଏକ ସୁଯୋଗ ଆଣିଥାଏ। ଏଥିସହ ମାନବିକ ଅଧିକାରର ସୁରକ୍ଷା ଏବଂ ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରିଥାଏ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-TLHR-405, ତା.09.09.2024ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍‌ନାଲ/ତାଳଚେର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000.00 କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍‌ନାଲିଂ ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 84,11,793.80, EMD (₹) : 1,68,200.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.17.09.2024 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.10.2024 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-520/P/24-25


# ଝାଡ଼ାବାନ୍ତିରେ ଆଉ ଜଣଙ୍କ ମୃତ୍ୟୁ

■ ମୃତ୍ୟୁ ସଂଖ୍ୟା ୬କୁ ବୃଦ୍ଧି
■ ଜଣେ ଗୁରୁତରଙ୍କୁ ମାଲକାନଗିରି ସ୍ଥାନାନ୍ତର

ମାଥିଲି,୧୪।୯ (ସୁବାସ ଚନ୍ଦ୍ର ଖୁଣ୍ଟୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ୍‌ରେ ଝାଡ଼ାବାନ୍ତି ରୋକିବାରେ ଡାକ୍ତରୀ ଟିମ୍ ଗାଁକୁ ଗାଁକୁ ଯାଇ ଚିକିତ୍ସା କରିବା ସହ ଲୋକଙ୍କୁ ସଚେତନ କରୁଥିଲେ ମଧ୍ୟ ଥମିବା ଦେଖାଯାଉ ନାହିଁ। ଦିନକୁ ଦିନ ଜଣେ ପରେ ଜଣେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ମୁଣ୍ଡ ଗଡୁଛି। ଗୁରୁବାର ଓ ଶୁକ୍ରବାର ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଭୋରୁ ଆଉ ଜଣଙ୍କର ମୃତ୍ୟୁ ଘଟି ସଂଖ୍ୟା ୬ରେ ପହଞ୍ଚିଛି।

ଶୁକ୍ରବାର କର୍ତ୍ତନପାଲି ପଞ୍ଚାୟତ ଲୁଲେର ଗ୍ରାମର ସୁବର୍ଣ୍ଣା ନାୟକ(୩୨)ଙ୍କର ଝାଡ଼ାବାନ୍ତି ହେବାରୁ ତାଙ୍କୁ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଭୋର ପ୍ରାୟ ୪ ଟାରେ ତାଙ୍କର ମୃତ୍ୟୁ ହୋଇଛି। ସୁବର୍ଣ୍ଣାଙ୍କ ୩ ସନ୍ତାନ ଥିବା ବେଳେ ସାନ ପୁଅ ମାତ୍ର ୮ ମାସର। ଆଉ ଜଣେ ସେହି ଗ୍ରାମର ଚନ୍ଦ୍ର ଗୌଡ଼ (୧୮) ଝାଡାବାନ୍ତି ହେବାରୁ ମାଥିଲି ମେଡିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ମାଲକାନଗିରି ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏବେ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ଗ୍ରାମର ୧୫ରୁ ଅଧିକ ଆକ୍ରାନ୍ତ ଚିକିତ୍ସିତ ହେଉଛନ୍ତି।

ଲୋକେ ବିଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହେଉଥିବା ଦେଖାଯାଉଛି। ପ୍ରବଳ ବର୍ଷା ସହ ଗାଁରେ ଅପରିଷ୍କାର ପରିବେଶ ଯୋଗୁ ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୀର୍ଘ ବର୍ଷହେବ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଘୋଷଣା କରାଯାଇଥିଲେ ମଧ୍ୟ ଶଯ୍ୟା ସଂଖ୍ୟା ୩୦ରେ ସୀମିତ ରହିଛି। ମାଥିଲି ବ୍ଲକର ୨୦ ପଞ୍ଚାୟତ ଓ ଖଇରପୁଟ ବ୍ଲକ ଲୋକେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଛନ୍ତି। ରୋଗୀଙ୍କୁ ଆବଶ୍ୟକ ବେଡ୍ ମିଳୁ ନ ଥିବାରୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।


**Office of the Executive Engineer, Support Services Division,**
2nd Floor, Dam Safety Building, Secha Sadan, Bhubaneswar - 751001
E-mail : eessdivision@gmail.com

**QUOTATION CALL NOTICE NO.03/2024-25**

No.A-295: Sealed quotations are invited from eligible Firms, Suppliers and Dealers etc. to supply of the items as mentioned below. The interested quotationers shall submit the quotations through off-line mode in the O/o Executive Engineer, Support Services Division, Bhubaneswar on or before 27.09.2024, 04.00 PM, as per the specifications and terms & conditions provided in the quotation format which will be available in the O/o the Executive Engineer, Support Sevices Division, Bhubaneswar from 10.00 AM of 17.09.2024 to 03.00 PM of 27.09.2024 on payment of Rs. 100/- (Rupees One Hundred) only.

| Sl. No. | Name of Work | Item | Paper Cost (Non Refundable) | Quotation Call Notice No. |
|---|---|---|---|---|
| 1 | Procurement of Desktop Computers and UPS for the official use of different officers under the establishment of the Executive Engineer, Support Services Division, BBSR | 11 Nos. | Rs. 100.00 | 03(1)/2024-25 |
| 2 | Supply of Seven nos. of Air conditioner for Asst. to EIC, P&D, Room No.-137, SO Cash Branch, Director ISWI South (Room No.-328), SO Monitoring Branch (Room No.-306), in the O/o Engineer-in-Chief, WR, BBSR | 07 Nos. | Rs. 100.00 | 03(2)/2024-25 |

Sd./-
Executive Engineer,
Support Services Division,
Bhubaneswar

OIPR-32447/11/0007/2425



OFFICE OF THE PRINCIPAL
**MAHAMAYEE MAHILA MAHAVIDYALAYA**
GANDHI NAGAR, BERHAMPUR (Gm), Odisha
e-mail : mmmahavidyalaya@gmail.com

No.1011/MMM/24 Dt.14.09.2024

**TENDER CANCELLATION NOTICE**

Tender Call Notice for supply of "Library Books" under CBCS Syllabus for various departments of this College published in Odia Daily SAMAJA & DHARITRI on 18.07.2024 vide Memo No. 712(3)/24 dated 16th July 2024 is hereby **CANCELLED** due to introduction of NEP-2020 from the Academic Session 2024-25.

Fresh Tender would be invited through the Website **www.mmmv.in** and local newspaper publication.

**Sd./- Principal**
**Mahamayee Mahila Mahavidyalaya**
**Gandhi Nagar, Berhampur**




(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଜ ହୁଁ ଏଡ଼େ**
**ପାଣି ପଡ଼ିଲେ ଏ ନ ହେବ କେଡ଼େ !**

ପିଲାଟି ଦିନରୁ ଏତେ ଭଲ ଗୁଣର ଅଧିକାରୀ। ବଡ଼ ହେଲେ ବୁଦ୍ଧି ପଶିଗଲେ ଆଉ କେତେ ଭଲ ଗୁଣର ଅଧିକାରୀ ନ ହେବ ବୋଲି କଳ୍ପନା। ଅନ୍ୟ ଅର୍ଥରେ କମ୍ ବୟସରେ ଯିଏ ଉଦ୍‌ବାର୍ଯ୍ୟ ହେଉଛି, ଆଗକୁ ସିଏ କ'ଣ ନ ହେବ ସେନେଇ ଆଶଙ୍କା ପ୍ରକାଶ ପାଇବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଳି ରାଇଜର କେନ୍ଦୁ**
**ଆଳିଆ ନେଖାରେ ପାଳିଆ ବନ୍ଧୁ**
**କେତେ ବାହୁନେଇ କାନ୍ଦୁ !**

ବନ୍ଧୁ ପ୍ରତି ମନରେ ସ୍ନେହ ସରାଗ ଭାବ ରହିବା ଶୋଭନୀୟ। ତାଙ୍କ ଭଲ ମନ୍ଦରେ ପାଖରେ ଛିଡ଼ାହେବା ଉଚିତ ହୋଇଥାଏ। ପରନ୍ତୁ ନିଜ ସୁଖ ସୁବିଧା ପାଇଁ ଯେଉଁମାନେ ଲତା ଗୋଡା ଖଞ୍ଜି ସମ୍ବନ୍ଧ ସ୍ଥାପନ କରିଥାନ୍ତି, ସେଭଳି ଦୂର ସମ୍ପର୍କୀୟା ବନ୍ଧୁ ପାଇଁ ବ୍ୟସ୍ତ ବିବ୍ରତ ହେବାରେ କିଛି ଯଥାର୍ଥତା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ**



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଜଣେ ମାଓବାଦୀ ମୃତ, ୮ ଗିରଫ

ମାଲକାନଗିରି, ୧୪।୯(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ସୁକ୍‌ମା ଜିଲାରେ ଶନିବାର ପୋଲିସ ସହ ଗୁଳି ବିନିମୟ ଘଟି ଜଣେ ମାଓବାଦୀଙ୍କର ମୃତ୍ୟୁ ଘଟିଛି। ସୁକ୍‌ମା ଜିଲା ଚିନ୍ତାଗୁଫା ଥାନା ଅନ୍ତର୍ଗତ ଜଙ୍ଗଲ ତୁମାଲପାଡ ଅଞ୍ଚଳରେ ପୋଲିସର କୋମ୍ବିଂ ଚାଲିଥିବା ବେଳେ ଉକ୍ତ ଜଙ୍ଗଲରେ ମାଓବାଦୀମାନଙ୍କ ବୈଠକ ବସିଥିବା ଜଣାପଡିଥିଲା। ପୋଲିସ ଆସିବା ଦେଖି ମାଓବାଦୀମାନେ ତାଙ୍କ ଉପରକୁ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ପୋଲିସ ମଧ୍ୟ ଗୁଳି ଚାଳନା କରିଥିଲା। ଏଥିରେ ଜଣେ ସନ୍ଦିଗ୍ଧ ମାଓବାଦୀଙ୍କର ମୃତ୍ୟୁ ହୋଇଥିବା ବେଳେ ମୃତଦେହ ନିକଟରୁ ଗୋଟିଏ ଅସ୍ତ୍ର ସମେତ ବହୁ ସାମଗ୍ରୀ ଜବତ କରାଯାଇଛି।

ଅନ୍ୟପକ୍ଷରେ ୮ ମାଓବାଦୀଙ୍କୁ ପୋଲିସ ଗିରଫ କରିଛି। ସୁକ୍‌ମା ଜିଲା ଫୋର୍ସ, ଡିଆର୍‌ଜି, ବସ୍ତର ଫାଇଟର୍ ଏବଂ ସିଆର୍‌ପିଏଫ ବାହିନୀ ବକ୍ସପାଲୀଗ୍ରାମ ନିକଟରେ ତଲାସି କରୁଥିବାବେଳେ ଜଣଙ୍କ ଘରେ କେତେକ ମାଓବାଦୀ ଲୁଚି ରହିଥିବା ନେଇ ସୂଚନା ପାଇଥିଲା। ଏହାପରେ ସୁରକ୍ଷାକର୍ମୀ ସେଠାରେ ପହଞ୍ଚି ଘର ଭିତରୁ ୮ଜଣଙ୍କୁ ଗିରଫ କରିବା ସହ ବିପୁଳ ସାମଗ୍ରୀ ଓ ବିସ୍ଫୋରକ ଜବତ କରିଥିଲେ। ଗିରଫଙ୍କ ମଧ୍ୟରେ ଜଣେ ୧ ଲକ୍ଷ ପୁରସ୍କାର ଘୋଷିତ ମିଲିସିଆ କମାଣ୍ଡର ଥିବା ବେଳେ ସମସ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।


**DIRECTORATE OF AGRICULTURE & FOOD PRODUCTION, ODISHA** No.L-

**EXPRESSION OF INTEREST**

**SELECTION OF IMPANELMENT OF IMPLEMENTING AGENCY FOR IMPLEMENTATION OF "COMPREHENSIVE PROJECT ON RICE FALLOW MANAGEMENT IN ODISHA"**

**No.32653, Dated. 13.09.2024** : The Director of Agriculture & Food Production, Odisha, Agriculture & Farmers' Empowerment Department, Government of Odisha (The Client) invites sealed proposal from eligible bidders (Agencies/organizations) for Engagement of Implementing Agency for implementation of **"Comprehensive Project on Rice Fallow Management"** in the State during Rabi season of FY 2024-25. More details on the proposed programme are provided in Section - 3: Terms of Reference of this EoI Document.

The EoI document is available and can be downloaded from the website **agrisnetodisha.ori.nic.in / agriodisha.nic.in.**

The proposal complete in all respect must reach the undersigned by Speed Post / Registered Post to **The Director of Agriculture & Food Production, Krushi Bhawan, Gopabandhu Marg Bhubaneswar, Odisha PIN-751001 latest by 01.10.2024 up to 02:00 PM.**

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

**sd/-**
**Director of Agriculture & Food Production, Odisha**

OIPR-01510/11/0012/2425



GOVERNMENT OF ODISHA E-mail: rwdmohana@gmail.com
**OFFICE OF THE SUPERINTENDING ENGINEER**
**RURAL WORKS DIVISION, MOHANA**
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 03/MOHANA/2024-25**
No.O-280

1. Name of the work: Building works. 2. Total No. work: 04 (Four) Nos. 3. Estimated cost: 24.42 Lakhs to 44.95 Lakhs. 4. Class of contractor : As per Annexure. 5. Period of completion: As per Annexure. 6. Other details:

| Procurement Officer | Bid Identification No. | No. of Works | Availability of tender online for bidding | | Last date & time of seeking tender clarification | Date & time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Division, Mohana | Online Tender 03/ MOHANA/ 2024-25 | 4 (Four) Nos. | 24.09.2024 from 11.00 A.M. | 04.10.2024 upto 5.00 P.M. | 01.10.2024 upto 5.00 P.M. | 05.10.2024 at 11.00 A.M. |

Further details can be seen from the Website **www.tenderodisha.gov.in**
**Sd./- Superintending Engineer, R.W. Division, Mohana**
OIPR-25148/11/0003/2425





**ଟାଟାନଗର-ବ୍ରହ୍ମପୁର ଏବଂ ହାଓଡ଼ା-ରାଉରକେଲା ବନ୍ଦେ ଭାରତ ଏକ୍ସପ୍ରେସ୍‌ର ଶୁଭାରମ୍ଭ**

**୨୦୮୯୧/୨୦୮୯୨ ଟାଟାନଗର-ବ୍ରହ୍ମପୁର-ଟାଟାନଗର ବନ୍ଦେ ଭାରତ ଏକ୍ସପ୍ରେସ୍‌ର** ଚଳାଚଳ **ତା୧୫।୦୯।୨୦୨୪ରିଖ** ଦିନ ଶୁଭାରମ୍ଭ ହେବ। ଉପରୋକ୍ତ ଟ୍ରେନ୍‌ଗୁଡ଼ିକର ନିୟମିତ ଚଳାଚଳ **ତା୧୮।୦୯।୨୦୨୪ରିଖ** ଦିନ **ଟାଟାନଗର**ରୁ ଏବଂ **ତା୧୯।୦୯।୨୦୨୪ରିଖ** ଦିନ **ବ୍ରହ୍ମପୁର**ରୁ ନିମ୍ନପ୍ରଦତ୍ତ ସମୟସୂଚୀ ଅନୁଯାୟୀ ଆରମ୍ଭ ହେବ:

**ଟାଟାନଗରରୁ ଟ୍ରେନ୍ ନଂ. ୨୦୮୯୧ ଭାବେ, ମଙ୍ଗଳବାରକୁ ଛାଡ଼ି ସପ୍ତାହରେ ୬ ଦିନ ତା୧୮।୦୯।୨୦୨୪ରିଖଠାରୁ**

**ବ୍ରହ୍ମପୁରରୁ ଟ୍ରେନ୍ ନଂ. ୨୦୮୯୨ ଭାବେ, ମଙ୍ଗଳବାରକୁ ଛାଡ଼ି ସପ୍ତାହରେ ୬ ଦିନ ତା୧୯।୦୯।୨୦୨୪ରିଖଠାରୁ**

| ୨୦୮୯୧ | | ଷ୍ଟେଶନ | ୨୦୮୯୨ | |
|---|---|---|---|---|
| ଆ. | ପ୍ର. | | ଆ. | ପ୍ର. |
| - | **୧୪.୫୦** | ↓ **ଟାଟାନଗର** | **୧୪.୨୦** | - |
| ୧୫.୫୫ | ୧୫.୫୭ | ଚାଇଁବାସା | ୧୩.୦୦ | ୧୩.୦୨ |
| ୧୭.୨୦ | ୧୭.୨୨ | ବାଂଶପାଣି | ୧୧.୨୮ | ୧୧.୩୦ |
| ୧୮.୨୦ | ୧୮.୨୫ | କେନ୍ଦୁଝରଗଡ଼ | ୧୦.୦୫ | ୧୦.୧୦ |
| ୧୯.୦୩ | ୧୯.୦୫ | ହରିଚନ୍ଦନପୁର | ୦୯.୧୮ | ୦୯.୨୦ |
| ୨୦.୦୫ | ୨୦.୦୭ | ଯଖପୁରା | ୦୮.୨୩ | ୦୮.୨୫ |
| ୨୧.୦୦ | ୨୧.୦୨ | କଟକ | ୦୭.୩୮ | ୦୭.୪୦ |
| ୨୧.୧୫ | ୨୧.୨୦ | ଭୁବନେଶ୍ୱର | ୦୭.୧୫ | ୦୭.୨୦ |
| ୨୧.୩୫ | ୨୧.୪୫ | ଖୋର୍ଦ୍ଧା ରୋଡ୍ | ୦୬.୪୦ | ୦୬.୫୦ |
| ୨୨.୪୩ | ୨୨.୪୫ | ବାଲୁଗାଁ | ୦୫.୪୩ | ୦୫.୪୫ |
| **୨୩.୫୫** | - | **ବ୍ରହ୍ମପୁର** ↑ | - | **୦୫.୧୫** |

**ଗଠନ:** ଏସି ଚେୟାର୍ କାର୍ (ସିସି)-୭ ଓ ଏକ୍‌ଜିକ୍ୟୁଟିଭ୍ କ୍ଲାସ୍ (ଇସି)-୧ = ୮ ଟି କୋଚ୍।

**୨୦୮୭୧/୨୦୮୭୨ ହାଓଡା-ରାଉରକେଲା-ହାଓଡା ବନ୍ଦେ ଭାରତ ଏକ୍ସପ୍ରେସ୍‌ର** ଚଳାଚଳ **ତା୧୫।୦୯।୨୦୨୪ରିଖ** ଦିନ ଶୁଭାରମ୍ଭ ହେବ। ଉପରୋକ୍ତ ଟ୍ରେନ୍‌ଗୁଡ଼ିକର ନିୟମିତ ଚଳାଚଳ ଉଭୟ ଦିଗ ଅର୍ଥାତ୍ **ହାଓଡା** ଓ **ରାଉରକେଲା**ରୁ **ତା୧୮।୦୯।୨୦୨୪ରିଖ**ରୁ ନିମ୍ନପ୍ରଦତ୍ତ ସମୟସୂଚୀ ଅନୁଯାୟୀ ଆରମ୍ଭ ହେବ:

**ହାଓଡାରୁ ଟ୍ରେନ୍ ନଂ. ୨୦୮୭୧ ଭାବେ, ମଙ୍ଗଳବାରକୁ ଛାଡ଼ି ସପ୍ତାହରେ ୬ ଦିନ ତା୧୮।୦୯।୨୦୨୪ରିଖଠାରୁ**

**ରାଉରକେଲାରୁ ଟ୍ରେନ୍ ନଂ. ୨୦୮୭୨ ଭାବେ, ମଙ୍ଗଳବାରକୁ ଛାଡ଼ି ସପ୍ତାହରେ ୬ ଦିନ ତା୧୮।୦୯।୨୦୨୪ରିଖଠାରୁ**

| ୨୦୮୭୧ | | ଷ୍ଟେଶନ | ୨୦୮୭୨ | |
|---|---|---|---|---|
| ଆ. | ପ୍ର. | | ଆ. | ପ୍ର. |
| - | **୦୬.୦୦** | ↓ **ହାଓଡା** | **୧୯.୪୦** | - |
| ୦୭.୩୦ | ୦୭.୩୨ | ଖଡ଼ଗପୁର | ୧୭.୫୮ | ୧୮.୦୦ |
| ୦୯.୧୫ | ୦୯.୨୦ | ଟାଟାନଗର | ୧୬.୦୫ | ୧୬.୧୦ |
| ୧୦.୦୮ | ୧୦.୧୦ | ଚକ୍ରଧରପୁର | ୧୫.୧୫ | ୧୫.୧୭ |
| **୧୧.୫୦** | - | **ରାଉରକେଲା** ↑ | - | **୧୩.୪୦** |

**ଗଠନ:** ଏସି ଚେୟାର୍ କାର୍ (ସିସି)-୭ ଓ ଏକ୍‌ଜିକ୍ୟୁଟିଭ୍ କ୍ଲାସ୍ (ଇସି)-୧ = ୮ ଟି କୋଚ୍।

(PR-604) **ମୁଖ୍ୟ ଯାତ୍ରୀ ପରିବହନ ପ୍ରବନ୍ଧକ**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ

# ବନ୍ଦେ ଭାରତ ଏକ୍ସପ୍ରେସ୍ ହରିଶଙ୍କରରୋଡ଼୍‌ରେ ରହଣି ଦାବି



ପରୀକ୍ଷାମୂଳକ ଭାବେ ଯାତ୍ରା କରୁଥିବା ବନ୍ଦେ ଭାରତ ଏକ୍ସପ୍ରେସ୍ ହରିଶଙ୍କର ରୋଡ୍ ଷ୍ଟେଶନ ଅତିକ୍ରମ କରୁଛି ।

**ଲାଠୋର, ୧୪ା୯ (ଭୁବନେଶ୍ୱର ବାରିକ)**

**ସୋମବାର ଦୁର୍ଗରୁ ବିଶାଖାପାଟଣାକୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ**

ବଲାଙ୍ଗୀର ଜିଲ୍ଲା ହରିଶଙ୍କରରୋଡ଼ ରେଳ ଷ୍ଟେଶନରେ ବନ୍ଦେ ଭାରତ ଏକ୍ସପ୍ରେସ ରହଣି ପାଇଁ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଏବଂ ଅଞ୍ଚଳର ଅଧିବାସୀ ଦାବି କରିଛନ୍ତି। ସମଗ୍ର ପାଟଣାଗଡ଼ ସବ୍‌ଡିଭିଜନ ଏବଂ ନୂଆପଡ଼ା ଜିଲା କୋମନା ବ୍ଲକର ଅଧିବାସୀ ଏହି ରେଳଷ୍ଟେଶନ ଉପରେ ନିର୍ଭର କରି ଚଳୁଛନ୍ତି। ନିକଟରେ ଏହି ଷ୍ଟେଶନ ଅମୃତ ଭାରତ ଷ୍ଟେଶନର ମାନ୍ୟତା ପାଇଛି। ବର୍ତ୍ତମାନ ଷ୍ଟେଶନର ଉନ୍ନତୀକରଣ ସକାଶେ ଜୋର୍‌ସୋର୍‌ରେ କାମ ଚାଲିଛି। ପ୍ରତିଦିନ ହରିଶଙ୍କର ରୋଡ଼ ରେଳ ଷ୍ଟେଶନରୁ ବିଭିନ୍ନ ରେଳ ଯୋଗେ ଦେଶର ବିଭିନ୍ନ ସ୍ଥାନକୁ ଜନସାଧାରଣ ନିଜ ନିଜ କାମରେ ଯିବା ଆସିବା କରୁଛନ୍ତି । ସୋମବାର ଦୁର୍ଗରୁ ବିଶାଖାପାଟଣାକୁ ଏକ ନୂତନ ରେଳ ବନ୍ଦେ ଭାରତ ଏକ୍ସପ୍ରେସ ଚଳାଚଳ ଆରମ୍ଭ କରିବ । ପରୀକ୍ଷାମୂଳକ ଭାବେ ଉକ୍ତ ଏକ୍ସପ୍ରେସକୁ ଶୁକ୍ରବାର ଦୁର୍ଗ ଠାରୁ ବିଶାଖାପାଟଣା ଅଭିମୁଖେ ଯାତ୍ରା କରାଯାଇଥିଲା। ସଫଳତାର ସହ ଏକ୍ସପ୍ରେସଟି ଯାତ୍ରା ସମ୍ପନ୍ନ କରି ଫେରିଛି। ଏହା ନିଶ୍ଚିତ ଭାବେ କେନ୍ଦ୍ର ସରକାରଙ୍କ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଥିପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜ୍ଞାପନ କରିଛନ୍ତି। ହେଲେ ଦୁଃଖର ବିଷୟ ହରିଶଙ୍କରରୋଡ୍ ରେଳ ଷ୍ଟେଶନରେ ଉକ୍ତ ଏକ୍ସପ୍ରେସର ରହଣି ନାହିଁ। ବିଶେଷ କରି ଅଞ୍ଚଳର ସାଧାରଣ ଲୋକଙ୍କ ସହ ରୋଗୀମାନେ ବିଶାଖାପାଟଣାରେ ଥିବା ବିଭିନ୍ନ ବଡ଼ ବଡ଼ ହସ୍ପିଟାଲକୁ ଚିକିତ୍ସା ପାଇଁ ଯାଉଛନ୍ତି। ସେଠାକୁ ରୋଗୀମାନେ କୋର୍ବା-ବିଶାଖପାଟଣା ଲିଙ୍କ ଏକ୍ସପ୍ରେସ ଯୋଗେ ଯାଉଥିବା ହେତୁ ସେମାନଙ୍କୁ ପ୍ରାୟ ୮ ଘଣ୍ଟା ସମୟ ଲାଗୁଛି। ଗୁରୁତର ରୋଗୀ ଚିକିତ୍ସା ପାଇଁ ଗଲା ବେଳକୁ ପରିସ୍ଥିତି ସଙ୍ଗୀନ ହୋଇ ପଡୁଛି। ଯଦି ବନ୍ଦେ ଭାରତ ଏକ୍ସପ୍ରେସ ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ରହଣି କରେ ତାହେଲେ ରୋଗୀମାନେ ପ୍ରାୟ ୪ ଘଣ୍ଟା ସମୟ ମଧ୍ୟରେ ବିଶାଖାପାଟଣାରେ ପହଞ୍ଚି ପାରିବେ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି। ରେଳ ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବନ୍ଦେ ଭାରତ ଏକ୍ସପ୍ରେସକୁ ହରିଶଙ୍କର ରୋଡ଼ ରେଳଷ୍ଟେଶନରେ ରହଣି ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଅଞ୍ଚଳବାସୀ ଏନେଇ ଏକ ଦାବିପତ୍ର ରେଳମନ୍ତ୍ରୀଙ୍କୁ ପ୍ରଦାନ କରିବାକୁ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

**ସେମାନେ ଯାହା କୁହନ୍ତି...**

" ଆମ ଷ୍ଟେଶନ ଦେଇ ବନ୍ଦେ ଭାରତ ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ ହୋଇଥିବା ହେତୁ ବଲାଙ୍ଗୀର ଏମ୍‌ପି ଏବଂ ରେଳମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରୁଛି । ଏଥିସହ ହରିଶଙ୍କରରୋଡ଼ ଷ୍ଟେଶନରେ ଏକ୍ସପ୍ରେସର ରହଣି ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରୁଛୁ ।

**ଘାସିରାମ ଅଗ୍ରୱାଲ, ଲାଠୋର , ବରିଷ୍ଠ ଭାଜପା କାର୍ଯ୍ୟକର୍ତ୍ତା**

" ବନ୍ଦେ ଭରତ ଏକ୍ସପ୍ରେସ୍ ହରିଶଙ୍କର ରୋଡ଼ ରେଳ ଷ୍ଟେଶନରେ ରହଣି କଲେ ସାଧାରଣ ଲୋକ ସୁବିଧା ପାଇବା ସହ ବିଶେଷ କରି ରୋଗୀମାନେ ଉପକୃତ ହୋଇପାରିବେ ।

**ସନ୍ତୋଷ କୁମାର ଭଇଁସାଲ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି, ଖପ୍ରାଖୋଲ ବ୍ଲକ**

" ଲୋକଙ୍କ ସୁବିଧା ଦୃଷ୍ଟିରୁ ବନ୍ଦେ ଭାରତ ଏକ୍ସପ୍ରେସ୍‌କୁ ହରିଶଙ୍କରରୋଡ଼ ରେଳ ଷ୍ଟେଶନରେ ରହଣି କରିବାକୁ ଆମେ ଦାବି କରୁଛୁ ।

**ସଂଯୁକ୍ତା ମେହେର ଜୋନ ନଂ ୩ ବିଜେଡି ଜିଲ୍ଲା ପରିଷଦ ସଭ୍ୟା**

" ହରିଶଙ୍କର ରୋଡ଼ ରେଳ ଷ୍ଟେଶନ ଅମୃତ ଭାରତ ଷ୍ଟେଶନ ମାନ୍ୟତା ପାଇ କାମ ଆରମ୍ଭ ହୋଇଯାଇଛି । ସେହି ଦୃଷ୍ଟି କୋଣରୁ ବନ୍ଦେ ଭାରତ ଏକ୍ସପ୍ରେସ୍ ଏଠାରେ ରହଣି କରିବା ଉଚିତ୍ ହେବ ।

**ଗୋବିନ୍ଦ କଲେତ, କଂଗ୍ରେସ ଦଳ ଖପ୍ରାଖୋଲ ବ୍ଲକ ସଭାପତି**

# ମୁରିବାହାଲ ବ୍ଲକସ୍ତରୀୟ ଖୋ ଖୋ ଓ କବାଡ଼ି ଚୟନ ଶିବିର



ଶିବିରରେ ଯୋଗ ଦେଇଥିବା ପ୍ରତିଯୋଗୀମାନେ ।

**ମୁରିବାହାଲ, ୧୪ା୯ (ଶ୍ରୀବତ୍ସ ବେହେରା)**

**୨୩ ଗୋଟି ବିଦ୍ୟାଳୟରୁ ୨୩୦ ପ୍ରତିଯୋଗୀଙ୍କ ଅଂଶଗ୍ରହଣ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକସ୍ତରୀୟ ଖୋ ଖୋ ଓ କବାଡି ଚୟନ ଶିବିର ଶନିବାର ଦିନ କସ୍ତୁରବା ଗାନ୍ଧୀ ବାଳିକା ଖେଳପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ୨୩ ଗୋଟି ବିଦ୍ୟାଳୟରୁ ୨୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁରିବାହାଲ ବ୍ଲକ କ୍ରୀଡ଼ା ସଂଘର ସମ୍ପାଦକ କୁବେର ଲାଲ ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ କ୍ରୀଡ଼ାର ଉପକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷକ ଥୟରାଜ ପ୍ରଧାନୀ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ତରୁଣ ପୋଡ଼, ବରିଷ୍ଠ ଶାରୀରିକ ଶିକ୍ଷକ ରମେଶ ଚନ୍ଦ୍ର ବିଶି ଓ ପ୍ରକାଶ ମହାନ୍ତି ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଏହାପରେ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳିକା ଓ ବାଳକ ବିଭାଗରେ ଖୋଖୋ ଓ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରୁ ଖୋ ଖୋରେ ଉଭୟ ବିଭାଗରୁ ୪୮ ଓ କବାଡ଼ିରେ ୪୦ ଜଣକୁ ଚୟନ କରାଯାଇଛି। ଖୋ ଖୋରେ ଚୟନ ହୋଇଥିବା ପ୍ରତିଯୋଗୀମାନେ ଆସନ୍ତା ୧୭ରୁ ୧୯ ତାରିଖ ପର୍ଯ୍ୟନ୍ତ ଦେଓଗାଁ ବ୍ଲକର ସୁରଧନ ହାଇସ୍କୁଲ କୁତୁଲାରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇପାରିବେ। ସେହିପରି କବାଡ଼ିରେ ବଙ୍ଗୋମୁଣ୍ଡା ଚମାର ମେହେର ହାଇସ୍କୁଲରେ ୨୨ରୁ ୨୪ ତାରିଖ ମଧ୍ୟରେ ହେବାକୁ ଥିବା ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇପାରିବେ। ଶାରୀରିକ ଶିକ୍ଷକ ସନ୍ତୋଷ ମେହେର, ମହନ ପ୍ରଧାନୀ, ବୀରେନ୍ଦ୍ର କଟୁଆ, ତିଲୋଚମ୍ପା ମାଝୀ, ଧର୍ମୁ ବାଗ ପ୍ରମୁଖ ପରିଚାଳନା କରିଥିବା ବେଳେ ବିନୋଦ କୁମାର ମହାପାତ୍ର ସଂଯୋଜନା କରିଥିଲେ। ରାଧେଶ୍ୟାମ ବଘାର ଧନ୍ୟବାଦ ଅର୍ପଣ କରିଥିଲେ।

**ସଂକ୍ଷେପରେ**

## ବସ୍ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ

**ବେଲପଡ଼ା, ୧୪ା୯ (ମନୋଜ କୁମାର ମିଶ୍ର)**

ବଲାଙ୍ଗୀର ଜିଲା ବେଲପଡା ତାରିଣୀ ମନ୍ଦିର ନିକଟରେ ମୁଖ୍ୟମନ୍ତ୍ରୀ ବସ୍ ଡ୍ରାଇଭର ଆଦିତ୍ୟ ବିଶ୍ୱାଳଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ସଂପୃକ୍ତ ଅଭିଯୁକ୍ତ ଜଣକ ଫେରାର ମାରିଛନ୍ତି। ପୋଲିସ ବେଲପଡ଼ା ଥାନା (ନଂ ୨୫୯)ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ବସ୍‌ର ଡ୍ରାଇଭର ଆଦିତ୍ୟ ଶୁକ୍ରବାର ସକାଳେ ବ୍ଲକ କାର୍ଯ୍ୟାଳୟରୁ ବାହାରି ସ୍ଥାନୀୟ ପେଟ୍ରୋଲ ପମ୍ପକୁ ପେଟ୍ରୋଲ ଭରିବାକୁ ଯାଇଥିଲେ। ସେହି ସମୟରେ ଏହି ବସ୍‌ର ପୂର୍ବତନ ଡ୍ରାଇଭର ପାଖକୁ ଆସି ତତେ କିଏ ଏହି ବସ୍ ଚଳାଇବାକୁ କହିଥିଲା ବୋଲି କହିବା ସହ ପାଟିତୁଣ୍ଡ କରିଥିଲେ। ପରେ ଏକ ଧରୁଆ ଅସ୍ତ୍ରରେ ଡ୍ରାଇଭର ଆଦିତ୍ୟଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରୁ ଆଦିତ୍ୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବେଲପଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣି ଚିକିତ୍ସା କରିଥିଲେ। ହେଲେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ଅପରପକ୍ଷରେ ଆକ୍ରମଣ କରିଥିବା ସଂପୃକ୍ତ ଡ୍ରାଇଭରଙ୍କୁ କୌଣସି କାରଣରୁ ଉକ୍ତ ବସ୍ ଚଳାଇବା ପାଇଁ ବିଭାଗ ତରଫରୁ ମନା କରାଯାଇଥିଲା। ତେଣୁ ବସ୍‌ରେ ଅନ୍ୟ ଡ୍ରାଇଭରଙ୍କୁ ଦେଖି ହିଂସା ପରାୟଣ ହୋଇ ଏହି ଆକ୍ରମଣ କରିଥିବା କୁହାଯାଉଛି ।

## ବ୍ଲକ ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଉପଜିଲାପାଳଙ୍କୁ ଅଭିଯୋଗ

**ମୁରିବାହାଲ, ୧୪ା୯ (ଶ୍ରୀବତ୍ସ ବେହେରା)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ମୁରିବାହାଲ ବ୍ଲକର ସରପଞ୍ଚ ଓ ସମିତି ସଭ୍ୟମାନେ ଟିଟିଲାଗଡ଼ ଉପ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଭାବରେ ଜଣାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମୁରିବାହାଲ ବ୍ଲକର ୧୫ ଜଣ ସମିତି ସଭ୍ୟ ଓ ୯ ଜଣ ସରପଞ୍ଚ ଟିଟିଲାଗଡ ଉପଜିଲାପାଳ ରେହାନ ଖେତ୍ରୀଙ୍କୁ ଶୁକ୍ରବାର ଲିଖିତ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଉପଜିଲାପାଳଙ୍କୁ ଦିଆଯାଇଥିବା ଲିଖିତ ପତ୍ର ମୁତାବକ ବ୍ଲକ ଉପାଧ୍ୟକ୍ଷା ଯାଜ୍ଞସେନୀ ହାତୀଙ୍କ ସଭାପତିତ୍ୱରେ ୧୫ ଜଣ ସମିତି ସଭ୍ୟାସଭ୍ୟ ଓ ୯ ଜଣ ସରପଞ୍ଚଙ୍କ ଏକ ଗୁପ୍ତ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷ ହରିବନ୍ଧୁ ମେହେରଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରିବା ସହ ଅନାସ୍ଥା ଆଗତ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

# ହରିଶଙ୍କରରେ ପ୍ରଦୂଷଣ ରୋକିବା ନେଇ ସଚେତନତା ଶିବିର

**ଖପ୍ରାଖୋଲ, ୧୪ା୯ (ଅଭୟ ତ୍ରିପାଠୀ)**

**କାଗଜ ଓ ପତ୍ର ବ୍ୟବହାର ଉପରେ ଗୁରୁତ୍ୱ**

ଖପ୍ରାଖୋଲ ବ୍ଲକର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ହରିଶଙ୍କର ମନ୍ଦିର ପରିସରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଜିଲା ପ୍ରଶାସନ ଓ ଜଙ୍ଗଲ ବିଭାଗର ମିଳିତ ଉଦ୍ୟମରେ ଓଜୋନ ଦିବସ ପାଳନ ଅବସରରେ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ର ଆଞ୍ଚଳିକ ଅଧିକାରୀ ବବିତା ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ପାଟଣାଗଡ ଉପ ଜିଲାପାଳ ଅମିତ କୁମାର ନାଏକ, ମୁଖ୍ୟବକ୍ତା ଭାବେ ବଲାଙ୍ଗୀର ଡିଏଫଓ ସୁଦର୍ଶନ ବେହେରା, ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ବଲାଙ୍ଗୀର ଏସିଏଫ ଜିତେନ୍ଦ୍ର କୁମାର ସାହୁ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ହରିଶଙ୍କର ମନ୍ଦିର ପରିଚାଳକ ଗୁପ୍ତେଶ୍ୱର କୁଅଁର ଯୋଗଦେଇ ପରିବେଶ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଓଜୋନ ଦିବସର ଆବଶ୍ୟକତା, ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ, ମନ୍ଦିର ଓ ଝରଣା କୂଳକୁ ପଲିଥିନ ଓ ପ୍ଲାଷ୍ଟିକ ବୋତଲ ମୁକ୍ତ କରିବାକୁ ଅତିଥିମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଜନସାଧାରଣ ଭାଗ ନେଇ ସ୍ୱଚ୍ଛତା ପାଇଁ ସମସ୍ତେ ହାତ ମିଳାଇବାକୁ କହିଥିଲେ। ପ୍ଲାଷ୍ଟିକ ବଦଳରେ କାଗଜ ଓ ପତ୍ର ବ୍ୟବହାର ଉପରେ ଗୁରୁତ୍ୱ ଆରୋପ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ହରିଶଙ୍କର ରେଞ୍ଜର ଅରବିନ୍ଦ ନାଏକ, ଲାଠୋର ରେଞ୍ଜର ଶୈଳେଶ କୁମାର ବିଶି, ବନପାଳ ସୁଧୀର କୁମାର ଜେନା, ରଞ୍ଜିତ କୁମ୍ଭାର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ତରାସ ମୁର୍ମୁ, ପ୍ରଭୁଦତ୍ତ ତ୍ରିପାଠୀ, ଅଂଶୁମାନ ମିଶ୍ର, ପ୍ରକାଶ ସା, ଲଳିତ ମହାପାତ୍ର, ବିଷ୍ଣୁ ଛତ୍ରିଆ, ସରୋଜ ମହଲା, ତହସିଲ ବାଗ, ଅଭୟ ତ୍ରିପାଠୀ, ତାପସ ରଞ୍ଜନ ବେହେରା, ଉମାକାନ୍ତ ପ୍ରଧାନ, ଜ୍ୟୋତି ରଞ୍ଜନ ପଣ୍ଡାଙ୍କ ସମେତ ଏସଏଚଜି ମହିଳା, ବନ କର୍ମଚାରୀ ଓ ସଚେତନ ନାଗରିକ ଉପସ୍ଥିତ ଥିଲେ।

## ହେଲ୍ପଡେସ୍କ କର୍ମଚାରୀ ଇଞ୍ଜେକଶନ ଦେବା ଭିଡିଓ ଭାଇରାଲ

**ଟିଟିଲାଗଡ଼, ୧୪ା୯ (ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଉପଖଣ୍ଡ ଚିକିତ୍ସାଳୟର ଜଣେ ରୋଗୀଙ୍କୁ ହେଲ୍ପ ଡ଼େସ୍କ ଲାଇନ କର୍ମଚାରୀ ଇଞ୍ଜେକଶନ ଦେବା ଭିଡିଓ ଭାଇରାଲ ହୋଇଛି। ପ୍ରକାଶ ଯେ, ଶନିବାର ଜଣେ ଯୁବକଙ୍କ ସ୍ୱାସ୍ଥ୍ୟ ଭଲ ନ ଥିବା ବେଳେ ଯନ୍ତ୍ରଣା ହେବାରୁ ସେ ଚିକିତ୍ସାଳୟର ଆଉଟଡୋରରେ ବସିଥିବା ଡାକ୍ତରଙ୍କୁ ଦେଖାଇ ଥିଲେ । ଡାକ୍ତର ଚିକିତ୍ସା ପରେ ସମ୍ପୃକ୍ତ ଯୁବକଙ୍କୁ ଇଞ୍ଜେକଶନ ନେବା ପାଇଁ କହିଥିଲେ । ଏହି ସମୟରେ ସେଠାରେ ନିୟୋଜିତ ଥିବା ହେଲ୍ପ ଡ଼େସ୍କ କର୍ମଚାରୀ ଜଣକ କରୋନା ସମୟରେ ବହୁତ ଲୋକଙ୍କୁ ଇଞ୍ଜେକଶନ ଦେଇଛି ବୋଲି ଡାକ୍ତରଙ୍କୁ କହି ଯୁବକ ଜଣଙ୍କୁ ଇଞ୍ଜେକ୍ସନ ଦେଇଥିବା ଜଣାଯାଇଛି । ହେଲ୍ପ ଡ଼େସ୍କରେ କାମ କରୁଥିବା କର୍ମଚାରୀଙ୍କୁ ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ସାହାଯ୍ୟ କରିବା, ଟିଟିଲାଗଡ଼ରୁ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ସ୍ଥାନାନ୍ତର ହେଲେ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ସ୍ଥାନାନ୍ତର କରିବା, ରୋଗୀଙ୍କୁ ବେଡରେ ପହଞ୍ଚାଇବା, ବିପି ଓ ସୁଗର ଯାଞ୍ଚ କରିବା ପାଇଁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ସମ୍ପୃକ୍ତ କର୍ମଚାରୀ ଜଣକ ନିଜ ଦାୟିତ୍ୱ ଭୁଲି ଡାକ୍ତରଙ୍କ ପାଖରେ ବସି ସହଜ କାମ କରୁଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟ, ଗତବର୍ଷ ଭୁଲ ଇଞ୍ଜେକେଶନ ଦେବା ଯୋଗୁ ମାତୃ ଓ ଶିଶୁ ଚିକିତ୍ସାଳୟରେ ଜଣେ ପ୍ରସୂତି ମହିଳାଙ୍କ ମୃତ୍ୟୁ ଘଟିଥିଲା ।

## ବୁର୍ଡା ଦୁର୍ଗାପୂଜା ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ଲୋଇସିଂହା, ୧୪ା୯ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଗ୍ରାମର ୨୭ତମ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଶୁକ୍ରବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ପୂଜାମଣ୍ଡପରେ ଧାର୍ଯ୍ୟଲଗ୍ନରେ ପୂଜକ ଗୋପାଳ ହୋତା ପୂଜାର୍ଚ୍ଚନା କରି ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ବିଜୁ ସାହୁ ପୂଜା କର୍ତ୍ତା ଦାୟିତ୍ୱ ସମ୍ପାଦନ କରିଥିଲେ। ଶୁଭସ୍ତମ୍ଭ ସ୍ଥାପନ ଅବସରରେ ପୂଜା କମିଟି କର୍ଯ୍ୟକର୍ତ୍ତା ପ୍ରହଲ୍ଲାଦ ସାହୁ, ନାରାୟଣ ସାହୁ, ସହଦେବ ସା, ଓକିଲ ବାଗ, ପ୍ରଦୀପ ସାହୁ, ରାମଚନ୍ଦ୍ର ସାହୁ, ଗୋପ ସାହୁ, ବବଲୁ ସାହୁ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବଲାଙ୍ଗୀରରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ବଲାଙ୍ଗୀର, ୧୪ା୯ (ବୀରେନ୍ଦ୍ର କୁମାର ଝାଙ୍କର)**

ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗୀର ଜିଲା ସମେତ ଜିଲାରେ ଥିବା ସମସ୍ତ ତାଲୁକ ସ୍ତରରେ ଚଳିତବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏହି ଲୋକ ଅଦାଲତରେ ଜିଲା ନ୍ୟାୟାଧୀଶ ଡ. ପବିତ୍ର ମୋହନ ସାମଲ, ଅନ୍ୟ ଜଜ୍ ଏବଂ ଓକିଲ ଉପସ୍ଥିତ ଥିଲେ। ଜିଲାର ବିଭିନ୍ନ ରାଜସ୍ୱ ଅଧିକାରୀ ମଧ୍ୟ ଏହି ଲୋକ ଅଦାଲତରେ ଭାଗ ନେଇଥିଲେ। ଲୋକ ଅଦାଲତକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପବିତ୍ରାନନ୍ଦ ପ୍ରଧାନ ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ୩୮ଟି ଦେୱାନୀ ମକଦ୍ଦମା ଫଇସଲା ହୋଇଥିଲା। ୧୪ଟି ବ୍ୟାଙ୍କ ମକଦ୍ଦମାର ସମାଧାନ କରାଯାଇ ୪୯ ଲକ୍ଷ ୬୧ ହଜାର ୩୭୦ ଟଙ୍କା ଆଦାୟ ହୋଇଥିଲା। ୧୭ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ ମୋଟ ୧ କୋଟି ୧୬ ଲକ୍ଷ ୯୦ ହଜାର ଟଙ୍କା କ୍ଷତିପୂରଣ ଦେବା ପାଇଁ ଆଦେଶ କରାଯାଇଥିଲା। ୪୧୭ଟି ଫୌଜଦାରୀ ମକଦ୍ଦମା ଫଇସଲା କରାଯାଇ ୨୯ ଲକ୍ଷ ୧୦ ହଜାର ୭୪୬ ଟଙ୍କାରେ ସମାଧାନ ହୋଇଥିଲା। ୪୩୯ଟି ପ୍ରାକ୍ ମକଦ୍ଦମାର ଫଇସଲା କରାଯାଇ ୭୪ ଲକ୍ଷ ୬୪ ହଜାର ୬୧୫ ଟଙ୍କାରେ ସମାଧାନ ହୋଇଥିଲା। ପାରିବାରିକ ମିଳାମିଶାରେ ୧୨ଟି ମାମଲା ଫଇସଲା ହୋଇଥିଲା। ୫୦୭୪ଟି ରାଜସ୍ୱ ମାମଲାର ବିଚାର କରାଯାଇଥିଲା। ୬୦୧୧ଟି ମକଦ୍ଦମାର ଫଇସଲା କରାଯାଇଥିଲା।

# ପୋଖରୀରେ ବୁଡ଼ି ଯୁବକ ମୃତ

**ଖପ୍ରାଖୋଲ, ୧୪ା୯ (ଅଭୟ ତ୍ରିପାଠୀ)**

**କଇଁ ଫୁଲ ତୋଳିବା କାଳ ହେଲା**

କଇଁଫୁଲ ତୋଳିବାକୁ ଯାଇ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଜୟନ୍ତ ବନଗୁଲା (୩୫) । ତାଙ୍କ ଘର ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ବେଲପଡ଼ା ବ୍ଲକ କନ୍ଧେନଝୁଲା ପଞ୍ଚାୟତ କଂସାପଲା ଗାଁରେ ବୋଲି ଜଣାଯାଇଛି । ପ୍ରକାଶ ଯେ, ଶନିବାର ସକାଳେ ଯୁବକ ଜଣକ ଗାଁ ପୋଖରୀକୁ କଇଁ ଫୁଲ ତୋଳିବାକୁ ଯାଇ ଆଉ କୂଳକୁ ଫେରି ନ ଥିଲେ। ଫଳରେ ସ୍ଥାନୀୟ ଲୋକେ ପୋଲିସ ଓ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ହାବିଲଦାର ପ୍ରକାଶ ସାହୁଙ୍କ ନେତୃତ୍ୱରେ ସଦଳ ବଳେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜିଲା ପରେ ଯୁବକଙ୍କ ମୃତଦେହ ପୋଖରୀରୁ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରି ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଖପ୍ରାଖୋଲ ଥାନାରେ ନଂ୧୩/୨୪ ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି।

# 'ଅସ୍ଥାୟୀ କର୍ମଚାରୀଙ୍କୁ ଶୀଘ୍ର ସ୍ଥାୟୀ କର'

**ବଲାଙ୍ଗୀର, ୧୪ା୯ (ବୀରେନ୍ଦ୍ର କୁମାର ଝାଙ୍କର)**

**ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ବୈଠକ**

ବଲାଙ୍ଗୀର କଲେଜ ଛକ ଠାରେ ଓଡ଼ିଶା ପାଇପ ଜଳ କର୍ମଚାରୀ ସଂଘର ବୈଠକ ଶନିବାର ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଦୀର୍ଘ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କର୍ମଚାରୀମାନେ ଅସ୍ଥାୟୀ ଭାବେ କାର୍ଯ୍ୟ କରିଆସୁଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି କର୍ମଚାରୀମାନେ ଦିନ ମଜୁରିଆ ହାରରେ ଦରମା ପାଉଛନ୍ତି । ସ୍ୱଳ୍ପ ଦରମାରେ ବର୍ଷ ବର୍ଷ ଧରି ଓଡ଼ିଶା ସରକାରଙ୍କ ଜନସ୍ୱାସ୍ଥ୍ୟ, ଜିଲା ଜଳ ଓ ପରିମଳ ବିଭାଗରେ ଏଚଆର ଅସ୍ଥାୟୀ କର୍ମଚାରୀ କାମ କରୁଥିଲେ ମଧ୍ୟ ସେମାନଙ୍କ କୌଣସି ଦାବିକୁ କେହି ଶୁଣୁନାହାନ୍ତି। ବୈଠକରେ ରାଜ୍ୟରେ ନୂଆ ସରକାର ଆସିବା ପରେ ସେମାନେ ଦେଇଥିବା ପ୍ରତିଶ୍ରୁତି ପୂରଣ କରନ୍ତୁ ବୋଲି କର୍ମଚାରୀମାନେ ଅନୁରୋଧ କରିଛନ୍ତି। ସୀମାଞ୍ଚଳ ପଣ୍ଡାଙ୍କ ସଭାପତିତ୍ୱରେ ଶ୍ରମିକ ନେତା ରବି ପାଣିଗ୍ରାହୀ, ସୁଶାନ୍ତ ପଣ୍ଡା, ଶେଷଦେବ କାଣ୍ଡ ମଞ୍ଚାସୀନ ଥିଲେ। ୧୨ ଏପ୍ରିଲ ୧୯୯୩ ମସିହାରୁ ରାଜ୍ୟରେ କାର୍ଯ୍ୟରତ ଓଡ଼ିଶା ପାଇପ ଜଳ ସଂଘର ଅସ୍ଥାୟୀ କର୍ମଚାରୀମାନଙ୍କୁ ରାଜ୍ୟ ସରକାର ସ୍ଥାୟୀ ନିଯୁକ୍ତି ପ୍ରଦାନ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଥିଲା। ପାଇପ ଜଳ କର୍ମଚାରୀ ମାନେ ରାଜ୍ୟର ପ୍ରତି ପଞ୍ଚାୟତରେ ବର୍ଷ ସାରା ସେବା ଯୋଗାଇ ଆସୁଥିବା ବେଳେ ଆଜି ପର୍ଯ୍ୟନ୍ତ ସେମାନଙ୍କ ଦାବି ପୂରଣ ହୋଇପାରିନାହିଁ। ଅସ୍ଥାୟୀ କର୍ମଚାରୀ ସଂଘ ଜିଲା ସଙ୍ଗଠନ ସମ୍ପାଦକ ଭାବେ ରବି ସୁନାଙ୍କୁ ନୂତନ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘ ଯୁଗ୍ମ ସମ୍ପାଦକ ଟୀକେଶ୍ୱର ଗଡ଼ତ୍ୟା, ଯଶୋବନ୍ତ ପାଣିଗ୍ରାହୀ, ବଳଦେବ ମନହୀରା, ଗୋପବନ୍ଧୁ ପଧାନ, ବାଲିବନ୍ଧ ସେଠ, ଘନଶ୍ୟାମ ବୁଢ଼େକ, ସମାରୁ ଦଣ୍ଡସେନା, ହିମାଂଶୁ ପୁରୋହିତଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ସଂଘ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# 'ଗ୍ରାମାଞ୍ଚଳରୁ ପ୍ରତିଭା ଅନ୍ୱେଷଣରେ ଓଏଭି ଅଗ୍ରଣୀ'

**ବଲାଙ୍ଗୀର, ୧୪ା୯ (ବୀରେନ୍ଦ୍ର କୁମାର ଝାଙ୍କର)**



ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

**ପଥରଚେପା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ଦିବସ ସମାରୋହ**

ବଲାଙ୍ଗୀର ସହର ଉପକଣ୍ଠ ପଥରଚେପାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ପରିସରରେ ଶନିବାର ଓଡିଶା ଆଦର୍ଶବିଦ୍ୟାଳୟ ସଙ୍ଗଠନର ନବମ ପ୍ରତିଷ୍ଠା ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗ୍ରାମାଞ୍ଚଳରୁ ପ୍ରତିଭା ଅନ୍ୱେଷଣରେ ଓଏଭି ଅଗ୍ରଣୀ ଭୂମିକା ନିର୍ବାହ କରୁଛି ବୋଲି ଅତିଥିମାନେ କହିଥିଲେ। ଏହି ସମାରୋହରେ ବଲାଙ୍ଗୀର ବିଡିଓ ହୃଷୀକେଶ ଗଣ୍ଡ ମୁଖ୍ୟଅତିଥି ,ସମ୍ମାନିତ ଅତିଥି ଭାବେ ସହକାରୀ ଯୋଜନା ଅଧିକାରୀ ସଞ୍ଜୟ କୁମାର ଦୀପ, ସ୍ୱତନ୍ତ୍ର ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ଡ. ପି.କେ. ଦାଶ, ଶିକ୍ଷାବିଦ୍ ସନାତନ ଠାକୁର ଏବଂ ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ମୁକ୍ତେଶ୍ୱର କୁମ୍ଭାର ଯୋଗଦାନ କରିଥିଲେ। ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ କ୍ଷମାନିଧି ଝାଙ୍କରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା'ସମଲେଇଶ୍ୱରୀଙ୍କ ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କଲା ପରେ ସ୍ୱାଗତ ସଙ୍ଗୀତ ସହିତ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଥିଲା। ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କ ସୁନେଲି ଭବିଷ୍ୟତ ପାଇଁ ଓଡିଶା ଆଦର୍ଶ ବିଦ୍ୟାଳୟ ଉତ୍ତମ କାର୍ଯ୍ୟପନ୍ଥା ଗ୍ରହଣ କରିଆସୁଛି ବୋଲି ମୁଖ୍ୟଅତିଥି ବିଡିଓ ଗଣ୍ଡ ମତପୋଷଣ କରିଥିଲେ। ନିଜକୁ ଏବଂ ନିଜ କର୍ମକୁ ଭଲପାଇ ଆଗକୁ ବଢିବା ପାଇଁ ସମ୍ମାନିତ ଅତିଥି ଦୀପ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଛାତ୍ରୀଛାତ୍ରମାନେ ସମୟର ସଦୁପଯୋଗ କରିବା ଉଚିତ୍ ବୋଲି ଶିକ୍ଷାବିଦ୍ ଠାକୁର କହିଥିଲେ। ଛାତ୍ରାବସ୍ଥାର କଠିନ ପରିଶ୍ରମର ମହତ୍ୱ ସମ୍ପର୍କରେ ନାଟ୍ୟଭୂଷଣ ଛୁରିଆ କହିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଝାଙ୍କର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ସେ ବିଦ୍ୟାଳୟର ଅଗ୍ରଗତି ଓ ସଫଳତା ସମ୍ପର୍କରେ କହିଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଅଲିଭା ଦୀପ ମଞ୍ଚ ପରିଚାଳନା କରିଥିବାବେଳେ ଶେଷଦେବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଗୀତାଞ୍ଜଳି ମେହେର, ନରୋତ୍ତମ ପଟେଲ, ନବନୀତା ନାୟକ, ମାନସ ସାହୁ, ଅନ୍ନପୂର୍ଣ୍ଣା ପୁରୋହିତ, ଗଜମଣି ବାଗ, ଚିତ୍ତରଞ୍ଜନ ମିଶ୍ର, ଅଙ୍କିତା ପାଣିଗ୍ରାହୀ, ଶୁଭମ ସାହୁ, ଅନୀଲ ପଧାନ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ୪୭ କେଜି ଗଞ୍ଜେଇ ଜବତ

ମନମୁଣ୍ଡା,୧୪।୯(ବେଣୁଧର ପଧାନ)

ବୌଦ୍ଧ ଜିଲା ମନମୁଣ୍ଡା ପୋଲିସ ମନୋହରପୁର ଗ୍ରାମ ଜଙ୍ଗଲ ନିକଟରେ ଚଢାଉ କରି ୪୭କେଜି ୯୪୦ ଗ୍ରାମ ଗଞ୍ଜେଇ ଜବତ କରିଛି। ବ୍ୟାପକ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଏସ୍‌ଆଇ ସେବତୀ ନାଏକ , ଶଗଡା ଫାଣ୍ଡି ଅଧିକାରୀ ସନ୍ତୋଷ ମଲ୍ଲିକଙ୍କ ସମେତ ପୋଲିସ ଟିମ୍ ଚଢ଼ାଉ କରିଥିଲେ । ପୋଲିସକୁ ଦେଖି ଚୋରା ବେପାରୀମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ପୋଲିସ ଗଞ୍ଜେଇ ଜବତ କରିଥିଲା । ଏ ସଂକ୍ରାନ୍ତରେ ମନମୁଣ୍ଡା ଥାନାରେ ନଂ ୨୭୪ /୨୪ରେ ଏକ ମାମଲା ରୁଜୁ ହୋଇଛି।

### ଗଞ୍ଜେଇ ଜବତ ମାମଲା: ୨ ଗିରଫ

ବାଉଁଶୁଣୀ,୧୪।୯(ଦେବାଶିଷ ନେପାକ)

ସାହୁପଡା ଗ୍ରାମ ନିକଟରୁ ବାଇକ୍ ସହ ୨୨ କେଜି ଗଞ୍ଜେଇ ଜବତ ମାମଲାର ଦୁଇ ଅଭିଯୁକ୍ତଙ୍କୁ ବାଉଁଶୁଣୀ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ, ଗୁରୁବାର ବାଉଁଶୁଣୀ ଆଇଆଇସି ଅଞ୍ଜଳୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପୋଲିସ ସାହୁପଡା ନିକଟରୁ ଜଣେ ଡେଲିଭରି ବଏ ଓ ତାଙ୍କର ଜଣେ ସହଯୋଗୀ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଚଢ଼ାଉ କରିଥିଲା । ଏହି ଘଟଣାରେ ବାଇକ୍ (ନଂ ଓଡି ୧୯କେ ୧୪୯୨) ସହ ଗଞ୍ଜେଇ ଜବତ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ଗିରଫ ହୋଇଥିବା ଡେଲିଭରି ବଏ ହେଲେ କିଆକଟା ଥାନା ସୁବର୍ଣ୍ଣପୁର ଗ୍ରାମର ପ୍ରକାଶ ପ୍ରଧାନ ଓ ବାଉଁଶୁଣୀ ଥାନା ସାହୁପଡା ଗ୍ରାମର ସଂଗ୍ରାମ ମହଲା ।

### ଯୋଗେଶ୍ୱର ମନ୍ଦିର ତାଲା ଭାଙ୍ଗି ଚୋରି

ସୋନପୁର,୧୪।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ସହର ଛନ୍ଛାନ୍ ଡୁଙ୍ଗୁରିଠାରେ ଥିବା ପ୍ରସିଦ୍ଧ ଶ୍ରୀ ଶ୍ରୀ ଯୋଗେଶ୍ୱର ମନ୍ଦିରରେ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ମୁଖ୍ୟ ଫାଟକ ତାଲା ଭାଙ୍ଗି ଭିତରେ ପ୍ରବେଶ କରିଛନ୍ତି। ପରେ ସିନ୍ଧୁକ ଓ ବାକ୍ସ ତାଲା ଭାଙ୍ଗି ନଗଦ ଟଙ୍କା ଓ ଆସବାବପତ୍ର ଚୋରି କରି ନେଇ ଯାଇଛନ୍ତି। ସାଉଣ୍ଡ ବକ୍ସ, ମାଇକ୍ରୋଫୋନ, ବିଦ୍ୟୁତ୍ ଉପକରଣ ଓ ତମ୍ବା ପରାତ ଗୁଡିକ ଚୋରି ହୋଇଛି। ମନ୍ଦିର କମିଟି ପକ୍ଷରୁ ଏ ସମ୍ପର୍କରେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଛି।

# ଆଦର୍ଶ ଛାତ୍ର ହେବା ପାଇଁ ଚରିତ୍ର ଗଠନ ଜରୁରୀ

ଅମରପାଲି,୧୪।୯(ପୀତାମ୍ବର ସାହୁ)



ପ୍ରତିଷ୍ଠା ଦିବସ ଅବସରରେ ଜଣେ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆଦର୍ଶ ଛାତ୍ର ହେବା ପାଇଁ ଚରିତ୍ର ଗଠନ ଜରୁରୀ । ଜଣେ ଆଦର୍ଶ ଛାତ୍ର ଭବିଷ୍ୟତରେ ସଫଳତା ପାଇଥାଏ। ତେଣୁ ସମସ୍ତେ ଉତ୍ତମ ଚରିତ୍ର ଗଠନ, ଶୃଙ୍ଖଳିତ ଆଚରଣ, ଆଜ୍ଞାଧୀନ ହୋଇ ଭଲ ମଣିଷ ହେବାକୁ ଚେଷ୍ଟା କରିବା ଉଚିତ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପକଣ୍ଠ ରଥପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦଶମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ନିମନ୍ତ୍ରିତ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଶିକ୍ଷାନୁଷ୍ଠାନ ଅଧକ୍ଷ ବିଷ୍ଣୁ ପ୍ରସାଦ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବ୍ଲକ ଉପାଧକ୍ଷ ନାରାୟଣ ଲୁହା ମୁଖ୍ୟ ଅତିଥି, ଶିକ୍ଷାବିତ୍ ଡ.ପ୍ରଫୁଲ୍ଲ କୁମାର ରଥ ମୁଖ୍ୟବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଇନ୍ଦ୍ରଜିତ ପରୁଆ, ପିଟିଏ ସଭାପତି ମନରଞ୍ଜନ ତରିଆ, ସଭ୍ୟ ପ୍ରଫୁଲ୍ଲ ଡ଼ାଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବରିଷ୍ଠ ଓ କନିଷ୍ଠ ବର୍ଗର ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୭୮ଜଣ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମେଡ଼ିକାଲ ପାଇ ବଲାଙ୍ଗୀର ଭୀମ ଭୋଇ ମେଡ଼ିକାଲ କଲେଜରେ ଅଧ୍ୟୟନ କରୁଥିବା ସ୍କୁଲର ପୁରାତନ ଛାତ୍ର ଅନ୍ତର୍ଯ୍ୟାମୀ ମିଶ୍ରଙ୍କୁ ସତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସ୍କୁଲର ହିନ୍ଦୀ ଶିକ୍ଷକ ନରେନ୍ଦ୍ର ବାରିକ ସଂଯୋଜନା କରିଥିଲେ। ଶିକ୍ଷକ ହେମନ୍ତ ନାରାୟଣ ସିଂ ଦେଓ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସମ୍ବଲପୁରୀ ଫେସନ ଶୋ ଏବଂ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ର, ଅଭିଭାବକ, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

**ରଥପୁର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ**

# ୪ ଡକାୟତ ଗିରଫ: ୩ ବାଇକ୍ ଓ ପୋଷାକ ଜବତ

ଘଣ୍ଟାପଡ଼ା/ଖୁଣ୍ଟିଗୋରା, ୧୪।୯ (ପ୍ରଭାତ କୁମାର ସାହୁ/ମକରନ୍ଦ ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ଥାନା ଅଞ୍ଚଳରେ ବିଭିନ୍ନ ଚୋରି, ଡକାୟତି ଓ ଲୁଟ୍ ଘଟଣାରେ ସମ୍ପୃକ୍ତ ଡକାୟତି ଗ୍ୟାଙ୍ଗର ୪ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଏହାଛଡା ତିନୋଟି ଚୋରା ବାଇକ୍ ଓ ପୋଷାକ ଜବତ କରିଥିବା ନେଇ ଶନିବାର ଏସଡ଼ିପିଓ କୁଲଦୀପ ମିନା କଣ୍ଟାମାଳ ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି ।

ପ୍ରକାଶ ଯେ, କଣ୍ଟାମାଳ ଥାନା କେଶ ନଂ ୧୫୮/୨୮।୮।୨୦୨୪ ଓ ୧୬୭/୪।୯।୨୦୨୪ ଅନୁଯାୟୀ ବାଲନ୍ଦାପଡାର ମାତାକୁପା ଘାଟି ଡକାୟତି ଓ ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ତିଲେଇମାଲରେ ହୋଇଥିବା ଡକାୟତି ଘଟଣା ସହ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତିଲେଇମାଲ ଲୁଟ ଘଟଣାର ମୁଖ୍ୟ ଅଭିଯୁକ୍ତ କଣ୍ଟାମାଳ ଥାନା ତିଲେଇମାଲ ଗ୍ରାମର ରାଜୀବ ଓରଫ ଜୟକୃଷ୍ଣ ନାୟକ (୨୬) ଓ ଅଭିଳାଷ ପାଣ୍ଡେ (୨୨) ଏବଂ ମନମୁଣ୍ଡା ଥାନା ବଘାର ଗ୍ରାମର ରାଜେନ୍ଦ୍ର ରାଜହଂସ (୨୮) ବୋଲି ପୋଲିସ ତଦନ୍ତରୁ ଜଣାଯାଇଛି। ଏହି ୩ ଜଣଙ୍କୁ ଗିରଫ କରାଯାଇଛି। ତଦନ୍ତ ସମୟରେ ଅଭିଯୁକ୍ତଙ୍କ ଦ୍ୱାରା ଲୁଟ ହୋଇଥିବା ବାଇକ୍ (ନଂ ଓଡି –୩୧ଡି /୮୬୨୯) ଓ ନମ୍ବର ବିହୀନ କଳା ରଙ୍ଗର ହିରୋ ଏଚଏଫ ଡିଲକ୍ସ ବାଇକ୍ ସହ ଟ୍ରାକ ପ୍ୟାଣ୍ଟ, ସାର୍ଟ କପଡା, ହାଫ ଓ ଫୁଲ ବାନିଆନ ଜବତ କରିଛି ପୋଲିସ। ସେହିପରି ମାତାକୁପା ଘାଟି ଡକାୟତି ଘଟଣାର ଅଭିଯୁକ୍ତ କଣ୍ଟାମାଳ ଥାନା ବଡ଼ଛୁପାପାଲି ଗ୍ରାମର ବାବୁ ଓରଫ ପ୍ରଭାତ କୁମାର ସାହୁ (୧୯) ବୋଲି ପୋଲିସ ତଦନ୍ତରୁ ଜଣାଯାଇଛି। ତାଙ୍କୁ ଗିରଫ କରାଯାଇଛି। ଏଥିସହ ଲୁଟ ହୋଇଥିବା ଏକ ବାଇକ୍(ନଂ ଓଡି –୩୧ଡି /୬୯୦୦) କୁ ପୋଲିସ ଜବତ କରିଥିବା ଏସଡ଼ିପିଓ ମିନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ବେଳେ ଖୁବଶୀଘ୍ର ଅନ୍ୟ ସମସ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସଡ଼ିପିଓ ମିନା ଏବଂ କଣ୍ଟାମାଳ ଆଇଆଇସି ଭାବାନନ୍ଦ ପ୍ରଧାନ ପ୍ରକାଶ କରିଛନ୍ତି।

# ସୁବର୍ଣ୍ଣପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ



ଲୋକ ଅଦାଲତରେ ଉପସ୍ଥିତ ଜିଲାଜଜ୍ ଓ ବରିଷ୍ଠ ଆଇନଜୀବୀ ବୃନ୍ଦ ।

ସୋନପୁର,୧୪।୯(ମୃତ୍ୟୁଞ୍ଜୟ ଶତପଥୀ)

**୩୨୫ ମାମଲା ଫଇସଲା, ୪୭.୩୮ଲକ୍ଷ ଜରିମାନା ଆଦାୟ**

ଷଷ୍ଠ ରାଷ୍ଟ୍ରୀୟ ଲୋକ ଅଦାଲତ ସୁବର୍ଣ୍ଣପୁର ସିଭିଲ କୋର୍ଟ ପରିସରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ତଥା ଜିଲାଜଜ୍ ରଶ୍ମି ମୋହନ ଅଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ପରିବାର ଅଦାଲତ ଜଜ ପ୍ରଶାନ୍ତ କୁମାର ମିଶ୍ର, ଅତିରିକ୍ତ ଜିଲା ଜଜ ଦିଲୀପ କୁମାର ବିଶ୍ୱାଳ, ମୁଖ୍ୟ ବିଚାର ବିଭାଗୀୟ ମିଜିଷ୍ଟ୍ରେଟ୍ ବିଶ୍ୱ ବିଶ୍ରୁତ କର, ସିଭିଲ କୋର୍ଟ ରେଜିଷ୍ଟ୍ରାର ଶଙ୍ଖ ଚକ୍ରବର୍ତ୍ତୀ, ଜିଲା ଆଇନସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲି, ସୋନପୁର ସିଭିଲ ଜଜ୍ ଅମିତାଭ ପଣ୍ଡା, ସୋନପୁର ସିଭିଲ ଜଜ(ସିନିୟର ଡିଭିଜନ) ମହିଳା କୋର୍ଟ ବବିତା ପାତ୍ର, ସୋନପୁର ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁଦେଷ୍ଣା ପଟ୍ଟନାୟକ, ଜେଏମ୍‌ଏଫ୍‌ସି ଦେବମାଳିନୀ ଐଶର୍ଯ୍ୟା, କିର୍ତ୍ତି ରଞ୍ଜନ ଘଡେଇ, ସରକାରୀ ଓକିଲ ବ୍ୟୋମକେଶ ଦାଶ, ଓକିଲ ବିଧାନ ଚନ୍ଦ୍ର ପାଣିଗ୍ରାହୀ, ଦେବେନ୍ଦ୍ର ପର୍ଡିଆ, କୃଷ୍ଣଚନ୍ଦ୍ର ବେହେରା, ବିନୋଦ କୁମାର ମେହେର, ରବିନ୍ଦ୍ର କୁମାର, ଦୁଃଖିରାମ ବାଗ ଓ ବୃନ୍ଦାବନ ମିଶ୍ର ଶିବିରରେ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ୟାଙ୍କ ରିକୋଭରି, ଜଳ ବିବାଦ ଓ ମୋଟର ଯାନ ଦୁର୍ଘଟଣା ଭଳି ୩୦୪୦ଟି ପ୍ରି ଲିଟିଗେସନ ମାମଲା ଚିହ୍ନଟ ହୋଇଥିଲା। ୧୦୮ ମାମଲାର ଫଇସଲା କରାଯାଇ ମୋଟ ୧୬ଲକ୍ଷ ୮୬ହଜାର ୭୩୩ଟଙ୍କା ଜରିମାନା ଆଦାୟ ହୋଇଥିଲା। ସେହିଭଳି ଜମିଜମା, ଖାଉଟି, ବୈବାହିକ, ଅପରାଧ ଓ ଚେକ୍ ବାଉନ୍ସ ଭଳି ୪୯୩ଟି ମାମଲା ଚିହ୍ନଟ ହୋଇଥିବା ବେଳେ ୨୧୭ଟି ମାମଲାର ଫଇସଲା କରାଯାଇ ୩୦ଲକ୍ଷ ୫୧ହଜାର ୮୦୩ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ସର୍ବମୋଟ ୩୨୫ ମାମଲାର ଫଇସଲା କରାଯାଇ ୪୭ଲକ୍ଷ ୩୮ହଜାର ୫୩୬ଟଙ୍କା ଜରିମାନା ଆଦାୟ କରାଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ଅର୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ଗୌରିଶଙ୍କର ପାଣିଗ୍ରାହୀ, ଜ୍ୟୋସ୍ନାରାଣୀ ବେହେରା, ସିଦ୍ଧାନ୍ତ କୁମାର ବାଘ, କାହ୍ନୁ ଚରଣ ରଥ, ଅନାମ ସାହୁ, ରଞ୍ଜନ କୁମାର ଭୋଇ ଓ ବେଣୁଧର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ ।

### ବୌଦ୍ଧରେ ରାଷ୍ଟ୍ରୀୟ ଲୋକ ଅଦାଲତ

**୬୪ ଲକ୍ଷ ୪୦ ହଜାର ଟଙ୍କା ଆଦାୟ**

ବୌଦ୍ଧ,୧୪।୯(ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲା ନ୍ୟାୟାଳୟ ପରିସରରେ ଶନିବାର ଦିନ ରାଷ୍ଟ୍ରୀୟ ଲୋକଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲା ଦୌରାଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧକ୍ଷ ପ୍ରତାପ କୁମାର ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ୫୫ଗୋଟି ବିଚାରଧୀନ କେସ ଯଥା ମୋଟର ଦୁର୍ଘଟଣାଜନିତ, ପାରିବାରିକ ମାମଲା, ଦେୱାନୀ, ଫୌଜଦାରୀ ମକଦମା, ଗ୍ରାହକ ବିବାଦ ଓ ୨୧ ଗୋଟି ପ୍ରାକ୍ ମକଦ୍ଦମା ଆଦି ମାମଲାଗୁଡ଼ିକୁ ଫଇସଲା କରି ୬୪ ଲକ୍ଷ ୪୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତରେ ପରିବାର ଅଦାଲତ ବିଚାରପତି ଅଖିଳ କୁମାର ପଶ୍ଚିମକବାଟ, ଅତିରିକ୍ତ ଜିଲା ଦୌରାଜଜ୍ ସରୋଜନୀ ପତି, ସିଜେଏମ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ସବଜଜ୍ ଶୀତିକଣ୍ଠ ପ୍ରଧାନ, ଆଇନ ପ୍ରାଧିକରଣ ସଚିବ ଶାଶ୍ୱତି ମିଶ୍ର, ଏସଡିଜେଏମ ସୁଶ୍ରୀ ସଙ୍ଗୀତା ଦାସ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ଯୋଗ ଦେଇ ମାମଲାଗୁଡିକ ଫଇସଲା କରିଥିଲେ। ଲୋକ ଅଦାଲତରେ ଆଇନଜୀବୀମାନେ ଉପସ୍ଥିତ ଥିଲେ।

# ନୂତନ ଶିକ୍ଷାନୀତି ସମ୍ପର୍କରେ ଆଲୋଚନାଚକ୍ର


ଆଲୋଚନାଚକ୍ରରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ।

ସୋନପୁର,୧୪।୯(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର କଲେଜରେ ନୂତନ ଶିକ୍ଷାନୀତି ସମ୍ପର୍କରେ ଏକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ରାଜୀବ ଲୋଚନ ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ତଥା କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ଡ ନରେନ୍ଦ୍ର କୁମାର ରାଉତ ମୁଖ୍ୟ ଆଲୋଚକ ଭାବେ ଯୋଗଦାନ କରି ନୂତନ ଶିକ୍ଷାନୀତିର ଲକ୍ଷ୍ୟ, ଉଚ୍ଚଶିକ୍ଷା କ୍ଷେତ୍ରରେ ଏହାର କାର୍ଯ୍ୟକାରିତା ଓ ସାମ୍ପ୍ରତିକ ପରିସ୍ଥିତିରେ ଏହାର ପ୍ରାସଙ୍ଗିକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଗଣିତ ବିଭାଗର ଅଧ୍ୟାପକ ଡ. କ୍ଷମାସାଗର ସାହୁ, ଇଂରାଜୀ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡ. ବନ୍ଦନା ମିଶ୍ର ଓ ଦର୍ଶନ ବିଭାଗର ଅଧ୍ୟାପକ ଡ. ରଞ୍ଜନ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ନୂତନ ଶିକ୍ଷାନୀତିରେ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଆଲୋଚନାଚକ୍ରକୁ ସୋନପୁର କଲେଜ କମ୍ପ୍ୟୁଟର ସାଇନ୍ସ ବିଭାଗର ମୁଖ୍ୟ ଲେଫ୍ଟନାଣ୍ଟ ଆଶିଷ ଅଗ୍ରୱାଲ ସଂଯୋଜନା କରିଥିଲେ। ଅର୍ଥନୀତି ବିଭାଗର ଅଧ୍ୟାପକ ଧୀରେନ୍ଦ୍ର ନାଥ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଏଥିରେ ଅଂଶଗ୍ରହଣ କରିଥିଲେ।

# ତଦନ୍ତ ନିର୍ଦ୍ଦେଶ ଦେଲେ ମନ୍ତ୍ରୀ

ବୌଦ୍ଧ,୧୪।୯( ଅଜିତ କୁମାର ବାରିକ)

**ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କରେ ଅନିୟମିତତା ଅଭିଯୋଗ**

ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କରେ ଅନିୟମିତତା ଓ ଆର୍ଥିକ ଠକେଇ ହୋଇଥିବା ନେଇ ଗତ ଅଗଷ୍ଟ ମାସ ୫ ତାରିଖରେ ବୌଦ୍ଧ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କମିଟିର ନିର୍ଦ୍ଦେଶକ କିଶୋର କୁମାର ମେହେର ସମବାୟ, ହସ୍ତତନ୍ତ, ବୟନଶିଳ୍ପ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସମବାୟ ଓ ହସ୍ତତନ୍ତ ମନ୍ତ୍ରୀ ସମବାୟ କମିଶନର ତଥା ଶାସନ ସଚିବଙ୍କୁ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସମବାୟ ବିଭାଗ ଯୁଗ୍ମ ଶାସନ ସଚିବ ଗତ ୧୧ ତାରିଖରେ ନିବନ୍ଧକ ସମବାୟ ସମିତି ସମୂହ ଭୁବନେଶ୍ୱରଙ୍କୁ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣା ବୌଦ୍ଧ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ବୌଦ୍ଧ ସମବାୟ ବ୍ୟାଙ୍କର ଅନିୟମିତତା ଆଗକୁ କି ରୂପ ନେଉଛି ଦେଖିବାକୁ ବାକି ରହିଛି ।

### ବୀରମହାରାଜପୁର କଲେଜ ଓଡ଼ିଆ ବିଭାଗର ସ୍ୱାଗତ ସମାରୋହ

# ସାହିତ୍ୟ ଜୀବନ ବଞ୍ଚିବାର କଳା ଶିଖାଏ

ଅମରପାଲି,୧୪।୯(ପୀତାମ୍ବର ସାହୁ)


ଅତିଥିଙ୍କ ସହ ଉପସ୍ଥିତ ଛାତ୍ରୀଛାତ୍ର।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ତରଫରୁ ଯୁକ୍ତ ୩ ପ୍ରଥମ ବର୍ଷ ଓଡ଼ିଆ ସମ୍ମାନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଛି। ଏହି ସମାରୋହରେ ମହାବିଦ୍ୟାଳୟ ଅଧକ୍ଷ ଡ଼ଃ ହିମାଂଶୁ ଶେଖର ପାଢ଼ୀ ସଭାପତିତ୍ୱ କରି ଓଡ଼ିଆ ଭାଷା ଆନ୍ଦୋଳନ, ଓଡ଼ିଆ ଭାଷାର ସୁରକ୍ଷା ଏବଂ ବହୁ ଭାଷା ଶିକ୍ଷା କରିବା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଇଂଲିଶ ବିଭାଗ ଅଧ୍ୟାପକ ବିଜୟ କୁମାର ପୁରୋହିତ ସାହିତ୍ୟ ପଢିବା ସହିତ ଜୀବନର ମୂଲ୍ୟବୋଧକୁ ବୁଝିବା ଆବଶ୍ୟକ ବୋଲି କହିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ସୂର୍ଯ୍ୟନାରାୟଣ ପଣ୍ଡା ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାପାଇଁ କହିଥିଲେ। ଅଧ୍ୟାପକ ପ୍ରକାଶ କୁମାର ସେଠ ଜୀବନର ଆଲୋକ ଓ ଅନ୍ଧାର ଦିଗକୁ ବୁଝି ନିଷ୍ପତ୍ତି ନେବା ଆବଶ୍ୟକ ବୋଲି କହିଥିଲେ। ଅଧ୍ୟାପିକା ଯାମିନୀ ଦାଶ ସାହିତ୍ୟ ଜୀବନକୁ ଶୃଙ୍ଖଳିତ, ପରିମାର୍ଜିତ ଓ ଜୀବନ ବଞ୍ଚିବାର କଳା ଶିଖାଏ ବୋଲି ବକ୍ତବ୍ୟ ରଖିଥିଲେ। ଓଡ଼ିଆ ସମ୍ମାନ ଶେଷବର୍ଷ ଛାତ୍ରୀ ଝୁନୁ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଓଡ଼ିଆ ସମ୍ମାନ ଦ୍ୱିତୀୟ ବର୍ଷ ଛାତ୍ରୀ ସୃଜନିକା ପଣ୍ଡା ସଭା ସଂଯୋଜନା କରିଥିଲେ। ସାହିତ୍ୟ ଅଧ୍ୟୟନ ସୌଭାଗ୍ୟ କଥା ବୋଲି ଅତିଥିଗଣ ମତପ୍ରକାଶ କରିଥିଲେ। ଆଶିଷ ଜଗଦଲା, ଦେବାଶିଷ ଜଗଦଲା, ଝୁନୁ ସାହୁ, ଚନ୍ଦ୍ରିକା କର୍ଣ୍ଣ, ନୀହାରିକା କର୍ଣ୍ଣ, ସୃଜନିକା ପଣ୍ଡା ପ୍ରମୁଖ ନବାଗତ ଛାତ୍ରୀଛାତ୍ର ନିଜ କଲେଜ ଜୀବନର ଅନୁଭୂତି କହିଥିଲେ।

# ମେଗା ସ୍ୱାସ୍ଥ୍ୟ ଶିବିର, ୧୨୬୯ ରୋଗୀ ଚିକିତ୍ସିତ

ଅମରପାଲି,୧୪।୯(ପୀତାମ୍ବର ସାହୁ)


ସ୍ୱାସ୍ଥ୍ୟ ପତ୍ରିକା ସିଜିସିସି ଗୋଲ୍ଡ କ୍ୟାମ୍ପ ଉନ୍ମୋଚିତ ହେଉଛି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବାଗବରସ୍ଥିତ ମହିଳା ମହାବିଦ୍ୟାଳୟରେ ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୫୧ତମ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଜଷ୍ଟିସ କୃଷ୍ଣରାମ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ଜଷ୍ଟିସ ଚିତ୍ତରଞ୍ଜନ ଦାସ, ପ୍ରଫେସର ସୁଜାତା ପୂଜାହାରୀ, ପୂର୍ବତନ ଏମ୍‌ପି ଭବାନୀ ଶଙ୍କର ହୋତା, ଉପଜିଲାପାଳ ଲଲାଟେନ୍ଦୁ ସି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଦୁର୍ଗାଦତ୍ତ ଦାସ, ଚିତ୍ତଜ୍ଞାନୀ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ଡ଼ା ଦଣ୍ଡେଶ୍ୱର ହୋତା, ଡ ପ୍ରଫୁଲ୍ଲ କୁମାର ରଥ, ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ, ଯୁଗଳ କିଶୋର ମିଶ୍ର ଉପସ୍ଥିତ ଥିଲେ।

ଶିବିରରେ କଟକ, ଭୁବନେଶ୍ୱର, ବୁର୍ଲା, ବଲାଙ୍ଗୀର ଓ ସମ୍ବଲପୁର ତଥା ରାଜ୍ୟ ବାହାରର ଖ୍ୟାତନାମା ବିଶେଷଜ୍ଞ ଚିକିତ୍ସକଙ୍କ ଦ୍ୱାରା ଅତ୍ୟାଧୁନିକ ପଦ୍ଧତି ଅନୁସରଣରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସ୍ତ୍ରୀ ଓ ପ୍ରସୂତି, ଅସ୍ଥିଶଲ୍ୟ, ମୂତ୍ରରୋଗ, କିଡ଼ନୀ ରୋଗ, ଶିଶୁରୋଗ, ଭେଷଜ (ମେଡ଼ିସିନ), ହୃଦରୋଗ ଚର୍ମ ଓ ଯୌନ, ଚକ୍ଷୁ, ଦନ୍ତ ରୋଗ, ଇଏନଟି, ସର୍ଜରୀ, ଶରୀର ଯନ୍ତ୍ରଣା ଜନିତ ରୋଗର ଚିକିତ୍ସା କରାଯାଇଥିଲା। ଅତ୍ୟାଧୁନିକ ଯନ୍ତ୍ରାଂଶ ଦ୍ୱାରା ରକ୍ତ ପରୀକ୍ଷା, ଇସିଜି ପରୀକ୍ଷା, ଚକ୍ଷୁ ପରୀକ୍ଷା, ଏକ୍ସରେ କରାଯାଇ ଔଷଧ, ଚଷମା ପ୍ରଦାନ କରାଯାଉଥିଲା। ଶିବିରରେ ୧୨୬୯ ରୋଗୀ ଚିକିତ୍ସିତ ହୋଇଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ସ୍ୱାସ୍ଥ୍ୟ ପତ୍ରିକା ସିଜିସିଟି ଗୋଲ୍ଡ କ୍ୟାମ୍ପ ଉନ୍ମୋଚିତ ହୋଇଥିଲା। ଡ ଅରକ୍ଷିତ ସ୍ୱାଇଁ, ଡ଼ା ବିଭୂତି ନାଏକ, ଡ଼ା ଦୀପକ ସାମଲ, ଡା ସୁଜାତା ପୂଜାହରୀ, ଡ଼ା ଲିଙ୍ଗରାଜ ପ୍ରଧାନ, ଡ଼ା ନୟନ ପଟେଲ, ଡ଼ା ଓଜସ୍ୱିନି ପଟେଲ, ଡ଼ା କମଲିତ ଭର୍ମା, ଡ଼ା ପ୍ରଦୀପ ଗୁରୁ , ଡ଼ା ପ୍ରଶାନ୍ତ ମିଶ୍ର, ଡ଼ା ପ୍ରସନ୍ନଜିତ ମହାନ୍ତି, ଡ଼ା ଏସ.ଏନ.ରାଉତରାୟ, ଡ଼ା ସିଦ୍ଧାର୍ଥ ଦାସ, ଡ଼ା ସିଦ୍ଧାର୍ଥ ମହାନ୍ତି, ଡ଼ା ସୁଜିତ ବର୍ମା, ଡ଼ା ସିଦ୍ଧାନ୍ତ କର, ଡ଼ା ଦଣ୍ଡେଶ୍ୱର ହୋତା, ଡ଼ା ରବି ଦାସ, ଡ଼ା ତୁଷାର ଠାକୁର ଚିକିତ୍ସା ସେବା ଯୋଗାଇ ଦେଇଥିଲେ।

# ସମ୍ବଲପୁରୀ ନାଚ ଓ ଗୀତରେ କମ୍ପିଲା ମଞ୍ଚ

ବୌଦ୍ଧ,୧୪।୯(ଅଜିତ କୁମାର ବାରିକ)


କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

**ଗେହ୍ଲାମା କଳା ନିକେତନ ପକ୍ଷରୁ ନୂଆଁଖାଇ ଭେଟଘାଟ**

ବୌଦ୍ଧ ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଗେହ୍ଲାମା କଳା ନିକେତନ ପକ୍ଷରୁ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ଧରି ପାଳନ ହେବାକୁ ଥିବା ଏହି କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ସହରର ବୌଦ୍ଧ ଟାଉନହଲସ୍ଥିତ ଗୁରୁ ଶ୍ରୀ ଭିକାରୀ ନାୟକ କଳାମଣ୍ଡପ ଠାରେ ଉଦ୍‌ଘାଟିତ ହୋଇଛି। ଅତିଥି ଭାବେ ବୌଦ୍ଧ ବ୍ଲକ ଅଧକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଓ ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ଶଶାଙ୍କ ଶେଖର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ରଥ ନୂଆଁଖାଇ ଦ୍ୱାରା ଭାଇଚାରା ବଜାୟ ରହିଥାଏ ବୋଲି କହିବା ସହ ଏହି ଅବସରରେ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ। ଅନୁଷ୍ଠାନର ଉପଦେଷ୍ଟା ଚିତ୍ତରଞ୍ଜନ ଦାସ ନୂଆଁଖାଇ ଆଗକୁ ଯେପରି ଆହୁରି ଅଧିକ ଧୂମଧାମରେ ପାଳନ କରାଯାଇପାରିବ ସେ ନେଇ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଆଶୁତୋଷ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସମ୍ବଲପୁରୀ ନାଚ ଓ ଗୀତରେ ମଞ୍ଚ କମ୍ପି ଉଠିଥିଲା। ଗେହ୍ଲାମା କଳାନିକେତନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, ଶିଶୁମନ୍ଦିର ବୌଦ୍ଧ ପକ୍ଷରୁ ଭାବର ଲହରି, ପ୍ରଭୁଜୀ ଇଂଲିଶ ମିଡିୟମ ସ୍କୁଲ ପକ୍ଷରୁ ଆଇନାରେ ନୂଆଁଖାଇ, ଚନ୍ଦ୍ରଚୂଡ଼ ଏମଇ ସ୍କୁଲ ପକ୍ଷରୁ ସାରାବନ ଝରଖି ଆଦି ନୃତ୍ୟ ପରିବେଷଣ ହୋଇଥିବା ବେଳେ ସୃଷ୍ଟି ଡ୍ୟାନ୍ସ ଗ୍ରୁପ ପକ୍ଷରୁ ସମ୍ବଲପୁରୀ ଗୀତ ଗହ ଗହ ନୂଆଁଖାଇ ଦର୍ଶକଙ୍କୁ ମତୁଆଲା କରିଥିଲା। ଅନୁଷ୍ଠାନର ଗୋପାଳକୃଷ୍ଣ ବେହେରା, ସନ୍ତୋଷ ନାୟକ, ଶତ୍ରୁଜିତ ମହାପାତ୍ର, ଜୟନାରାୟଣ ମହାନ୍ତି, ମିହିର ଚାନ୍ଦ, ଜିତେନ୍ଦ୍ର ମହାନ୍ତି , ମିଙ୍କୁନ ଘିବେଲା, ରବିନ୍ଦ୍ର ପଟ୍ଟନାୟକ ଓ ସମସ୍ତ ସଦସ୍ୟଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଏହି ଭେଟଘାଟ ରବିବାର ଦିନ ଉଦ୍‌ଯାପିତ ହେବ ।

## ସଂକ୍ଷେପରେ

### ବଡ଼ଗାଁରେ ମୃଦୁ ଭୂକମ୍ପ ଅନୁଭୂତ

**ବଡ଼ଗାଁ, ୧୪।୯(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁରେ ଶନିବାର ଅପରାହ୍ନରେ ଏକ ସେକେଣ୍ଡ ପାଇଁ ମୃଦୁ ଭୂକମ୍ପ ଅନୁଭୂତ ହୋଇଥିଲା। ବଡ଼ଗାଁରେ ହେଉଥିବା ଫୁଟବଲ ମ୍ୟାଚରେ ଦର୍ଶକମାନେ ଭୂକମ୍ପ ପୂର୍ବରୁ ଘଡଘଡି ଭଳି ଶବ୍ଦ ଶୁଣିଥିଲେ।

### ପଶ୍ଚିମ ଓଡ଼ିଶା ଯୁବା ମଞ୍ଚର ବାର୍ଷିକ ବୈଠକ

**ସୁନ୍ଦରଗଡ,୧୪।୯(ଜୟ ନାରାୟଣ ମେଣ୍ଡୁଲି):** ପଶ୍ଚିମ ଓଡ଼ିଶା ଯୁବା ମଞ୍ଚ ସୁନ୍ଦରଗଡ ଜିଲା ଶାଖାର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗରପାଲି ବ୍ଲକ ବେଲସରା ସ୍ଥିତ ସପନେଶ୍ୱର ବାବା ମନ୍ଦିର ପରିସରରେ ଅନୁଷ୍ଠିତ ବୈଠକରେ ଜିଲାରେ ଭୁଷୁଡି ପଡ଼ିଥିବା ସ୍ୱାସ୍ଥ୍ୟ ଅବସ୍ଥାକୁ ଗୁରୁତ୍ୱ ଦେବା ସହିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହିତ ସେପ୍ଟେମ୍ବର ୨୯ରେ ଭୁବନେଶ୍ୱର ଉତ୍କଳ ମଣ୍ଡପଠାରେ ହେବାକୁ ଥିବା ପଶ୍ଚିମ ଓଡିଶା ଯୁବାମଞ୍ଚର ନୂଆଁଖାଇ-ଭେଟଘାଟର ସଫଳତା ନେଇ ମଧ୍ୟ ଏହି ବୈଠକକୁ ଦ୍ୱିଗୁଣିତ କରିଥିଲା। ସଭାରେ ପଶ୍ଚିମ ଓଡ଼ିଶା ଯୁବାମଞ୍ଚର ସଭାପତି ଅଜିତ କୁମାର ପତି, କେନ୍ଦ୍ରୀୟ ଏବଂ ଜିଲା କମିଟିର ଅନେକ ସଦସ୍ୟ ଉପସ୍ଥିତ ଥିଲେ।

### ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ



**କୋକସରା,୧୪।୯ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ):** ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିବା କଳାହାଣ୍ଡି ଜିଲା କୋକସରା ବ୍ଲକର ଜଣେ ଶ୍ରମିକଙ୍କ ମୃତଦେହ ଶନିବାର ଗାଁକୁ ଫେରିଛି। ସୂଚନାକ୍ରମେ କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁପାଡ଼ ଗ୍ରାମ ନାଏକ ପଡ଼ାର ବୈକୁଣ୍ଠ ଧଙ୍ଗଡା ମାଝିଙ୍କ ପୁଅ ପଦ୍ମଲୋଚନ ଦୁଇମାସ ତଳେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ସେଠାରେ ସେ ଏକ ଘରୋଇ ଠିକା ସଂସ୍ଥାରେ ନିୟୋଜିତ ଥିଲେ। ଏପରିସ୍ଥଳେ ଦୁଇଦିନ ତଳେ ଜ୍ୱର ହୋଇ ଗୁରୁତର ହେବାରୁ ସେଠାରେ ଥିବା ଏକ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଠିକାସଂସ୍ଥା ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ମୃତଦେହକୁ ଗାଁକୁ ପଠାଇଥିଲେ। ଶନିବାର ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗାଁ ମଶାଣିରେ ସତ୍କାର କରାଯାଇଛି। ପରିବାରର ରୋଜଗାରିଆ ପୁଅର ମୃତ୍ୟୁକୁ ନେଇ ମା'ବାପା ଭାଙ୍ଗିପଡିଛନ୍ତି। ସରକାରୀ ସ୍ତରରେ ପରିବାରକୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



ନଦୀତଟରେ ମଦ ରନ୍ଧା ପାଇଁ ଥିବା ପୋଚ ନଷ୍ଟ କରିଥିବା ଗ୍ରାମର ମହିଳା ଗୋଷ୍ଠୀ।

# ୨୨ ସ୍ଥାନରେ ପୋଚ ନଷ୍ଟକଲେ ମହିଳା

**ବଡ଼ଗାଁ,୧୪।୯( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କୁରେଇବଗା ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ଓ ଗ୍ରାମର କେତେକ ଯୁବକ ଶନିବାର ଗାଁ ନିକଟ ନଦୀ ତଟରେ ଦେଶୀ ମହୁଲି ମଦ ତିଆରି ପାଇଁ ଥିବା ପ୍ରାୟ ୩ ଲକ୍ଷ ଟଙ୍କାର ପୋଚ ଅବକାରୀ କର୍ମଚାରୀଙ୍କୁ ଜଣାଇ ନଷ୍ଟ କରିଦେଇଛନ୍ତି। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗାଁ ନିକଟ ନଦୀ ତଟରେ ଦୀର୍ଘବର୍ଷରୁ ବେପାରୀମାନେ ମଦ ପ୍ରସ୍ତୁତ କରି ଆସୁଛନ୍ତି। ଶନିବାର ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ନଦୀ ତଟ ନିର୍ଜନ ସ୍ଥାନରେ ମଦ ରନ୍ଧା ପାଇଁ ମହୁଲ ପୋଚ ବହୁ ପରିମାଣରେ ଥିବା ଜାଣିବା ପରେ ବଡ଼ଗାଁ ଅବକାରୀ କର୍ମଚାରୀଙ୍କୁ ଫୋନରେ ଜଣାଇଥିଲେ। ଅବକାରୀ ବିଭାଗର କୌଣସି କର୍ମଚାରୀ ଘଟଣାସ୍ଥଳକୁ ଯାଇ ନ ଥିବାରୁ ୪୦ ଜଣ ମହିଳା ଓ ୧୩ ଜଣ ଯୁବକ ୨୨ ଟି ସ୍ଥାନରୁ ମଦ ପ୍ରସ୍ତୁତ ପାଇଁ ଥିବା ପୋଚ ନଷ୍ଟ କରିଥିଲେ ଓ ଅବକାରୀ କର୍ମଚାରୀଙ୍କୁ ଜଣାଇ ଥିଲେ। ଅସନ୍ତୁଷ୍ଟ ଗ୍ରାମର ଯୁବକମାନେ ଏ ନେଇ ଉଚ୍ଚ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି। ସୂଚନା ଯୋଗ୍ୟ ଯେ, କୁରେଇବଗା ଗ୍ରାମରେ ବହୁଳ ପରିମାଣର ଦେଶୀ ବିଦେଶୀ ମଦ ବିକ୍ରି ବନ୍ଦ କରିବା ପାଇଁ ସେଠାକାର ମହିଳା ସଂଗଠନ ଓ ଯୁବକମାନେ ଗତ ସପ୍ତାହ ଥାନାରେ ଲିଖିତ ଜଣାଇଥିଲେ। ଗ୍ରାମରେ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଚେତାବନୀ ଦେଇ ମଦ ବିକ୍ରି ବନ୍ଦ କରିବାକୁ ଜଣାଇଥିଲେ। ମହିଳାମାନେ ଗାଁରେ ବହୁଳ ପରିମାଣର ମଦ ବିକ୍ରି ଯୋଗୁ ପାରିବାରିକ ଗଣ୍ଡଗୋଳ, ଅଶାନ୍ତି, ଯାନିଯାତ୍ରାରେ ବିଶୃଙ୍ଖଳା, ଛୋଟ ପିଲାମାନେ ମଦ ପିଇ ବିପଥଗାମୀ ହେଉଥିବା ଆଦି ସମସ୍ୟା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।

# ତଦନ୍ତ ଆରମ୍ଭ କଲା ପୋଲିସ

## ସରକାରୀ କାର୍ଯ୍ୟରେ ବାଧା ଘଟଣା

**ରାଉରକେଲା,୧୪।୯(ବିପ୍ଳବ ରଞ୍ଜନ ଦାଶ)**

ଏକ କମ୍ପାନୀ ଦ୍ୱାରା ରାଉରକେଲା ସମେତ ଜିଲାର ଆଖପାଖ ଅଞ୍ଚଳରେ ବ୍ୟାପକ ପ୍ରଦୂଷଣ କରାଯାଉଥିବା ଅଭିଯୋଗ କରି ବେଦବ୍ୟାସ ସେବା ସଙ୍ଗଠନ ନେତୃତ୍ୱରେ ଗତ ୧୨ତାରିଖରେ ରାଉରକେଲାସ୍ଥିତ ଆଞ୍ଚଳିକ ପ୍ରଦୂଷଣ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଥିଲା। ତେବେ ଆନ୍ଦୋଳନ ଆଇନଗତ ନ ଥିବା ଉଲ୍ଲେଖ କରି ଆନ୍ଦୋଳନର ନେତୃତ୍ୱ ନେଇଥିବା ଯୁବକଙ୍କ ନାଁରେ ପ୍ରଦୂଷଣ ବିଭାଗ କର୍ତ୍ତୃପକ୍ଷ ରଘୁନାଥପାଲୀ ଥାନାରେ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ଦଫା ୧୯୧ (୨)/୧୩୨/୨୯୬/୧୨୭ (୨)/୩୫୧(୩)ରେ ଏକ ମାମଲା (ନଂ.୪୫୧/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏତଲା ଅନୁସାରେ, ଆନ୍ଦୋଳନର ନେତୃତ୍ୱ ନେଇଥିବା ଯୁବକ ବିନା ପୂର୍ବ ସୂଚନାରେ ମହିଳା ଓ ଶିଶୁମାନଙ୍କୁ ରାଉରକେଲାସ୍ଥିତ ଆଞ୍ଚଳିକ ପ୍ରଦୂଷଣ ବିଭାଗ କାର୍ଯ୍ୟାଳୟକୁ ଆଣି ଆନ୍ଦୋଳନ କରିଥିଲେ। ସମ୍ପୃକ୍ତ ଯୁବକ ବେଦବ୍ୟାସ ସେବା ସଙ୍ଗଠନ ଲେଖାଥିବା ଯେଉଁ ଲେଟର ପ୍ୟାଡ୍‌ରେ ଅଭିଯୋଗ କରିଥିଲେ ସେହି ସଂସ୍ଥାର ପଞ୍ଜୀକରଣ ନମ୍ବର ନାହିଁ। ସେହିପରି ଫୋନ ନମ୍ବର କିମ୍ବା ଇ-ମେଲ୍ ଆଇଡି ନାହିଁ। ସେହିପରି ବାହ୍ୟ ଲୋକଙ୍କୁ ଆଣି ସରକାରୀ ଅଫିସ କାର୍ଯ୍ୟରେ ବାଧା ସୃଷ୍ଟି କରିବା ଆଇନସଙ୍ଗତ ନୁହେଁ ବୋଲି ଏତଲାରେ ଦର୍ଶାଯାଇଛି। ଏ ସମ୍ପର୍କରେ ରଘୁନାଥପାଲୀ ଥାନା ଆଇଆଇସି ଆର୍. କେ. ସ୍ୱାଇଁଙ୍କ ମୋବାଇଲ ନଂ. ୯୪୩୯୨୯୬୧୨୪ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ।

# ଭାଜପାର ସଦସ୍ୟତା ଅଭିଯାନରେ ସାମିଲ ହେଲେ ବୈଜୟନ୍ତ



ବୈଜୟନ୍ତଙ୍କ ସହ ଅନ୍ୟ କର୍ମକର୍ତ୍ତା।

**ସୁନ୍ଦରଗଡ,୧୪।୯(ଜୟ ନାରାୟଣ ମେଣ୍ଡୁଲି)**

ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା ଶନିବାର ଦିନିକିଆ ସୁନ୍ଦରଗଡ ଗସ୍ତରେ ଆସି ଭାଜପାର ସଦସ୍ୟତା ଅଭିଯାନରେ ସାମିଲ ହୋଇଥିଲେ। ଏମପି ପଣ୍ଡା ହେଲିକେପ୍ଟର ଯୋଗେ ଆସି ସ୍ଥାନୀୟ ଶଙ୍କରା ପଡିଆରେ ଓହ୍ଲାଇ ସୁନ୍ଦରଗଡ ପୌରାଞ୍ଚଳର ୧୧ ନମ୍ବର ୱାର୍ଡର ଶଙ୍କରା ଓ ଆମଲିପାଣିରେ ଘରକୁ ଘର ବୁଲି ସଦସ୍ୟତା ଅଭିଯାନ କରିଥିଲେ। ଲୋକଙ୍କ ସହିତ ଆଲୋଚନା କରି ଭାଜପାର ସଦସ୍ୟ ହୋଇ ଦେଶ ତଥା ରାଜ୍ୟ ବିକାଶକୁ ଆଗେଇ ନେବାକୁ ବୁଝାଇଥିଲେ। ଆମଲିପାଣି କଲ୍ୟାଣ ମଣ୍ଡମଠାରେ ଆୟୋଜିତ ସଭାରେ ସେ ଯୋଗଦେଇଥିଲେ। ପରେ ଭୋଜପୁର ସ୍ଥିତ ଦଳର ଜିଲା କାର୍ଯ୍ୟାଳୟରେ ଠାରେ ଆୟୋଜିତ ଭାଜପା ପଦାଧିକାରୀଙ୍କ ସହ ଏକ ବୈଠକରେ ଦଳୀୟ ସାଙ୍ଗଠାନିକ ସ୍ଥିତି ସହ ସୁନ୍ଦରଗଡ ଓ ତଳସରା ବିଧାନସଭା କ୍ଷେତ୍ରରେ ଭାଜପାର ପ୍ରାଥମିକ ସଦସ୍ୟତା ଅଭିଯାନର ସମୀକ୍ଷା କରିଥିଲେ। ଜିଲା ସଭାପତି ଯଶୋବନ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା କୁସୁମ ଟେଟେ, ସୁଷମ ପଟେଲ,ସନ୍ତୋଷ ଅମାତ, ଜିଲାସାଧାରଣ ସମ୍ପାଦକ ସୁଖଲାଲ ମୁଣ୍ଡା, ସୁରେନ୍ଦ୍ର ସ୍ୱର୍ଣ୍ଣ କାର ପ୍ରମଖ ମଞ୍ଚାସୀନ ଥିଲେ।

# ଏନ୍‌ଟିପିସି ପ୍ରକଳ୍ପ ମୁଖ୍ୟଙ୍କୁ ଭେଟିଲେ ବିଜେଡି ପ୍ରତିନିଧି ମଣ୍ଡଳୀ

**ସୁନ୍ଦରଗଡ,୧୪।୯(ଜୟ ନାରାୟଣ ମେଣ୍ଡୁଲି)**

ଏନଟିପିସି ଦର୍ଲିପାଲି ପ୍ରକଳ୍ପର ନୂତନ ମୁଖ୍ୟଭାବେ କାର୍ଯ୍ୟ ଭାର ଗ୍ରହଣ କରିଥିବା ରାମଭଜନ ମଲ୍ଲିକଙ୍କୁ ଶନିବାର ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବିଜେଡିର ବରିଷ୍ଠନେତା ତଥା ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂଙ୍କ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ, ବିଜେଡି ଜିଲା ଉପସଭାପତି ତଥା ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଏନଟିପିସି ପ୍ରକଳ୍ପର ମୁଖ୍ୟ ମଲ୍ଲିକଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ତାଙ୍କୁ ସ୍ୱାଗତ ଶୁଭେଚ୍ଛା ଜଣେଇଥିଲେ। ଏହି ସମୟରେ ଏନଟିପିସି ପ୍ରକଳ୍ପର ମାନବ ସମ୍ବଳ ବିଭାଗ ମୁଖ୍ୟ ପ୍ରତିଭା ସିଂ ମଧ୍ୟ ଉପସ୍ଥିତ ଥିଲେ। ଏନଟିପିସି ପ୍ରକଳ୍ପର ଉଭୟ ମୁଖ୍ୟ ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇ ବିଭିନ୍ନ ସମସ୍ୟା ବିଷୟରେ ଅବଗତ କରାଯିବା ସହିତ ସେଗୁଡିକର ସମାଧାନ ପାଇଁ ଅନୁରୋଧ କରିଥିଲେ। ଏନଟିପିସି ପ୍ରକଳ୍ପରେ ଜମି ହରେଇଥିବା ବିସ୍ଥାପିତ ପରିବାରକୁ ଥଇଥାନ ଓ ସବୁ ପ୍ରକାର ସୁବିଧା ଏବଂ ଏହି ପରିବାରର ଶିକ୍ଷିତ ବେକାର ଯୁବତୀଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ପ୍ରକଳ୍ପରେ ନିଯୁକ୍ତି ପ୍ରଦାନ ସହ ସୁନ୍ଦରଗଡ ସଦର ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ପ୍ରକଳ୍ପରେ ଥଇଥାନ କରିବା, ଜିଲା ମୁଖ୍ୟ ଡାକ୍ତରଖାନାରେ ରୋଗୀଙ୍କ ସ୍ୱତନ୍ତ୍ର ଚିକିତ୍ସା ପାଇଁ ସମସ୍ତ ପ୍ରକାର ସୁବିଧା ଥିବା ୨୦ଟି ଟି ଅତ୍ୟାଧୁନିକ ସ୍ପେସିଆଲ କେବିନ ଡାକ୍ତରଖାନା ପରିସରରେ ନିର୍ମାଣ କରିବା, ସହର ମଧ୍ୟରେ ଥିବା ବିଭିନ୍ନ ଜନଗହଳି ସ୍ଥାନ ଗୁଡିକରେ ବିଶେଷ କରି ମହିଳା ଏବଂ ପୁରୁଷଙ୍କ ପାଇଁ ଗୋଟିଏ ଲେଖାଏଁ ଅତ୍ୟାଧୁନିକ ପରିସ୍ରାଗାର ନିର୍ମାଣ କରିବା ପାଇଁ ଉଭୟ ମୁଖ୍ୟଙ୍କୁ ଅନୁରୋଧ କରିବା ସହିତ ସେମାନଙ୍କ ସହଯୋଗ କାମନା କରିଥିଲେ। ଏନଟିପିସି ପ୍ରକଳ୍ପର ଉଭୟ ଅଧିକାରୀ ଦାବିଗୁଡିକ ଶୁଣିବାପରେ ଶୀଘ୍ର ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



### ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ ମାସ ପାଳିତ

**ଖଡ଼ିଆଳ,୧୪।୯ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ମୁକ୍ତାପୁର ୱାର୍ଡ ନମ୍ବର ୧ ଅଙ୍ଗନୱାଡି କେନ୍ଦ୍ର ପରିସରରେ ପୋଷଣ ମାସ ପାଳିତ ହୋଇଯାଇଛି। ଏଥିରେ ସମସ୍ତ ଅଙ୍ଗନୱାଡି କର୍ମୀଙ୍କ ସମେତ କିଶୋରୀ ବାଳିକା, ଗର୍ଭବତୀ ମହିଳା, ଶିଶୁ ଯୋଗଦେଇଥିଲେ। ଏହି ଅବସରରେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସ୍ୱଚ୍ଛତା ଅବଲମ୍ବନ କରିବାକୁ କୁହାଯାଇଥିଲା। ରକ୍ତହୀନତାରୁ ମୁକ୍ତହେବା ପାଇଁ ଆଇରନ୍ ବଟିକା ପ୍ରଦାନ ସହ ଉଚ୍ଚତା, ଓଜନ ମାପ କରାଯାଇଥିଲା। ଏଥିରେ ଖଡ଼ିଆଳ ସିଡିପିଓ ମୀନା କୁମାରୀ ଅଗ୍ରୱାଲ ଯୋଗଦେଇ ସମସ୍ତଙ୍କୁ ଉପଯୁକ୍ତ ଶିକ୍ଷା ଗ୍ରହଣ ସହ ପୁଷ୍ଟିକର ଖାଦ୍ୟ ଖାଇବା ପାଇଁ ଆହ୍ୱାନ କରିଥିଲେ।

### ବୋଡ଼େନରେ ସୁଭଦ୍ରା ରଥ ଶୁଭାରମ୍ଭ

**ବୋଡ଼େନ,୧୪।୯ (ଟିକେଶ୍ୱର ନାଗ):** ନୂଆପଡା ଜିଲା ବୋଡ଼େନ ବ୍ଲକରେ ଶନିବାର ସୁଭଦ୍ରା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ୧୫ ପଞ୍ଚାୟତ ବୁଲି ସୁଭଦ୍ରା ଯୋଜନା ସମ୍ପର୍କରେ ଜନ ସଚେତନତା କରିବ। ବ୍ଲକ ଅଧ୍ୟକ୍ଷା ପ୍ରେମ ଶିଳା ନାଗ, ସିଡିପିଓ ଅର୍ଚ୍ଚନା ରାଉତ, ବିଡ଼ିଓ ପ୍ରିୟ ରଞ୍ଜନ କୁମାର, କାର୍ଯ୍ୟ ନିର୍ବାହ ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକ ସୁଭଦ୍ରା ରଥକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସୁପରଭାଇଜର, ଆଶା, ଅଙ୍ଗନୱାଡି କର୍ମୀ, ଏମ୍‌ବିକେ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ।

# ପିଲା ଚୋରକୁ ନିସ୍ତୁକ ପିଟିଲେ ଗ୍ରାମବାସୀ

**ସୁନ୍ଦରଗଡ,୧୪।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସହର ପତ୍ରାପଡାରେ ଶନିବାର ସକାଳେ ଜଣେ ବ୍ୟକ୍ତି ଏକ ୭ବର୍ଷୀୟ ଶିଶୁକନ୍ୟାଙ୍କୁ ଧରି ପଳାଉଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ଶିଶୁକନ୍ୟାଙ୍କୁ ଉଦ୍ଧାର କରିଥିଲେ। ଲୋକଙ୍କ ନିସ୍ତୁକ ମାଡରେ ପିଲାଚୋର ଜଣଙ୍କ ଗୁରୁତର ହୋଇଛନ୍ତି। ଟାଉନ ଥାନା ପୋଲିସ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛି। ମିଳିଥିବା ସୂଚନା ଅନୁଯାୟୀ, ଶିଶୁ କନ୍ୟା ଘର ବାହାରେ ଖେଳୁଥିବା ସମୟରେ ବ୍ୟକ୍ତି ଜଣଙ୍କ ତାଙ୍କୁ ନେଇ ପଳାଉଥିଲେ। ଝିଅଟିର ପାଟି ଶୁଣି ପାଖ ପଡୋଶୀର ଜଣେ ମହିଳା ସମସ୍ତଙ୍କୁ ଡାକିଥିଲେ। ପଡାଲୋକେ ଜମା ହେବା ପରେ ପିଲା ଚୋରକୁ ନିସ୍ତୁକ ମାଡ଼ମାରି ତାଙ୍କଠାରୁ ଶିଶୁକନ୍ୟାଙ୍କୁ ଉଦ୍ଧାର କରିଥିଲେ। ବ୍ୟକ୍ତିଜଣଙ୍କ ସଦର ଥାନା ଟାଙ୍ଗରଭାଡି ଗ୍ରାମର ବୋଲି ଜଣାପଡିଛି। ଝିଅର ପରିବାର ଲୋକେ ଟାଉନ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇ ନାହିଁ।

# ଜାତୀୟସ୍ତରୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଉଦ୍‌ଘାଟିତ




କଳାକାରମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

**ରାଉରକେଲା,୧୪।୯(ସଙ୍ଗୀତା ଜେନା)**

ଜଗଦା ବାଟ ମା' ମଙ୍ଗଳା ଶକ୍ତି ଭବନଠାରେ ଜୟଦେବ କଳାବିକାଶ କେନ୍ଦ୍ର ପକ୍ଷରୁ ୭ମ ଜାତୀୟ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜୁଏଲ ଓରାମ ମୁଖ୍ୟ ଅତିଥି, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ତଥା ଜାତୀୟସ୍ତରର ୩୦ରୁ ଉର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିଛନ୍ତି। ପୁଣେ, ପଶ୍ଚିମବଙ୍ଗ, ଦିଲ୍ଲୀ, ଭୁବନେଶ୍ୱର, ବିହାର, ସମ୍ବଲପୁର, ପୁରୀ ସମେତ ବିଭିନ୍ନ ସ୍ଥାନରୁ କଳାକାରମାନେ ଯୋଗ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟମାନେ ପରିଚାଳନା କରିଥିଲେ। ରବିବାର ସକାଳ ପର୍ଯ୍ୟନ୍ତ ଅର୍ଥାତ ଅହୋରାତ୍ର ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆୟୋଜକ ପ୍ରଦୀପ ପଣ୍ଡା ସୂଚନା ଦେଇଛନ୍ତି। ସୁଶାନ୍ତ ପାଣି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସରକାରୀ ଆଉଟସୋର୍ସିଂ କର୍ମଚାରୀଙ୍କ ଦାବି ପୂରଣ କର

**ସୁନ୍ଦରଗଡ,୧୪।୯(ଜୟ ନାରାୟଣ ମେଣ୍ଡୁଲି)**

ଓଡ଼ିଶା ସରକାରୀ ଆଉଟସୋର୍ସି କର୍ମଚାରୀ ମହାସଂଘ ସୁନ୍ଦରଗଡ ଜିଲା ଶାଖାର ଏକ ସାଧାରଣ ସଭା ଶନିବାର ସ୍ଥାନୀୟ ମ୍ୟୁନିସପାଲିଟି କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ବିଭିନ୍ନ ନ୍ୟାର୍ଯ୍ୟ ଦାବି ପୂରଣରେ ଦିଗରେ ସରକାରୀ ଉଦାସୀନତା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ପରେ ଜିଲା ଆଉଟସୋର୍ସିଂ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘର ସଭାପତି ସୟଦ ସବୀର ଅହମଦ ଓ ସମ୍ପାଦକ ଶୁଭ୍ରାଂଶୁ କୁମାର ପଣ୍ଡା କହିଥିଲେ, ଆଉଟସୋର୍ସିଂ କର୍ମଚାରୀଙ୍କ ଦାବି ପୂରଣ ଦିଗରେ ସରକାର ପଦକ୍ଷେପ ନିଅନ୍ତୁ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶୁଭ୍ରାଂଶୁ କୁମାର ପଣ୍ଡା, ସୀମାରେଖା ପଟେଲ, ମଳୟ ପ୍ରସାଦ ମଲ୍ଲିକ, ଜଗଦୀଶ ଗିରୀ, ସୁଜାତା ଚୌଧୁରୀ, ସନ୍ଧ୍ୟାରାଣୀ ବଢେଇ, ସୁବ୍ରତ କୁମାର ବିଶ୍ୱାଳ, ପ୍ରଶାନ୍ତ ତାଜନ, ସସ୍ମିତା ନାଏକ, ବବିତା ମହାନ୍ତ, ହରେକୃଷ୍ଣ ପଣ୍ଡା, ସୁଜିତ ହୋତା, ତନବିର ଆଲମ, ପିଙ୍କି ପାଣ୍ଡେ, ରୋଜି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତାମାନେ।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଅବସରରେ ଅଧ୍ୟାପକ ସମ୍ବର୍ଦ୍ଧିତ




**ସୁନ୍ଦରଗଡ,୧୪।୯(ଜୟ ନାରାୟଣ ମେଣ୍ଡୁଲି)**

ପ୍ରାଥମିକ ଚିକିତ୍ସା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ସେପ୍ଟେମ୍ବର ଦ୍ୱିତୀୟ ଶନିବାରକୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସଭାବେ ପାଳନ କରାଯାଇଥାଏ। ଏହି ଅବସରରେ ଭୁବନେଶ୍ୱର ରେଡକ୍ରସ ଭବନ ପରିସରରେ ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ଯୋଗୀମାଲ ଯଶୋଦା ବିଷ୍ଣୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ସୁମନ୍ତ କୁମାର ଦ୍ୱିବେଦୀଙ୍କୁ ଭୁବନେଶ୍ୱର ଏମପି ଅପରାଜିତା ଷଡଙ୍ଗୀ ସମ୍ବର୍ଦ୍ଧିତ କରିଥିଲେ। ଦ୍ୱିବେଦୀ ଦୀର୍ଘ ଦିନରୁ ଉକ୍ତ ବିଦ୍ୟାଳୟରେ ଅଧ୍ୟାପକ ରହିଛନ୍ତି। ଏଥିସହିତ ଫାଷ୍ଟଏଡ ମାଷ୍ଟର ଟ୍ରେନର ଭାବେ ଓଡ଼ିଶାରେ ବେଶ ପରିଚିତ। ଦ୍ୱିବେଦୀଙ୍କୁ ଜିଲାର ଅଗ୍ରଣୀ ଅନୁଷ୍ଠାନ ଜନ ସେବା ସମିତି ଯୋଗୀମାଲ ଓ ସୁନ୍ଦରଗଡ ଜିଲା ଆମେଚର ବକ୍ସିଂ ସଂଘର ସମସ୍ତ ସଦସ୍ୟ, ଯୋଗୀମାଲ କଲେଜର ଅଧ୍ୟାପକ ସୁବ୍ରତ କୁମାର ପାଣିଗ୍ରାହୀ, କିଶୋର କୁମାର ରାଉତ, ଲତିକା ପଟେଲ, ନାରାୟଣ ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ରନ୍ଧା ମଦ ଜବତ: ମହିଳା ଗିରଫ

ଦେବଗଡ଼,୧୪।୯(ଶଶାଙ୍କ ଶେଖର ଝାଙ୍କର)

ଅବକାରୀ ବିଭାଗ ପକ୍ଷରୁ ଦେବଗଡ଼ ଥାନା ଅନ୍ତର୍ଗତ ଟୁସୁଲା ଗ୍ରାମରେ ଚଢାଉ କରାଯାଇ ବେଆଇନ ଦେଶୀ ରନ୍ଧା ମଦ ଜବତ ସହ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଟୁସୁଲା ଗ୍ରାମରେ ବେଆଇନ ମଦ କାରବାର ହେଉଥିବା ସୂଚନା ପାଇ ବାରକୋଟ ଅବକାରୀ ଥାନା ସବଇନ୍ସପେକ୍ଟର ସୀମା କେରାଇ ବିଭାଗୀୟ କର୍ମଚାରୀମାନଙ୍କ ସହିତ ସଦଳବଳ ଉକ୍ତ ଗ୍ରାମର ଶ୍ରୀମୁଖ କିଷାନଙ୍କ ଘରେ ଚଢାଉ କରିଥିଲେ। ଚଢାଉ ସମୟରେ ଶ୍ରୀମୁଖଙ୍କ ଘରୁ ୩ଟି ପ୍ଲାଷ୍ଟିକ ଜାର ଏବଂ ୩ଟି ପ୍ଲାଷ୍ଟିକ ବୋତଲରେ ରଖାଯାଇଥିବା ୨୦ଲିଟର ବେଆଇନ ଦେଶୀ ରନ୍ଧା ମଦ ମିଳିବାରୁ ଏହାକୁ ଜବତ କରିଥିଲେ। ତେବେ ଏହି ସମୟରେ ଶ୍ରୀମୁଖ ଘରେ ନ ଥିବାରୁ ତାଙ୍କ ସ୍ତ୍ରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା।

### ଔଷଧ କମ୍ପାନୀ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ୍

ଦେବଗଡ଼,୧୪।୯(ଶଶାଙ୍କ ଶେଖର ଝାଙ୍କର)

ଶନିବାର ପୂର୍ବାହ୍ନରେ କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ବୁଢାପାଳ ପୋଲ ଉପରେ ଜଣେ ଔଷଧ କମ୍ପାନୀ କର୍ମଚାରୀଙ୍କଠାରୁ ବନ୍ଧୁକ ଦେଖାଇ ୪୭ ହଜାର ୭୭୦ ଟଙ୍କା ଲୁଟ ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ଅନୁଗୋଳର ମା' ବୁଢ଼ୀ ଫାର୍ମାସିଉଟିକାଲ୍ସର କର୍ମଚାରୀ ମିଳନ ଜ୍ୟୋତି ସାହୁ ପୂର୍ବାହ୍ନ ପ୍ରାୟ ୧୧ ଟାରେ ଦେବଗଡ଼ ଜିଲାର ରିଆମାଳ ଓ ଛତାବର ସ୍ଥିତ ଦୁଇଗୋଟି ଔଷଧ ଦୋକାନରୁ ବକେୟା ବାବଦୀୟ ୪୭ ହଜାର ୭୭୦ ଟଙ୍କାଧରି ଏକ ବାଇକ ଯୋଗେ ଅନୁଗୋଳ ଅଭିମୁଖେ ଯାଉଥିଲେ। ତେବେ ଏକ କଳା ରଙ୍ଗର ପଲସର ବାଇକ ଯୋଗେ ତାଙ୍କୁ ପିଛା କରୁଥିବା ୨ଜଣ ହେଲମେଟ ପିନ୍ଧିଥିବା ଅଜଣା ବ୍ୟକ୍ତି ବୁଢାପାଳ ନିକଟସ୍ଥ ପୋଲ ଉପରେ ତାଙ୍କୁ ବନ୍ଧୁକ ଦେଖାଇ ଅଟକାଇବା ସହ ଭୟଭୀତ କରି ସମସ୍ତ ଟଙ୍କା ଲୁଟି ନେଇଥିଲେ। ଫଳରେ ମିଳନ ଜ୍ୟୋତି ମୁଣ୍ଡ କାନ ଆଉଁସି ଅନୁଗୋଳକୁ ଚାଲିଯିବା ସହ ଏନେଇ ଔଷଧ କମ୍ପାନୀ ମାଲିକଙ୍କୁ ସୂଚନା ଦେଇଥିବା ଜଣାପଡିଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ କୁଣ୍ଢେଇଗୋଳା ଥାନାରେ ଏନେଇ କୌଣସି ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରିଣୀ ସରସ୍ୱତୀ ଟୁଡୁ ପ୍ରକାଶ କରିଛନ୍ତି।

### ଭାଜପାର ନୂତନ ସଭ୍ୟ ସଂଗ୍ରହ ଅଭିଯାନ

ବ୍ରଜରାଜନଗର ୧୪।୯ (ବିଜୟ ବରାଡ଼)

ବ୍ରଜରାଜନଗର ପୌରାଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ନୂତନ ସଭ୍ୟ ସଂଗ୍ରହ ଅଭିଯାନରେ ଅଂଶଗ୍ରହଣ କରିଥିଲେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା। ମଣ୍ଡଳ ସଭାପତି ରୁକ୍ମଣି ଧୁରୁଆଙ୍କ ନେତୃତ୍ୱରେ ଶତାଧିକ କର୍ମୀ ପ୍ରଥମେ ବଜାର ଉପରେ ଥିବା ମା' ବ୍ରଜେଶ୍ୱରୀ ମନ୍ଦିରକୁ ଯାଇ ମା'ଙ୍କ ଆଶୀର୍ବାଦ ନେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ଆଗାମୀ ଦିନରେ ଓଡିଶାରେ ଭାରତୀୟ ଜନତା ପାର୍ଟି ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନ ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତିଙ୍କ ସହିତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଓପିଏମ ବାଳିକା ବିଦ୍ୟାଳୟରେ ଚିକିତ୍ସା ଦିବସ

ବ୍ରଜରାଜନଗର, ୧୪।୯(ବିଜୟ ବରାଡ଼)

ସ୍ଥାନୀୟ ଓପିଏମ ବାଳିକା ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ 'ଚିକିତ୍ସା ଦିବସ' ପାଳିତ ହୋଇଯାଇଛି। ଏହ ଉପଲକ୍ଷେ ଏକ ପ୍ରାଥମିକ ଚିକିତ୍ସା ତାଲିମ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ. ମାନସୀ ସାହୁ ଉଦ୍‌ଘାଟନ କରିଥିଲେ। ପ୍ରଥମେ ରେଡକ୍ରସର ପ୍ରତିଷ୍ଠାତା ହେନେରି ଡୁନାଣ୍ଟଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଷ୍ଟେଟ ରିସୋର୍ସ ପର୍ସନ ପ୍ରତିଭା ମହାପାତ୍ର ପ୍ରାଥମିକ ଚିକିତ୍ସା ଉପରେ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଧର୍ମେନ୍ଦ୍ର ପାଢ଼ୀ, ଅଜୟ ପଟେଲ, ପ୍ରଦୀପ ନାୟକ, ସୁଜାତା ପଟେଲ, ସୁନନ୍ଦା ଧୁରୁଆ, ମୁକ୍ତା ସୋରେନ, ଶୁସନ୍ତିଦିଗ, ବବିତା ମିଞ୍ଜ,ସସ୍ମିତା ଜେନା, ଗୌତମ ତପୋ, ପୁରନ୍ଦର ବାଘ ପ୍ରମୁଖ ଉପସ୍ଥିତ ଥିଲେ।

# ରୁକ୍କୁ ସୁନାଙ୍କ ସଙ୍ଗୀତରେ ଝୁମିଲେ ଦର୍ଶକ

ଦେବଗଡ଼,୧୪।୯(ଶଶାଙ୍କ ଶେଖର ଝାଙ୍କର)



ଦେବଗଡ଼ ଗଣେଶ ମେଳାର ଅଷ୍ଟମ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମ।

**ପ୍ରସିଦ୍ଧ ଦେବଗଡ଼ ଗଣେଶ ମେଳାର ଅଷ୍ଟମ ଦିବସ**

**■ ୧୬ରେ ଭସାଣି ଶୋଭାଯାତ୍ରା**

ଅପୂର୍ବ ଉତ୍ସାହ ଏବଂ ଉଦ୍ଦୀପନା ମଧ୍ୟରେ ଗତ ୭ ତାରିଖ ଠାରୁ ଶୁଭାରମ୍ଭ ହୋଇଥିବା ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ଦେବଗଡ ଗଣେଶ ମେଳା ଶନିବାର ଅଷ୍ଟମ ଦିବସରେ ପହଞ୍ଚିଛି। ପବଳ ବର୍ଷା ସତ୍ତ୍ୱେ ମେଳାରେ ହଜାର ହଜାର ଦର୍ଶକଙ୍କର ସମାଗମ ହୋଇଥିବାବେଳେ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ସୁନାମଧନ୍ୟ କଣ୍ଠଶିଳ୍ପୀ ରୁକ୍କୁ ସୁନା ଓ ଦଳ ଦ୍ୱାରା ପରିବେଷିତ ସମ୍ବଲପୁରୀ ମେଲୋଡି ଦର୍ଶକମାନଙ୍କ ନିମନ୍ତେ ବେଶ ଉପଭୋଗ୍ୟ ହେବା ସହ ନୃତ୍ୟ ଏବଂ ସମ୍ବଲପୁରୀ ସଙ୍ଗୀତର ତାଳେ ତାଳେ ଯୁବ ବର୍ଗ ଝୁମି ଉଠିଥିଲେ। ସେହିପରି କଂସ ଦରବାର ମଧ୍ୟ ଦର୍ଶକଙ୍କୁ ଆମୋଦିତ କରିଥିଲା। ବିଗତ ଦିନମାନଙ୍କ ଭଳି ରାତିରେ ମଧ୍ୟ ହଜାର ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ 'ଆନନ୍ଦ ବଜାର' କାର୍ଯ୍ୟକ୍ରମ ଜରିଆରେ ଅନ୍ନ ପ୍ରସାଦ ବିତରଣ କରାଯାଇଥିଲା। ୧୯୮୯ ମ୍ୟାଟ୍ରିକ ବ୍ୟାଚ ପକ୍ଷରୁ କ୍ଷୀରି ବଣ୍ଟନ କରାଯାଇଥିଲା। ରାତ୍ରି ପ୍ରାୟ ୧୦ଟା ୩୦ ମିନିଟ ସମୟରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାୟକ ପୂଜା ମଣ୍ଡପରେ ପହଞ୍ଚି ଶ୍ରୀଗଣେଶଙ୍କ ଆଳତି କରିବାସହ ସାଂସ୍କୃତିକ ମଞ୍ଚରେ ଉପସ୍ଥିତ ରହି ଦେବଗଡ ଜିଲାବାସୀଙ୍କ ଉଦ୍ଦେଶ୍ୟରେ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜକ ସାର୍ବଜନୀନ ଗଣେଶ ମେଳା କମିଟି ସଭାପତି ଉମାଶଙ୍କର ସାହୁ, ଉପସଭାପତି ଜନ୍ମେଜୟ ନାୟକ, ସମ୍ପାଦକ ସୁରଞ୍ଜିତ ମହାପାତ୍ର, କୋଷାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ସହ କୋଷାଧ୍ୟକ୍ଷ ପ୍ରଭାତ କୁମାର ସାହୁ , ସହ କୋଷାଧ୍ୟକ୍ଷ କୃଷ୍ଣମେହେର, କ୍ରୀଷ୍ଣା ଗୋଏଲ, ସୌରଭ ଗୋଏଲ ଓ ପ୍ରକାଶ କୁମାର ଦେବତାଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ। ରବିବାର ସନ୍ଧ୍ୟାରେ ବହୁ ପ୍ରତିକ୍ଷୀତ ଶ୍ରୀଗଣେଶ ଲଡୁ ଉନ୍ମୋଚନ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ ସୋମବାର ଅଗ୍ରପୂଜ୍ୟଙ୍କ ଆକର୍ଷଣୀୟ ଭସାଣୀ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକ ମେଳା କମିଟି ପକ୍ଷରୁ ସୂଚନା ମିଳିଛି।

# ବାଛୁରୀକୁ ମାରି ଖାଇଲା ବାଘ

ଜମନକିରା,୧୪।୯(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ ଜମନକିରା ରେଞ୍ଜ୍ ପାଟବନ୍ଧା ଗାଁ ନିକଟସ୍ଥ ଗୋଏଲଡୁମା ଜଙ୍ଗଲରେ ଏକ ବାଛୁରୀକୁ ବାଘ ମାରି ଦେଇଥିବା ଅଭିଯୋଗ ହୋଇଛି। ଖବର ପାଇ ବନ ବିଭାଗ ଅଧିକାରୀମାନେ ଶନିବାର ଦିନତମାମ ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି। ତେବେ ବାଘ ବାଛୁରୀକୁ ମାରି ଦେଇଥିବା ଖବର ପ୍ରଚାରିତ ହେବା ପରେ ପାଟବନ୍ଧା ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ଲୋକେ ଘରୁ ପଦାକୁ ବାହାରୁନାହାନ୍ତି। ବାମରା ଡିଏଫ୍‌ଓ ସମୀର କୁମାର ସାହୁ କହିଛନ୍ତି ବନ କର୍ମଚାରୀ ସଜାଗ ଅଛନ୍ତି, ଲୋକେ ଆତଙ୍କିତ ହୁଅନ୍ତୁ ନାହିଁ। ସୂଚନା ଅନୁସାରେ, ପାଟବନ୍ଧା ଗାଁଠାରୁ ୨/୩ କିଲୋମିଟର ଦୂର ଗୋଏଲଡୁମା ଜଙ୍ଗଲକୁ ଗାଁର ଗାଈଚରାଳି ସବୁଦିନ ଭଳି ଗତ ୧୨ ତାରିଖରେ ଗାଈ ଚରାଇବାକୁ ନେଇଥିଲେ। ସନ୍ଧ୍ୟାରେ ଗୋଠ ଫେରିଲାବେଳେ ଗାଁର ଗାବ୍ରେଲ ଏକ୍କାଙ୍କ ଗୋଟିଏ ୨/୩ ବର୍ଷର ବାଛୁରୀ ଫେରି ନ ଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ବି କୌଣସି ସନ୍ଧାନ ମିଳି ନ ଥିଲା। ଶନିବାର ଗାଁର କେତେଜଣ ଲୋକ ଜଙ୍ଗଲକୁ ଯାଇଥିବା ବେଳେ ବାଛୁରୀର କ୍ଷତାକ୍ତ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବର ପାଇ ପାଖ ଗାଁ ଲୋକେ ଜଙ୍ଗଲକୁ ଯାଇଥିଲେ। ବାଘ ମାରି ଖାଇଥିବା ଅନୁମାନକରି ସେମାନେ ବନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଅବଗତ କରାଇଥିଲେ। ପ୍ରାଥମିକ ତଦନ୍ତରୁ କଲରାପତରିଆ ବାଘ ହୋଇଥାଇପାରେ ବୋଲି ବନ ବିଭାଗ ଅଧିକାରୀ ଆଶଙ୍କା ପ୍ରକାଶ କରିଛନ୍ତି।

# ରେଳ ଫାଟକରେ ଟ୍ରେନ୍ ଅଟକିବାରୁ ଲୋକେ ହନ୍ତସନ୍ତ


ଟ୍ରେନ ଅଟକିବାରୁ ଟ୍ରାଫିକ ଜାମ ହୋଇଛି।

ଝାରସୁଗୁଡ଼ା,୧୪।୯(ସଞ୍ଜୟ ମାଲି)

ଝାରସୁଗୁଡ଼ା ସହରସ୍ଥିତ ସରବାହାଲ ରେଳ ଫାଟକରେ ଶନିବାର ଅଧଘଣ୍ଟା ରହିଲା ମାଲବାହୀ ଟ୍ରେନ। ଫଳରେ ଫାଟକର ଦୁଇ ପାର୍ଶ୍ୱରେ ଟ୍ରାଫିକ ସମସ୍ୟା ଗୁରୁତର ହୋଇଥିଲା। ସନ୍ଧ୍ୟା ୫ଟାରେ ସମ୍ବଲପୁର ପଟୁ ଏକ ମାଲବାହୀ ଟ୍ରେନ ଆସି ସରବାହାଲ ରେଳ ଫାଟକରେ ଅଧଘଣ୍ଟା ରହିବା ଫଳରେ ଗାଡ଼ି ଚାଳକ, ଶିଳ୍ପାନୁଷ୍ଠାନ କର୍ମଚାରୀ ବାଟୋଇ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଟ୍ରାଫିକ ପୋଲିସକୁ ନାକେଦମ ହେବାକୁ ପଡ଼ିଥିଲା। ବାରମ୍ବାର ଏଭଳି ସମସ୍ୟା ସୃଷ୍ଟି ହେଉଥିବା ବେଳେ ରେଳ ଅଧିକାରୀ ଚୁପ ରହୁଥିବାର ପରିଲକ୍ଷିତ ହେଉଛ। ଏହାର ସ୍ଥାୟୀ ସମାଧାନ ପାଇଁ ଜନସାଧାରଣରେ ଦୀର୍ଘ ଦିନରୁ ଦାବି ହେଉଛି।

# ଧନୁପାଲି ଆଞ୍ଚଳିକ ନୂଆଁଖାଇ ଭେଟ୍‌ଘାଟ ତିହାର


ନୂଆଁଖାଇ ଭେଟ ଘାଟ ତିହାରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସମ୍ବଲପୁର,୧୪।୯(ବି.ଶଙ୍କର)

ସମ୍ବଲପୁର ଧନୁପାଲି ଆଞ୍ଚଳିକ ନୂଆଁଖାଇ ଭେଟ୍‌ଘାଟ ତିହାର ଶନିବାର ଆଦିତ୍ୟ କଲ୍ୟାଣ ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମକୁ କମିଟି ସଭାପତି ସଞ୍ଜୟ ମିଶ୍ର ଉଦ୍‌ଘାଟନ କରିଥିଲେ। ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା, ଆଇନଜୀବୀ ପ୍ରଦୀପ ବହିଦାର ଓ ବିଜେଡି ଯୁବନେତା ସଞ୍ଜୀବ ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ମା' ସମଲେଶ୍ୱରୀଙ୍କୁ ଯଥାବିଧି ପୂଜାର୍ଚ୍ଚନା ପରେ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜକ ସୁଦାମ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହାପରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର ଆରମ୍ଭ କରିଥିଲେ। ପୂର୍ବାହ୍ନ ୧୧ଟାରେ ମଞ୍ଚପୂଜା, ୧୧ଟା ୩୦ରେ ସମ୍ବଲପୁରୀ ନୃତ୍ୟ ପ୍ରତିଯୋଗୀତା, ଅପରାହ୍ନ ୩ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚିତ୍ରାଙ୍କନ ପ୍ରତିଯୋଗିତା, ଅପରାହ୍ନ ୪ଟାରୁ ସମ୍ବଲପୁରୀ ବସ୍ତ୍ର ପରିଧାନ ପ୍ରତିଯୋଗିତା ହୋଇଥିଲା। ଚୈତନ୍ୟ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲା। ସନ୍ଧ୍ୟାରେ ୫ଟାରେ ରାଜସ୍ୱ ମନ୍ତ୍ରୀ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଓ ପୂର୍ବତନ ମହିଳା କମିଶନ ଅଧକ୍ଷା ଡ. ଜ୍ୟୋତି ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଦାମୋଦର କର ଓ ପ୍ୟାରୀ ମୋହନ ପ୍ରଧାନ ଅତିଥି ସ୍ୱାଗତ କରିଥିଲେ। ଧନୁପାଲି ଆଞ୍ଚଳିକ ନୂଆଁଖାଇ ଭେଟ ଘାଟ ତିହାର ସଂଯୋଜକ ଦେବାଶିଷ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। ସହ ସଂଯୋଜକ ସୌରଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ହାଇୱା ଧକ୍କାରେ ବାଇକ ଆରୋହୀ ମୃତ, ରାସ୍ତାରୋକୋ

ରେଙ୍ଗାଲି,୧୪।୯(ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା କତରବଗା ଥାନା ଝାଙ୍କରପାଲି ନିକଟ କେନ୍ଦୁଟିକ୍ରାରେ ଶୁକ୍ରବାର ରାତି ପ୍ରାୟ ସାଢ଼େ ୧୦ଟାରେ ହାଇୱା ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଝାଙ୍କରପାଲିର ପୁରନ୍ଦର ମରେଇ(୪୦)। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ରେଙ୍ଗାଲି ଜୋନ ୨ ଜିଲା ପରିଷଦ ସଭ୍ୟ ଦେବ ନାରାୟଣ ତିୱାରୀଙ୍କ ନେତୃତ୍ୱରେ କୁନା ଭୋଇ, ଲିପୁନ ବେହେରା, ସୁଜିତ ପ୍ରଧାନଙ୍କ ଶହ ଶତାଧିକ ଗ୍ରାମବାସୀ କ୍ଷତିପୂରଣ ଦାବି କରି ରାସ୍ତାରୋକୋ କରିଥିଲେ। ୧୮ ଘଣ୍ଟା ପର୍ଯ୍ୟନ୍ତ ଲୋକେ ମୃତଦେହ ଉଠାଇବାକୁ ଦେଇ ନ ଥିଲେ। ପରେ ମୃତକ ପାରିବାରକୁ ୨ଲକ୍ଷ ୫୨ ହଜାର ଟଙ୍କା ଓ ରେଡକ୍ରସ ପକ୍ଷରୁ ୨୦ ହଜାର ଟଙ୍କା ଦେବା ପରେ ଶନିବାର ସନ୍ଧ୍ୟା ୬ଟାରେ ମୃତଦେହ ଉଠିଥିଲା। ସମ୍ବଲପୁର ସଦର ଏସଡିପିଓ ତୋଫାନ ବାଗ, ରେଙ୍ଗାଲି ଅତିରିକ୍ତ ତହସିଲଦାର ସୁଜିତ ଶତପଥୀ, କତରବଗା ଓ ଠେଲକଲୋଇ ଥାନା ଅଧିକାରୀ ଉପସ୍ଥିତ ଥିଲେ। ପୁରନ୍ଦର ବାଇକ ଯୋଗେ ଆସୁଥିବା ବେଳେ ପାଉଁଶ ବୋଝେଇ ହାଇୱା (ଓଡି୧୫କେ ୬୩୦୫) ତାଙ୍କୁ ଧକ୍କା ଦେଇଥିଲା।

# ଗୌଡ଼ସୁଗୁଡ଼ା ବିଦ୍ୟାଳୟରେ ହିନ୍ଦୀ ଦିବସ

ଦେବଗଡ଼,୧୪।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ ଗୌଡ଼ସୁଗୁଡ଼ା ପଞ୍ଚାୟତ ନୋଡ଼ାଲ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭୁବନେଶ୍ୱର ଦେହୁରୀଙ୍କ ଅଧ୍ୟକ୍ଷତାରେ ହିନ୍ଦି ଦିବସ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନେ ଅତିଥିମାନଙ୍କୁ ଫୁଲତୋଡ଼ା ଦେଇ ସମ୍ମାନିତ କଲା ପରେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ହିନ୍ଦି ଶିକ୍ଷକ ଦୟାନିଧି ସାହୁ ଏହି ଦିବସର ରୂପରେଖ ଓ ସମାରୋହର ପରିକଳ୍ପନା ସହ ଏହାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମୁଖ୍ୟଅତିଥି ଭାବରେ ପୂର୍ବତନ ପ୍ରଧାନ ଶିକ୍ଷକ ହୃଷିକେଶ ସାହୁ ଓ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ହୀନ୍ଦି ଶିକ୍ଷକ ଗିରିଧାରୀ ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଟିକେଶ୍ୱର ସାହୁ ଓ ମହେନ୍ଦ୍ର ମେଣ୍ଡୁଲି ଯୋଗଦାନ କରିଥିଲେ। ସମସ୍ତ ବକ୍ତା ହିନ୍ଦି ଦିବସର ତାତ୍ପର୍ଯ୍ୟ ହିନ୍ଦି ଭାଷାରେ ବକ୍ତବ୍ୟ ରଖିଥିଲେ। ହିନ୍ଦି ଭାଷାକୁ ରାଷ୍ଟ୍ରଭାଷା ଭାବରେ ୧୪ ସେପ୍ଟେମ୍ବର,୧୯୪୯ରେ ଭାରତୀୟ ସମ୍ବିଧାନର ଧାରା ୩୪୩ ରୁ ୩୫୩ ଧାରାରେ ସ୍ୱୀକାର କରାଯାଇଥିଲା। ଏହାକୁ ହିନ୍ଦି ଦିବସ ଭାବରେ ୧୪ ସେପ୍ଟେମ୍ବର ୧୯୫୩ ଠାରୁ କାର୍ଯ୍ୟକାରୀ କରାଯାଇଛି। ଏହି ଅବିସ୍ମରଣୀୟ ଦିବସକୁ ମନେ ପକାଇ ହିନ୍ଦି ଭାଷାର ପ୍ରଚାର, ପ୍ରସାର ଓ ସମୃଦ୍ଧି ପାଇଁ ହିନ୍ଦି ଦିବସ ପାଳନ କରାଯାଉଛି। ବିଦ୍ୟାଳୟର ଛାତ୍ରୀଛାତ୍ର ସିନିୟର ବିଭାଗରେ ହିନ୍ଦି ଭାଷାରେ ବକ୍ତୃତା, ରଚନା, ସଙ୍ଗୀତ ଓ ଜୁନିୟର ବିଭାଗରେ ହସ୍ତାକ୍ଷର, ଶ୍ରୁତଲିଖନ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ମାନପତ୍ର ସହ ପୁରସ୍କାର ବଣ୍ଟନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ହିନ୍ଦି ଭାଷାରେ ଏକ କ୍ଷୁଦ୍ର ନାଟକ ପରିବେଷଣ କରିଥିଲେ। ଏହି ବର୍ଣ୍ଣାଢ୍ୟ ହିନ୍ଦି ଦିବସ କାର୍ଯ୍ୟକ୍ରମକୁ ଜିତେନ୍ଦ୍ର ଧଳ, ମୀରାବାଈ ବେହେରା, ଗାୟତ୍ରୀ ରଣଜିତ, ପୁଲିନ କୁମାର ସାହୁ, ସଞ୍ଜିବ ବାର୍ଲା, ବୈକୁଣ୍ଠ କିଷାନ, ମାନସ କୁମାର ସାହୁ, ଗୁରୁଚରଣ ନେତୁର ଓ ଯଶୋବନ୍ତ ବେହେରା ସହଯୋଗ କରିଥିଲେ। ସନ୍ତୋଷ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ରମ୍ଭେଇ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ଚାଷ ଜମିକୁ ଜଳଯୋଗାଣ ଆରମ୍ଭ

**ଦେବଗଡ଼,୧୪।୯(ଶଶାଙ୍କ ଶେଖର ଝାଙ୍କର):** ଜିଲା କୃଷକ ସଂଘର୍ଷ ସଂଘର ଦାବିପରେ ବାରକୋଟ ବ୍ଲକ ରମ୍ଭେଇ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ କେନାଲ ଯୋଗେ ଚାଷ ଜମିକୁ ଜଳଯୋଗାଣ ଆରମ୍ଭ ହୋଇଛି। ଏଣୁ ଶନିବାର ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମଙ୍କ ଗସ୍ତ ସମୟରେ ଅଞ୍ଚଳବାସୀଙ୍କ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୂଚନାଯୋଗ୍ୟ ଯେ, ରମ୍ଭେଇ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ତଳ ମୁଣ୍ଡକୁ ଜଳ ଯୋଗାଣ ନିମନ୍ତେ ନୂତନ ଭାବେ ଏକ କେନାଲ ନିର୍ମିତ ହୋଇଛି। ତେବେ ତଳମୁଣ୍ଡକୁ ଜଳ ଯୋଗାଣରେ ବିଳମ୍ବତା ଯୋଗୁ କେନାଲ ନିର୍ମାଣ ତ୍ରୁଟିପୂର୍ଣ୍ଣ କିମ୍ବା ନିମ୍ନମାନର ହୋଇଥିବା ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ସନ୍ଦେହ ପ୍ରକଟ କରାଯିବା ସହ ଉକ୍ତ କେନାଲ ଜରିଆରେ ରମ୍ଭେଇ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ତଳ ମୁଣ୍ଡକୁ ଜଳ ଯୋଗାଣ ନିମନ୍ତେ ଦାବି କରାଯାଇଥିଲା। ଗତ ୫ ତାରିଖ ଦିନ ଜିଲା କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମଙ୍କ ନେତୃତ୍ୱରେ ସମ୍ପୃକ୍ତ ଅଞ୍ଚଳର ବହୁ ଚାଷୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଏ ମର୍ମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ।

### ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଝାରସୁଗୁଡ଼ା, ୧୪।୯(ସଞ୍ଜୟ ମାଲି)

ଶନିବାର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ବ୍ଲକସ୍ତରୀୟ କୁଇଜ ପ୍ରତିଯୋଗିତା କାର୍ଯ୍ୟକ୍ରମ ଝାରସୁଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସରକାରୀ ଟାଉନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବ୍ଲକ ଅନ୍ତର୍ଗତ ପ୍ରତ୍ୟେକ ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀର ବର୍ଗ ଅନୁଯାୟୀ ଜଣେ ଲେଖାଏଁ ପ୍ରତିଯୋଗୀତାରେ ଭାଗ ନେଇଥିଲେ। ସିନିୟର୍ ଗ୍ରୁପର ୮୦ ଜଣ, କନିଷ୍ଠ ଗ୍ରୁପରୁ ୭୭ ଜଣ ଓ ଉପ କନିଷ୍ଠ ଗ୍ରୁପର ୩୩ ଜଣ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଗ୍ରୁପରୁ ୩ ଜଣ ଏହିପରି ଭାବରେ ୯ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଝାରସୁଗୁଡ଼ା ପୌର ପରିଷଦର ଚେୟାରମେନ ରାନୀ ହାତୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଝାରସୁଗୁଡ଼ା ସୁଶାନ୍ତ ଘୁଟା, ପ୍ରଦୀପ୍ତ ସା, ଅତିରିକ୍ତ ଜିଲା ଶିକ୍ଷାଧିକାରୀ, ସତ୍ୟବ୍ରତ ସାହୁ ଗୋଷ୍ଠୀ ଶିକ୍ଷା ଅଧିକାରୀ, କୋଲାବିରା, ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ପଟ୍ଟଯୋଶୀ, ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରଶିକ୍ଷକ ରଞ୍ଜିତା ହର, ଅଜୟ ପଟ୍ଟଯୋଶୀ, ସୁଶାନ୍ତ ହୋତା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ତନ୍ମୟୀ ଦେବଶ୍ରୀ ପିଙ୍ଗ ପ୍ରଧାନ ଶିକ୍ଷୟିତ୍ରୀ ସରବାହାଲ ଉଚ୍ଚ ବିଦ୍ୟାଳୟ, ଅନିଲ ପଟେଲ ପ୍ରଧାନ ଶିକ୍ଷକ ସରକାରୀ ଟାଉନ ଉଚ୍ଚ ବିଦ୍ୟାଳୟ, ସିଆରସିସି ସୁରଜ ପଟେଲ,ତରୁଣ ପାଣ୍ଡେ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ।


କୁଇଜ ପ୍ରତିଯୋଗିତା ମଞ୍ଚାସୀନ ଅତିଥି ବୃନ୍ଦ।

# ଚିନ୍ମୟ ବିଦ୍ୟାଳୟରେ ବିଜ୍ଞାନ ମେଳା

ଦେବଗଡ଼,୧୪।୯(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ସୁନାମୁଣ୍ଡା ଗ୍ରାମ ସ୍ଥିତ ଚିନ୍ମୟ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ, ରାଜେଶ କୁଅଁର, ରୋଜି ପ୍ରଧାନ, ନିଲାଞ୍ଚଳ ପ୍ରଧାନ ଏବଂ ରଶ୍ମିଲେଖା ବେହେରାଙ୍କ ନେତୃତ୍ୱରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ଡ଼ିଏଫଓ ମଗର ଧନାଜି ରାଓସୋ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବା ସହିତ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଓ ପରିବେଶର ଉପକାରିତା ଏବଂ ବ୍ୟବହାର ବିଷୟରେ ବୁଝାଇଥିଲେ। ଦୀର୍ଘ ସମୟ ଧରି ସମସ୍ତ ଛାତ୍ରୀଛାତ୍ରଙ୍କ ପ୍ରକଳ୍ପ ଦେଖିବା ସହିତ ପ୍ରକଳ୍ପଗୁଡ଼ିକ କେମିତି ନିତିଦିନ ଜୀବନରେ ଲାଭଦାୟକ ହୋଇପାରିବ ସେହି ବିଷୟରେ ଚର୍ଚ୍ଚା କରିବା ସହିତ ସୁସ୍ଥ ପରିବେଶ ଏବଂ ବିଜ୍ଞାନ ଦିଗରେ ସମସ୍ତ ଶିଶୁ କେମିତି ଆଗକୁ ବଢ଼ି ପାରିବେ ତା ଉପରେ ମଧ୍ୟ ସେ ନିଜର ମନ୍ତବ୍ୟ ରଖିଥିଲେ। ସର୍ବ ଶେଷରେ ଡ଼ିଏଫଓ ବିଦ୍ୟାଳୟର ନର୍ସରୀରେ ବୃକ୍ଷ ରୋପଣ କରିବା ସହିତ ସବୁଜ ପରିବେଶକୁ ବୁଲି ଅନୁଧ୍ୟାନ କରିଥିଲେ। ଜବାହର ନବୋଦୟ ବିଦ୍ୟାଳୟର ଜୀବ ବିଜ୍ଞାନ ଶିକ୍ଷୟିତ୍ରୀ ଦିବ୍ୟଜ୍ୟୋତି ମହାରଣା ଏବଂ ପଞ୍ଚାୟତ ସମିତି ମହାବିଦ୍ୟାଳୟ ବାରକୋଟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ମୁକ୍ତେଶ୍ୱର ରାଉତ ପ୍ରକଳ୍ପ ଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ସମୁଦାୟ ୭୪ଟି ପ୍ରକଳ୍ପ ମଧ୍ୟରୁ ଶ୍ରଦ୍ଧାସୁମନ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ରେନ ୱାଟର କନ୍ସର୍ଭେସନ ପ୍ରକଳ୍ପ ବେଷ୍ଟ ପ୍ରୋଜେକ୍ଟ ଭାବରେ ବିବେଚିତ ହୋଇଛି। ଜୁନିୟର ସ୍ତରରେ ସମୁଦାୟ ଅଂଶଗ୍ରହଣ କରିଥିବା ୪୮ଟି ପ୍ରକଳ୍ପ ମଧ୍ୟରୁ ଆଶୀର୍ବାଦ ଶତପଥି ଏବଂ ସାରାଂଶ ବେହେରାଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଫ୍ୟୁଚରଷ୍ଟିକ ଟ୍ରାନ୍ସପୋର୍ଟେସନ ପ୍ରକଳ୍ପ ପ୍ରଥମ ସ୍ଥାନ, ମନୀଷ ସାହୁ ଏବଂ ଆୟୁଷ୍ମାନ ଅଗ୍ରୱାଲଙ୍କ ଦ୍ୱାରା ପ୍ରସ୍ତୁତ ୱାଟର ପୁରିଫିକେସନ ବାଏ ସୋଲାର ଏନର୍ଜି ପ୍ରକଳ୍ପ ଦ୍ୱିତୀୟ ସ୍ଥାନ, ଆୟାନ ବେହେରା ଏବଂ ଶ୍ରେୟଂଶ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ଟ୍ରାନସ୍ପୋର୍ଟ ଆଣ୍ଡ କମ୍ୟୁନିକେସନ ପ୍ରକଳ୍ପ ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି ଏବଂ ସିନିୟର୍ ସ୍ତରରେ ସମୁଦାୟ ଅଂଶଗ୍ରହଣ କରିଥିବା ୨୬ଟି ପ୍ରକଳ୍ପ ମଧ୍ୟରୁ ଗୁଣସାଗର ବେହେରା ଏବଂ ଅଙ୍କିତ ଗଡନାୟକ ଦ୍ୱାରା ପ୍ରସ୍ତୁତ ଇଲେକ୍ଟ୍ରିସିଟି ପ୍ରୋଟେକ୍ସନ ପ୍ରକଳ୍ପ ପ୍ରଥମ ସ୍ଥାନ, ସୁମନ ନାୟକ ଏବଂ ଟିକେଶ୍ୱର ସାହୁଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଗ୍ଲୋବାଲ ୱର୍ମିଂ ପ୍ରକଳ୍ପ ଦ୍ୱିତୀୟ ସ୍ଥାନ, ଜିଜ୍ଞାସା ଓଝା ଏବଂ ପ୍ରିୟଙ୍କା ସାହୁଙ୍କ ଦ୍ୱାରା ପ୍ରସ୍ତୁତ ସୋଲାର ଟ୍ରାକର ପ୍ରକଳ୍ପ ତୃତୀୟ ସ୍ଥାନ ଗ୍ରହଣ କରିଛନ୍ତି। ଏହି ବିଜ୍ଞାନ ମେଳାରେ ବହୁ ପିତା ମାତା ଏବଂ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଶେଷରେ ବିଦ୍ୟାଳୟର ପ୍ରିନ୍ସିପାଲ ସୁଜିତ ଠାକୁର ଏବଂ ବିଜ୍ଞାନ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।


ବିଜ୍ଞାନ ମେଳାରେ ପ୍ରଦର୍ଶିତ ପ୍ରକଳ୍ପ।

## ସଂକ୍ଷେପରେ

### ଗାଁକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ



**କୋକସରା,୧୪ା୯ (ଦୁଷ୍ମନ୍ତ କୁମାର ପାଟଯୋଷୀ):** ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିବା କଳାହାଣ୍ଡି ଜିଲା କୋକସରା ବ୍ଲକର ଜଣେ ଶ୍ରମିକଙ୍କ ମୃତଦେହ ଶନିବାର ଗାଁକୁ ଫେରିଛି। ସୂଚନାକ୍ରମେ କୋକସରା ବ୍ଲକ ଲଡୁଗାଁ ପଞ୍ଚାୟତ ସୁପାଡ଼ ଗ୍ରାମ ନାଏକ ପଡ଼ାର ବୈକୁଣ୍ଠ ଧଙ୍ଗଡା ମାଝିଙ୍କ ପୁଅ ପଦ୍ମଲୋଚନ ଦୁଇମାସ ତଳେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ସେଠାରେ ସେ ଏକ ଘରୋଇ ଠିକା ସଂସ୍ଥାରେ ନିୟୋଜିତ ଥିଲେ। ଏପରିସ୍ଥଳେ ଦୁଇଦିନ ତଳେ ଜ୍ୱର ହୋଇ ଗୁରୁତର ହେବାରୁ ସେଠାରେ ଥିବା ଏକ ସରକାରୀ ଡାକ୍ତରଖାନାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ଠିକାସଂସ୍ଥା ଏକ ଆମ୍ବୁଲାନ୍ସ ଯୋଗେ ତାଙ୍କ ମୃତଦେହକୁ ଗାଁକୁ ପଠାଇଥିଲେ। ଶନିବାର ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗାଁ ମଶାଣିରେ ସତ୍କାର କରାଯାଇଛି। ପରିବାରର ରୋଜଗାରିଆ ପୁଅର ମୃତ୍ୟୁକୁ ନେଇ ମା'ବାପା ଭାଙ୍ଗିପଡିଛନ୍ତି। ସରକାରୀ ସ୍ତରରେ ପରିବାରକୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଉଚ୍ଚ ବିଦ୍ୟାଳୟରେ ଜାତୀୟ ହିନ୍ଦୀ ଦିବସ

**ନୂଆପଡ଼ା,୧୪ା୯ (ମକାରୁ ବେମାଲ):** ନୂଆପଡ଼ା ସଦର ବ୍ଲକ ସାରାବଙ୍ଗ ଉଚ୍ଚ ବିଦ୍ୟାଳୟଠାରେ ଶନିବାର ଜାତୀୟ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ବିଭା ଚନ୍ଦ୍ରକାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପରମାନନ୍ଦ ସାହୁ ମୁଖ୍ୟଅତିଥି, ମାନସିଂ ମାଝି, ମନ୍ଟୁ ପାତ୍ର, ସରୋଜ ବାରିକ, ଲକ୍ଷ୍ମଣ ପୁଟା, ରାଜେଶ ମହଲା, ଭୂପେଶ ପଟେଲ, ଦୀପିକା ସୁରଜ, ପଙ୍କଜିନୀ ଶବର, ସଞ୍ଜୁଲତା ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ହିନ୍ଦୀ ଶିକ୍ଷକ ବିଜୟ କୁମାର କେଉଟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ର ଦୁର୍ଗା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

### ନୂଆପଡ଼ାରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ନୂଆପଡ଼ା,୧୪ା୯ (ମକାରୁ ବେମାଲ):** ନୂଆପଡା ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ନିରଞ୍ଜନ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଜ୍ଞା ପରମିତା ମହାପାତ୍ର, ମହିଳା କୋର୍ଟ ଜଜ୍ ସରୋଜିନୀ ସାହୁ, ବରିଷ୍ଠ ଦେୱାନୀ ଜଜ୍ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ, ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ପ୍ରଧାନ, ଏସ୍‌ଡିଜେଏମ୍ ଗୌରବ ପୁରୋହିତ, ଜେଏମ୍ଏଫ୍‌ସି ନୂଆପଡ଼ା ମଧୁସ୍ମିତା ମହାପାତ୍ର ପ୍ରମୁଖ ଯୋଗଦେଇ ମୋଟ ୨ ହଜାର ୪୮୬ ଗୋଟି ପାରିବାରିକ, ଚେକ ବାଉନ୍ସ, ଦେୱାନୀ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଓ ରାଜସ୍ୱ ମାମଲାର ବିଚାର କରି ୧,୧୯,୩୮,୬୭୫ ଟଙ୍କାର ଆପୋସ ସମାଧାନ କରା ଯାଇଥିଲା। ସେହିପରି ବିଭିନ୍ନ ବ୍ୟାଙ୍କ ଅଂଶ ଗ୍ରହଣ କରି ୩୮୬ ଗୋଟି ବକେୟା ବ୍ୟାଙ୍କ ଋଣର ଆପୋସ ବୁଝାମଣାରେ ସମାଧାନ କରାଯାଇ ୩୮,୮୬,୨୦୦ ଟଙ୍କା ଆଦାୟ କରା ଯାଇଥିଲା। ଜିଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାଶ ଲୋକ ଅଦାଳତ ପରିଚାଳନା କରିଥିଲେ।

# ଲାଞ୍ଜିଗଡ଼ ବ୍ଲକରେ ମ୍ୟାଲେରିଆ ସ୍ଥିତି ଚିନ୍ତାଜନକ

## ଦୁର୍ଗମ ଅଞ୍ଚଳରେ ପ୍ରକୋପ ବଢିବାରେ ଲାଗିଛି

**ଲାଞ୍ଜିଗଡ଼,୧୪ା୯(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ରୋଗୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ବ୍ଲକର ବିଜେପୁର ପଞ୍ଚାୟତ ପୁଇଗୁଡାରେ ଏହାର ପ୍ରକୋପ ଦେଖାଦେଇଛି। ଗାଁର ଜୟନ୍ତ ଗଉଡ଼(୩୦), ଫୁଲୁଆଜି ଗଉଡ଼(୩୨) ଓ ଦେଈ ମାଝି (୩୫)ଙ୍କୁ ଗୁରୁତର ଅବସ୍ଥାରେ ଖଟିଆରେ ବୋହି ମୁଖ୍ୟ ରାସ୍ତାକୁ ନେବା ପରେ ଏମ୍ଏଚ୍‌ୟୁ ଗାଡ଼ିରେ ବଙ୍କାକୁଣ୍ଡରୁ ମା' ସନ୍ତୋଷୀ ଜନକଲ୍ୟାଣ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ଏମାନଙ୍କ ସ୍ଥିତିରେ ସୁଧାର ଆସିଛି। ହେଲେ ଉକ୍ତ ପଞ୍ଚାୟତ ସିନ୍ଧିଭଟା ଗାଁର ଜୟନ୍ତୀ ମାଝି, ସଞ୍ଜୟ ମାଝି, ସାଞ୍ଜ ମାଝି, ଗୋବିନ୍ଦ ମାଝି, ବାନଦେଈ ମାଝି, ଶୁଶିଳା ମାଝି, ଲକ୍ଷ୍ମୀ ମାଝି, ରଜନୀ ନାଏକ, ସଞ୍ଜନା ମାଝି, ସବିତା ମାଝି ମ୍ୟାଲେରିଆ ଜ୍ୱରରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଖବର ପାଇ ବଙ୍କାକୁଣ୍ଡରୁ ମା' ସନ୍ତୋଷୀ ଡାକ୍ତରଖାନା ଓ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହାୟତା କ୍ରମେ ଏମ୍ଏଚ୍‌ୟୁ ଟିମ୍ ଡା. ଓମ୍ ପ୍ରସାଦ ପଧାନ, ଫାର୍ମାସିଷ୍ଟ ଭଗବାନ ଚନ୍ଦ୍ର ପଧାନ ଓ ଭଶଙ୍କର ଦେ, ସ୍ୱାସ୍ଥ୍ୟକର୍ମୀ ସୁକାନ୍ତି ନାଏକ, ଏଲ୍‌ଟି ଅରୁଣ କୁମାର ସେଠ ପ୍ରମୁଖ ସିନ୍ଧିଭଟା ଗାଁକୁ ଯାଇ କ୍ୟାମ୍ପ କରି ସ୍ୱାସ୍ଥ୍ୟସେବା ଯୋଗାଇଥିଲେ। ବର୍ତ୍ତମାନ ସ୍ଥିତି ନିୟନ୍ତ୍ରଣ ରହିଥିବା ବଙ୍କାକୁଣ୍ଡରୁ ମା' ସନ୍ତୋଷୀ ଡାକ୍ତରଖାନା ପ୍ରକଳ୍ପ ସଂଯୋଜକ ଚିତ୍ତରଞ୍ଜନ ନନ୍ଦ ପ୍ରକାଶ କରିଛନ୍ତି। ବ୍ଲକରେ ୨୬ ଗୋଟି ପଞ୍ଚାୟତ ପାଇଁ ୨୪ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ରହିଥିଲେ ମଧ ଠିକ୍ ଭାବେ ସ୍ୱାସ୍ଥ୍ୟ ସେବା ମିଳିପାରୁନାହିଁ। ମ୍ୟାଲେରିଆକୁ ନେଇ ସଚେତନତା କରାଯାଉ ନ ଥିବାରୁ ରୋଗୀ ଗୁରୁତର ହୋଇ ପଡୁଛନ୍ତି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ଭବାନୀଶଙ୍କର ଲେଙ୍କା କହନ୍ତି, ଅଞ୍ଚଳରେ ଦ୍ରୁତଗତିରେ ବଢୁଥିବା ମ୍ୟାଲେରିଆ ପ୍ରକୋପକୁ ରୋକିବାକୁ ସ୍ୱାସ୍ଥ୍ୟ ବିଭାଗ ସତର୍କ ଅଛି। ଏଥିପାଇଁ ସଚେତନତାମୂଳକ କାର୍ଯ୍ୟକ୍ରମ ଜାରି ରହିଛି। ସ୍ୱାସ୍ଥ୍ୟ କେନ୍ଦ୍ର, ଉପକେନ୍ଦ୍ର ସମେତ ଆଶା, ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ସମ୍ପର୍କିତ ତଥ୍ୟ ସଂଗ୍ରହ କରୁଛନ୍ତି ବୋଲି ଡା. ଲେଙ୍କା ପ୍ରକାଶ କରିଛନ୍ତି।



ସିନ୍ଧିଭଟା ଗାଁରେ ମେଡିକାଲ ଟିମ୍ ରୋଗୀ ଚିକିତ୍ସା କରୁଛି।

# ସୁସ୍ଥ ହୋଇ ଫେରିଲେ ପୂର୍ବତନ ଏମ୍‌ପି



ପୂର୍ବତନ ଏମ୍‌ପିଙ୍କୁ ସ୍ୱାଗତ କରାଯାଉଛି।

**ନୂଆପଡ଼ା,୧୪ା୯ (ମକାରୁ ବେମାଲ)**

## ନୂଆପଡ଼ାରେ ଭବ୍ୟ ସ୍ୱାଗତ

ଭାଜପା ପୂର୍ବତନ ରାଜ୍ୟ ସଭାପତି ତଥା କଳାହାଣ୍ଡିର ପୂର୍ବତନ ଏମ୍‌ପି ବସନ୍ତ ପଣ୍ଡା ସୁସ୍ଥ ହୋଇ ଶନିବାର ନୂଆପଡ଼ାସ୍ଥିତ ତାଙ୍କ ବାସଭବନକୁ ଫେରିଛନ୍ତି। ନୂଆପଡ଼ାରେ ପହଞ୍ଚିବା ପରେ ଦଳୀୟ କର୍ମକର୍ତ୍ତାଙ୍କ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୂଚନା ଅନୁସାରେ, ଗତ ଅଗଷ୍ଟ ମାସରେ ଏମ୍‌ପି ପଣ୍ଡା ହଠାତ୍ ଅସୁସ୍ଥ ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ହୃଦ୍‌ଘାତ ଜନିତ ସମସ୍ୟା ଦେଖାଯିବାରୁ ଅଧିକ ଚିକିତ୍ସା ପାଇଁ ମୁମ୍ବାଇସ୍ଥିତ ଏସିଆନ ହାର୍ଟ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ସୁସ୍ଥ ହୋଇ ଫେରିବା ସମୟରେ ଖରିଆର ରୋଡ୍ ସହରରେ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ନୂଆପଡ଼ା ଶ୍ରୀରାମ ଛକଠାରେ ଦଳୀୟ କର୍ମକର୍ତ୍ତା, ସହରବାସୀ, ଖବରଦାତା ପ୍ରମୁଖ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ଏହି ସମୟରେ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀଙ୍କ ସମେତ ଖରିଆର ରୋଡ ଏନ୍‌ଏସି ଅଧକ୍ଷା ସୋନିଆ ଜୈନ, ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ଅର୍କ କେଶରୀ ସିଂଦେଓ, ସୁବ୍ରତ ଠାକୁର, ସରୋଜ କୁମାର ସାହୁ, ସୁଶାନ୍ତ କୁମାର ପତି, କମଲେଶ ଦୀକ୍ଷିତ, ଅଭିନନ୍ଦନ ପଣ୍ଡା, ପ୍ରେମ ଅଗ୍ରୱାଲ ପ୍ରମୁଖ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଆମେରିକାରେ ପ୍ରବାସୀ ଓଡ଼ିଆଙ୍କ ନୂଆଁଖାଇ ଭେଟ୍‌ଘାଟ୍



ନୂଆଁଖାଇରେ ସାମିଲ ପ୍ରବାସୀ ଓଡ଼ିଆ।

**ଭବାନୀପାଟଣା,୧୪ା୯ (ଉତ୍ତମ କୁମାର ଦାଶ)**

ଆମେରିକାର ସିଆଟେଲ ସହରରେ ପଶ୍ଚିମ ଓଡ଼ିଶାର ପ୍ରବାସୀ ଓଡ଼ିଆମାନେ ନୂଆଁଖାଇ ପାଳନ କରିଛନ୍ତି। ଦୀର୍ଘ ୧୨ବର୍ଷ ଧରି ଏହି ସହରରେ ନୂଆଁଖାଇ ପାଳିତ ହୋଇଆସୁଛି। ସିଆଟେଲ ସହରର ଟୋଲଟ ମେକଡୋନାଲ୍ଡ ପାର୍କଠାରେ ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ପ୍ରବାସୀ ଏକତ୍ରିତ ହୋଇ ଇଷ୍ଟଦେବୀଙ୍କୁ ପୂଜାର୍ଚ୍ଚନାକରି ନବାନ୍ନ ଗ୍ରହଣ କରିଥିଲେ। ପରେ ସମସ୍ତେ ଜୁହାର ଭେଟ ହେବା ସହ ଇଷ୍ଟଦେବୀଙ୍କଠାରୁ ଆଶୀର୍ବାଦ ନେଇଥିଲେ। ନୂଆଁଖାଇ ପରେ ଡାଲଖାଇ, ରସରକେଳିର ତାଳେ ତାଳେ ସମସ୍ତେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ନାଚଗୀତ ପରିବେଷଣ କରିଥିଲେ। ପିଠାପଣା ଓ ସୁସ୍ୱାଦୁ ବ୍ୟଞ୍ଜନରେ ପାର୍କ ମହକି ଉଠିଥିଲା। ସୂଚନାଯୋଗ୍ୟ, ସିଆଟେଲର ବିଭିନ୍ନ ଆଇଟି କମ୍ପାନୀରେ ପ୍ରବାସୀ ଓଡ଼ିଆମାନେ କାର୍ଯ୍ୟରତ ଅଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରରେ ପୋଷଣ ମାସ ପାଳିତ

**ଖଡ଼ିଆଳ,୧୪ା୯ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦ ମୁକ୍ତାପୁର ୱାର୍ଡ ନମ୍ବର ୧ ଅଙ୍ଗନୱାଡି କେନ୍ଦ୍ର ପରିସରରେ ପୋଷଣ ମାସ ପାଳିତ ହୋଇଯାଇଛି। ଏଥିରେ ସମସ୍ତ ଅଙ୍ଗନୱାଡି କର୍ମୀଙ୍କ ସମେତ କିଶୋରୀ ବାଳିକା, ଗର୍ଭବତୀ ମହିଳା, ଶିଶୁ ଯୋଗଦେଇଥିଲେ। ଏହି ଅବସରରେ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ କିଶୋରୀ ବାଳିକାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସ୍ୱଚ୍ଛତା ଅବଲମ୍ବନ କରିବାକୁ କୁହାଯାଇଥିଲା। ରକ୍ତହୀନତାରୁ ମୁକ୍ତହେବା ପାଇଁ ଆଇରନ୍ ବଟିକା ପ୍ରଦାନ ସହ ଉଚ୍ଚତା, ଓଜନ ମାପ କରାଯାଇଥିଲା। ଏଥିରେ ଖଡ଼ିଆଳ ସିଡିପିଓ ମୀନା କୁମାରୀ ଅଗ୍ରୱାଲ ଯୋଗଦେଇ ସମସ୍ତଙ୍କୁ ଉପଯୁକ୍ତ ଶିକ୍ଷା ଗ୍ରହଣ ସହ ପୁଷ୍ଟିକର ଖାଦ୍ୟ ଖାଇବା ପାଇଁ ଆହ୍ୱାନ କରିଥିଲେ।

# ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



କେସିଙ୍ଗାଠାରେ ଅନୁଷ୍ଠିତ ଲୋକ ଅଦାଲତ।

**କେସିଙ୍ଗା,୧୪ା୯(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ତାଲୁକ ଆଇନ ସେବା ସମିତି ତରଫରୁ ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ଅଦାଲତ ପରିସରରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାରବିଭାଗୀୟ ବିଚାରପତି ଧନଞ୍ଜୟ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଲୋକ ଅଦାଲତରେ ୩୦ ମାମଲାର ବିଚାର କରାଯାଇଥିଲା। ୪୭ଟି ବ୍ୟାଙ୍କ ଜନିତ ମକଦ୍ଦମା ବାବଦକୁ ୧୨ ଲକ୍ଷ ୪୮ହଜାର ୮୦୦ ଋଣ ଖିଲାପି ରାଶି ଆଦାୟ କରାଯାଇଥିଲା। ସେହିପରି ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ଲୋକ ଅଦାଲତରେ ୪୩ ରାଜସ୍ୱ ମାମଲା ବାବଦକୁ ୧ଲକ୍ଷ ୫୫ହଜାର ୯୦୨ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିରେ ସରକାରୀ ଓକିଲଙ୍କ ସମେତ ଲୋକ ଅଦାଲତର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଯୁବ ରେଡକ୍ରସ ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

**ବେହେରା,୧୪ା୯(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ବେହେରାସ୍ଥିତ ଲଖିରାମ ଅଗ୍ରୱାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡକ୍ରସ ଶାଖା ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ସାଧାରଣ ଲୋକ ପ୍ରାଥମିକ ଉପଚାର ବିଷୟରେ ଜାଣନ୍ତି ନାହିଁ। ପ୍ରାଥମିକ ଚିକିତ୍ସା ବିଷୟରେ ପ୍ରଶିକ୍ଷଣକୁ ବ୍ୟାପକ କରାଯିବା ସହ ସ୍କୁଲ ସିଲାବସରେ ଅନ୍ତର୍ଭୁକ୍ତ କରାଗଲେ ବିଦ୍ୟାର୍ଥୀ ଜୀବନରୁ ପ୍ରାଥମିକ ଉପଚାର ବିଷୟରେ ଜ୍ଞାନ ଲାଭ କରି ଛାତ୍ରୀଛାତ୍ର ଦୁର୍ଘଟଣା ସମୟରେ ତାହାକୁ କାମରେ ଲଗାଇପାରିବେ। ସରକାର ଏ ଦିଗରେ ପଦକ୍ଷେପ ନେଲେ ସମସ୍ତେ ଉପକୃତ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଧ୍ୟାପକ ଅକ୍ଷୟ କୁମାର ପଟ୍ଟନାୟକ, ସୁରେନ୍ଦ୍ର କୁମାର ସାହୁ, ଫକିର ଚଣ୍ଡି ଉପସ୍ଥିତ ଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ମୋହନ ଚରଣ ବିଶି ଆରାମଦାୟକ ଅବସ୍ଥା, ସିପିଆର, ରକ୍ତସ୍ରାବ, ଫ୍ରାକ୍‌ଚର ଆଦି ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କ ସମେତ ଏକାଦଶ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଅତିଥି।

# ବୋଡ଼େନ ବ୍ଲକରେ ସୁଭଦ୍ରା ରଥ ଶୁଭାରମ୍ଭ

**ବୋଡ଼େନ,୧୪ା୯ (ଟିକେଶ୍ୱର ନାଗ)**

ନୂଆପଡା ଜିଲା ବୋଡ଼େନ ବ୍ଲକରେ ଶନିବାର ସୁଭଦ୍ରା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ୧୫ ପଞ୍ଚାୟତ ବୁଲି ସୁଭଦ୍ରା ଯୋଜନା ସମ୍ପର୍କରେ ଜନ ସଚେତନତା କରିବ। ବ୍ଲକ ଅଧ୍ୟକ୍ଷା ପ୍ରେମ ଶିଳା ନାଗ, ସିଡିପିଓ ଅର୍ଚ୍ଚନା ରାଉତ, ବିଡ଼ିଓ ପ୍ରିୟ ରଞ୍ଜନ କୁମାର, କାର୍ଯ୍ୟ ନିର୍ବାହ ଅଧିକାରୀ ପ୍ରଫୁଲ୍ଲ କୁମାର ନାୟକ ସୁଭଦ୍ରା ରଥକୁ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସୁପରଭାଇଜର, ଆଶା, ଅଙ୍ଗନୱାଡି କର୍ମୀ, ଏମ୍‌ବିକେ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଯୋଗ ଦେଇଥିଲେ। ଏହି ଯୋଜନାରେ ମହିଳା ହିତାଧିକାରୀଙ୍କୁ ବର୍ଷକୁ ୨ କିସ୍ତିରେ ଦଶ ହଜାର ଟଙ୍କା ଲେଖାଏ ୫ ବର୍ଷରେ ୫୦ ହଜାର ଟଙ୍କା ପ୍ରଦାନ କରାଯିବ।

# ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




**ବୋଡ଼େନ,୧୪ା୯(ଟିକେଶ୍ୱର ନାଗ)**

ନୂଆପଡ଼ା ଜିଲା ବୋଡ଼େନ ବ୍ଲକ କେଶରାଜପୁର ଆଦର୍ଶ ବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ମଠାରିଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ବୋଡ଼େନ ବ୍ଲକ ଅଧ୍ୟକ୍ଷା ପ୍ରେମ ଶୀଳା ନାଗ ମୁଖ୍ୟ ଅତିଥି ଓ ଅତିରିକ୍ତ ଶିକ୍ଷା ଅଧିକାରୀ ନେପାଳ ଚନ୍ଦ୍ର ଦେ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହିଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଆକାଶ ମୁଣ୍ଡା ମଞ୍ଚ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ର ନାଥ ଗହୀର ଧନ୍ୟବାଦ ଦେଇଥିଲେ। ଅନିମା ବାରିଖି, ନରୋତ୍ତମ ବାଗ, ଲକ୍ଷ୍ମଣ ବରିହା, ସାର୍ଥକ ସାରଥି ସିଂ, ଯଦୁମଣି ବାରିକ, ଲିଲି ପଟେଲ ପ୍ରମୁଖ ସହଯୋଗ କରିଥିଲେ।

# ଖଡ଼ିଆଳରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଖଡ଼ିଆଳ,୧୪ା୯ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ସିନିୟର ଡିଭିଜନର ସିଭିଲ ଜଜ୍ ଚିନ୍ମୟୀ ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ ଖଡ଼ିଆଳ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜୁନିଅର ଡିଭିଜନ ସିଭିଲ ଜଜ୍ ରୀତି ତ୍ରିପାଠୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଖଡ଼ିଆଳ ଦିନେଶ କୁମାର ମିଶ୍ର ଓ ଆଜାଦ ଚୌକ ଶାଖାର ପରିଚାଳକ ଚନ୍ଦନ ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଲୋକ ଅଦାଲତରେ ସିନିୟର ଡିଭିଜନ ସିଭିଲ ଜଜ୍ ପକ୍ଷରୁ ୧୪ ଗୋଟି ସିଭିଲ, ଗୋଟିଏ ବ୍ୟାଙ୍କିଂ ଏବଂ ଗୋଟିଏ ପାରିବାରିକ ମାମଲାର ଫଇସଲା କରାଯାଇ ଜରିମାନା ବାବଦକୁ ୧୬ ଲକ୍ଷ ୨୮ ହଜାର ୩ ଶହ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ସିଭିଲ ଜଜ୍ ଜୁନିଅର ଡିଭିଜନ ଅଦାଲତର ୩ ଗୋଟି ସିଭିଲ, ୩୫ ଗୋଟି କ୍ରିମିନାଲ କେଶ ଫଇସଲା ହୋଇ ଜରିମାନା ବାବଦକୁ ୧ ଲକ୍ଷ ୨୦ ହଜାର ଟଙ୍କା ଆଦାୟ କରାଯାଇଥିଲା। ଉକ୍ତ ଲୋକ ଅଦାଲତକୁ ସରକାରୀ ଓକିଲ ଆଦିତ୍ୟନାରାୟଣ ମହାପାତ୍ର, ନରେନ୍ଦ୍ର ମେହେର, ଭାରତୀୟ ଷ୍ଟେଟ ବ୍ୟାଙ୍କ ଓକିଲ ବିରଜା ସିଂ ଦଳପତି, ଆଇନଜୀବୀ ଦୁତିକୃଷ୍ଣ ବେହେରା, ସନ୍ତୋଷ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ।



ଖଡ଼ିଆଳ କୋର୍ଟରେ ଅନୁଷ୍ଠିତ ଲୋକ ଅଦାଲତ।

# ରାଷ୍ଟ୍ରୀୟ ଲୋକ ଅଦାଲତ: ୪୮୮୪ ମାମଲାର ଫଇସଲା

**ଭବାନୀପାଟଣା,୧୪ା୯ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତରେ ଶନିବାର ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅନୁପ ରଞ୍ଜନ ପଟ୍ଟନାୟକ ଓ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଶୁଭ ଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ଆୟୋଜିତ ହୋଇଥିଲା। ଭବାନୀପାଟଣାସ୍ଥିତ ଜିଲା କୋର୍ଟ ସମେତ ଜୁନାଗଡ଼, ଧର୍ମଗଡ଼, କୋକସରା, ଜୟପାଟଣା, ଏମ୍ ରାମପୁର, କେସିଙ୍ଗା, ଥୁଆମୂଳ ରାମପୁର ଆଦି ଅଦାଲତରେ ୨୧ ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧ କୋଟି ୭୫ ଲକ୍ଷ ୨୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୬ଟି ଦେୱାନୀ ଓ ବିଚାରଯୋଗ୍ୟ ୩୪୪ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା। ଏନ୍‌ଆଇ ଆକ୍ଟ ମାମଲା (ଦଫା-୧୩୮)ରେ ୮ଟି ଫଇସଲା କରାଯାଇ ୨୨ ଲକ୍ଷ ୯୧ ହଜାର ୭୩୫ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ବିବାହ ଜନିତ ମକଦ୍ଦମା ୭ଟି ଫଇସଲା କରାଯାଇଥିଲା। ରାଜସ୍ୱ ମକଦ୍ଦମା ୪୪୭୮ଟି ବିଚାର କରାଯାଇ ୨ ଲକ୍ଷ ୯୦ ହଜାର ୨୯୬ ଟଙ୍କା ଓ ୩୫୧ଟି ପ୍ରାକ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୪୮ ଲକ୍ଷ ୪୯ ହଜାର ୪୨୧ ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ରାଜଶ୍ରୀ ମହାପାତ୍ର, ଅତିରିକ୍ତ ଜିଲା ଜଜ୍ (ପୋକ୍‌ସୋ) ସ୍ମୃତିଲେଖା ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜୀବ ଲୋଚନ ସାହୁ, ସିନିୟର ସିଭିଲ ଜଜ୍ ସମାପିକା ମହାନ୍ତି, ସିନିୟର ସିଭିଲ ଜଜ୍ (ଏଲ୍‌ଆର ଓ ଏଲ୍‌ଡିଭି), ସୁଦିପ୍ତା ଦେହୁରି, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ଶୁଭ ଗୌତମ ମିଶ୍ର, ସିନିୟର ସିଭିଲ ଜଜ (ଓମେନ୍ସ କୋର୍ଟ )ରଶ୍ମିରେଖା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପି. ସିତାଲକ୍ଷ୍ମୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁମିତ୍ରା ବିଶାଳ ପ୍ରମୁଖ ଉପସ୍ଥିତ ରହି ମାମଲା ପରିଚାଳନା କରିଥିଲେ।




ଜିଲା ମୁଖ୍ୟ କୋର୍ଟରେ ମାମଲାର ବିଚାର କରାଯାଉଛି।

## ଶିବିରରେ ୭୧ୟୁନିଟ୍ ରକ୍ତ ସଂଗ୍ରହ

ଅତାବିରା/ସରଣ୍ଡା,୧୪।୯ (ହୃଷିକେଶ ଖମାରୀ/ଯୁଧିଷ୍ଠିର ମହାପାତ୍ର): ଅତାବିରା ବ୍ଲକ ଅନ୍ତର୍ଗତ ଟାଙ୍ଗରପାଲି ପଞ୍ଚାୟତ ରାଜୀବ ଭବନରେ ଶନିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂକଳ୍ପ ପରିବାର ଏବଂ ଟାଙ୍ଗରପାଲି ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଶିବିରକୁ କରୁଣାକର ଭୋଇ ଉଦ୍‌ଘାଟନ କରିଥିଲେ। ଲଳିତ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜେ ରକ୍ତଦାନ କରିବା ସହିତ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଶିବିରରେ ୭୧ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଭୀମସାର୍ ବୁର୍ଲା ଡାକ୍ତରଖାନା ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ସଂକଳ୍ପ ପରିବାର ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ଜି. ରମେଶଙ୍କ ସମେତ ନିଲେଶ ପ୍ରଧାନ, ତରୁଣ ପଟେଲ, ଶେଷଦେବ ପ୍ରଧାନ, ରାଜୀବ ପ୍ରଧାନ, ଟାଙ୍ଗରପାଲି ଯୁବକ ସଂଘର ରିଙ୍କୁ ସାହୁ, ଡୋଲାମଣି ପ୍ରଧାନ, ଆକାଶ ଖେତ୍ରୀ, ଭରତ ଭୋଇ, ଦେବାଶିଷ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ହିନ୍ଦୀଭାଷାର ପ୍ରଚାର, ପ୍ରସାରକୁ ଗୁରୁତ୍ୱ

### ବରଗଡ଼ରେ ଜିଲାସ୍ତରୀୟ ହିନ୍ଦୀ ଦିବସ

ବରଗଡ଼,୧୪।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ପରିସରରେ ଶନିବାର ଜିଲାସ୍ତରୀୟ ହିନ୍ଦୀ ଦିବସ ପାଳିତ ହୋଇଛି। ଜିଲା ହିନ୍ଦୀ ସଂଘ ସଭାପତି ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମନରେ ହିନ୍ଦୀ ଦକ୍ଷତା ବୃଦ୍ଧି ପାଇଁ ବିଦ୍ୟାଳୟସ୍ତରରେ କର୍ମଶାଳା ଆୟୋଜନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଛତିଶଗଡ଼ ଲେଖକ ସଂଘର ମହାସଚିବ ତ୍ରିଲୋଚନ ପଟେଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ହିନ୍ଦୀ ଭାଷାକୁ ସମୃଦ୍ଧ କରିବାରେ ପ୍ରତ୍ୟକ୍ଷ, ପରୋକ୍ଷ ଭାବେ ସହସ୍ରାଧିକ ସାରସ୍ୱତ ସାଧକଙ୍କ ଯୋଗଦାନକୁ କେହି ଅସ୍ୱୀକାର କରିପାରିବେ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ବରଗଡ଼ ଜର୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶାଶ୍ୱତୀ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ଏକତାରେ ରାଷ୍ଟ୍ରଭାଷାର ଭୂମିକା ଉପରେ ଆଲୋକପାତ କରିଥିଲେ। ରାୟଗଡ଼ର ବିଶିଷ୍ଟ ସାହିତ୍ୟିକ କମଳ କୁମାର ବହିଦାର ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଜନମାନସର ଭାଷା ହିଁ ରାଷ୍ଟ୍ରଭାଷା ବୋଲି କହିଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ପ୍ରୀତିମୟୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୟଲକ୍ଷ୍ମୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଡଃ ଡୋଲାମଣି ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କବି ବଳରାମ ସାହୁଙ୍କ ହିନ୍ଦୀ କବିତା ସଙ୍କଳନ ଏହସାନ୍ ଏବଂ ମନୋହର ସାହୁ ଓ ବଳରାମ ସାହୁଙ୍କ ସମ୍ପାଦିତ ଅଭ୍ୟାସ ପୁସ୍ତିକାକୁ ଅତିଥି ଉନ୍ମୋଚନ କରିଥିଲେ। ସମ୍ବଲପୁରର ସେବା ନିବୃତ ଶିକ୍ଷକ ତଥା ସଙ୍ଗଠକ ଯୁଧିଷ୍ଠିର ମହାକୁରଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଏହାସହିତ ଗତବର୍ଷ ଅବସର ଗ୍ରହଣ କରିଥିବା ହିନ୍ଦୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତବର୍ଷ ନୂତନ ଭାବେ ଯୋଗ ଦେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶିକ୍ଷୟିତ୍ରୀ ଦୀପାବଳି ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲାସ୍ତରୀୟ ହିନ୍ଦୀ ଦିବସରେ ସେବା ନିବୃତ୍ତ ହିନ୍ଦୀ ଶିକ୍ଷକଙ୍କୁ ସମ୍ମାନିତ କରାଯାଉଛି।

## ବରଗଡ଼ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



ରାଷ୍ଟ୍ରୀୟ ଲୋକ ଅଦାଲତରେ ଜିଲା ଦୌରାଜଜ୍ ଏବଂ ଅନ୍ୟମାନେ।

ବରଗଡ଼,୧୪।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଜିଲା ଓ ଦୌରାଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଲୁନା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଲୋକ ଅଦାଲତରେ ସମସ୍ତ ପ୍ରକାର ବିଚରାଧୀନ ମୋକଦ୍ଦମା ତଥା ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋସ ସହମତିରେ ସମାଧାନ କରାଯାଇଥିଲା। ଉକ୍ତ ଲୋକ ଅଦାଲତରେ ୩୪୨୩ଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୪୩୯୬ଟି ବିଚାରାଧୀନ ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ, ବ୍ୟାଙ୍କ, ଜିଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ବିଚାରକୁ ନିଆଯାଇଥିଲା।

ଉକ୍ତ ମୋକଦ୍ଦମା ଗୁଡ଼ିକ ମଧ୍ୟରୁ ୯୪ଟି ପ୍ରାକ୍ ମାମଲା ଏବଂ ୨୨୭୪ଟି ବିଚାରାଧୀନ ମାମଲାର ବିଚାର ହୋଇ ପ୍ରାକ୍ ମାମଲା ବାବଦକୁ ୨୮ଲକ୍ଷ ୩ହଜାର ୫୦ଟଙ୍କା ଏବଂ ବିଚାରାଧୀନ ମାମଲା ବାବଦକୁ ୧କୋଟି ୪୦ଲକ୍ଷ ୫୮ହଜାର ୨୬୧ଟଙ୍କା ଆଦାୟ ହୋଇଥିଲା। ଉକ୍ତ ଲୋକ ଅଦାଲତ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ମହାନ୍ତି ଏବଂ ସଚିବ କମଳାକାନ୍ତ ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ଲୋକ ଅଦାଲତରେ ପାରିବାରିକ ଅଦାଲତ ବିଚାରପତି ସିଦ୍ଧାର୍ଥ ସାହୁ, ଅତିରିକ୍ତ ଜିଲା ବିଚାରପତି ସଂଘମିତ୍ରା ଶର୍ମା, ରେଜିଷ୍ଟ୍ରାର(ସିଭିଲ କୋର୍ଟ) ପ୍ରଜ୍ଞା ପୂଜାପ୍ରଦା, ବରିଷ୍ଠ ଦେବାନୀ ବିଚାରପତି ସୁଚରିତା ମହାନ୍ତି, ବରିଷ୍ଠ ଦେବାନୀ ବିଚାରପତି (ଏଲଆର୍ ଆଣ୍ଡ୍ ଏଲଟିଭି) ବର୍ଷା ଶର୍ମା, ବରିଷ୍ଠ ଦେବାନୀ ବିଚାରପତି (ମହିଳା ଅଦାଲତ) ପ୍ରଜ୍ଞା ଲଳିତ ମିଶ୍ର, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଷ୍ଟି ସାମନ୍ତ, ଦେବାନୀ ବିଚାରପତି ସୋନାଲି ମହାନ୍ତି, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ପ୍ରଥମ ଶ୍ରେଣୀ) ମନସ୍ୱିନୀ ମହାପାତ୍ର, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ପ୍ରଥମ ଶ୍ରେଣୀ) ଚନ୍ଦନ ଦେହୁରୀ ପ୍ରମୁଖ ବିଭିନ୍ନ ଅଦାଲତ ପରିଚାଳନା କରିଥିଲେ। ପ୍ରାଧିକରଣ ଅନ୍ତର୍ଭୁକ୍ତ ଆଇନଜୀବୀ, ଜିଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ, ଯୁବ ଆଇନଜୀବୀ, ପୋଲିସ ଅଧିକାରୀ, ଆଇନ ସେବା ପ୍ରାଧିକରଣ ଓ ସିଭିଲ କୋର୍ଟର କର୍ମଚାରୀମାନେ ସହଯୋଗ କରିଥିଲେ।

## ଜମିପଟ୍ଟା ପ୍ରଦାନ ପାଇଁ ତହସିଲଦାରଙ୍କୁ ଦାବି

ସରଣ୍ଡା,୧୪।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ପାହାଡ଼ଶ୍ରୀଗିଡ଼ା ଗରିବ ଆଦିବାସୀମାନେ ଜମି ପଟ୍ଟା ପ୍ରଦାନ ପାଇଁ ଶନିବାର ତହସିଲଦାରଙ୍କୁ ଦାବି ଜଣାଇଛନ୍ତି। ପାହାଡଶ୍ରୀଗିଡ଼ା ପଞ୍ଚାୟତ ସଂଘର ନାରୀନେତ୍ରୀ ଅହଲ୍ୟା ଭୋଇଙ୍କ ନେତୃତ୍ୱରେ ବିଭିନ୍ନ ଗ୍ରାମର ଆଦିବାସୀମାନେ ଅତାବିରା ତହସିଲକୁ ଆସି ତହସିଲଦାର ବ୍ରଜକିଶୋର ସାହୁଙ୍କୁ ଦାବି ଜଣାଇଛନ୍ତି। ଦୀର୍ଘଦିନ ଧରି ପାହାଡଶ୍ରୀଗିଡ଼ା ଅଞ୍ଚଳର ଆଦିବାସୀମାନେ ଜଙ୍ଗଲ ଜମୀ ଚାଷ କରି ଆସୁଛନ୍ତି। କିନ୍ତୁ ତାଙ୍କୁ ଏ ପର୍ଯ୍ୟନ୍ତ ଜମି ପଟ୍ଟା ପ୍ରଦାନ କରାଯାଉ ନାହିଁ। ଅନ୍ୟପଟେ ଏହି ଅଞ୍ଚଳରେ ବସବାସ କରୁଥିବା ଭୂମିହୀନଙ୍କୁ ୪ ଡିସିମିଲର ଘରଡିହ ମଧ୍ୟ ଯୋଗାଇ ଦିଆଯାଉ ନାହିଁ। ତହସିଲଦାରଙ୍କ ସହ ଆଲୋଚନା ସମୟରେ ଭଦ୍ର ନାଏକ, ମାଧ ମୁଣ୍ଡା, ବୁଧୁ ମୁଣ୍ଡା, ପରମେଶ୍ୱର ମୁଣ୍ଡା, ଗଜେନ୍ଦ୍ର କୁମୁରା, ଆଦିତ୍ୟ ସାଏ, ମାଧବ ସୋରେନ, ଆଶ୍ରୀତା ଲଗୁନ, ମାଗେ ଜାଡିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଅତିଥି ଶିକ୍ଷକଙ୍କ ବକେୟା ଦରମା ପ୍ରଦାନ ଦାବି

ପଦ୍ମପୁର,୧୪।୯(ପ୍ରଦୀପ୍ତ ଦାଶ)

ପଦ୍ମପୁର ଟାଉନ ହାଇସ୍କୁଲ ପରିସର ମଧ୍ୟରେ ବ୍ଲକ ଓଷ୍ଟା ସଭାପତି ପ୍ରମୋଦ ନାଥଙ୍କ ସଭାପତିତ୍ୱରେ ବରଗଡ଼ ଶିକ୍ଷା ଜିଲା ଅନ୍ତର୍ଗତ ୪ଟି ବ୍ଲକ ଯଥା ରାଜବୋଡ଼ା ସମ୍ବର, ଝାରବନ୍ଧ, ପାଇକମାଳ ଓ ଗାଇସିଲେଟର ଅତିଥି ଶିକ୍ଷକଙ୍କ ବକେୟା ଦରମା ସମ୍ବନ୍ଧରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଜିଲାର ଓଷ୍ଟା ସଭାପତି ନନ୍ଦଲାଲ ନାୟକ, ଉପସଭାପତି ଚୂଳ ସୁନ୍ଦର ମେହେର ଓ ବ୍ଲକ ଓଷ୍ଟା ସମ୍ପାଦକ ରବି ଶଙ୍କର ପଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ଶିକ୍ଷକ ବୃନ୍ଦାବନ ଦାଶ, ଯଦୁମଣି ପ୍ରଧାନ, କମଳା କାନ୍ତ ପାଣିଗ୍ରାହୀ, ଚକ୍ରପାଣି ଚୌହାନ, ଦୀପକରଞ୍ଜନ ନାଗ, ହୃଦାନନ୍ଦ ସାହୁ, ସୁବାସ ପଟେଲ ଓ ମନ୍ମଥ ସାହୁ ପ୍ରମୁଖ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରି ବରଗଡ଼ ଜିଲାପାଳ ଓ ଜିଲା ଶିକ୍ଷାଅଧିକାରୀଙ୍କ ନିକଟକୁ ଏକ ଦାବିପତ୍ର ମାଧ୍ୟମରେ ସେପ୍ଟେମ୍ବର ୩୦ ମଧ୍ୟରେ ବକେୟା ଦରମା ପ୍ରଦାନ ନିମନ୍ତେ ଜଣାଇଛନ୍ତି। ନଚେତ୍ ଅକ୍ଟୋବର ୨ ତାରିଖରୁ ଅନିର୍ଦ୍ଦିଷ୍ଟ କାଳପାଇଁ ଧାରଣାରେ ବସିବା ପାଇଁ ଚେତାବନୀ ଦେଇଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ଶିକ୍ଷକ।

## କୋଶଳ ବିଦ୍ୟାଳୟରେ ହିନ୍ଦୀ ଦିବସ



ହିନ୍ଦୀ ଦିବସ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

ସରଣ୍ଡା,୧୪।୯(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଜିଲା ଅତାବିରା ବ୍ଲକ ନୂଆଁଖାଇରପାଲି ସ୍ଥିତ କୋଶଳ ବିଦ୍ୟାଳୟରେ ଶନିବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଶିକ୍ଷକ ସୁଧୀର କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଦ୍ୟାଳୟର ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ସହ ନିର୍ଦ୍ଦେଶିକା ମଧୁ ପଟ୍ଟନାୟକ ଏବଂ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ବେହେରା ମଞ୍ଚାସୀନ ଥିଲେ। ଶିକ୍ଷକ କମଳାକାନ୍ତ ବେସନ ଏବଂ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ହିନ୍ଦୀ ଭାଷାର ମହିମା ତଥା ଏହାର ପ୍ରଚାର ପ୍ରସାର ବିଷୟରେ ଅଭିଭାଷଣ ପ୍ରଦାନ କରିଥିଲେ। ଆକୁମାରୀ ହିମାଚଳ ଭାରତକୁ ଏକତା ସୂତ୍ରରେ ବାନ୍ଧି ରଖୁଥିବା ହିନ୍ଦୀ କେବଳ ଗୋଟିଏ ଭାଷା ନୁହେଁ ବରଂ ଏକ ଅପୂର୍ବ ଜୀବନ ଧାରା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷକ ଅଶୋକ କୁମାର ସାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କୁଇଜ ପ୍ରତିଯୋଗିତା କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ପାଲଟିଥିଲା। ସେ ଏହାକୁ ପରିଚାଳନା ମଧ୍ୟ କରିଥିଲେ। ରହୀମ ଦଳର ପ୍ରତିଯୋଗୀ ଆଞ୍ଚଲ ମିଶ୍ର ଓ ଅଲିଶା ଶର୍ମା ପ୍ରଥମ, ତୁଲସୀ ଦାସ ଦଳର ନିଶିତା ଉପାଧ୍ୟାୟ ଓ ରାଖୀ ପ୍ରଧାନ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ୭ମ ଓ ୮ମ ଶ୍ରେଣୀର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଶିକ୍ଷକ ସୁଶୀଲ କୁମାର ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଝାରବନ୍ଧ,୧୪।୯(ଦେବେନ୍ଦ୍ର ସାହୁ)

ଝାରବନ୍ଧସ୍ଥିତ ବଲିଡିପା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ଦାନୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପଦ୍ମପୁର ବିଧାୟିକା ବର୍ଷା ସିଂହ ବରିହା, ବିଡିଓ ପୁରୁଷୋତ୍ତମ ମିର୍ଦ୍ଧା, ବ୍ଲକ ଶିକ୍ଷା ଅଧିକାରୀ ଶୁଭମ କୁମାର ପତି, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଦିବ୍ୟକିଶୋର ପଣ୍ଡା, ବ୍ଲକ ଅଧ୍ୟକ୍ଷା ଲିପ୍ସା ପ୍ରଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଆଦର୍ଶ ବିଦ୍ୟାଳୟର ସ୍ଥାପନା ଓ ଉଦ୍ଦେଶ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହିତ ଶିକ୍ଷାର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସ୍ୱାର୍କ ପ୍ରଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ କ୍ଷୀରେଶ୍ୱର ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଅସିତ ମିର୍ଦ୍ଧା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




ଅତିଥିଙ୍କ ଗହଣରେ ଛାତ୍ରୀମାନେ।

## ଅଞ୍ଚଳ ମହାବିଦ୍ୟାଳୟରେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପଦ୍ମପୁର,୧୪।୯(ପ୍ରଦୀପ୍ତ ଦାଶ)

ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସ୍ମାର୍ଟ ରୁମରେ ଓଡିଆ ବିଭାଗର ତୃତୀୟ ଏବଂ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନେ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଉକ୍ତ ସଭାରେ ଅନୁଷ୍ଠାନର ମୁଖ୍ୟ ଲଳିତ ମୋହନ ପଣ୍ଡା ସଭାପତିତ୍ୱ କରିଥିଲେ। ବିଭାଗ ମୁଖ୍ୟ ଡ. ସରୋଜ କୁମାର ନାଏକ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଛାତ୍ରୀଛାତ୍ରଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଭାଗର ପ୍ରଧାପିକା ପୂର୍ଣ୍ଣିମା ଦୋରା, ଅଧାପିକା ରୀନା ଧର୍ମବିନାୟକ, ଅଧାପିକା ସୁରେଶରୀ ପାଣ୍ଡେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାଧାପକ ଡ. ବିରଞ୍ଚି ସାହୁ, ଖଗେଶ୍ୱର ଦାସ, ନବକୃଷ୍ଣ ମିଶ୍ର, ସନ୍ତୋଷ ମିଶ୍ର, ଡ. ତୁଷାର କାନ୍ତ ସାହୁ, ପ୍ରମୋଦ ତ୍ରୀପାଠୀ, ବାଳଗୋପାଳ ମେହେର, ଶର୍ମିଳା ପଣ୍ଡା, ମୋନାଲିସା ସ୍ୱାଇଁ, ରାଧାକାନ୍ତ ପଣ୍ଡା ଓ ଅନୁଷ୍ଠାନର ଅନ୍ୟାନ୍ୟ ଅଧାପିକା ଅଧାପକ ଓ କର୍ମଚାରୀ ଯୋଗ ଦେଇଥିଲେ। କିରଣ ବାଗ ଧନ୍ୟବାଦ ପ୍ରଦାନ କରିଥିଲେ।

## ସଂସ୍କୃତ ଭାଷା ମାନବର ନୈତିକ ମୂଲ୍ୟବୋଧ ବୃଦ୍ଧିକରେ

ପାଇକମାଳ,୧୪।୯(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳସ୍ଥିତ ମହର୍ଷି ଦୟାନନ୍ଦ ଗୁରୁକୁଳ ଯୋଗାଶ୍ରମଠାରେ ଶନିବାର ସଂସ୍କୃତ ଦିବସ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତ ଶିକ୍ଷକ, ବ୍ଲକ୍ ସଭାପତି ରମାଇ ଚରଣ ଦାସଙ୍କ ଅଧ୍ୟକ୍ଷତା ଓ ପଣ୍ଡିତ ଦୟାସାଗର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବକୁ ପାଇକମାଳ ବ୍ଲକ୍ ଶିକ୍ଷା ଅଧିକାରୀ ଚୂଡ଼ାମଣି ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସଂସ୍କୃତ ଭାଷାକୁ ଚରିତ୍ର ନିର୍ମାଣର ଭାଷା ବୋଲି ଉଲ୍ଲେଖକରି ମାନବର ନୈତିକ ମୂଲ୍ୟବୋଧ ବୃଦ୍ଧିରେ ସହାୟକ ହୁଏ ବୋଲି କହିଥିଲେ। ସମ୍ମାନିତ ବକ୍ତା ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ଯୁଗ୍ମ ସମ୍ପାଦକ ପଣ୍ଡିତ ଗୋପବନ୍ଧୁ ପୁରୋହିତ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଜୟ କୁମାର ସାହୁ, ଗୁରୁକୁଳର ଅଧ୍ୟକ୍ଷ ପଣ୍ଡିତ ଅନନ୍ତ ଶାସ୍ତ୍ରୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତାଭାବେ ଅଧ୍ୟାପକ ହରିଶ୍ଚନ୍ଦ୍ର ହୋତା ଯୋଗଦେଇ ସଂସ୍କୃତ ଭାଷାର ମହନୀୟତା ଉପସ୍ଥାପନ କରିଥିଲେ। ସଂଘର ସମ୍ପାଦକ ଅଶ୍ୱିନୀ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନକରି ସଂସ୍କୃତ ଶିକ୍ଷକ ସଂଘର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ପଣ୍ଡିତ ଲିଙ୍ଗରାଜ ସାହୁ ସଂଯୋଜନା କରିଥିବା ବେଳେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଂସ୍କୃତ ନାଟିକା 'ପିତୃ ଦେବୋ ଭବ' ଚିତ୍ତାକର୍ଷକ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକ୍‌ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ। ଶେଷରେ ଲୋହିତ ସାହା ଧନ୍ୟବାଦ ପ୍ରଦାନ କରିଥିଲେ।




ବୈଠକରେ ଉପସ୍ଥିତ ଅତିଥିମାନେ।

## ଟାଟା ପାୱାର କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ: ଜଣେ ଗିରଫ

ସୋହେଲା,୧୪।୯(ଅଶ୍ୱିନୀ କୁମାର ପାତ୍ର)

ସୋହେଲା ଅଞ୍ଚଳରେ ଟାଟା ପାୱାର କମ୍ପାନୀର କିଛି କର୍ମଚାରୀ ଦଶମାଇଲ ନିକଟ ବାଇପାଲି ଗ୍ରାମରେ ନୂତନ ମିଟର ଲଗାଉଥିବା ବେଳେ ଗ୍ରାମବାସୀ ବିରୋଧ କରି ତାଙ୍କୁ ଆକ୍ରମଣ କରିଥିଲେ। ସୋହେଲା ପୋଲିସ ଏହି ଘଟଣାରେ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କ୍ଷୀରୋଦ ପ୍ରଧାନ(୩୯)। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ. ୩୪୪/୨୪) ରୁଜୁହୋଇଛି। ସୂଚନାଯୋଗ୍ୟ, ଗତ ୧୧ ତାରିଖରେ ସୋହେଲା ବ୍ଲକ ବାଇପାଲି ଗ୍ରାମକୁ ଟାଟା ପାୱାର କମ୍ପାନୀର କର୍ମଚାରୀ ମିଟର ଲଗାଇବାକୁ ଯାଇଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରି ଗଣ୍ଡଗୋଳ କରିଥିଲେ। କର୍ମଚାରୀମାନେ ସେଠାରୁ ପଳାଇ ଆସିଥିଲେ।

## ଯାଦବ ସମାଜ ପକ୍ଷରୁ ନୂଆଁଖାଇ ଭେଟଘାଟ ପ୍ରସ୍ତୁତି ବୈଠକ

ପାଇକମାଳ,୧୪।୯(ବଡ ଶତପଥି) : ବରଗଡ଼ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ସମଲେଶ୍ୱରୀ ମନ୍ଦିରରେ ଯାଦବ ସମାଜ ପକ୍ଷରୁ ମନ୍ଦିର ସଭାପତି ମଧୁସୂଦନ ପାଣ୍ଡେଙ୍କ ସଭାପତିତ୍ୱରେ ନୂଆଁଖାଇ ଭେଟଘାଟ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଦବ ସମାଜ ସେବାରେ ନିଜକୁ ସମର୍ପିତ ଭାବେ କାର୍ଯ୍ୟ କରିଥିବା ବରିଷ୍ଠ ଯାଦବ ସମାଜସେବୀଙ୍କୁ ସମ୍ମାନୀତ କରାଯିବ ନେଇ ନିଷ୍ପତ୍ତି ହୋଇଛି। ପ୍ରତ୍ୟେକ ପଞ୍ଚାୟତକୁ ଯାଦବ କର୍ମକର୍ତ୍ତା ଗସ୍ତ କରି ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ ବ୍ଲକ ସମ୍ପାଦକ ବାଳକୃଷ୍ଣ ବନଛୋର ଅଭିଭାଷଣ ରଖିଥିଲେ। ଏହି ବୈଠକରେ ବ୍ଲକ ସଭାପତି ବନମାଳୀ ଚନ୍ଦନ, ସମ୍ପାଦକ ବାଳକୃଷ୍ଣ ବନଛୋର,ମାନସ ନାଗ,ମନୋହର ପୁଞ୍ଜି,ସଚିଦା ନାଗ, ଭାସ୍କର ଭୋଇ, ନଳିନୀ ଥପା, ସୁବଳ ଥପା, ଖଗେଶ୍ୱର ହଂସ, ଭୁବନେଶ୍ୱର ବନଛୋର, ପ୍ରକାଶ ବାଗ, ଟଙ୍କଧର ଗହିର ତଥା ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିକାଶ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ଆଶୁ ଚିକିତ୍ସା ଦିବସ

ବରଗଡ଼,୧୪।୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ନର୍ସିଂ କଲେଜ ଦ୍ୱାରା ବିଶ୍ୱ ଆଶୁ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ବରାହଗୋଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକାଶ ନର୍ସିଂ କଲେଜର ଅଧ୍ୟାପକ ଅସିତ କୁମାର ଭୋଇ ଏବଂ ଅଧ୍ୟାପିକା ଦେବସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବରାହଗୋଡ଼ା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସେହିପରି ବିକାଶ ନର୍ସିଂ କଲେଜର ଛାତ୍ରୀଛାତ୍ରମାନେ ଏକ କ୍ଷୁଦ୍ର ନାଟକ ପରିବେଷଣ କରି ବରାହଗୋଡ଼ା ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଆଶୁ ଚିକିତ୍ସା ଉପରେ ଅବଗତ କରାଇଥିଲେ। ଉକ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏକାମ୍ର ଭୋଇ ଏବଂ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ। ବିକାଶ ନର୍ସିଂ କଲେଜର ଅଧ୍ୟାପକ ଅସିତ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।




ବିଶ୍ୱ ଆଶୁ ଚିକିତ୍ସା ଦିବସ ପାଳନ ଅବସରରେ ବିକାଶ ନର୍ସିଂ କଲେଜର ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

## ବିକାଶରେ ଆର୍ଟ ଅଫ୍ ମାଇଣ୍ଡ କଣ୍ଟ୍ରୋଲ କାର୍ଯ୍ୟକ୍ରମ

ବରଗଡ଼,୧୪।୯(ପ୍ରେମାନନ୍ଦ ଖମାରୀ)

ଇଣ୍ଟରନ୍ୟାଶନାଲ ସୋସାଇଟି ଫର୍ କ୍ରୀଷ୍ଣା କନ୍ସିୟସନେସ (ଇସ୍କନ) ଏବଂ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସର ମିଳିତ ଆନୁକୂଲ୍ୟରେ ବିକାଶ ପ୍ରାଙ୍ଗଣରେ ଛାତ୍ରୀଛାତ୍ରଙ୍କ ପାଇଁ ଆର୍ଟ ଅଫ୍ ମାଇଣ୍ଡ କଣ୍ଟ୍ରୋଲ ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଇସ୍କନ ତରଫରୁ ନିତାଇ ଗୁଣମଣି ପ୍ରଭୂଜୀ ଏବଂ ସମଧୁର ପ୍ରଭୂଜୀ ବକ୍ତା ଭାବେ ଯୋଗଦାନ କରିଥିଲେ। ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ପ୍ରଭୂଜୀଙ୍କ ଆଧ୍ୟାତ୍ମିକ ଏବଂ ସନ୍ଦେଶାତ୍ମକ ପ୍ରସଙ୍ଗ ଦ୍ୱାରା ଛାତ୍ରୀଛାତ୍ର ବିଶେଷ ଭାବେ ପ୍ରଭାବିତ ହୋଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ରାଧାକୃଷ୍ଣଙ୍କ ଚିତ୍ରପଟ୍ଟରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଡ୍‌ମିନିଷ୍ଟ୍ରେଟିଭ ଅଫିସର ଇଂ. ଅଜୟ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଲ ସ୍କୁଲ ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିକାଶ ତରଫରୁ ବକ୍ତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବକ୍ତାମାନେ ଛାତ୍ରୀଛାତ୍ରଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। କାର୍ଯ୍ୟକ୍ରମରେ ଇସ୍କନ ତରଫରୁ ସୁକାନ୍ତ ସାହୁ, ସୁଶାନ୍ତ ଦାଶ, ପିଣ୍ଟୁ ଅଗ୍ରୱାଲ, ବିକାଶ ପରିବାର ତରଫରୁ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର, ଡଃ ଦିଲୀପ ଖମାରୀ, ଅଧ୍ୟକ୍ଷା ଦୀପାଞ୍ଜଳି ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ବିକାଶ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଡଃ ପୂର୍ଣ୍ଣେନ୍ଦୁ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡିନ୍ ଆର.ଏସ.ଭି କ୍ରୀଷ୍ଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକାଶର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଇସ୍କନ ପରିବାରକୁ ସାଧୁବାଦ ଜଣାଇଥିଲେ।




ଆର୍ଟ ଅଫ୍ ମାଇଣ୍ଡ କଣ୍ଟ୍ରୋଲ କାର୍ଯ୍ୟକ୍ରମରେ ବକ୍ତା ଏବଂ ଅନ୍ୟମାନେ।

## ସୀତାରାମ ୟେଚୁରୀଙ୍କ ବିୟୋଗରେ ଶୋକସଭା

ରାଉରକେଲା,୧୪।୯(ସଙ୍ଗୀତା ଜେନା)

ବିଶିଷ୍ଟ ମାର୍କ୍ସବାଦୀ ନେତା, ସିପିଆଇ(ଏମ୍)ର ସାଧାରଣ ସମ୍ପାଦକ, ପୂର୍ବତନ ସାଂସଦ ସୀତାରାମ ୟେଚୁରୀଙ୍କ ୭୨ ବର୍ଷ ବୟସରେ ଗତ ୧୨ ତାରିଖରେ ଦିଲ୍ଲୀ ସ୍ଥିତ ଏମ୍ସରେ ଦେହାନ୍ତ ହୋଇଛି। ସ୍ୱର୍ଗତ ୟେଚୁରୀଙ୍କ ସ୍ମୃତିରେ ଏକ ସର୍ବଦଳୀୟ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅପରାହ୍ନରେ ଭଞ୍ଜଭବନ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସିଟୁ ସର୍ବଭାରତୀୟ ଉପାଧ୍ୟକ୍ଷ ତଥା ସିପିଆଇଏମ୍ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ମହାନ୍ତି, ସମ୍ପାଦକ ପ୍ରମୋଦ ସାମଲ, ଡିସିସି ସଭାପତି ରବି ରାୟ, ବିମାନ ମାଇତି, ଛବି ମହାନ୍ତି, ଅଧ୍ୟାପକ ପ୍ରଭାତ ମଲ୍ଲିକ, ସଦାନନ୍ଦ ସାହୁ, ବିଜେଡ଼ିର ଆର୍ତ୍ତତ୍ରାଣ ମହାରଣାଙ୍କ ସମେତ ବରିଷ୍ଠ ନେତୃମଣ୍ଡଳୀ ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ନେତୃମଣ୍ଡଳୀ ୟେଚୁରୀଙ୍କ ସ୍ମୃତିଚାରଣ କରିଥିଲେ। ରାଉରକେଲା ଓ ଆଖପାଖ ଅଞ୍ଚଳରୁ ବହୁ ସଦସ୍ୟ ଯୋଗଦେଇ ସ୍ୱର୍ଗତ ୟେଚୁରୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ରାଜକିଶୋର ପ୍ରଧାନ, ସୁରେନ୍ଦ୍ର ଦାଶ, ଯଯାତି କେଶରୀ ସାହୁଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ୬ ମାସର କାମ ୨ବର୍ଷ ଲାଗିଲାଣି

- ସରୁନି ଗଣେଶ ମାର୍କେଟ କମ୍ପ୍ଲେକ୍ସ କାମ
- ଟିଣ ଛପର ଘେରାଇ ଚାଲିଛି ବ୍ୟବସାୟ
- ୪ ମାସ ଭିତରେ ଦୋକାନ ହସ୍ତାନ୍ତର କରାଯିବ: କମିଶନର

ରାଉରକେଲା,୧୪।୯(ଦିନେଶ ମିଶ୍ର)


ଗଣେଶ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଚାଲିଛି।

ରାଉରକେଲା ସହର ରାସ୍ତାକଡ଼ ବ୍ୟବସାୟୀମାନଙ୍କୁ ଥଇଥାନ କରିବା ଉଦ୍ଦେଶ୍ୟରେ ରାଉରକେଲା ମହାନଗର ନିଗମ (ଆରଏମ୍ସି) ପକ୍ଷରୁ ବିଭିନ୍ନ ସ୍ଥାନରେ ଭେଣ୍ଡିଂ ଜୋନ୍ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଚାଲିଛି। କିନ୍ତୁ କିଛି ସ୍ଥାନରେ କମ୍ପ୍ଲେକ୍ସଗୁଡ଼ିକର କାମ ବିଳମ୍ବ ହେଉଥିବାରୁ ସ୍ଥାନୀୟ ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଦୃଶ୍ୟ ରାଉରକେଲା ଏସ୍‌ଟିଆଇ ଛକ ଗଣେଶ ମାର୍କେଟ କମ୍ପ୍ଲେକ୍ସରେ ଦେଖିବାକୁ ମିଳିଛି। ଏହି ଛକ ରାସ୍ତାକଡ଼ରେ ଆଜିକୁ ବହୁ ବର୍ଷ ଧରି ବ୍ୟବସାୟୀମାନେ ନିଜର ଗୁମୁଟି ପକାଇ ବ୍ୟବସାୟ କରିଆସୁଥିଲେ। ଏସ୍‌ଟିଆଇ ଛକରେ ରେଲୱେ ଓଭରବ୍ରିଜ ନିର୍ମାଣ ହେବାରୁ ବ୍ୟବସାୟୀମାନଙ୍କ ରାସ୍ତାକଡ଼ ଦୋକାନକୁ ଭାଙ୍ଗି ଦିଆଯାଇଥିଲା। ଏହାକୁ ବ୍ୟବସାୟୀମାନେ ବିରୋଧ କରିବାରୁ ଆର୍‌ଏମ୍ସି ପ୍ରଶାସନ ଉକ୍ତ ସ୍ଥାନରେ ମାର୍କେଟ କମ୍ପ୍ଲେକ୍ସ ତିଆରି କରି ସ୍ଥାନୀୟ ଦୋକାନୀମାନଙ୍କୁ ଥଇଥାନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି କ୍ରମରେ ୨୦୨୨ ମାର୍ଚ୍ଚ ୨୪ ତାରିଖରେ ମାର୍କେଟର ଉନ୍ନତୀକରଣ ପାଇଁ ବିଜ୍ଞପ୍ତି ଜାରି ସହ ଏହାର ୩.୬୬ କୋଟି ଟଙ୍କାର ଟେଣ୍ଡର ହୋଇଥିଲା। ଏହି ଦୋତାଲା ମାର୍କେଟ କମ୍ପ୍ଲେକ୍ସକୁ ୧୮୦ ଦିନ ଭିତରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଗଣେଶ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ଯୋଗୁ ସ୍ଥାନୀୟ ବ୍ୟବସାୟୀମାନେ କମ୍ପ୍ଲେକ୍ସର ପଛପଟେ ଟିଣ ଓ ଛପର ଘେରାଇ ବ୍ୟବସାୟ ଆରମ୍ଭ କରିଦେଇଥିଲେ। ହେଲେ ଏହି କମ୍ପ୍ଲେକ୍ସ କାମଟି ଆଜିକୁ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଶେଷ ହୋଇପାରିଲା ନାହିଁ। ଫଳରେ କମ୍ପ୍ଲେକ୍ସ ପଛରେ ଟିଣ ଛପର ଘେରାଇ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଆଜିଯାଏ ଥଇଥାନ ହୋଇପାରିନାହାନ୍ତି। ସେହିପରି ବର୍ଷା ହେଲେ ବ୍ୟବସାୟୀମାନଙ୍କ ଦୋକାନରେ ପାଣି ପଶି ସାମଗ୍ରୀ ନଷ୍ଟ ହେଉଥିବା ଅଭିଯୋଗ ହୋଇଛି। ମାର୍କେଟକୁ ଯିବା ପାଇଁ ରାସ୍ତା ନ ଥିବାରୁ ବର୍ଷାରେ ପାଣିକାଦୁଅରେ ପଶି ଲୋକେ ଯାତାୟାତ କରୁଛନ୍ତି। ଏହି ମାର୍କେଟକୁ ଗ୍ରାହକ ଆସିଲେ ସେମାନଙ୍କ ପାଇଁ ମୌଳିକ ସୁବିଧା ଉପଲବ୍ଧ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସେହିପରି ଡଷ୍ଟବିନ୍ କିମ୍ବା ସାଧାରଣ ଶୌଚାଳୟ ବ୍ୟବସ୍ଥା ନାହିଁ। ବ୍ୟବସାୟୀମାନେ ଟିଣ ଘେରାଇ ଦୋକାନ କରିଥିବାରୁ ଚୋରି ଆଶଙ୍କା ରହୁଛି। ଅନ୍ୟପଟେ ଏହି ମାର୍କେଟ କମ୍ପ୍ଲେକ୍ସରେ ସ୍ଥାନୀୟ କିଛି ବ୍ୟବସାୟୀ ଦୋକାନ ଖଣ୍ଡେ ପାଇବା ପାଇଁ ଆଡଭାନ୍ସ ପ୍ରଦାନ କରିବା ପରେ ମଧ୍ୟ ଆଜିଯାଏ ଦୋକାନ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଫଳରେ ବ୍ୟବସାୟୀମାନେ ବାଧ୍ୟହୋଇ ଅସ୍ଥାୟୀ ଭେଣ୍ଡିଂ ଜୋନ୍‌ରେ ବ୍ୟବସାୟ କରୁଥିବା ପରିଲକ୍ଷିତ ହୋଇଛି। ତେଣୁ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟକୁ ତୁରନ୍ତ ଶେଷ କରି ଦୋକାନୀମାନଙ୍କୁ ପ୍ରଦାନ କରିବା ଲାଗି ସାଧାରଣରେ ଦାବି ହୋଇଛି। ଏ ନେଇ ଆରଏମ୍ସି କମିଶନର ଆଶୁତୋଷ କୁଲକର୍ଣ୍ଣିଙ୍କୁ ପଚାରିବାରୁ ସେ କହିଥିଲେ, ଏସ୍‌ଟିଆଇ ଛକରେ ଥିବା ଗଣେଶ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ଏହି ମାର୍କେଟ କମ୍ପ୍ଲେକ୍ସରେ ବର୍ତ୍ତମାନ ସୁଦ୍ଧା ପାନୀୟ, ବିଦ୍ୟୁତ୍ ବ୍ୟବସ୍ଥା ହୋଇଛି। ଆସନ୍ତା ୪ ମାସ ଭିତରେ ବ୍ୟବସାୟୀମାନଙ୍କୁ ଦୋକାନ ବିତରଣ କରାଯିବ ବୋଲି କୁଲକର୍ଣ୍ଣି କହିଥିଲେ।

## ନିଃଶୁଳ୍କ ଆଇଟିଆଇ ପଢ଼ିବେ ଦୀପିକା ଇସ୍ପାତ ଶିକ୍ଷା ସଦନର ୩ ବିଦ୍ୟାର୍ଥୀ


ଆଇଟିଆଇ ତାଲିମ ପାଇଁ ଚୟନ ହୋଇଥିବା ୩ ବିଦ୍ୟାର୍ଥୀ।

ରାଉରକେଲା,୧୪।୯(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପି ସିଏସ୍‌ଆର ପ୍ରୟାସର ଅଂଶସ୍ୱରୂପ ଇସ୍ପାତ ସହରାଞ୍ଚଳ ଗରିବ ଅବହେଳିତ ପିଲାମାନଙ୍କ ପାଇଁ ସ୍ଥାପିତ ନିଃଶୁଳ୍କ ବିଦ୍ୟାଳୟ ଦୀପିକା ଇସ୍ପାତ ଶିକ୍ଷା ସଦନର ୩ଜଣ ବିଦ୍ୟାର୍ଥୀ ଭୁବନେଶ୍ୱର ସ୍ଥିତ କିଟ୍‌ରେ ଆଇଟିଆଇ ପଢିବେ। ସୂଚନାଯୋଗ୍ୟ, ଇସ୍ପାତ ସହରର ଦୀପିକା ମହିଳା ସଂହତି ଉକ୍ତ ବିଦ୍ୟାଳୟର ପରିଚାଳନା କରୁଛି। ସେକ୍ଟର-୨ ସ୍ଥିତ ଦୀପିକା ମହିଳା ଜାଗୃତି ସଂସ୍ଥାନରେ ଗତ ୭ତାରିଖରେ ମନୋନୀତ ବିଦ୍ୟାର୍ଥୀଙ୍କ ପାଇଁ ଏକ ମତବିନିମୟ ଓ ପରାମର୍ଶ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଉକ୍ତ ଅଧିବେଶନରେ ଦୀପିକା ମହିଳା ସଂହତିର ଅଧକ୍ଷା ସୀମା ଦେବ ଭୌମିକ ଅଧକ୍ଷତା କରିଥିଲେ। ଏ ନେଇ ସଂହତିର ଉପାଧକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ନମ୍ରତା ବର୍ମା, ସିଏସ୍‌ଆର ବିଭାଗର ଜିଏମ୍ ସୁଶ୍ରୀ ମୁନମୁନ୍ ମିତ୍ର, ସିଏସ୍‌ଆର ବିଭାଗର ଏଜିଏମ୍ ଟି. ବି ଟପ୍ପୋ, ଡିଏମ୍‌ଏସ୍ ସମ୍ପାଦିକା ସୁଶ୍ରୀ ନିଧି ସିଂଘଲ, ପରିଚାଳନା ପରିଷଦର ସଦସ୍ୟା, ଡିଆଇଏସ୍‌ଏସ୍ ପ୍ରଶାସକ ଏସ୍. କେ. ମିଶ୍ର, ପ୍ରଧାନ ଶିକ୍ଷକ, ଏସ୍. ସାମଲ ଏବଂ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ସୁଶ୍ରୀ ମୁନମୁନ୍ ମିତ୍ର ଏହି ଯୋଜନା ଓ ଏହାର ପ୍ରକ୍ରିୟା ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, ଦୀପିକା ଇସ୍ପାତ ଶିକ୍ଷା ସଦନରେ ପ୍ରଥମରୁ ଦଶମ ଶ୍ରେଣୀ ଯାଏ ପ୍ରାୟ ୮୫୫ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ବିଦ୍ୟାଳୟରେ ଯେ କେବଳ ମାଗଣା ଶିକ୍ଷା ପ୍ରଦାନ କରାଯାଉଛି ତାହା ନୁହେଁ ବରଂ ପିଲାମାନଙ୍କୁ ବହି, ଖାତା, ସ୍କୁଲ ବ୍ୟାଗ୍ ସହିତ ଶୀତ ପୋଷାକ ଏବଂ ପୁଷ୍ଟିକର ମଧ୍ୟାହ୍ନ ଭୋଜନ ମଧ୍ୟ ଯୋଗାଇ ଦିଆଯାଉଛି।

## ଦକ୍ଷତା, ସ୍ୱଚ୍ଛତାରେ ଉନ୍ନତି ପାଇଁ ଡିପିଏମ୍‌ଏସ୍ ଆରମ୍ଭ

ରାଉରକେଲା,୧୪।୯(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିରେ ଏକ ନୂତନ ଡିଜିଟାଲ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟର ସଲ୍ୟୁଶନ ସିଷ୍ଟମ ବ୍ୟବସ୍ଥା ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ଏହି ଅବସରରେ ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ବିତ୍ତ ଓ ଲେଖା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ ବେହୁରିଆ, ସିଜିଏମ୍ ଇନ୍‌ଚାର୍ଜ ଆଇରନ ତଥା ଆର୍କିଙ୍ଗ ଇଡି ୱାର୍କ୍ସ ବି. ପଲାଇ, ସମାଗ୍ରୀ ପରିଚାଳନା ବିଭାଗ ସିଜିଏମ୍ ଇନ୍‌ଚାର୍ଜ ଅନିଲ କୁମାର, କାରଖାନା ଅନ୍ୟ ସିଜିଏମ୍ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ନୂଆ ସଫ୍ଟୱେରକୁ ନେଇ ଡିଆଇସି ଖୁସି ବ୍ୟକ୍ତ କରିବା ସହିତ ଏହି ପ୍ରକଳ୍ପ ସହିତ ଜଡିତ ଦଳର ଉଦ୍ୟମକୁ ପ୍ରଶଂସା କରିଥିଲେ। ଏଥିପୂର୍ବରୁ ମାନବ ସମ୍ବଳ ଓ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଏହି ସଫ୍ଟୱେରର ବିଭିନ୍ନ ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ଜିଏମ୍ ଦିଲୀପ କୁମାର ସାହୁ ନୂତନ ସଫ୍ଟୱେରର ପ୍ରମୁଖ ବୈଶିଷ୍ଟ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ ଏକ ସଂକ୍ଷିପ୍ତ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଉଲ୍ଲେଖଯୋଗ୍ୟ, ନୂତନ ସଫ୍ଟୱେର ମେସର୍ସ ମାନସୀକମ ଇନ୍‌ସଲଟାନ୍ସ ପ୍ରାଇଭେଟ ଲିମିଟେଡ ଦ୍ୱାରା ଆମେରିକା ମେସର୍ସ ବେଣ୍ଟଲି ସିଷ୍ଟମର ପଲ୍ସ ପ୍ଲାଟଫର୍ମରେ ପ୍ରକଳ୍ପ ବିଭାଗ ସହାୟତାରେ ବିକଶିତ ହୋଇଛି। ଏହି ସଫ୍ଟୱେରରେ ଦକ୍ଷତା ବୃଦ୍ଧି କରିବା ପାଇଁ ଡିପିଏମ୍‌ଏସ୍ ବିଭିନ୍ନ ବୈଶିଷ୍ଟ୍ୟ ଗୁଡିକର ବିସ୍ତୃତ ଶୁଟ୍ ପ୍ରଦାନ କରିଛି। ପ୍ରମୁଖ ହାଇଲାଇଟ୍ ଗୁଡିକ ମାପଯୋଗ୍ୟ ଆକ୍ସେସ ଲାଗି କ୍ଲାଉଡ୍ ଆଧାରିତ ଅପରେଶନ, ସଠିକ୍ ମନିଟରିଂ ଲାଗି ଏକ ଉନ୍ନତ ଏଲ-୨ ସିଡ୍ୟୁଲ ଓ ଉନ୍ନତ ଭିଜୁଆଲାଇଜେଶନ ପାଇଁ ୫ଡି ବିଆଇଏମ୍ ବୈଶିଷ୍ଟ୍ୟ ରହିଛି। ପ୍ଲାଟଫର୍ମରେ ଶୃଙ୍ଖଳିତ ଅନୁମୋଦନ ପାଇଁ ଏକ ନୋଟ ସିଟ୍ ମଡ୍ୟୁଲ, ଅନ-ଟୁ ସାଇଟ ମ୍ୟାନେଜମେଣ୍ଟ ପାଇଁ ଏକ ମୋବାଇଲ ଆପ୍ ଏବଂ ଦକ୍ଷ ଯୋଗାଯୋଗକୁ ସୁଗମ କରିବା ପାଇଁ ଇଣ୍ଟିଗ୍ରେଟେଡ ଆଲର୍ଟ ସିଷ୍ଟମ, ଇ-ମେଲ ଟ୍ରାନ୍ସମିଟାଲ ସିଷ୍ଟମ, ଅନ୍‌ଲାଇନ୍ ହିନ୍ଦାନ୍ସ ରେଜିଷ୍ଟର ଓ ମିଟିଂ ମଡ୍ୟୁଲ ବ୍ୟବସ୍ଥା ରହିଛି। ଇ ଟେଣ୍ଡରିଂ ପାଇଁ ମେଟାଲ ଜଙ୍କସନ, ଡିଜାଇନ ଇଞ୍ଜିନିୟରିଂ ପାଇଁ ସିଇଟି ଇଡି ଡିଏମ୍‌ଏସ୍ ଦେୟ ଓ ବିଓକିଓ ପାଇଁ ଏସ୍‌ଏପି ଆଧାରିତ-ଏଫ୍‌ଆଇ ପରିଚାଳନା ସହିତ ଟେଣ୍ଡର, ନିର୍ବାହ ପ୍ରଗତି ଓ ପେମେଣ୍ଟର ରିୟଲ-ଟାଇମ ମନିଟରିଂ କ୍ଷମତା ସହ ଡିପିଏମ୍‌ଏସ୍ ଏକ କେନ୍ଦ୍ରୀୟ ଡକ୍ୟୁମେଣ୍ଟ ସଂଗ୍ରହାଳୟ ଭାବେ କାର୍ଯ୍ୟ କରିବ। ଡିପିଏମ୍‌ଏସ୍ ଶୁଭାରମ୍ଭ ଆର୍‌ଏସ୍‌ପିରେ ଡିଜିଟାଲ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟରେ ଏକ ନୂତନ ଯୁଗର ପ୍ରାରମ୍ଭକୁ ଚିହ୍ନିତ କରିବା ସହ ଜଟିଳ ପ୍ରକଳ୍ପ ଜୀବନଚକ୍ରକୁ ଅଧିକ ଦକ୍ଷତା ଏବଂ କାର୍ଯ୍ୟକାରିତା ସହିତ ପରିଚାଳନା ପାଇଁ ଏହା ସାହାଯ୍ୟ କରିବ ବୋଲି ଜଣାପଡିଛି।

## ହିନ୍ଦୀ ଭାଷାର ବିକାଶ ପାଇଁ ଜନଜାଗରଣ ଆବଶ୍ୟକ


ହିନ୍ଦୀ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା,୧୪।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସେକ୍ଟର-୫ ସ୍ଥିତ ଶ୍ରୀ ଅରବିନ୍ଦ ବିଦ୍ୟାଳୟରେ ଶନିବାର ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଳୀ ଶତପଥୀ ଅଧକ୍ଷତା କରିଥିଲେ। ଆର୍‌ଏସ୍‌ପିର ମହାପ୍ରବନ୍ଧକ ଅରୂପ କୁମାର ସୁବୁଦ୍ଧି ଏବଂ ବରିଷ୍ଠ କବି କୁଞ୍ଜ ବିହାରୀ ରାଉତ ଅତିଥି ଭାବେ ଯୋଗଦେଇ ହିନ୍ଦୀ ଦିବସ ଉପରେ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କ ସ୍ୱାଗତ ଭାଷଣରେ କହିଥିଲେ, ହିନ୍ଦୀ ହେଉଛି ରାଷ୍ଟ୍ରଭାଷା। ଏହି ଭାଷା ସମଗ୍ର ଦେଶବାସୀଙ୍କୁ ଯୋଡେ। ଏଣୁ ଆଜିର ଏହି ପବିତ୍ର ଦିବସରେ ହିନ୍ଦୀ ଭାଷାକୁ ସମ୍ମାନ ଦେବା ଆମ ସମସ୍ତଙ୍କ ନୈତିକ କର୍ତ୍ତବ୍ୟ ବୋଲି ସେ ଉଲ୍ଲେଖ କରିଥିଲେ। ଏ ନେଇ ସ୍କୁଲ ପିଲାଙ୍କ ଦ୍ୱାରା ରାଷ୍ଟ୍ରଭାଷା ହିନ୍ଦୀ ସମ୍ବନ୍ଧୀୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ଶେଷରେ ସ୍ମୃତିରେଖା ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ରାଷ୍ଟ୍ରଭାଷା ପ୍ରଚାର ଏବଂ ବିକାଶ ସଂସ୍ଥାନ, ରାଉରକେଲା ପକ୍ଷରୁ ସେକ୍ଟର-୧୮ ସ୍ଥିତ ଦୀପିକା ଇସ୍ପାତ ଶିକ୍ଷା ସଦନ ପ୍ରେକ୍ଷାଳୟରେ ହିନ୍ଦୀ ଦିବସ ପାଳିତ ହୋଇଥିଲା। ଏଥିରେ ଚ୍ୟାମ୍ବର ଅଫ କମର୍ସର ପ୍ରାକ୍ତନ ସଭାପତି ସୁନୀଲ କୟାଲ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ହିନ୍ଦୀ ଭାଷା ଆମର ରାଜଭାଷା ଭାବେ ସମ୍ବିଧାନ ଦ୍ୱାରା ସ୍ୱୀକୃତି ଲାଭ କରିଛି। ଏଣୁ ହିନ୍ଦୀ ଭାଷାର ବିକାଶ ଲାଗି ସମସ୍ତେ ପ୍ରୟାସୀ ହେବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ହିନ୍ଦୀ ଅଧ୍ୟାପକ ଆଦିତ୍ୟ କୁମାର ତ୍ରିପାଠୀ ଯୋଗଦେଇ ହିନ୍ଦୀ ସମ୍ପ୍ରତି ରାଜଭାଷା ଭାବେ ପ୍ରଚଳିତ। ଏଣୁ ହିନ୍ଦୀ ଭାଷାର ବିକାଶ ଲାଗି ଦେଶର କୋଣ ଅଣୁକୋଣରୁ ଜନଜାଗରଣ ହେବା ଆବଶ୍ୟକ ବୋଲି ସେ ଦର୍ଶାଇଥିଲେ। କାର୍ଯ୍ୟକ୍ରମର ସଭାପତି ସୁଶ୍ରୀ ଗ୍ରେସି ଡାଭିଡ ହିନ୍ଦୀ ଆମର ଅସ୍ମିତା ଓ ସଂସ୍କୃତିର ପରିଚାୟକ। ଏହାର ସମ୍ମାନ ଦେଶର ସମ୍ମାନ ବୋଲି ଅଭିହିତ କରିଥିଲେ। ଉତ୍କଳମଣି ଗୋପବନ୍ଧୁ ଶିକ୍ଷା ଓ କଲ୍ୟାଣ ଟ୍ରଷ୍ଟ ସଭାପତିପ୍ରଭାତ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ସଂସ୍ଥାନର ପ୍ରବନ୍ଧନ ନ୍ୟାସୀ ତଥା ସମ୍ପାଦକ ଡକ୍ଟର ଜଗନ୍ନାଥ ଦାଶ ହିନ୍ଦୀ ଦିବସ ଆୟୋଜନର ଉଦ୍ଦେଶ୍ୟ, ଉପଯୋଗିତା ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଦୀପିକା ଇସ୍ପାତ ଶିକ୍ଷା ସଦନର ବିଦ୍ୟାର୍ଥୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ହାଇସ୍କୁଲ ଓ ଯୁକ୍ତ ୨ ସ୍ତରୀୟ ହିନ୍ଦୀ ବକ୍ତୃତା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସମାରୋହରେ ଅଲେଖ ଚନ୍ଦ୍ର ନାୟକ, ସୁଧାଂଶୁ ମିଶ୍ର, ମହିଳା ସଂହତିର ନିଧି ସିଂହଲ, ପୁନମ ଗୁପ୍ତା, ଅସୀମା ମିଶ୍ର, ଆଦ୍ୟାଶା ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ସୁଶ୍ରୀ ସୋହନ କୁମାରୀ ହିନ୍ଦୀ ଦିବସକୁ ନେଇ ବକ୍ତବ୍ୟ ରଖିଥିଲେ। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ବିଜୟିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ଶିଶିର କୁମାର ସାମଲଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା।

## ମାନସିକ ଅନଗ୍ରସର ମହିଳା, ୨ ନାବାଳକ ଉଦ୍ଧାର

ରାଉରକେଲା,୧୪।୯(ସଙ୍ଗୀତା ଜେନା)

- ୫ ମାସର ପୁଅକୁ ବିକ୍ରି ପାଇଁ ଯୋଜନା କରୁଥିଲେ ରଙ୍ଗମିସ୍ତ୍ରି
- ମହିଳା ଓ ଶିଶୁଙ୍କ ନାହିଁ ପରିଚୟପତ୍ର
- ସ୍ଥାୟୀ ଥଇଥାନ ଦିଗରେ ନିଆଯିବ ପଦକ୍ଷେପ: ଡିଏସ୍‌ଡବ୍ଲ୍ୟୁଓ

ଜଗଦା ଟୁଙ୍ଗୁରିଟୋଲା ଅଞ୍ଚଳରେ ରହୁଥିବା ଜଣେ ମାନସିକ ଅନଗ୍ରସର ମହିଳା ଓ ତାଙ୍କ ୨ ଜଣ ଝିଅପୁଅଙ୍କୁ ଜିଲା ପ୍ରଶାସନ ଶନିବାର ଉଦ୍ଧାର କରିଛି । ମହିଳା ଜଣଙ୍କ ଝାଡ଼ଖଣ୍ଡ ଅଞ୍ଚଳର ଏବଂ ଜଣେ ରଙ୍ଗ ମିସ୍ତ୍ରୀ ତାଙ୍କୁ ଆଣି କିଛିବର୍ଷ ହେଲା ଟୁଙ୍ଗରିଟୋଲାର ଏକ ତଳି ଅଞ୍ଚଳରେ ରଖିଥିଲେ। ମହିଳାଙ୍କର ଏକ ୪ ବର୍ଷର ଝିଅ ଓ ୫ ମାସର ପୁତ୍ର ସନ୍ତାନ ରହିଛି। ତେବେ ଉକ୍ତ ରଙ୍ଗ ମିସ୍ତ୍ରୀ (ସନ୍ତାନଙ୍କ ବାପା) ଜଣଙ୍କ ଏହି ପୁତ୍ର ସନ୍ତାନଙ୍କୁ ଅନ୍ୟତ୍ର ବିକ୍ରି କରିବାକୁ କୁଆଡେ ଯୋଜନା କରୁଥିଲେ। ଏ ସମ୍ପର୍କରେ ଶୁକ୍ରବାର ସୂଚନା ମିଳିବା ପରେ ମହିଳା ଓ ୨ ସନ୍ତାନଙ୍କୁ ଜିଲା ପ୍ରଶାସନ ଉଦ୍ଧାର କରିଛି। ବର୍ତ୍ତମାନ ୩ ଜଣଙ୍କୁ ସଖୀ ୱାନ ଷ୍ଟପ୍ ସେଣ୍ଟରରେ ରଖାଯାଇଥିଲା। ସେଥିମଧ୍ୟରୁ ୫ ମାସର ପୁତ୍ର ସନ୍ତାନ ଅପପୁଷ୍ଟିର ଶିକାର ହୋଇଥିବାରୁ ତାଙ୍କୁ ଏନ୍‌ଆର୍‌ସି (ନ୍ୟୁଟ୍ରିଶନ୍ ରିହାବିଲିଟେଶନ ସେଣ୍ଟର)ରେ ଭର୍ତ୍ତି କରାଯାଇଛି। ଏ ପରିପ୍ରେକ୍ଷୀରେ ଜିଲା ସମାଜ କଲ୍ୟାଣ ଅଧିକାରୀ (ଡିଏସ୍‌ଡବ୍ଲ୍ୟୁଓ) କ୍ରିଷ୍ଣା କୁମାରୀ ନନ୍ଦଙ୍କୁ ପଚାରାଯିବାରୁ ସେ କହିଲେ, ଜିଲା ପ୍ରଶାସନକୁ ସୂଚନା ମିଳିବା ପରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନିହାତି ଭାବେ ଏହା ଏକ ସମ୍ବେଦନଶୀଳ ମାମଲା। ପୁତ୍ର ସନ୍ତାନ ଅପପୁଷ୍ଟିର ଶିକାର ହୋଇଛି। ତାକୁ ଏନ୍‌ଆର୍‌ସିରେ ଭର୍ତ୍ତି କରାଯାଇଛି। ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସଖୀ ସେଣ୍ଟରରେ ଥଇଥାନ କରିବା ପରେ ସେମାନଙ୍କ ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି ନନ୍ଦ କହିଛନ୍ତି। ଅପରପକ୍ଷେ, ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ରଙ୍ଗମିସ୍ତ୍ରୀ(୩୫) ଜଣଙ୍କ ସେକ୍ଟର-୨୧ ନୂଆବଜାର ଅଞ୍ଚଳରେ ରହୁଥିଲେ। ସେ ପୂର୍ବରୁ ବିବାହିତ। ମାତ୍ର ସେ ଅନ୍ୟ ଜଣେ ମହିଳା (ଝାଡଖଣ୍ଡ ଲୋଆରାମ ଅଞ୍ଚଳର) ଓ ଙ୍କୁ ଆଣି ଟୁଙ୍ଗୁରିଟୋଲା ଅଞ୍ଚଳରେ ରଖିଥିଲେ। ଉକ୍ତ ଝୁମ୍ପୁଡ଼ିରେ ସେ, ମହିଳା, ୩ ବର୍ଷର ଝିଅ ଓ ୫ ମାସର ପୁଅ ରହୁଥିଲେ। ରଙ୍ଗମିସ୍ତ୍ରୀ ଅଧିକାଂଶ ସମୟ ପରିବାରକୁ ଖାଦ୍ୟ ଯୋଗାଉ ନ ଥିଲେ। ୫ ମାସର ପୁତ୍ର ସନ୍ତାନ ଭୋକରେ ପ୍ରାୟତଃ କ୍ରନ୍ଦନ କରୁଥିଲା। ହେଲେ ତାକୁ ପର୍ଯ୍ୟାପ୍ତ ଖାଦ୍ୟ ମିଳୁ ନ ଥିଲା। ଏପରିକି ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀମାନେ ସେମାନଙ୍କୁ ଖାଦ୍ୟ ଯୋଗାଉଥିଲେ ମଧ୍ୟ ମହିଳା ଜଣଙ୍କ ମାନସିକ ରୋଗୀ ଥିବାରୁ ପିଲାମାନଙ୍କ ଯତ୍ନ ନେଇ ପାରୁ ନ ଥିଲେ। ଫଳରେ ଉକ୍ତ ପୁତ୍ର ସନ୍ତାନ କୁପୋଷଣର ଶିକାର ହୋଇପଡିଥିଲା। ଉକ୍ତ ରଙ୍ଗମିସ୍ତ୍ରୀ ବାରମ୍ବାର ପୁତ୍ରକୁ ଅନ୍ୟତ୍ର ବିକ୍ରି କରିବାକୁ ଯୋଜନା ମଧ୍ୟ କରୁଥିଲେ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ତାରିଣୀ ମନ୍ଦିର କମିଟିର ପ୍ରସ୍ତୁତି ବୈଠକ

ରାଉରକେଲା,୧୪।୯(ଦିନେଶ ମିଶ୍ର): ସେକ୍ଟର-୬ ସ୍ଥିତ ହିଲଟପ୍ ବସ୍ତି ନିକଟରେ ଥିବା ମା' ତାରିଣୀ ମନ୍ଦିର କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ବିଶ୍ୱଜିତ ଜେନାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମା'ଙ୍କ ନବଦିନାତ୍ମକ ଶାରଦୀୟ ଦୁର୍ଗାପୂଜା ଲାଗି ଆଲୋଚନା କରାଯାଇଥିଲା। ମନ୍ଦିର ସାଜସଜ୍ଜା ଓ ଭକ୍ତମାନଙ୍କ ଆଗମନକୁ ସୁବନ୍ଦୋବସ୍ତ କରିବା ସହ କିଭଳି ଅଖଣ୍ଡଦୀପ ଓ ସମସ୍ତ ପୂଜାର୍ଚ୍ଚନା ଶାନ୍ତିଶୃଙ୍ଖଳା ସହ ହୋଇପାରିବ ସେ ନେଇ କର୍ମକର୍ତ୍ତାମାନେ ମତ ଦେଇଥିଲେ। ବୈଠକରେ ତାରିଣୀଙ୍କ ସମ୍ମୁଖରେ ନବନିର୍ମିତ ସୌଧ ନିର୍ମାଣର ସମସ୍ତ ବିବରଣୀ ଭାସ୍କର ନନ୍ଦ ପ୍ରକାଶ କରିଥିଲେ। ବିଜୟ ପାଢ଼ୀ, ରମାକାନ୍ତ ମହାରଣା, ମୀନକେତନ ନନ୍ଦ, ନାରାୟଣ ଚନ୍ଦ୍ର ମହନ୍ତ, କାଳୀ ପ୍ରସାଦ ପାତ୍ର, ଲୋକେଶ ରାଉତ, ଶରତ ଜେନା, ମନୋରଞ୍ଜନ ତ୍ରିପାଠୀ, ଶରତ ଜେନା, ପବିତ୍ର ମୋହନ ବେହେରା, ପ୍ରଶାନ୍ତ ପଣ୍ଡା, ସୁବାସ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରବଣ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

## କମିଶନରଙ୍କୁ ସ୍ମାରକପତ୍ର ଦେଲା ହିନ୍ଦ୍ ମଜଦୁର ସଭା

**ଇଏସ୍‌ଆଇ ମଡେଲ ହସ୍ପିଟାଲ ସମସ୍ୟା**

ରାଉରକେଲା,୧୪।୯
(ଦିନେଶ ମିଶ୍ର/ସଙ୍ଗୀତା ଜେନା)


ହିନ୍ଦ ମଜଦୁର ସଭାର କର୍ମକର୍ତ୍ତା କମିଶନରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

ହିନ୍ଦ୍ ମଜଦୁର ସଭାର ଏକ ପ୍ରତିନିଧି ଦଳ ରାଉରକେଲା ସ୍ଥିତ ଇଏସ୍‌ଆଇସି ପୂର୍ବାଞ୍ଚଳ ଓ ଉତ୍ତର ପୂର୍ବାଞ୍ଚଳର ଆଞ୍ଚଳିକ କମିଶନର ଡକ୍ଟର ରଚିତା ବିଶ୍ୱାସଙ୍କୁ ଭେଟି ଶନିବାର ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ଏଚ୍‌ଏମ୍‌ଏସ୍‌ର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଇଏସ୍‌ଆଇ ମଡେଲ ହସ୍ପିଟାଲରେ ଲାଗି ରହିଥିବା ବିଭିନ୍ନ ସମସ୍ୟାକୁ ନେଇ କମିଶନର ବିଶ୍ୱାସଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଇଏସ୍‌ଆଇ ମଡେଲ ହସ୍ପିଟାଲ ଉପରେ ପଶ୍ଚିମ ଓଡିଶାର ବହୁ ଶ୍ରମିକ ଶ୍ରେଣୀର ଲୋକ ନିର୍ଭର କରୁଥିବାବେଳେ ଏଠାରେ ବିଭିନ୍ନ ସମୟରେ ଡାକ୍ତର ପଦବୀ ଖାଲି ପଡିଛି। ଫଳରେ ରୋଗୀମାନେ ଏହି ଡାକ୍ତରଖାନାକୁ ଆସୁଥିଲେ ମଧ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ଡାକ୍ତରଖାନାରେ ବଡ ଏକ୍ସ-ରେ ମେଶିନ ଆସିବାକୁ ବିଳମ୍ବ ହେଉଥିବାରୁ ୧୫ ଦିନ ଭିତରେ ପୋର୍ଟେବଲ ଏକ୍ସ-ରେ ମେଶିନ ଓ ଓପିଡି ବିଭାଗରେ ରେଡିଓଲେଜିଷ୍ଟ ବ୍ୟବସ୍ଥା ତୁରନ୍ତ ଚାଲୁ କରିବା ସହ ମେଡିଶିନ ଡାକ୍ତର ତୁରନ୍ତ ଅଣାଯାଉ କରାଯାଉ ବୋଲି ଦାବି ହୋଇଥିଲା। ଡକ୍ଟର ବିଶ୍ୱାସ ଏଚ୍‌ଏମ୍‌ଏସ୍ ପକ୍ଷରୁ ହୋଇଥିବା ବିଭିନ୍ନ ଦାବିଗୁଡ଼ିକୁ କିଭଳି ଆସନ୍ତା ୧୫ ଦିନ ଭିତରେ ପୂରଣ କରିହେବ ସେ ନେଇ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ସଙ୍ଗଠନର ଦିଗମ୍ବର ମହାନ୍ତି, ବିଜେଡି ନଗର ସଭାପତି ଗଗନ ପଣ୍ଡା, ଦେବେନ୍ଦ୍ର ଆଚାର୍ଯ୍ୟ, ଉମେଶ ଚନ୍ଦ୍ର ନାୟକ, ସୁରେନ, ଅଜୟ ନାୟକ, ବିମଳ ବେହୁରିଆ, ଉଷା କାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ରାଷ୍ଟ୍ରୀୟ ଲୋକ ଅଦାଲତ, ୫୧୯ ମାମଲାର ହେଲା ସମାଧାନ

**୭କୋଟି ୮୪ଲକ୍ଷ ୪୨ହଜାର ୪ଶହ ଟଙ୍କା ଜରିମାନା ଆଦାୟ**

ରାଉରକେଲା,୧୪।୯(ବିପ୍ଳବ ରଞ୍ଜନ ଦାଶ)


ଲୋକ ଅଦାଲତରେ ମାମଲାର ବିଚାର କରାଯାଉଛି।

ପାନପୋଷ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶନିବାର ବିରଜାପାଲିସ୍ଥିତ ନୂତନ ସିଭିଲ କୋର୍ଟ ପରିସରରେ ପ୍ରଥମ ଅତିରିକ୍ତ ଜିଲା ଜଜ୍ ଡଃ ଭି. ସୁଜାତାଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ତାଲୁକ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଦୁଇଟି ବେଞ୍ଚରେ ଆଗତ ହୋଇଥିବା ୭୭୯ଟି ମାମଲାରୁ ୫୧୯ଟିର ସମାଧାନ ହୋଇଥିଲା। ରାଷ୍ଟ୍ରୀୟ ଲୋକ ଅଦାଲତରେ ଆଗତ ହୋଇଥିବା ଅର୍ଥ ଆଦାୟ, ଚେକ୍ ଜନିତ, ବିବାହ ସମ୍ପର୍କିତ, ସିଭିଲ, ଦୁର୍ଘଟଣା ଜନିତ ଏବଂ ଆପରାଧିକ ଏପରି ୫୧୯ଟି ମାମଲାର ତ୍ୱରିତ ସମାଧାନ ହେବା ସହିତ ୭କୋଟି ୮୪ଲକ୍ଷ ୪୨ହଜାର ୪୦୭ଟଙ୍କା ଜରିମାନା ଆଦାୟ ହୋଇଥିଲା। ଫ୍ୟାମିଲି କୋର୍ଟ ଜଜ୍ ଲିଲି ସେନାପତି, ପ୍ରଥମ ଅତିରିକ୍ତ ଜିଲା ଜଜ୍ ତଥା ଅଧକ୍ଷ ଏମ୍. ଆର ଶତପଥୀ, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ମନୋଜ କୁମାର, ସିଭିଲ ଜଜ୍ ଅଭିଜିତ କୁମାର ପୁରୋହିତ, ଏସ୍‌ଡିଜେଏମ୍ ଅରୋଲିପି ପରିଜା, ଜେଏମ୍‌ଏଫ୍‌ସି ଅମିତ କୁମାର ବେହେରା ଏବଂ କରୋନିକା ଘୋଷ ମାମଲାର ବିଚାର କରିଥିଲେ। ପ୍ରଥମ ବେଞ୍ଚରେ ଆଇନଜୀବୀ ବସନ୍ତ କୁମାର ପାତ୍ର ଓ ସାମାଜିକ କର୍ମୀ ଡଲିରାଣୀ ବ୍ରହ୍ମା ଏବଂ ଦ୍ୱିତୀୟ ବେଞ୍ଚରେ ଆଇନଜୀବୀ ବୈଷ୍ଣବ ଚରଣ ନାୟକ ଓ ସାମାଜିକ କର୍ମୀ ନିନାରାଣୀ ଜେନା ଉପସ୍ଥିତ ଥିଲେ। ଆଇନଜୀବୀ ସୁରେଶ ଦାସ, ଗିରିଶ ଚନ୍ଦ୍ର ମହାପାତ୍ର, ଅମୂଲ୍ୟ ମହାପାତ୍ର, ନିର୍ମଳ ସ୍ୱାଇଁ, ଦଣ୍ଡପାଣି ଚୌଧୁରୀ, ବି. ଏନ୍. ପଢିହାରୀ ଓ ଏ. ବି ଜେନା ପ୍ରମୁଖ ରାଉରକେଲା ଜେଏମ୍‌ଏଫ୍‌ସି କୋର୍ଟ ବେଞ୍ଚ ସଦସ୍ୟା ସଦସ୍ୟ ସହଯୋଗ କରିଥିଲେ।

# ବିଦେଶୀ ପର୍ଯ୍ୟଟକ ପାଇଁ ଭିତ୍ତିଭୂମି ଅଭାବ

**ସମ୍ବଲପୁର, ୧୪।୯ (ଭବାନୀ ଶଙ୍କର ଭୋଇ)**


ହୀରାକୁଦ ନଦୀବନ୍ଧ।


ସମ୍ବଲପୁରର ଅଧିଷ୍ଠାତ୍ରୀ ମା' ସମଲେଇ ମନ୍ଦିର।

ସମ୍ବଲପୁର ଜିଲାରେ ଅନେକ ପର୍ଯ୍ୟଟନସ୍ଥଳୀ ରହିଛି। ବିଶ୍ୱର ଦୀର୍ଘତମ ମାଟିବନ୍ଧ ହୀରାକୁଦ ବନ୍ଧ, ଏଫିଲ ଟାୱାର ଭଳି, ହୁମା ବକ୍ର ମନ୍ଦିର ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ଆଧ୍ୟାତ୍ମିକ ପର୍ଯ୍ୟଟନ ପାଇଁ ମା' ସମଲେଇ, ଘଣ୍ଟେଶ୍ୱରୀ ମନ୍ଦିର, ପ୍ରାକୃତିକ ପରିବେଶକୁ ଉପଭୋଗ କରିବା ପାଇଁ ଡେବ୍ରିଗଡ ଅଭୟାରଣ୍ୟ, ଦେବଝରଣ, ଉଷାକୋଠି ମଧ୍ୟ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇରହିଛି। ଏସବୁ ସତ୍ତ୍ୱେ ଏଠାରେ ଭିତ୍ତିଭୂମିର ଅଭାବ ଯୋଗୁ ପର୍ଯ୍ୟଟନ ବ୍ୟବସ୍ଥାରେ ଉନ୍ନତି ଅଣାଯାଇପାରୁନାହିଁ। ବିଶେଷକରି ବିଦେଶୀ ପର୍ଯ୍ୟଟକ ସମ୍ବଲପୁର ପର୍ଯ୍ୟଟନ କ୍ଷେତ୍ର ପ୍ରତି ଆକୃଷ୍ଟ ହେଉ ନାହାନ୍ତି। ଏପରିକି ଜିଲାକୁ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ସଂଖ୍ୟା ଆଶାନୁରୂପକ ବୃଦ୍ଧି ପାଉନାହିଁ। ତଥ୍ୟରୁ ଜଣାପଡ଼ିଛି ବର୍ଷକୁ ହଜାରେ ମଧ୍ୟ ଟପୁନାହିଁ।

> ସମ୍ବଲପୁର ଜିଲାରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବାର୍ଷିକ ହଜାରେ ଟପୁନାହିଁ

ବାନ୍ଧକଳା ପାଇଁ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ର ସ୍ଥାନ ହାସଲ କରିବା ସତ୍ତ୍ୱେ ଏଠାରେ ବଜାର ନାହିଁ। ଭୀମ ଭୋଇଙ୍କ ବାଣୀ ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ମିଳିତ ଜାତିସଂଘରେ ସ୍ଥାନ ପାଇଛି। ମାତ୍ର ତାଙ୍କ ଜନ୍ମପୀଠ କନ୍ଧରା ବିଶ୍ୱବାସୀଙ୍କୁ ଆକର୍ଷିତ କରିପାରିବା ଭଳି ବିକଶିତ କରାଯାଇ ପାରିନି। ଦ୍ୱିତୀୟ ବୁଦ୍ଧଭାବେ ସମ୍ମାନିତ ଗୁରୁ ପଦ୍ମସମ୍ଭବଙ୍କ ଜନ୍ମପୀଠ ମଧ୍ୟ ପୁରାତନ ସମ୍ବଲକ ବା ଆଧୁନିକ ସମ୍ବଲପୁର ଜିଲାରେ। ଅନେକ ବିଦ୍ୱାନ ଏକଥାକୁ ସ୍ୱୀକାର କରୁଛନ୍ତି। କିଛିଦିନ ତଳେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀରେ ଗବେଷକମାନେ ଏକଥାକୁ ପ୍ରମାଣିତ କରିଥିଲେ। ହେଲେ ଦୁର୍ଭାଗ୍ୟର କଥା ରାଜ୍ୟ ସରକାର ଏ ଦିଗରେ କୌଣସି ପ୍ରକାର ପ୍ରଚେଷ୍ଟା କରୁନାହାନ୍ତି। ପଦ୍ମସମ୍ଭବଙ୍କୁ ଅଧିକ ପ୍ରଚାରିତ କରିପାରିଲେ ସମ୍ବଲପୁର ସମେତ ପଶ୍ଚିମ ଓଡ଼ିଶାର ବୌଦ୍ଧ କୀର୍ତ୍ତିରାଜିଗୁଡିକ ଦେଶବିଦେଶର ବୌଦ୍ଧ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି କରି ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଉଛି।



ଡେବ୍ରିଗଡ ଅଭୟାରଣ୍ୟ।

ମିଳିଥିବା ତଥ୍ୟ ଅନୁସାରେ ୨୦୧୯-୨୦ ମସିହାରେ ସମ୍ବଲପୁର ସମଲେଇ ମନ୍ଦିରକୁ ସର୍ବାଧିକ ୬୦ ଜଣ ବିଦେଶୀ ପର୍ଯ୍ୟଟକ ଆସିଥିଲେ। ସେହିପରି ହୀରାକୁଦ, ହୁମା ବକ୍ରମନ୍ଦିର ଏବଂ ଚିପଲିମା ଘଣ୍ଟେଶ୍ୱରୀ ମନ୍ଦିରକୁ ୧୪ ଜଣ ବିଦେଶୀ ପର୍ଯ୍ୟଟକ ବୁଲିବାକୁ ଆସିଥିଲେ। ୨୦୨୦ ଏବଂ ୨୧ ବର୍ଷରେ ମହାମାରୀ କରୋନା ଯୋଗୁ ବିଦେଶୀ ପର୍ଯ୍ୟଟକ ସମ୍ବଲପୁର ଆସି ନ ଥିଲେ। ହେଲେ ୨୦୨୨ ମସିହାରେ ୨୯୨ ଜଣ ବିଦେଶୀ ପର୍ଯ୍ୟଟକ ସମ୍ବଲପୁର ଆସିଥିଲେ। ଚଳିତବର୍ଷ ନିର୍ବାଚନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କାରଣରୁ ସମ୍ବଲପୁର ଜିଲାକୁ ସର୍ବାଧିକ ୮୧୨ ଜଣ ବିଦେଶୀ ପର୍ଯ୍ୟଟକ ସମ୍ବଲପୁର ଆସିଛନ୍ତି। ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ସରକାର ଅନେକ ଯୋଜନା କରୁଥିବା ସତ୍ତ୍ୱେ ସମ୍ବଲପୁର ଜିଲାରେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ହଜାରେ ମଧ୍ୟ ଟପୁନାହିଁ। ବିମାନ ବନ୍ଦର, ଉନ୍ନତମାନର ଗମନାଗମନ ବ୍ୟବସ୍ଥା, ଷ୍ଟାର ହୋଟେଲ, ରିସର୍ଟ ଆଦି ଅଦ୍ୟାବଧି ଉପଲବ୍ଧ ନ ହୋଇପାରିବା ବିଦେଶୀ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ନ ହେବାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଏ ନେଇ ଜିଲା ପର୍ଯ୍ୟଟନ ଅଧିକାରୀ ରବିନ୍ଦ୍ର ଦଳାଇଙ୍କୁ ପଚାରିବାରୁ ସେ କହିଛନ୍ତି, ପୂର୍ବରୁ ଜିଲାକୁ ବାର୍ଷିକ ମାତ୍ର ଦଶ ପନ୍ଦର ଜଣ ବିଦେଶୀ ପର୍ଯ୍ୟଟକ ଆସୁଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ବଢ଼ିଛି। ତେବେ ଆଦିବାସୀ ଅଞ୍ଚଳରେ ଅନେକ କଟକଣା ରହିଥିବା କାରଣରୁ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟାରେ ଫରକ ଆସିଛି। ରାଜ୍ୟ ସରକାର ପଶ୍ଚିମ ଓଡ଼ିଶାରେ ପର୍ଯ୍ୟଟନର ବିକାଶ ପାଇଁ ଆଗାମୀ ଦିନରେ ଅନେକ ନୂଆ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଯୋଜନା ରଖିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ବିଦେଶୀ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶା କରାଯାଉଛି ବୋଲି ସେ କହିଛନ୍ତି।

## ବାରବାଙ୍କ ହାଇସ୍କୁଲରେ ହିନ୍ଦୀ ଦିବସ ପାଳିତ


ହିନ୍ଦୀ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

**ରେଢାଖୋଲ, ୧୪।୯ (ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକ ବାରବାଙ୍କ ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସସ୍ମିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବଡବାହାଲ ପଞ୍ଚଖଣ୍ଡା ଉଚ୍ଚ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ ସଦାନନ୍ଦ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ହିନ୍ଦୀ ଭାଷାର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷକ ଶତ୍ରୁଘ୍ନ ସ୍ୱାଇଁ ମୁଖ୍ୟବକ୍ତାଭାବେ ଯୋଗଦେଇ ହିନ୍ଦୀ ଭାଷା, ସାହିତ୍ୟ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ହିନ୍ଦୀ ଶିକ୍ଷକ ବଳରାମ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ସତ୍ୟନାରାୟଣ ପୋଡ଼, ଆଶିଷ କୁମାର ସାହୁ, ଜୟନ୍ତ ସାହୁ, ବୀରେନ୍ଦ୍ର କୁମାର ବେହେରା, ନିତ୍ୟାନନ୍ଦ ପ୍ରଧାନ ଓ ଦିଲିପ ପ୍ରଧାନ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ସ୍ୱଚ୍ଛତା ପକ୍ଷ ପାଇଁ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

## ବୁର୍ଲା ଡିଏଭି ସ୍କୁଲରେ ହିନ୍ଦୀ ଦିବସ ପାଳନ


ବୁର୍ଲା ଡିଏଭି ସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ସମ୍ବଲପୁର, ୧୩।୯ (ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଡିଏଭି ସ୍କୁଲ୍‌ରେ ରାଜଭାଷା ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ସ୍କୁଲ ପରିସରରେ ଶନିବାର ସ୍କୁଲ ଅଧ୍ୟକ୍ଷା ତଥା ଉପଆଞ୍ଚଳିକ ଅଧିକାରୀ ରଶ୍ମି ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବର ଶୁଭାରମ୍ଭ ହୋଇଥିଲା। ଏଥିରେ ସ୍କୁଲ୍‌ର ହିନ୍ଦୀ ବିଭାଗ ଶିକ୍ଷୟିତ୍ରୀ ନିତୁ ଅଗ୍ରୱାଲ, ଶିକ୍ଷକ ଦେବେଶ ପ୍ରସାଦ ହୋତା, ଚନ୍ଦନ ମହାନ୍ତି ଯୋଗଦେଇ ହିନ୍ଦୀ ଭାଷାର ମହନୀୟତା ଓ ବ୍ୟାପକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଏକ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ରୀମାନେ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶେଷରେ ଡ. ଅଭୟ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## କୁଟୁରାଚୁଆଁ କଲେଜରେ ହିନ୍ଦୀ ଦିବସ, ଶ୍ରଦ୍ଧାକର ଜୟନ୍ତୀ



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**କୁଚିଣ୍ଡା, ୧୪।୯ (ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକ କୁଟୁରାଚୁଆଁ ଯୁକ୍ତ ୨ କଲେଜରେ ଶନିବାର ହିନ୍ଦୀ ଦିବସ ଓ ସାହିତିକ୍ୟ ଡ.ଶ୍ରଦ୍ଧାକର ସୂପକାର ଜୟନ୍ତୀ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନୀଳାଞ୍ଚଳ ତିୱାରୀଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ସାହିତ୍ୟିକ ସୁବାସ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, ପୁରାତନ ଛାତ୍ର ସଂସଦ ସଭାପତି ଅରୁଣ ପଟେଲ, ଅଧ୍ୟାପକ ସୁଧିର ନାଏକ ଓ ଡେମୋନଷ୍ଟ୍ରେଟର ପ୍ରତିମା କୁମାର ନାଏକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ହିନ୍ଦୀ ଦିବସର ମହତ୍ତ୍ୱ ଓ ସାହିତ୍ୟିକ ଡ.ଶ୍ରଦ୍ଧାକର ସୂପକାରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅଧ୍ୟାପିକା ଭାବନା ପାଣ୍ଡେ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ସତ୍ୟନାରାରଣ ପଟେଲ ସଭା ସଞ୍ଚାଳନ, ଅଧ୍ୟାପକ କୃଷ୍ଣଚନ୍ଦ୍ର ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡିଇଓ ସମିନ ରଞ୍ଜନ ନାଏକ, ଭେଷଜ ଗରଡିଆ, ଜୟଦେବ ରାଉତ, ଅସିମ କୁମାର ପରୁଆ ସହଯୋଗ କରିଥିଲେ।

## ସୁଭଦ୍ରା, ନାରୀ ସଶକ୍ତୀକରଣ ଆଲୋଚନାଚକ୍ର

**କୁଚିଣ୍ଡା, ୧୪।୯ (ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ବାମରା ବ୍ଲକ ଅନ୍ତର୍ଗତ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଶନିବାର ସୁଭଦ୍ରା ସଚେତନତା ଓ ନାରୀ ସଶକ୍ତିକରଣ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଲେଜ ଅଧ୍ୟକ୍ଷ ଦୟାସାଗର ପ୍ରଧାନ ଅଧ୍ୟକ୍ଷତା କରି ସୁଭଦ୍ରା ଯୋଜନା ଓ ନାରୀ ସଶକ୍ତୀକରଣ ସଚେତନତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଜାତୀୟ ସେବା ଯୋଜନା ସଂଯୋଜକ ଅଧିକାରୀ ବିନୋଦ ବିହାରୀ ପୃଷେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେଡକ୍ରସ ସଂଯୋଜକ ହରେଶ ସାହୁ ସୁଭଦ୍ରା ଯୋଜନା ବିଷୟରେ ଆଲୋଚନା କରିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ରଚନା ଲିଖନ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ୧୨ଟି ବିଭାଗର ଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ପରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ରୋଶନ ଶର୍ମା, କର୍ପୁର ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହୋଯାଗ କରିଥିଲେ।



କଲେଜ ଅଧ୍ୟକ୍ଷ, ଅଧ୍ୟାପକଙ୍କ ସହ ଛାତ୍ରୀମାନେ।



ସିଆର୍‌ପିଏଫ୍ କ୍ୟାମ୍ପରେ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅବସରରେ ଅତିଥିଙ୍କ ସହ ଉପସ୍ଥିତ ଯବାନମାନେ।

## ସ୍ୱଚ୍ଛତା ପାଇଁ ଶପଥ, ବାହାରିଲା ସଚେତନତା ରାଲି

**ସମ୍ବଲପୁର, ୧୪।୯ (ଭବାନୀ ଶଙ୍କର ଭୋଇ)**

**ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟରରେ ସ୍ୱଚ୍ଛତା ହିଁ ସେବା ଅଭିଯାନ**

ସମ୍ବଲପୁରଜିଲା ଗୋଶାଳା ସ୍ଥିତ ସେଣ୍ଟ୍ରାଲ୍ ରିଜର୍ଭ ପୋଲିସ୍ ଫୋର୍ସ (ସିଆର୍‌ପିଏଫ୍) ଗ୍ରୁପ୍ ସେଣ୍ଟର୍‌ରେ ଶନିବାର ସ୍ୱଚ୍ଛତା ହିଁ ସେବା ଅଭିଯାନର ଶୁଭାରମ୍ଭ ହୋଇଛି। ସିଆର୍‌ପିଏଫ୍ ଡେପୁଟି ଇନ୍ସପେକ୍ଟର ଜେନେରାଲ ଦିଲୀପ ସିଂ ଅନ୍ୱେଶ, କଲାମାଟୀ ସରପଞ୍ଚ ସୁଷମା ସାହୁ ଆତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡେପୁଟି ଇନ୍ସପେକ୍ଟର ଜେନେରାଲ୍ ସିଂହ ନିଜ ସମ୍ବୋଧନରେ ଭାରତ ସରକାରଙ୍କ ସ୍ୱଚ୍ଛତା ହିଁ ସେବା ଅଭିଯାନର ବୈଶିଷ୍ଟ୍ୟ ଏବଂ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଲୋକଙ୍କୁ ସ୍ୱଚ୍ଛତା ବିଷୟରେ ଅବଗତ କରାଇବା ସହ ଚଳିତ ବର୍ଷର ବିଷୟବସ୍ତୁ ପ୍ରକୃତି ସ୍ୱଚ୍ଛତା, ସଂସ୍କୃତ ସ୍ୱଚ୍ଛତାଭାବେ ଗ୍ରହଣ କରାଯାଇଥିବା ସୂଚନା ଦେଇଥିଲେ। ଏହି ଅଭିଯାନ ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଚାଲିବ। ଏହି ସମୟ ମଧ୍ୟରେ ସ୍ୱଚ୍ଛତା ବିଷୟରେ ସଚେତନତା ଦୌଡ଼, ସ୍ୱାସ୍ଥ୍ୟଯାଞ୍ଚ ଶିବିର, ପଥପ୍ରାନ୍ତ ନାଟକ ଇତ୍ୟାଦି ଆୟୋଜନ କରି ଲୋକଙ୍କୁ ସଚେତନ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଉପସ୍ଥିତ ସିଆର୍‌ପିଏଫ୍ ଯବାନମାନେ ସ୍ୱଚ୍ଛତା ହିଁ ସେବା ନେଇ ଶପଥ ଗ୍ରହଣ କରଥିଲେ। ଏହାପରେ ସିଆର୍‌ପିଏଫ୍ କ୍ୟାମ୍ପ ପରିସରର ଏକ ସ୍ୱଚ୍ଛତା ରାଲିର ଆୟୋଜନ କରାଯାଇଥିଲା। ଏଥିରେ ଗ୍ରୁପ ସେଣ୍ଟରରେ ରହୁଥିବା ସମସ୍ତ ପରିବାର ସଦସ୍ୟ ସାମିଲ ହୋଇ ସ୍ୱଚ୍ଛତା ବିଷୟରେ ଅବଗତ ହୋଇଥିଲେ।

## ରେଢ଼ାଖୋଲରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ରେଢାଖୋଲ, ୧୪।୯ (ଅଚ୍ୟୁତାନନ୍ଦ ପୁରୋହିତ)**

ସମ୍ବଲପୁର ଜିଲା ରେଢାଖୋଲ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ତାଲୁକ ଆଇନ ସେବା ପ୍ରାଧିକରଣ ସମିତି ପକ୍ଷରୁ ଆୟୋଜିତ ଲୋକ ଅଦାଲତରେ ଆପୋଷ ସମାଧାନ କରି ବହୁ ମାମଲାର ବିଚାର ହୋଇଥିଲା। ତାଲୁକ ଆଇନସେବା ପ୍ରାଧିକରଣ ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରାଜଜ ପାର୍ଥସାରଥୀ ପଟ୍ଟନାୟକ, ସବ୍‌ଜଜ ସନ୍ତୋଷ କୁମାର ପାଣିଗ୍ରାହୀ, ଏସ୍‌ଡିଜେଏମ ହୃଷୀକେଶ ଖେମୁଣ୍ଡୁ ଉପସ୍ଥିତ ରହି ବହୁ ଗୁରୁତ୍ୱପୂର୍ଣ୍ଣ ମାମଲାର ଫଇସିଲା କରିଥିଲେ। ସେହିପରି ଭାରତୀୟ ଷ୍ଟେଟବ୍ୟାଙ୍କ, ୟୁନିଅନ ବ୍ୟାଙ୍କ ଓ କାନାଡା ବ୍ୟାଙ୍କ ଶାଖା ପରିଚାଳକ ଓ ଅନ୍ୟ ଅଧିକାରୀମାନେ ଯୋଗଦେଇ ଋଣ ସଂକ୍ରାନ୍ତୀୟ ବିଭିନ୍ନ ମାମଲା ଉପସ୍ଥାପନା ଓ ସମାଧାନ କରିଥିଲେ। ସରକାରୀ ଓକିଲ ନାରାୟଣ ତ୍ରିପାଠୀ, ଅନ୍ତର୍ଯ୍ୟାମୀ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ସମ୍ପାଦକ ଅଚ୍ୟୁତାନନ୍ଦ ପୁରୋହିତ ଓ ବହୁ ଓକିଲ ଯୋଗଦେଇ ମାମଲାଗୁଡିକର ପରିଚାଳନା କରିଥିଲେ।

## ସୁଭଦ୍ରା ସଚେତନତା କାର୍ଯ୍ୟକ୍ରମ

**ନାକଟୀଦେଉଳ, ୧୪।୯ (ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟୀଦେଉଳ ସ୍ନାତକ ମହାବିଦ୍ୟାଳୟ ପରିସରରେ ଶନିବାର ସୁଭଦ୍ରା ଯୋଜନା ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧ୍ୟକ୍ଷ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ନାକଟୀଦେଉଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧନେଇ ଚରଣ ଟୁଡୁ, ସମ୍ମାନିତ ଅତିଥି ଭାବେ ନାକଟୀଦେଉଳ ଆଇସିଡ଼ିଏସ ସୁପରଭାଇଜର ମଞ୍ଜୁବାଳା ପାଣିଗ୍ରାହୀ, ବିଜାଗଡ଼ ଅଙ୍ଗନୱାଡି କେନ୍ଦ୍ର ଅଙ୍ଗନୱାଡି କର୍ମୀ ପ୍ରୀତିରାଣୀ ଦାସ ଯୋଗଦେଇ ସୁଭଦ୍ରା ଯୋଜନାରେ ରହିଥିବା ନୀତି ନିୟମ, ଆବେଦନ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଦେବେଶ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଭଜମୋହନ ସାହୁ ଏବଂ ହିମାଂଶୁ ବାରିକ ଅନ୍ୟତମ ଅତିଥି ଭାବେ ଯୋଗଦେଇ ସୁଭଦ୍ରା ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସୁଭଦ୍ରା ଯୋଜନା ସମ୍ପର୍କିତ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।


ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଆଉଟସୋର୍ସିଂ କର୍ମଚାରୀ ମୌଳିକ ସୁବିଧାରୁ ବଞ୍ଚିତ

**ସମ୍ବଲପୁର, ୧୪।୯ (ଭବାନୀ ଶଙ୍କର ଭୋଇ)**



ଖବରଦାତା ସମ୍ମିଳନୀରେ ଓଡ଼ିଶା ଆଉଟସୋର୍ସିଂ ମହାସଂଘ କର୍ମକର୍ତ୍ତା।

**ଖବରଦାତା ସମ୍ମିଳନୀ କରି ଅଭିଯୋଗ କଲା କର୍ମଚାରୀ ମହାସଂଘ**

ସମ୍ବଲପୁର ସାଂସ୍କୃତିକ ସମାଜ ଭବନରେ ଶନିବାର ଓଡ଼ିଶା ସରକାରୀ ଆଉଟ ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ସଂଘ ସଭାପତି ପ୍ରେମାନନ୍ଦ ରେଙ୍ଗୀ କହିଛନ୍ତି ବହୁବାର ଧର୍ମଘଟ ପରେ ପୂର୍ବ ରାଜ୍ୟ ବିଜେଡି ସରକାର ଖୁବ୍‌ଶୀଘ୍ର ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ନ୍ୟାୟ ପ୍ରଦାନ କରାଯିବ ବୋଲି କର୍ମଚାରୀ ମହାସଂଘକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ନ୍ୟାୟ ପ୍ରଦାନ ପରିବର୍ତ୍ତେ କୋଭିଡ ସମୟରେ ଅନେକ ଆଉଟସୋର୍ସିଂ କର୍ମଚାରୀଙ୍କୁ କୌଣସି କାରଣ ନ ଦର୍ଶାଇ ଚାକିରିରୁ ଛଟେଇ କରିଦେଇଥିଲେ। ଗୃହ ବିଭାଗ ଡାଟା ଏଣ୍ଟ୍ରି ଅପରେଟର ନିଯୁକ୍ତି ଉପରେ ୨୦୨୨ ଜୁଲାଇ ୧୩ରେ ଏକ ନିଷେଧାଦେଶ ଜାରି କରିଥିଲେ। ପରିଣାମ ସ୍ୱରୂପ ରାଜ୍ୟରୁ ପ୍ରାୟ ୪ ହଜାରରୁ ଅଧିକ କର୍ମଚାରୀ ଛଟେଇ ହୋଇଥିଲେ। ଅନ୍ୟପକ୍ଷରେ ରାଜ୍ୟ ସରକାର ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ୨୫% ଦରମା ବୃଦ୍ଧି ଘୋଷଣା କରିଥିଲେ। ହେଲେ ସେହି କର୍ମଚାରୀମାନଙ୍କୁ ଆଜି ଯାଏ ସେ ଟଙ୍କା ମଧ୍ୟ ମିଳି ନଥିବା ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ଏବେ ମଧ୍ୟ ଆଉଟସୋର୍ସିଂ କର୍ମଚାରୀଙ୍କୁ ଦିଆଯାଉଥିବା ଦରମାରେ ପରିବାର ଚଳାଇବା କଷ୍ଟକର ହୋଇପଡୁଛି। ସେମାନଙ୍କୁ ସରକାର ଦିନ ମଜୁରିଆ ଭାବେ ବ୍ୟବହାର କରି ସମସ୍ତ ମୌଳିକ ସୁବିଧାରୁ ବଞ୍ଚିତ କରୁଥିବା ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛି। ତେବେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ବିରୋଧୀ ଦଳର ମୁଖ୍ୟ ସଚେତକ ଥିବାବେଳେ ଏହି କର୍ମଚାରୀଙ୍କୁ ସ୍ଥାୟୀ କରିବାକୁ ଉଭୟ ବିଧାନ ସଭାରେ ଓ ବିଧାନସଭାର ବାହାରେ ମଧ୍ୟ ଦୃଢ ଦାବି ଉପସ୍ଥାପନ କରିଥିଲେ। ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଆଗାମୀ ଦିନରେ ନିଶ୍ଚିତଭାବେ ଏ ଦିଗରେ ବିଚାର କରି ନ୍ୟାୟ ପ୍ରଦାନ କରିବେ ବୋଲି ମହାସଂଘ ପକ୍ଷରୁ ଆଶା ପ୍ରକଟ କରାଯାଉଛି। ମହାସଂଘ ସଭାପତି ପ୍ରେମାନନ୍ଦ ରେନ୍ଗୀ କହିଛନ୍ତି, ଆଉଟସୋର୍ସିଂ ଭଳି ଏକ ଶୋଷଣକାରୀ ବ୍ୟବସ୍ଥାକୁ ସରକାର ବନ୍ଦ କରନ୍ତୁ। ଏଥିସହ ଛଟେଇ ବନ୍ଦ ସହ ସମସ୍ତ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଡେଲି ୱେଜେସ୍ କର୍ମଚାରୀଙ୍କୁ ଆଉଟ ସୋର୍ସିଂ କର୍ମଚାରୀଙ୍କ ଭଳି ସମାନ ସୁବିଧା ପ୍ରଦାନ, ସମସ୍ତ ବର୍ଗର ଆଉଟସୋର୍ସିଂ କର୍ମଚାରୀଙ୍କୁ ସ୍ଥାୟୀ କରିବା ଓ ସ୍ଥାୟୀ ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ସର୍ବନିମ୍ନ ଦରମା ସହିତ ଚାକିରି ନିରାପତ୍ତା ପାଇଁ ମହାସଂଘ ନିବେଦନ କରିଛି। ଖବରଦାତା ସମ୍ମଳନୀ ପୂର୍ବରୁ ଜିଲାର ଆଉଟସୋର୍ସିଂ କର୍ମଚାରୀଙ୍କ ଏକ ବୈଠକ ଆୟୋଜିତ କରାଯାଇ ସମସ୍ତ ସମସ୍ୟା ବିଷୟରେ ଆଲୋଚନା କରାଯାଇଥିଲା। ଏହାସହ ବୈଠକର ସର୍ବସମ୍ମତି ଭାବେ ଗୃହୀତ ଦାବିଗୁଡିକ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଖବରଦାତା ସମ୍ମିଳନୀରେ ମହାସଂଘ ସଭାପତି ପ୍ରେମାନନ୍ଦ ରେଙ୍ଗୀ, ଉପସଭାପତି ଜଗଦାନନ୍ଦ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ମହାପାତ୍ର, କୋଷାଧ୍ୟକ୍ଷା ଶୁଭଶ୍ରୀ ମହାପାତ୍ର, ଅହଲ୍ୟ ମାଝୀ ପ୍ରମୁଖ ମଞ୍ଚାସୀନ ଉପସ୍ଥିତି ଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ଶିଶୁପୁତ୍ରର ମୃତ୍ୟୁ

ରେଢ଼ାଖୋଲ,୧୪।୯(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅଧୀନ କାଙ୍କଣପଡ଼ା ଗ୍ରାମର ସୁନୀଲ ଦାଶଙ୍କ ୨ ବର୍ଷ ଶିଶୁପୁତ୍ରର ଶନିବାର ଏକ ନାଗସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ସକାଳେ ସେ ଘରେ ଥିବା କୁଲର ପାଖରେ ଛିଡ଼ାହୋଇଥିବା ବେଳେ ସାପଟି ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ରେଢ଼ାଖୋଲ ଡାକ୍ତରଖାନା ଆଣିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବୁର୍ଲା ନିଆଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ବୁର୍ଲା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖବର ପାଇ ବନ ବିଭାଗ କର୍ମଚାରୀ କାଙ୍କଣପଡ଼ା ଗ୍ରାମରେ ପହଞ୍ଚି ସୁନୀଲଙ୍କ ଘରୁ ନାଗସାପଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଦେଇଛନ୍ତି।

### ୧୪ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ହୀରାକୁଦ ଜଳଭଣ୍ଡାର**

ସମ୍ବଲପୁର,୧୪।୯(ପ୍ରମୋଦ ବହିଦାର)

ହୀରାକୁଦ ଜଳଭଣ୍ଡାରର ଦୁଇଟି ସ୍ଲୁଇସ୍ ଗେଟ୍‌କୁ ଶନିବାର ବନ୍ଦ କରି ଦିଆଯାଇଛି। ଫଳରେ ବର୍ତ୍ତମାନ ୧୪ ଗେଟ ମାଧ୍ୟମରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଶନିବାର ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ହସ୍ତଗତ ଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳସ୍ତର ସାମାନ୍ୟ ହ୍ରାସ ପାଇ ୬୨୮.୨୧ ଫୁଟ୍ ରହିଛି। ଏହି ସମୟରେ ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୮୮ ହଜାର ୩୮୮ ଘନଫୁଟ ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ମୋଟ ୩ ଲକ୍ଷ ୧ ହଜାର ୦୯୨ ଘନଫୁଟ୍ ନିଷ୍କାସନ ହେଉଛି। ସେଥିମଧ୍ୟରେ କେବଳ ୧୪ଟି ସ୍ଲୁଇସ୍ ଗେଟ୍ ଜରିଆରେ ୨ ଲକ୍ଷ ୬୦ ହଜାର ୮୮୦ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ବିଦ୍ୟୁତ୍ ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୫ ହଜାର ୫୭୮ ଘନଫୁଟ, ବରଗଡ଼ କେନାଲରେ ୩ ହଜାର ୬୧୫ ଘନଫୁଟ, ଶାସନ କେନାଲରେ ୬୩୦ ଘନଫୁଟ, ସମ୍ବଲପୁର କେନାଲରେ ୧୦୯ ଓ ହୀରାକୁଦ କେନାଲରେ ୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ସେହିପରି ଶିଳ୍ପାନୁଷ୍ଠାନ ଗୁଡ଼ିକୁ ୨୭୩ ଘନଫୁଟ ଜଳ ଯୋଗାଣ ହେଉଛି।

### ଭାରତ ବିକାଶ ପରିଷଦ ହୀରାକୁଦ ଶାଖାର ବାର୍ଷିକ କାର୍ଯ୍ୟକ୍ରମ

ସମ୍ବଲପୁର,୧୪।୯(ବି.ଶଙ୍କର)

ଭାରତ ବିକାଶ ପରିଷଦ ହୀରାକୁଦ ଶାଖା ପକ୍ଷରୁ ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ବାର୍ଷିକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିସହ ଜାତୀୟ ବୃନ୍ଦଗାନ ଓ ଭାରତକୁ ଜାଣ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ହିଣ୍ଡାଲକୋର ସିଏସଆଇ ଅଧିକାରୀ ଆନନ୍ଦ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଓ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ କୌଶିକ ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଦେଶାତ୍ମବୋଧକ କାର୍ଯ୍ୟରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ସଙ୍ଗଠନ ସମ୍ପାଦକ ସରୋଜ କୁମାର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଭାରତ ବିକାଶ ପରିଷଦ ସଭାପତି ବ୍ରହ୍ମାନନ୍ଦ ସାହୁ ପ୍ରତିଯୋଗିତାର ନିୟମ ଜଣାଇଥିଲେ । ହୀରାକୁଦର ନିକଟସ୍ଥ ୪ଟି ବିଦ୍ୟାଳୟରୁ ମୋଟ ୭୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ।

### କୁଚିଣ୍ଡା ସହରରେ ବୁଲା କୁକୁରଙ୍କ ପ୍ରାଦୁର୍ଭାବ

କୁଚିଣ୍ଡା,୧୪।୯(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ସହର ବୁଲା କୁକୁରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ୨୦ରୁ ୨୫ କୁକୁର ଦଳଦଳ ହୋଇ ମୁଖ୍ୟ ରାସ୍ତା ଉପରେ ବୁଲୁଛନ୍ତି। ଇତିମଧ୍ୟରେ ଅନେକେ କୁକୁର କାମୁଡାର ଶିକାର ହୋଇ ସାରିଲେଣି। କିଛିଦିନ ପୂର୍ବରୁ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ ବୁଲା କୁକୁର ଆକ୍ରମଣର ଶିକାର ହୋଇ ଚିକିତ୍ସିତ ହେଉଛନ୍ତି। ଏପରିକି ପ୍ରାତଃ ଭ୍ରମଣରେ ଯାଉଥିବା ବ୍ୟକ୍ତିମାନେ ମଧ୍ୟ କୁକୁର ଭୟରେ ଭ୍ରମଣ ବନ୍ଦ କରିଦେଲେଣି। ଏନଏସି କର୍ତ୍ତୃପକ୍ଷ କୁକୁର ନିୟନ୍ତ୍ରଣ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ସହରବାସୀ ଅଭିଯୋଗ କରିଛନ୍ତି। ଖୁବ୍ ଶୀଘ୍ର କୁକୁର ଧରା ଅଭିଯାନ ଆରମ୍ଭ ହେବ ବୋଲି କହିଛନ୍ତି ଏନଏସି ଇଓ ଗୌରବ ପ୍ରଧାନ।

# ନୂଆଁଖାଇର ପରମ୍ପରା ଅନନ୍ୟ

ସମ୍ବଲପୁର,୧୪।୯(ଭବାନୀ ଶଙ୍କର ଭୋଇ)

ନୂଆଁଖାଇ ଭେଟ୍‌ଘାଟ୍ ଆଉ ପଶ୍ଚିମ ଓଡିଶା ଭିତରେ ସୀମୀତ ହୋଇ ରହିନାହିଁ ବରଂ ଦେଶର ସୀମା ଲଘି ବିଦେଶରେ ମଧ ଆୟୋଜିତ ହେଉଛି। ନୂଆଁଖାଇର ପରମ୍ପରା ଅନନ୍ୟ। ଏହି ଅନନ୍ୟ ପରମ୍ପରାର ମହତ୍ତ୍ୱ ଯେଭଳି ବଜାୟ ରହିବ ସେନେଇ ସବୁସ୍ତରରେ ଉଦ୍ୟମ କରାଯିବା ଆବଶ୍ୟକ। କେବଳ ଭେଟ୍‌ଘାଟ ଜରିଆରେ ନୂଆଁଖାଇର ପରମ୍ପରାକୁ ସୀମିତ ନରଖି ଏହାର ଗୁଢତତ୍ତ୍ୱ ବିଷୟରେ ସମସ୍ତଙ୍କୁ ଅବଗତ କରିବାର ଆବଶ୍ୟକତା ରହିଛି। ଶନିବାର ଜୁହାର ପରିବାର ସମ୍ବଲପୁର ପକ୍ଷରୁ ଆୟୋଜିତ ନୂଆଁଖାଇ ଭେଟ୍‌ଘାଟରେ ମୁଖ୍ୟଅତିଥିଭାବେ ଯୋଗଦେଇ ରାଜସ୍ୱ ତଥା ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏହା କହିଛନ୍ତି। ସମ୍ମାନୀତ ଅତିଥିଭାବେ ରେଢାଖୋଲ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ନିଜ ବକ୍ତବ୍ୟରେ କହିଥିଲେ, ନୂଆଁଖାଇ ସାମ୍ୟବାଦର ପ୍ରକୃତ ଉଦାହରଣ।



ଅନ୍ୟ ଅତିଥିଙ୍କ ଉପସ୍ଥିତିରେମୁଖ୍ୟଅତିଥି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବକ୍ତବ୍ୟ ରଖୁଛନ୍ତି।

ସମାଜର ସବୁ ବର୍ଗର ଲୋକ ଏଥିରେ ସମାନ ଭାବେ ଭାଗିଦାର ହେବାର ସୁଯୋଗ ପାଇଥାନ୍ତି। ଧନୀଠାରୁ ଆରମ୍ଭ କରି ଗରିବ ପର୍ଯ୍ୟନ୍ତ ସମସ୍ତେ ପର୍ବରେ ସମାନ ଉତ୍ସାହ ଉଦ୍ଦୀପନାର ସହ ପାଳନ କରିଥାନ୍ତି। ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଆୟୋଜିତ ଏହି ଭେଟ୍‌ଘାଟରେ ମହିଳାଙ୍କ ପିଠାପଣା ପ୍ରତିଯୋଗୀତା, ନୂଆଁଖାଇ ଚିତ୍ରକଳା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ଇଷ୍ଟଦେବୀ ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଗିରିଜା ଦେବୀ ଏବଂ କମଳ ପଣ୍ଡାଙ୍କ ଦ୍ୱାରା ଶ୍ଳୋକପାଠ କରାଯାଇଥିଲା। ପ୍ରଫୁଲ୍ଲ କୁମାର ଦାଶ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ବିଶ୍ୱଜିତ ପ୍ରଧାନ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଡାକ୍ତର ବିଶ୍ୱନାଥ ମିଶ୍ରଙ୍କୁ ଡାକ୍ତର ଜନାର୍ଦ୍ଦନ ପୂଜାରୀ ସେବା ସମ୍ମାନ, ନାଟ୍ୟବିତ୍ ଡ. ଦ୍ୱାରିକା ନାୟକଙ୍କୁ ଅଟଳ ବିହାରୀ ପଣ୍ଡା ନାଟ୍ୟ ସମ୍ମାନ, ବିଶିଷ୍ଟ ଚାଷୀ ତଥା ସାହିତ୍ୟକ

**ଜୁହାର ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍**

ଉତ୍ପନ୍ନ ଭୋଇଙ୍କୁ ବ୍ରଜମୋହନ ପଣ୍ଡା କୃଷି ଶିକ୍ଷା ସମ୍ମାନ, ଗୀତିକାର ଦୁର୍ଗା ମାଧବ ପଣ୍ଡାଙ୍କୁ ଲୋକଜନନୀ ପଣ୍ଡା ଗୀତିକବି ସମ୍ମାନ, ଯୁବ ସମାଜସେବୀ ରଞ୍ଜିତା ପ୍ରିୟଦର୍ଶନୀଙ୍କୁ କଲ୍ୟାଣ ପୁରୋହିତ ଯୁବ ସମାଜସେବୀ ସମ୍ମାନ, ବିଶିଷ୍ଟ ସଙ୍ଗୀତ ସାଧକ ବିଭୂତି ଭୂଷଣ ପଟ୍ଟନାୟକଙ୍କୁ ଜୁହାର ସମ୍ମାନ ପ୍ରଦାନ କରାଯାଇଥିଲା । ଏହାସହ ପିଠାପଣା ଏବଂ ଚିତ୍ର ପ୍ରଦର୍ଶନୀର ପ୍ରତିଯୋଗୀ ମାନଙ୍କୁ ପ୍ରମାଣପତ୍ର ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା। ଶେଷରେ ଡ. ସତ୍ୟନାରାୟଣ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୀମନ୍ତିକା ଦାସ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅରବିନ୍ଦ ଦାସ, ଗିରିଜା ଦେବୀ, ପିଙ୍କି ପ୍ରଧାନ, ପଙ୍କଜିନୀ ମହେର, ଯାମିନୀଠାକୁର, ଝୁନୁ ତ୍ରିପାଠୀ, ସ୍ୱାଗତିକା ସହଯୋଗ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ହମିତ୍


@ ସୌମ୍ୟରଞ୍ଜନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ତଥ୍ୟବିଶ୍ଳେଷଣ କ୍ଷେତ୍ରରେ ଆର୍ ସଫ୍ଟୱେର୍ ଶକ୍ତିଶାଳୀ ସାଧନ


କର୍ମଶାଳାରେ ଅନ୍ୟ ଅତିଥିଙ୍କ ସହ ମୁଖ୍ୟ ଅତିଥି ଦୀପ ପ୍ରଜ୍ୱଳନ କରୁଛନ୍ତି ।

ସମ୍ବଲପୁର,୧୪।୯(ଭବାନୀ ଶଙ୍କର ଭୋଇ)

**ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଜାତୀୟ କର୍ମଶାଳା**

ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟରେ ଶନିବାର ଆଡଭାନ୍ସ ଡାଟା ଆନାଲିସିସ୍ ପାଇଁ ଆର୍ ସଫ୍ଟୱେର୍ ଶୀର୍ଷକ ଦୁଇଦିନିଆ ଜାତୀୟ କର୍ମଶାଳାର ଉଦ୍‌ଯାପିତ ହୋଇଯାଇଛି। ସ୍କୁଲ ଅଫ୍ କମର୍ସ ଆଣ୍ଡ ମ୍ୟାନେଜମେଣ୍ଟ ଏବଂ ସ୍କୁଲ ଅଫ୍ ଇକୋନୋମିକ୍ସ ଦ୍ୱାରା ମିଳିତ ସହଯୋଗରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଶୁକ୍ରବାର ଏହି କର୍ମଶାଳାକୁ କୁଳପତି ପ୍ରଫେସର ଏନ. ନାଗାରାଜୁ, ପିଜି ପରିଷଦର ଚେୟାରମ୍ୟାନ୍ ଡକ୍ଟର ପ୍ରିୟବ୍ରତ ପଣ୍ଡା, ଅର୍ଥନୀତି ବିଭାଗ ମୁଖ୍ୟ ଡକ୍ଟର ଏମ. ମୁରଲୀ ମାଝୀ ଏବଂ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ମୁଖ୍ୟ ଶ୍ରୀନିବାସ ଦାଶ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କର୍ମଶାଳା ପ୍ରାରମ୍ଭରେ ଡକ୍ଟର ପ୍ରିୟବ୍ରତ ପଣ୍ଡା ସ୍ୱାଗତ ସମ୍ବର୍ଦ୍ଧନା କରିଥିବା ବେଳେ ଡକ୍ଟର ଶ୍ରୀନିବାଶ ଦାଶ ଅତିଥି ପରିଚୟ ଏବଂ କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ଉନ୍ନତ ଆର୍ ସଫ୍ଟୱେୟାର ଜରିଆରେ ପରିସଂଖ୍ୟାନିକ ମଡେଲିଂ ତଥ୍ୟ ଆଧାରିତ ବିଶ୍ଳେଷଣ କରିବାର ଯଥେଷ୍ଟ ଉନ୍ନତ କ୍ଷମତା ରହିଥିବା ଅତିଥିମାନେ ମତ ଦେଇଥିଲେ। ବିଭିନ୍ନ ଶିଳ୍ପରେ ଆର ସଫ୍ଟୱେୟାରର ବ୍ୟାପକ ପ୍ରୟୋଗ ବୃଦ୍ଧି ପାଉଥିବା ବେଳେ ଆଧୁନିକ ତଥ୍ୟ ବିଶ୍ଳେଷଣ କ୍ଷେତ୍ରରେ ଏହି ସଫ୍ଟୱେୟାର ଏକ ଶକ୍ତିଶାଳୀ ସାଧନ ବୋଲି ଡକ୍ଟର ଏମ୍.ମୁରଲୀ ମାଝୀ ମତ ଦେଇଥିଲେ। କର୍ମଶାଳାରେ ମୁଖ୍ୟବକ୍ତାଭାବେ ଯୋଗଦେଇ ଡକ୍ଟର ପ୍ରିୟଦର୍ଶୀ ଯୋଶୀ କହିଥିଲେ ଯେ ଆର ସଫ୍ଟୱେୟାରର ବିଭିନ୍ନ ଆପ୍ଲିକେଶନଗୁଡିକ କିଭଳି ତଥ୍ୟ ବିଶ୍ଳେଷଣ କ୍ଷେତ୍ରରେ ଉପଯୋଗ ହୋଇଥାଏ ସେହି ବିଷୟରେ ସୂଚନା ଦେଇଥିଲେ। ଦୁଇଦିନ ଧରି କର୍ମଶାଳାରେ ଅଂଶଗ୍ରହଣକାରୀ ଛାତ୍ରୀଛାତ୍ରଙ୍କ ସହ ଅତିଥିମାନେ ସେମାନଙ୍କର ଜ୍ଞାନ ଏବଂ ଅଭିଜ୍ଞତା ବାଣ୍ଟିଥିଲେ। କର୍ମଶାଳାରେ ଛାତ୍ରୀଛାତ୍ର ଏବଂ ବିଶେଷଜ୍ଞମାନଙ୍କ ମଧ୍ୟରେ ଆର୍ ସଫ୍ଟୱେୟାର ବିଷୟରେ ଭାବ ବିନିମୟ କରାଯାଇଥିଲା। ସହକାରୀ ପ୍ରଫେସର ଶିବାନୀ ଶର୍ମା ପ୍ରଥମ ଦିନର କର୍ମଶାଳାର ସଫଳ ଆୟୋଜନ ପାଇଁ ଆୟୋଜକ ଧନ୍ୟବାଦ ଅର୍ପଣ କରିଥିଲେ।

### ସରପଞ୍ଚ ସଂଘର ଗଣଧାରଣା ନିଷ୍ପତ୍ତିକୁ ସମିତି ସଂଘର ବିରୋଧ

କେସିଙ୍ଗା,୧୪।୯ (ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଆସନ୍ତା ୧୭ ତାରିଖରେ ସରପଞ୍ଚ ସଂଘ ପକ୍ଷରୁ ଗଣଧାରଣା ଦିଆଯିବା ପାଇଁ ସଂଘର ଉପସଭାନେତ୍ରୀ ଅଞ୍ଜୁ କୁମାର ଜିଲାପାଳଙ୍କୁ ଲିଖିତ ଅବଗତ କରିଛନ୍ତି। ହେଲେ ସେମାନଙ୍କୁ ନ ଜଣାଇ ବା କୌଣସି ମତାମତ ନିଆ ନ ଯାଇ ଧାରଣା ନିଷ୍ପତ୍ତି ନିଆଯାଇଥିବା ପଞ୍ଚାୟତ ସମିତି ସଂଘ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ପୁଣି ଯେଉଁସବୁ ଦାବି ଉପସ୍ଥାପନ କରାଯାଇଛି ତାହାର ବାସ୍ତବତା ନାହିଁ ବୋଲି ସମିତି ସଂଘ ପକ୍ଷରୁ ଜିଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲାପରିଷଦ କଳାହାଣ୍ଡି, କେସିଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଆଇଆଇସି କେସିଙ୍ଗାଙ୍କୁ ଅଭିଯୋଗ କରାଯାଇଛି। ଏ ସଂକ୍ରାନ୍ତରେ ସମିତି ସଂଘ ସମ୍ପାଦକ ତ୍ରିନାଥ ମାଝିଙ୍କୁ ପଚାରିବାରୁ ଆମ ସଂଘକୁ ବଦନାମ କରିବା ପାଇଁ ପ୍ରୟାସ କରାଯାଉଛି ବୋଲି ପ୍ରକାଶ କରିଥିଲେ। ସେହିପରି ସରପଞ୍ଚ ସଂଘ ଉପସଭାନେତ୍ରୀ ଅଞ୍ଜୁ କୁମାରଙ୍କୁ ପଚାରିବାରୁ ସେ ତାଙ୍କ ସଂଘ ନାମରେ କରାଯାଉଥିବା ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି।

# ଜେଲ ଗଲେ ଜନସେବା କେନ୍ଦ୍ର ସହଯୋଗୀ

ଲୋଇସିଂହା,୧୪।୯(ସୁଶାନ୍ତ ବାରିକ)

**ସୁଭଦ୍ରା ଯୋଜନା ଫର୍ମ ପଞ୍ଜୀକରଣ ବେଳେ ଟଙ୍କା ଅସୁଲ ଅଭିଯୋଗ**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଫାସଡସ୍ଥିତ ଏକ ଜନସେବା କେନ୍ଦ୍ରରେ ସୁଭଦ୍ରା ଫର୍ମ ପଞ୍ଜୀକରଣ ବେଳେ ମହିଳାଙ୍କଠାରୁ ଟଙ୍କା ଅସୁଲ କରିବା କେନ୍ଦ୍ରର ସହଯୋଗୀଙ୍କୁ ମହଙ୍ଗା ପଡିଛି। ଅଭିଯୋଗ ପାଇ ଲୋଇସିଂହା ପୋଲିସ ଜନସେବା କେନ୍ଦ୍ର ସହଯୋଗୀ ରାମସିଂହା ଗ୍ରାମର ଚକ୍ରଧର ବାଗ(୩୨)ଙ୍କୁ ଗିରଫ କରିଛି। ଶନିବାର ଚକ୍ରଧରଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ବଲାଙ୍ଗୀର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଭାରତୀୟ ନ୍ୟାୟ ସଂହିତାରେ ଦଫା ୩୧୮(୨), ୩୧୮(୪) ମାମଲା (ନଂ ୩୧୭।୨୪) ରୁଜୁ ହୋଇଥିବା ଆଇଆଇସି ଯାଜ୍ଞସିନୀ ନାୟକ ଜଣାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଫାସଡ– ମନହୀରା ରାସ୍ତାରେ ଏକ ଜନସେବା କେନ୍ଦ୍ର ରହିଛି। ରାମସିଂହା ଗ୍ରାମର ଜଣେ ମହିଳାଙ୍କ ନାମରେ ଉକ୍ତ ଜନସେବା କେନ୍ଦ୍ର ଆଇଡି କାର୍ଯ୍ୟ କରୁଛି। ସୁଭଦ୍ରା ପୋର୍ଟାଲ ଖୋଲିବା ପରେ ସଂପୃକ୍ତ ଅଞ୍ଚଳର ମହିଳାମାନେ ଉକ୍ତ କେନ୍ଦ୍ରରେ ଫର୍ମ ପଞ୍ଜୀକରଣ ପାଇଁ ଲାଇନ ଲଗାଇଥିଲେ। ଏହାର ସୁଯୋଗ ନେଇ ଚକ୍ରଧର ମହିଳାଙ୍କଠାରୁ ଟଙ୍କା ଅସୁଲ କରିଥିଲେ । ପଞ୍ଜୀକରଣ ପାଇଁ ୫୦ ଟଙ୍କା ଫି' ଦେବାକୁ ସାଇନ ବୋର୍ଡ କେନ୍ଦ୍ର ପରିସରରେ ଲଗାଯାଇଥିଲା। ଶୁକ୍ରବାର ଅପରାହ୍ନ ସୁଦ୍ଧା ୩ ଶହ ମହିଳାଙ୍କ ଠାରୁ ପ୍ରାୟ ୫୦ ଟଙ୍କା ଲେଖାଏ ଅସୁଲ କରାଯାଇଥିଲା ବୋଲି ଅନ୍ୟ ଜନସେବା କେନ୍ଦ୍ର ପକ୍ଷରୁ ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲା। ବ୍ଲକ ପ୍ରଶାସନ ଠାରୁ ଲୋଇସିଂହା ପୋଲିସ ଖବର ପାଇ ଉକ୍ତ କେନ୍ଦ୍ରରେ ଚଢାଉ କରିଥିଲା। ଉପଯୁକ୍ତ ପ୍ରମାଣ ପାଇଲା ପରେ ଚକ୍ରଧରଙ୍କୁ ପୋଲିସ ଗିରଫ କରିଥିଲା। ଚକ୍ରଧର ସମ୍ପୃକ୍ତ ମହିଳାଙ୍କ ଜନସେବା କେନ୍ଦ୍ର ଆଇଡି ବ୍ୟବହାର କରି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରୁଥିବା ପୋଲିସ ଅନୁସନ୍ଧାନରୁ ଜାଣିବାକୁ ପାଇଛି ।

# ମହିଳା ମହାବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ


ହିନ୍ଦୀ ଦିବସ ପାଳନ ଉତ୍ସବରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି।

ସମ୍ବଲପୁର,୧୪।୯(ପ୍ରମୋଦ ବହିଦାର)

ରାମଚରିତ ମାନସରେ କବି ତୁଳସୀ ଦାସ ଦେଖାଇଥିବା ରାମରାଜ୍ୟର ସ୍ୱପ୍ନର ପ୍ରଚାର ପ୍ରସାରରେ ହିନ୍ଦୀ ଭାଷା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟରେ ସ୍ନାତକୋତ୍ତର ହିନ୍ଦୀ ବିଭାଗ ପକ୍ଷରୁ ଆୟୋଜିତ ହିନ୍ଦୀ ଦିବସ ପାଳନ ସମାରୋହରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହା କହିଛନ୍ତି ବୋଲି କହିଛନ୍ତି ଗଙ୍ଗାଧର ମେହେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଧ୍ୟାପକ ଡ. ରଶ୍ମୀରେଖା ଜେନା। ମହିଳା ମହାବିଦ୍ୟାଳୟ ପ୍ରେକ୍ଷାଳୟରେ ଶନିବାର ଅଧକ୍ଷା ପ୍ରଫେସର ରାଜଶ୍ରୀ ବରାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଡ. ଜେନା ଭାରତୀୟ ସଂସ୍କୃତି ଓ ପରମ୍ପରାର ଆଧାରକୁ ସୁଦୃଢ଼ କରିବାରେ ହିନ୍ଦୀ ଭାଷାର ଅବଦାନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ଆଭାସୀ ମାଧ୍ୟମରେ ଯୋଗଦେଇ ମିଜୋରମ ବିଶ୍ୱବିଦ୍ୟାଳୟ ପ୍ରଫେସର ଡ. ରବି ପ୍ରକାଶ ମିଶ୍ର ରାଜଭାଷା ହିନ୍ଦୀର ମହତ୍ତ୍ୱ ପ୍ରତିପାଦନ କରିବା ସହ ଉପସ୍ଥିତ ଛାତ୍ରୀମାନଙ୍କୁ ଭାରତର ରଚନାତ୍ମକ ପ୍ରଗତିରେ ଏହି ଭାଷାର ଉପଯୋଗିତା ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ହିନ୍ଦୀ ବିଭାଗ ମୁଖ୍ୟ ପୁରୁଷୋତ୍ତମ କୁମ୍ଭ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ହେମନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀ ଅଭିପସା ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ମଞ୍ଚାସୀନ ଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗେର୍ଡି, ଅମାମୁଣ୍ଡା, ଦେସିଲ,କନ୍ଧପାଲି ବିଜୟୀ

ବଲାଙ୍ଗୀର,୧୪।୯(ବୀରେନ୍ଦ୍ର କୁମାର ଝାଙ୍କର)


ବଲାଙ୍ଗୀର ଜିଲା ନକ୍‌ଆଉଟ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଚତୁର୍ଥ ଦିନରେ ପଲ୍ଲିଶ୍ରୀ ଷ୍ଟାଡିୟମଠାରେ ଆୟୋଜିତ ଏକ ମ୍ୟାଚ।

**ନକ୍ ଆଉଟ ଫୁଟ୍‌ବଲ ଚତୁର୍ଥ ଦିବସ**

ବଲାଙ୍ଗୀର ଜିଲା କ୍ରୀଡା ସଂସଦ ଆନୁକୂଲ୍ୟରେ ଶନିବାର ସିନିୟର ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସରେ ୧୬ଟି ପଡିଆରେ ୧୭ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସୁଜିଆ ପଡିଆରେ ଗେର୍ଡି ଦଳ ଟ୍ରାଇବ୍ରେକର ଜରିଆରେ ୪–୩ ଗୋଲରେ ୱାଏସ୍ ସୁଜିଆ ଦଳକୁ ହରାଇଥିଲା। ଲୋଇସିଂହା ମିନି ଷ୍ଟାଡିୟମରେ ଅମାମୁଣ୍ଡା ଦଳ ୮–୨ ଗୋଲରେ ହରଭଙ୍ଗା ଦଳକୁ ହରାଇଥିଲା। ହଲଦୀ ଖେଳ ପଡିଆରେ ଦେସିଲ ଦଳ ୧–୦ ଗୋଲରେ ଢୁଡୁକାପଡା ଦଳକୁ ହରାଇଥିଲା। ବଲାଙ୍ଗୀର ମିଶନ ପଡିଆରେ ମାଣିକେଶ୍ୱରୀ କନ୍ଧପାଲି ଦଳ ଟ୍ରାଇବ୍ରେକର ଜରିଆରେ ୨–୧ ଗୋଲରେ ଏନ୍‌ଏସ୍ ସ୍ପୋର୍ଟିଂ ଦଳକୁ ହରାଇଥିଲା। ମୁରିବାହାଲ ପଡିଆରେ ଏନ୍‌ଏସ୍‌ସିଏଫ୍ ଘୁଷୁରାମୁଣ୍ଡା ଦଳ ୪–୦ ଗୋଲରେ ଚାନ୍ଦୋତରା ଦଳକୁ ହରାଇଥିଲା। ଟିଟିଲାଗଡ ସିଟି ସ୍କୁଲ ପଡିଆରେ ବିଆରୱାଇସି ବଡମାଳ ଦଳ ୧–୦ ଗୋଲରେ ସହୀଦ ଜିମ୍‌ନାସିୟମ ଦଳକୁ ହରାଇଥିଲା। ଖୋଲାନ ପଡିଆରେ ମହଗାଁ ଦଳ ୪–୦ ଗୋଲରେ ଲେବଡା ଦଳକୁ ହରାଇଥିଲା। ଜରାସିଂହା ମିନି ଷ୍ଟାଡିୟମରେ ଜରାସିଂହା ଦଳ ୨–୧ ଗୋଲରେ ବର୍ଲା ଦଳକୁ ଓ ମହୀପୁର ଦଳ ୩–୦ ଗୋଲରେ ଘୁଚେପାଲି ଦଳକୁ ହରାଇଥିଲା। ଟିକ୍ରାପଡା ପଡିଆରେ ଟିକ୍ରାପଡା ଦଳ ୪–୦ ଗୋଲରେ ମାକ୍ରି ଦଳକୁ ହରାଇଥିଲା। ଖୁଜେନପାଲି ପଡିଆରେ ଜେଏସ୍‌ସି ଖଲିଆପାଲି ଦଳ ଟ୍ରାଇବ୍ରେକର ଜରିଆରେ ୫–୪ ଗୋଲରେ ସୁଦପଡା ଏଫ୍‌ସି ଦଳକୁ ହରାଇଥିଲା। କଣ୍ଟାବାଞ୍ଜି ରେଲୱେ ପଡିଆରେ କୋଷ୍ଟାଲ ଇଲେଭେନ ଦଳ ୨–୦ ଗୋଲରେ ଚଟୁଅନକା ଏଫ୍‌ସି ଦଳକୁ ହରାଇଥିଲା। ବଙ୍ଗୋମୁଣ୍ଡା ମିନି ଷ୍ଟାଡିୟମରେ ବଙ୍ଗୋମୁଣ୍ଡା ଦଳ ୨–୦ ଗୋଲରେ ମମିଆଁ ଦଳକୁ ହରାଇଥିଲା। ଟାଉନ ହାଇସ୍କୁଲ ପଡିଆରେ ଜେକେୱାଇଏସ୍ କାଲସାଏପାଲି ଦଳ ୩–୧ ଗୋଲରେ ମୁରସିଂ ଦଳକୁ ହରାଇଥିଲା। ଚୁଡାପାଲି ହାଇସ୍କୁଲ ପଡିଆରେ ନବଜ୍ୟୋତି ଚୁଡାପାଲି ଦଳ ୨–୦ ଗୋଲରେ ରାମଚନ୍ଦ୍ରପୁର ଦଳକୁ ହରାଇଥିଲା। ପାଟଣାଗଡ ହାଇସ୍କୁଲ ପଡିଆରେ ରୁଗୁଡିମୁଣ୍ଡା ଟ୍ରାଇବ୍ରେକର ଜରିଆରେ ୪–୩ ଗୋଲରେ ବେଲପଡା ଦଳକୁ ହରାଇଥିଲା। ପଲ୍ଲୀଶ୍ରୀ ଷ୍ଟାଡିୟମ ସଦାଇପାଲିଠାରେ ଇଲେଭେନ ଷ୍ଟାର ଆଗଲପୁର ଦଳ ୨–୦ ଗୋଲରେ ସରକାରୀ ଆଇଟିଆଇ ବଲାଙ୍ଗୀର ଦଳକୁ ହରାଇଥିଲା। ଅତିଥି ଭାବେ ବିଏଫ୍ଏ ସଭାପତି ଶଶୀଶେଖର ପଣ୍ଡା, ଶୁଭ୍ରାଂଶୁ ଶେଖର ଅମାତ, ରବିଚନ୍ଦ୍ର ସୁନା, ନବୀନ ଚନ୍ଦ୍ର ଲୁହାର, ଶାନ୍ତନୁ ହନୁମାନ, କିଶୋର ଚନ୍ଦ୍ର ମହାନ୍ତି, ତାରିଣୀସେନ ଭୋଇ, ସୁମନ୍ତ ବାଗ, ଲକ୍ଷ୍ମଣ ମେହେର, ଅରୁଣ ଭୋଇ, ତ୍ରିନାଥ ସିଂ, ନବୀନ ବାରିକ, କ୍ରୀଡା ସଂସଦର ଶତ୍ରୁଘ୍ନ ସିଂ, ବିଭୁତି ଭୂଷଣ ପଣ୍ଡା, ସଂଗ୍ରାମ ବହିଦାର, ସୁରେନ୍ଦ୍ର ଭୋଇ, ଡା. ଚୌଧୁରୀ, ରବିନ୍ଦ୍ର ସେନାପତି, ଟିଙ୍କୁ ମହାନ୍ତି, ବୀରେନ୍ଦ୍ର ସୁନା, ଶ୍ରୀଧର ସେଠ, ନିରାକାର ସ୍ୱାଇଁ, ଶ୍ରୀବତ୍ସ କୁମୁରା, ରାମ କୁମାର କୁମୁରା, ଟୁନା ରାଜପଲିଆ, ପ୍ରମୋଦ ପଶାୟତ, ଅରବିନ୍ଦ ସୁପକାର ଓ ବଲାଙ୍ଗୀର ବ୍ଲକ ଅଧ୍ୟକ୍ଷା ସରିତା ବାଗ ଯୋଗ ଦେଇଥିଲେ।

# ଶାସକ–ବିରୋଧୀ ଛକାପଞ୍ଝା

## ଚାନ୍ଦବାଲି ରାଜନୀତି

ଭଦ୍ରକ, ୧୪।୯ (ସନାତନ ରାଉତ)

୨୦୨୪ ନିର୍ବାଚନକୁ ଇତିମଧ୍ୟରେ ୩ ମାସରୁ ଅଧିକ ସମୟ ବିତିଗଲାଣି। ନୂଆ ସରକାର ଗଠନ ପରେ ଭଦ୍ରକ ଜିଲା ଚାନ୍ଦବାଲି ବିଧାନସଭା ନିର୍ବାଚନମଣ୍ଡଳୀରେ ରାଜନୈତିକ ଉଷ୍ମତା ଥମିବାର ନାଁ ଧରୁନି। ଶାସକ ଭାଜପା ଓ ବିରୋଧୀ ବିଜେଡି ମଧ୍ୟରେ ସବୁବେଳେ ଛକାପଞ୍ଝା ଲାଗି ରହିଛି। ନିର୍ବାଚନ ସମୟରେ ସର୍ବାଧିକ ରାଜନୈତିକ ହିଂସା ଘଟିଥିବା ବେଳେ ନିର୍ବାଚନ ପରେ ମଧ୍ୟ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି।

ଏଠାରେ ଭାଜପା ପକ୍ଷରୁ ଖୋଦ୍ ରାଜ୍ୟ ସଭାପତି ମନମୋହନ ସାମଲ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡିର ଯୁବନେତା ବ୍ୟୋମକେଶ ରାୟଙ୍କଠାରୁ ସେ ପରାଜିତ ହୋଇଥିଲେ। ରାଜ୍ୟରେ ଭାଜପା ସରକାର ଗଠନ କରିଥିବା ବେଳେ ଚାନ୍ଦବାଲିରେ ବିଜେଡି ଜିତିଥିବାରୁ ଉଭୟ ଦଳୀୟ କର୍ମୀଙ୍କ ଭାଉ ରହିଛି। ବିଭିନ୍ନ ଘଟଣାକୁ ନେଇ ଉଭୟ ଦଳ ପରସ୍ପର ବିରୋଧରେ ବିଭିନ୍ନ ସମୟରେ ଖବରଦାତା ସମ୍ମିଳନୀ କରି ଆରୋପ ପ୍ରତ୍ୟାରୋପ କରିବାକୁ ପଛାଉନାହାନ୍ତି। ନିକଟରେ ମତୋ ଯୁକ୍ତ ୩ ସ୍ନାତକ କଲେଜର ପ୍ରତିଷ୍ଠା ଦିବସରେ ଅତିଥି ଚୟନକୁ ନେଇ ରାଜନୀତି ସରଗରମ ହୋଇଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ଜିଲା ପ୍ରଶାସନ ପକ୍ଷରୁ ବିଏନ୍ଏସ୍ ୧୬୩ ଜାରି କରିବାକୁ ପଡ଼ିଥିଲା। ଏହା ସତ୍ତ୍ୱେ କଲେଜ ପ୍ରତିଷ୍ଠା ଦିବସରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଏମ୍ପି ଅଭିମନ୍ୟୁ ସେଠୀଙ୍କୁ ଅତିଥି କରାଯାଇଥିବା ବେଳେ ସ୍ଥାନୀୟ ବିଜେଡି ବିଧାୟକଙ୍କ ନାମ ଅତିଥି ତାଲିକାରେ ନ ଥିଲା। ଏହାକୁ ନେଇ ବିଧାୟକଙ୍କ ସମର୍ଥକମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାକୁ ବିରୋଧ କରି ପ୍ରତିଷ୍ଠା ଉତ୍ସବ ଦିନ ସକାଳେ ଟାୟାର ଜାଳିବା ସହ ମନମୋହନଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସେହିପରି ଉତ୍ସବକୁ ମନମୋହନ ଓ ଏମ୍ପି ଅଭିମନ୍ୟୁ ଯାଉଥିବା ବେଳେ ପୀରହାଟ ନିକଟରେ କଳାପତାକା ପ୍ରଦର୍ଶନ ସହ ଗାଡ଼ିକୁ ଅଣ୍ଡାମାଡ଼ କରାଯାଇଥିଲା। ପରଦିନ ଏହି ଘଟଣାରେ ଦୌଲତପୁର ସରପଞ୍ଚ ଓ ସମିତିସଭ୍ୟାଙ୍କ ପ୍ରତିନିଧିଙ୍କ ସମେତ ୫ଜଣଙ୍କୁ ପୀରହାଟ ପୋଲିସ ଗିରଫ କରିବା ଘଟଣା ଚର୍ଚ୍ଚାର ପରିସରକୁ ଆସିଥିଲା। ଏହି ବିରୋଧ ଘଟଣାକୁ କଲେଜର ପୂର୍ବତନ ସଭାପତି ତଥା ଭାଜପାର ବରିଷ୍ଠ ନେତା ସନାତନ ସାହୁ ଦୃଢ଼ ନିନ୍ଦା କରିଥିଲେ। ମନମୋହନ ହାରିଥିଲେ ମଧ୍ୟ ତାଙ୍କ ପ୍ରତି ଚାନ୍ଦବାଲିବାସୀଙ୍କ ସମର୍ଥନ ଅତୁଟ ରହିଛି। ବିଧାୟକ ଏହାକୁ ସହି ନ ପାରି ବାରମ୍ବାର ବିରୋଧ କରୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଭୂଇଁମୂର୍ତ୍ତି ପଞ୍ଚାୟତର ନୂଆଗାଁ ନିକଟରେ ଜଣେ ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ଘଟଣାରେ ଅଭିଯୁକ୍ତମାନଙ୍କର ଭାଜପା ସହ ସମ୍ପର୍କ ଥିବାରୁ କାର୍ଯ୍ୟାନୁଷ୍ଠାନ ନ ନେବାକୁ ଦଳର ଶୀର୍ଷ ନେତୃତ୍ୱ ପୋଲିସ ଉପରେ ଚାପ ପକାଉଛନ୍ତି ବୋଲି ଗତ ଜୁଲାଇ ୬ରେ ବିଧାୟକ ରାୟ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଯାଜପୁର ଜିଲାର ଧର୍ମଶାଳା ନେତା ସ୍ୱର୍ଗତ କଳ୍ପତରୁ ଦାସଙ୍କ ପ୍ରତିମୂର୍ତ୍ତି ପ୍ରସଙ୍ଗରେ ଚାନ୍ଦବାଲି ବିଧାୟକ ବିଧାନସଭାରେ ପ୍ରଶ୍ନ କରିବାକୁ ନେଇ ଚାନ୍ଦବାଲି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଗତ ୧ ତାରିଖରେ ଖବରଦାତା ସମ୍ମିଳନୀରେ ସମାଲୋଚନା କରାଯାଇଥିଲା। ନିଜ ଅଞ୍ଚଳରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ବିଷୟରେ ବିଧାୟକ କେବେ ବିଧାନସଭାରେ ପ୍ରଶ୍ନ କରି ନ ଥିବାବେଳେ ଯାଜପୁର ନେତାଙ୍କ ପାଇଁ ଏତେ ଦରଦ କ'ଣ ପାଇଁ ବୋଲି ସମ୍ମିଳନୀରେ ପ୍ରଶ୍ନ ଉଠିଥିଲା। ତେବେ ଆଗକୁ ଚାନ୍ଦବାଲି ରାଜନୀତିର ଗତି କେଉଁଆଡ଼କୁ ଯାଉଛି ସମୟ କହିବ।

# ଭାଜପା, ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ




ବିଜେଡି ପକ୍ଷରୁ ଶନିବାର ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ସମେତ ଦଳୀୟ କର୍ମୀମାନେ ପାଇକମାଳ ଥାନା ଘେରାଉ କରିଛନ୍ତି।

ପାଇକମାଳ, ୧୪।୯ (ବଡ଼ ଶତପଥୀ)

- ୩ ବିଜେଡି କର୍ମୀ ଗିରଫ
- ଭାଜପା କର୍ମୀ ଗିରଫ ଦାବିରେ ଥାନା ଘେରାଉ
- ଉଭୟ ପକ୍ଷରୁ ଏତଲା

ବରଗଡ଼ ଜିଲା ପାଇକମାଳ ବ୍ଲକ ପରିସରରେ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଆକ୍ଷେପ ଓ ଆକ୍ରମଣକୁ ନେଇ ଶୁକ୍ରବାର ଗଣ୍ଡଗୋଳ ହୋଇଥିଲା। ଏନେଇ ପାଇକମାଳ ଥାନାରେ ଉଭୟ ପକ୍ଷରୁ ଏତଲା ହୋଇଛି। ପୋଲିସ ପୃଥକ୍ ମାମଲା ରୁଜୁ କରି ବିଜେଡିର ୩ କର୍ମୀଙ୍କୁ ଗିରଫ କରିଛି। ସେମାନେ ହେଲେ ସଞ୍ଜୀବ ବରିହା, ବୁନୁ ମିଶ୍ର ଓ ଆନନ୍ଦ ସିଂ। ଭାଜପାର କାହାରିକୁ ଗିରଫ କରାଯାଇ ନ ଥିବାରୁ ଶନିବାର ଅପରାହ୍ନରେ ବିଜେଡି ପକ୍ଷରୁ ପାଇକମାଳ ଥାନା ଘେରାଉ କରାଯାଇଥିଲା। ସମାଧାନ ନ ହେବାରୁ ସେମାନେ ପୁଣି ନୃସିଂହନାଥ ପାଇକମାଳ ରାସ୍ତା ଅବରୋଧ କରିଥିଲେ। ୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା କର୍ମୀଙ୍କ ସହ ଆନ୍ଦୋଳନରେ ବସିଥିଲେ। ଅପରାହ୍ନ ୪ଟାରେ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଆନ୍ଦୋଳନକାରୀଙ୍କ ସହ ଆଲୋଚନ କରିଥିଲେ। ଆସନ୍ତା ୩ ଦିନ ମଧ୍ୟରେ ଗୋବର୍ଦ୍ଧନ ଭୁଏଙ୍କୁ ଗିରଫ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ବିଜେଡି କର୍ମୀମାନେ ଆନ୍ଦୋଳନରୁ ଉଠିଥିଲେ। ସୂଚନାଯୋଗ୍ୟ, ଶୁକ୍ରବାର ଭାଜପା ବିଧାୟକ ପ୍ରାର୍ଥୀ ଗୋବର୍ଦ୍ଧନ ଭୁଏ ପାଇକମାଳ ବିଡିଓ ପ୍ରଫୁଲ୍ଲ କୁମାର ଅଦୁଙ୍କ ସହ କଥାବାର୍ତ୍ତା ହୋଇ କାର୍ଯ୍ୟାଳୟରୁ ଫେରୁଥିବା ବେଳେ ପାଇକମାଳ ବ୍ଲକ ଉପାଧ୍ୟକ୍ଷ ସଞ୍ଜୀବ ବରିହା ଓ ଅନେକ ବିଜେଡି କର୍ମୀ ଯୋଜନାବଦ୍ଧ ଭାବେ ତାଙ୍କୁ ଆକ୍ରମଣ କରିଥିଲେ। ଏପରିକି ଜୀବନରୁ ମାରି ଦେବାକୁ ଧମକ ଦେବା ସହ ଜାତିଆଣ ଆକ୍ଷେପ କରିଥିବା ଗୋବର୍ଦ୍ଧନ ପାଇକମାଳ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୦୭/୨୪ ଧାରା ୧୯୧(୨), ୧୧୫(୨), ୨୯୬,୩୫୧(୨),୧୧୦,୧୯୦ ବିଏନ୍ଏସ୍ ୩୧ଆରଏସ୨ଭିଏ ଏସ୍‌ସି ଏସ୍‌ଟି ଧାରା ଅନୁସାରେ ଏକ ମାମଲା ରଜୁ କରିଥିଲା। ସେହିପରି ବିଜେଡି ପକ୍ଷରୁ ସଞ୍ଜୀବ ବରିହା ଥାନାରେ ଦେଇଥିବା ଅଭିଯୋଗରୁ ଜଣାପଡ଼ିଛି ଯେ, ଶୁକ୍ରବାର ବ୍ଲକ କାର୍ଯ୍ୟାଳୟରୁ ଫେରିଥିବା ସମୟରେ ଗୋବର୍ଦ୍ଧନ ଓ ଅନ୍ୟ ଭାଜପା କର୍ମୀ ହଠାତ୍ ଅସଭ୍ୟ ଭାଷାରେ ଗାଳି ଗୁଲଜ କରି ତାଙ୍କୁ ଜୀବନରୁ ମାରିଦେବେ ବୋଲି ଧମକ ଦେଇ ଜାତିଆଣ ଆକ୍ଷେପ କରିଥିଲେ। ଏଥିସହ ତାଙ୍କଠାରୁ ୫ ହଜାର ଟଙ୍କା ନେଇଯାଇଥିବା ଏବଂ ତାଙ୍କ ଜୀବନ ପ୍ରତି ବିପଦ ଥିବା ସେ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ଏନେଇ ପାଇକମାଳ ଥାନାରେ ୨୦୮/୨୪ ଧାରା ୧୯୧(୨),୧୧୫(୨),୨୯୬,୩୫୧(୨),୧୧୦,୧୯୦,୩୦୪(୨) ବିଏନ୍ଏସ୍ ୩୧ଆରଏସ୨ଭିଏ ଏସ୍‌ସି ଏସ୍‌ଟି ଧାରା ଅନୁଯାୟୀ ମାମଲା ରୁଜୁ ହୋଇଛି।

# ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ପ୍ରସଙ୍ଗରେ ୟୁ–ଟର୍ନ ନେଲେ ମୁଖ୍ୟମନ୍ତ୍ରୀ: ବିଜେଡି

ଭୁବନେଶ୍ୱର, ୧୪।୯ (ଅନିଲ ଦାସ)

ଓଡ଼ିଶା ରାଜନୈତିକ ଇତିହାସରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ ଦଳୀୟ ନେତା ଓ ବିଧାୟକଙ୍କ ଚାପରେ ପଡି କାର୍ଯ୍ୟ କରୁଛନ୍ତି ବୋଲି ବିଜେଡି ମୁଖପାତ୍ର ତଥା ରାଜ୍ୟ ସଭା ଏମ୍ପି ସସ୍ମିତ ପାତ୍ର କହିଛନ୍ତି । ଶଙ୍ଖଭବନଠାରେ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ଘୋଷଣା ପରବର୍ତ୍ତୀ ସମୟରେ ପୁଣି ବଦଳି ଯାଉଛି । କିଛିଦିନ ତଳେ ବିଧାନସଭାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ, ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠାର ଯଥାର୍ଥତା ନାହିଁ । ଦଳୀୟ ନେତା ଓ ବିଧାୟକଙ୍କ ଦ୍ୱାରା ଚାପଗ୍ରସ୍ତ ହୋଇ ତା' ପରଦିନ ପୁଣି ଏହା ସରକାରଙ୍କ ବିଚାରାଧୀନ ଅଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏଭଳି ଆଚରଣ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରେ ଶୋଭନୀୟ ନୁହେଁ । ଗତ ଅଗଷ୍ଟ ୮ ତାରିଖରେ ସସ୍ମିତ ରାଜ୍ୟ ସଭାରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ପ୍ରସଙ୍ଗରେ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ କହିଥିଲେ ଯେ, ରାଜ୍ୟ ସରକାରଙ୍କ ନିକଟରେ ଏହା ବିଚାରାଧୀନ ଅଛି ଏବଂ ରାଜ୍ୟ ସରକାର ସବିଶେଷ ନିଷ୍ପତ୍ତି ଗ୍ରହଣ କରି କେନ୍ଦ୍ର ସରକାରଙ୍କୁ ଅବଗତ କରାଇବେ । ସରକାରକୁ ଆସିବାର ୩ ମାସ ଅତିକ୍ରାନ୍ତ ହୋଇ ସାରିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏ ସଂକ୍ରାନ୍ତୀୟ କୌଣସି ନିଷ୍ପତ୍ତି କେନ୍ଦ୍ରକୁ ଅବଗତ କରାଇ ନାହାନ୍ତି । ନିଷ୍ପତ୍ତି ନେବା ପରିବର୍ତ୍ତେ ନିଜେ ବିଧାନସଭାରେ କରିଥିବା ଘୋଷଣାକୁ ଦଳୀୟ ନେତୃମଣ୍ଡଳୀ ଓ ବିଧାୟକଙ୍କ ଚାପରେ ୟୁ ଟର୍ନ ନେଇ ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱକୁ ଓଡ଼ିଶାବାସୀ ଦେଖିଥିଲେ, କିନ୍ତୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଏଭଳି ଅସହାୟତା ଦେଖି ରାଜ୍ୟବାସୀ ଅତ୍ୟନ୍ତ ଦୁଃଖିତ। ରବିବାର ସୁଦ୍ଧା ମୁଖ୍ୟମନ୍ତ୍ରୀ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ସମ୍ପର୍କରେ ସବିଶେଷ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ଦେବେ ବୋଲି ଆମେ ଅନୁରୋଧ କରୁଛୁ । ନଚେତ୍ ରାଜ୍ୟବାସୀ ଅନୁଭବ କରିବେ ଏହା କେବଳ ମୁଖ୍ୟମନ୍ତ୍ରୀଙ୍କ ମିଥ୍ୟା ପ୍ରତିଶ୍ରୁତି ଥିଲା। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ୍ ପ୍ରତିଷ୍ଠା ମୁଖ୍ୟମନ୍ତ୍ରୀ ଚାହୁଁ ନାହାନ୍ତି । ଏହି ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି, ପ୍ରିୟବ୍ରତ ମାଝୀ ଏବଂ ତୁମ୍ବନାଥ ପଣ୍ଡା ଉପସ୍ଥିତ ଥିଲେ।

## ଅନ୍ୟାନ୍ୟ ଖବର

# 'ବ୍ଲ୍ୟୁ ଇକୋନୋମି' କ୍ଷେତ୍ରରେ ଓଡ଼ିଶା ହେବ ଅଗ୍ରଣୀ ରାଜ୍ୟ

**'ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୪' ଉଦ୍‌ଯାପିତ**

**'ମେରାଇନ ବାୟୋଟେକ୍ନୋଲୋଜି' ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରୁଛନ୍ତି ଓଡ଼ିଶା ସରକାର**

ଭୁବନେଶ୍ୱର, ୧୪।୯
(ଶର୍ମିଷ୍ଠା ପାଣିଗ୍ରାହୀ)




ଗ୍ଲୋବାଲ ବାୟୋ ଇଣ୍ଡିଆରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଓ ଅନ୍ୟମାନେ।

ଭାରତୀୟ ଅର୍ଥନୀତିକୁ ଆଗାମୀ ଦିନରେ ସମୃଦ୍ଧ କରିବ ବାୟୋଟେକ୍ନୋଲୋଜି କ୍ଷେତ୍ର। ଏଥିରେ ସାମୁଦ୍ରିକ ଜୈବ-ସମ୍ବଳ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହାର ଠିକ ଉପଯୋଗ କରିବା ପାଇଁ ଓଡ଼ିଶା ପ୍ରସ୍ତୁତ ହେଉଛି ବୋଲି ବିଜ୍ଞାନ ଓ ବୈଷୟିକ ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ନୂଆଦିଲ୍ଲୀର ପ୍ରଗତି ମଇଦାନଠାରେ ଚାଲିଥିବା 'ଗ୍ଲୋବାଲ ବାୟୋ ଇଣ୍ଡିଆ-୨୦୨୪'ର ଉଦ୍‌ଯାପନୀ ଦିବସରେ 'ଟ୍ୟାପିଂ ଦ ବ୍ଲ୍ୟୁ ଇକୋନମି' ଶୀର୍ଷକରେ ଏକ ବିଶେଷ ଅଧିବେଶନ କରାଯାଇଥିଲା। ଏଥିରେ ଯୋଗଦେଇ ମନ୍ତ୍ରୀ ପାତ୍ର ଓଡ଼ିଶାରେ ଥିବା ବ୍ୟାପକ ସାମୁଦ୍ରିକ ସମ୍ବଳ କିପରି ଭାରତୀୟ ବାୟୋ-ଅର୍ଥନୀତିକୁ ସମୃଦ୍ଧ କରିବ ତା' ଉପରେ ଭିତ୍ତି ବକ୍ତବ୍ୟ ରଖିଥିଲେ। ଓଡ଼ିଶାର ୪୮୦ କିଲୋମିଟର ବ୍ୟାପୀ ସୁଦୀର୍ଘ ବେଳାଭୂମି ରହିଛି। ଏହାକୁ ଆଧାରକରି 'ମେରାଇନ ବାୟୋଟେକ୍ନୋଲୋଜି' କ୍ଷେତ୍ରକୁ ବ୍ୟାପକ କରିବା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ରୋଡମ୍ୟାପ ପ୍ରସ୍ତୁତ କରୁଛନ୍ତି। ଏହି ସାମୁଦ୍ରିକ ସମ୍ବଳ ସହିତ ଜ୍ଞାନକୌଶଳ ଉପଯୋଗ କରାଯାଇ କିପରି ଆଧୁନିକ ବାୟୋଟେକ୍ନୋଲୋଜି ଓ ଆନୁଷଙ୍ଗିକ ଶିଳ୍ପ ବିକଶିତ ହୋଇପାରିବ ସେ ଦିଗରେ ସରକାର ପଦକ୍ଷେପ ନେବାକୁ ଯାଉଛନ୍ତି। ଭାରତ ସାମୁଦ୍ରିକ ସମ୍ବଳରେ ସମୃଦ୍ଧ ଦେଶ। ତେଣୁ ବିଭିନ୍ନ ସାମୁଦ୍ରିକ ସମ୍ବଳ ସହିତ ଏହାକୁ ଆଧାରକରି ଆଗାମୀ ଦିନରେ ସୃଷ୍ଟି ହେବାକୁ ଥିବା ବିଭିନ୍ନ ଶିଳ୍ପ ଓ କାରବାରକୁ 'ବ୍ଲୁ ଇକୋନମି' ବା 'ନୀଳ ଅର୍ଥନୀତି' ଭାବେ ବର୍ଣ୍ଣନା କରାଯାଉଛି। ବିଭାଗ ଆଗାମୀ ଦିନରେ ଓଡ଼ିଶାର ସୁଦୀର୍ଘ ସାମୁଦ୍ରିକ ତଟ ଉପରେ ବ୍ୟାପକ ଗବେଷଣା ଲାଗି ଯୋଜନା କରୁଛି। ଏହି ଗବେଷଣାରୁ ଯେଉଁ ଫଳାଫଳ ବାହାରିବ ତାକୁ ଆଧାରକରି ରାଜ୍ୟରେ ସାମୁଦ୍ରିକ ବାୟୋଟେକ୍ନୋଲୋଜି ଶିଳ୍ପ ପ୍ରତିଷ୍ଠା ପାଇଁ ମୂଳଦୁଆ ପଡିବ। ଷ୍ଟାର୍ଟଅପ ଏବଂ ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଫଳରେ ଓଡ଼ିଶା ଦିନେ ଭାରତୀୟ 'ବ୍ଲ୍ୟୁ ଇକୋନମି' କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ହୋଇପାରିବ ବୋଲି ବୋଲି ମନ୍ତ୍ରୀ କହିଛନ୍ତି। ବିଆଇଆର୍‌ଏସିର ପରିଚାଳନା ନିର୍ଦ୍ଦେଶକ ଡ. ଜିତେନ୍ଦ୍ର କୁମାରଙ୍କ ଉପସ୍ଥିତିରେ ବିସିକେଆଇସି ଅଧ୍ୟକ୍ଷ ଡ. ମୃତ୍ୟୁଞ୍ଜୟ ସୁଆର ପ୍ରାରମ୍ଭିକ ବକ୍ତବ୍ୟ ଉପସ୍ଥାପନ କରିଥିଲେ। 'ଗ୍ଲୋବାଲ ବାୟୋ ଇଣ୍ଡିଆ' କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ 'ଷ୍ଟେଟ ରାଉଣ୍ଡ ଟେବଲ' ବୈଠକ ଆୟୋଜନ କରାଯାଇଥିଲା। ଏଥିରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ ଯୋଗଦେଇ ବାୟୋଟେକ୍ନୋଲୋଜି କ୍ଷେତ୍ର ପାଇଁ ଓଡ଼ିଶାରେ ଥିବା ବିପୁଳ ସମ୍ଭାବନା ଏବଂ ରାଜ୍ୟ ସରକାରଙ୍କ ନିବେଶ ଅନୁକୂଳ ସ୍ୱତନ୍ତ୍ର ଶିଳ୍ପ ନୀତି ବିଷୟରେ ଉପସ୍ଥାପନ କରିଥିଲେ।

# ସ୍କୁଲ ଅଟୋକୁ ଧକ୍କାଦେଲା କଣ୍ଟେନର, ୩ ଛାତ୍ରୀ ଗୁରୁତର

ସମ୍ବଲପୁର, ୧୪।୯ (ପ୍ରମୋଦ ବହିଦାର)



ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ୨ ଛାତ୍ରୀ।

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ସମ୍ବଲପୁର-ଅନୁଗୋଳ ୫୫ ନମ୍ବର ଜାତୀୟ ରାଜପଥର ମାନେଶ୍ୱର ନିକଟ ହାଲିପାଲି ଗ୍ରାମ ନିକଟରେ ଶନିବାର ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଅଟୋକୁ ଏକ କଣ୍ଟେନର ଧକ୍କା ଦେଇଥିଲା। ଏଥିରେ ଅଟୋଚାଳକ ବାସୁଦେବ କଲେତଙ୍କ ସହ ୩ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଝାଙ୍କରପାଲିର ପରିଣିତା ମିଶ୍ର(୧୪), ପ୍ରିୟମ୍ବଦା ମିଶ୍ର(୧୩) ଓ ମୌସୁମୀ ପ୍ରଧାନ(୧୪)। ସେମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଅପରପକ୍ଷେ ଦୁର୍ଘଟଣା ପରେ କଣ୍ଟେନର ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଖବର ପାଇ ସଦର ଥାନା ପୋଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା କଣ୍ଟେନରକୁ ଜବତ କରିଛି।



କଣ୍ଟେନର ଧକ୍କାରେ କ୍ଷତିଗ୍ରସ୍ତ ଅଟୋ।

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ସକାଳ ପ୍ରାୟ ୭ଟାରେ ଝାଙ୍କରପାଲିରୁ ସମ୍ବଲପୁର ରାଷ୍ଟ୍ରୀୟ ଗୋପାଲ ବିଦ୍ୟାମନ୍ଦିରରେ ପଢୁଥିବା ଉପରୋକ୍ତ ୩ ଛାତ୍ରୀଙ୍କୁ ଅଟୋ(ନଂ. ଓଡି-୧୫ଏଚ୍-୯୮୩୭)ରେ ନେଇ ଚାଳକ ବାସୁଦେବ ସମ୍ବଲପୁର ଅଭିମୁଖେ ଆସୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ କଣ୍ଟେନର(ଏମ୍‌ଏଚ୍-୧୨-ୱାଇଏଫ୍-୬୨୧୩)ଟି ଅଟୋକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଅଟୋର ସମ୍ମୁଖଭାଗ କ୍ଷତିଗ୍ରସ୍ତ ହୋଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା।

## ପ୍ରଥମ ପୃଷ୍ଠାରୁ...

### ସୁଭଦ୍ରା: ଆଜି ସୁଦ୍ଧା ଆବେଦନ...

୧୭ରେ ପ୍ରଥମ କିସ୍ତି ମିଳିବ। ଏହାପରେ ମଧ୍ୟ ଆବେଦନ ପ୍ରକ୍ରିୟା ଜାରି ରହିବ। ପରବର୍ତ୍ତୀ ସମୟରେ ଅବଶିଷ୍ଟ ଯୋଗ୍ୟ ହିତାଧିକାରୀଙ୍କୁ ପୁଣି ପ୍ରଥମ କିସ୍ତି ଟଙ୍କା ଦିଆଯିବ ବୋଲି ଶନିବାର ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଏବଂ ଯୋଜନାକୁ ସଫଳ କରିବା ପାଇଁ ଭାଜପା ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବ୍ଲକ ସ୍ତରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ବିଧାୟକ ଏବଂ ଦଳୀୟ ନେତା ଉପସ୍ଥିତ ରହିବେ।

ରବିବାର ରାଜଧାନୀରୁ ଆରମ୍ଭକରି ପ୍ରତି ପଞ୍ଚାୟତରେ ସୁଭଦ୍ରା ସ୍ୱାଗତ ପଦଯାତ୍ରାର ଆୟୋଜନ କରାଯାଇଛି। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ସାମିଲ ହେବେ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ପ୍ରାୟ ୧ ଲକ୍ଷ ମହିଳାଙ୍କୁ ସାମିଲ କରିବା ପାଇଁ ଯୋଜନା କରାଯାଇଛି। ସେହିପରି ବ୍ଲକରେ ୫ ହଜାର ଲେଖାଏ ମହିଳାଙ୍କୁ ଏକାଠି କରି ଏଲଇଡି ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯିବ। ପଞ୍ଚାୟତ ସ୍ତରରେ ସୁଭଦ୍ରା ସ୍ୱାଗତ ସପ୍ତାହ ପାଳନ ହେବ। ପ୍ରତି ଅଞ୍ଚଳରେ ଜଣେ ଜଣେ ସଫଳ ମହିଳାଙ୍କୁ ବାଛି 'ସୁଭଦ୍ରା ଅପା' ଆଖ୍ୟା ଦିଆଯିବ। ଅନ୍ୟପକ୍ଷରେ ସମସ୍ତ ବିଭାଗର ଚିଠି ଏବଂ ଇ-ମେଲରେ ସୁଭଦ୍ରା ଲୋଗୋ ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ ସବୁ ବିଭାଗର ୱେବ୍‌ସାଇଟ ଓ ପୋର୍ଟାଲ ଏବଂ ଆପରେ ସୁଭଦ୍ରାର ଲିଙ୍କ୍ ପ୍ରଦର୍ଶନ ପାଇଁ କୁହାଯାଇଛି।

ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ବେଳେ ୧୦ ଲକ୍ଷ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବାଣ୍ଟିବେ। ଓଡ଼ିଶାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ। ଏନେଇ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାୟକ ସୂଚନା ଦେଇଛନ୍ତି। ସେହି ଦିନ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ପ୍ରଥମ କିସ୍ତି ବାବଦକୁ ୩୧୮୦ କୋଟି ଟଙ୍କା ପଠାଯିବ।

### ୧୭ରେ ଭୁବନେଶ୍ୱରର ସବୁ ସ୍କୁଲ କଲେଜ ଛୁଟି
### ସରକାରୀ କାର୍ଯ୍ୟାଳୟ ଅଧାଦିନ ଛୁଟି

ଭୁବନେଶ୍ୱର, ୧୪।୯ (ଅନିଲ ଦାସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସେପ୍ଟେମ୍ବର ୧୭ରେ ଭୁବନେଶ୍ୱରଠାରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିବେ। ଏଥିପାଇଁ ଭୁବନେଶ୍ୱରରେ ବିପୁଳ ଜନ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ରାଜଧାନୀର ସମସ୍ତ ସ୍କୁଲ, କଲେଜ ସେଦିନ ସମ୍ପୂର୍ଣ୍ଣ ଛୁଟି ଘୋଷଣା କରାଯାଇଛି। ଏଥିସହିତ ସରକାରୀ କାର୍ଯ୍ୟାଳୟଗୁଡ଼ିକ ପ୍ରଥମାର୍ଦ୍ଧରେ ଛୁଟି ରହିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି।

### ଚାଇନା କମ୍ପାନୀରେ ...

ବୁଚ୍ ଦମ୍ପତି ଶୁକ୍ରବାର ଏହାକୁ ଖଣ୍ଡନ କରିଥିଲେ। ମାଧବୀ ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା ଗ୍ରୁପ୍‌ର ମାମଲାରେ ମଧ୍ୟସ୍ଥତା କରୁଥିବାବେଳେ ତାଙ୍କ ସ୍ୱାମୀ ଉକ୍ତ ସଂସ୍ଥାରୁ ୪.୭୮ କୋଟି ଟଙ୍କା ଗ୍ରହଣ କରିଥିଲେ ବୋଲି କଂଗ୍ରେସ ଅଭିଯୋଗ କରିଥିଲା। ଅନ୍ୟପକ୍ଷରେ ମାଧବୀ ସେବିରେ ଯୋଗଦେବା ପରେ ମହିନ୍ଦ୍ରା ଗ୍ରୁପ୍, ଆଗୋରା ଆଡଭାଇଜରି, ଆଗୋରା ପାର୍ଟନର୍ସ, ଟାଇମ୍ସ ଅଫ୍ ଇଣ୍ଡିଆ ପିଡିଲାଇଟ୍, ଡ. ରେଡିସ୍, ଆଲଭାରେଜ୍ ଆଣ୍ଡ ମାର୍ସାଲ, ସେମ୍ବକର୍ପ, ଭିସୁ ଲିଜିଙ୍ଗ କିମ୍ବା ଆଇସିଆଇସିଆଇ ବ୍ୟାଙ୍କ ସହ ସମ୍ପୃକ୍ତ କୌଣସି ଫାଇଲ କଦାପି ଡିଲ୍ କରି ନ ଥିବା ବୁଚ୍ ଦମ୍ପତି ଏକ ବିବୃତିରେ କହିଥିଲେ। ସୂଚନାଯୋଗ୍ୟ, ସେବି ଅଧ୍ୟକ୍ଷାଙ୍କ ବିରୋଧରେ ବିଭିନ୍ନ ସଂସ୍ଥା ଅଭିଯୋଗ ଆଣିବା ସତ୍ତ୍ୱେ ସେ ବହୁ ସପ୍ତାହ ହେଲା ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରିଆସୁଥିବା ନେଇ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ବୁଧବାର ପ୍ରଶ୍ନ ଉଠାଇବାରୁ ଶୁକ୍ରବାର ମାଧବୀ ଓ ଧବଳ ବୁଚ୍ ଗଣମାଧ୍ୟମକୁ ଆସି ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଥିଲେ।

### ମହାକାଶରୁ ଭୋଟ ...

ନେଇ ଯାଇଥିବା ବୋଇଂର ଷ୍ଟାରଲାଇନ୍ ମହାକାଶ ଯାନରେ ତ୍ରୁଟି ଦେଖାଦେବାରୁ ସେମାନଙ୍କୁ ନ ଆଣି ଫେରିଆସିଥିଲା। ସ୍ପେସ୍‌ଏକ୍ସ ମହାକାଶ ଯାନରେ ସେମାନଙ୍କୁ ଫେରିବା ପାଇଁ ଆଗାମୀ ଫେବୃଆରୀ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ ସୁନୀତା କହିଛନ୍ତି, ମହାକାଶ କେନ୍ଦ୍ର ତାଙ୍କ ପାଇଁ ସୁଖଦ ସ୍ଥାନ ଏବଂ ସେ ସେଠାରେ ରହିବାକୁ ଭଲ ପାଆନ୍ତି। ମହାକାଶ କେନ୍ଦ୍ରରେ ଜୀବନ ଅତିବାହିତ କରିବା କଷ୍ଟକର ନୁହେଁ, କାରଣ ଉଭୟ ମହାକାଶଚାରୀଙ୍କର ପୂର୍ବ ଅଭିଜ୍ଞତା ରହିଥିବା ସୁନୀତା କହିଛନ୍ତି। ଷ୍ଟାରଲାଇନରରେ ଫେରିଯିବାକୁ ଆମେ ଚାହୁଁଥିଲୁ, କିନ୍ତୁ ସେଥିରେ ସମସ୍ୟା ଦେଖାଦେବାରୁ ଆମକୁ ପରବର୍ତ୍ତୀ ସୁଯୋଗ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ ବୋଲି ଭାରତୀୟ ବଂଶୋଦ୍ଭବ ମହାକାଶଚାରୀ କହିଛନ୍ତି। ସେ ଭୋଟ ଦେବା ପାଇଁ ବାଲଟ ପଠାଇବା ନିମନ୍ତେ ଆମେରିକା କର୍ତ୍ତୃପକ୍ଷଙ୍କୁ ନିବେଦନ କରିଛନ୍ତି। ନାସା ଉଦ୍ୟମରେ ସେମାନେ ସହଜରେ ମହାକାଶରୁ ଭୋଟ ଦେଇପାରିବେ ବୋଲି କହିଛନ୍ତି। ତେବେ ସେମାନେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କିମ୍ବା ବର୍ତ୍ତମାନର ଉପରାଷ୍ଟ୍ରପତି କମଳା ହାରିସ୍, କାହାକୁ ଭୋଟ ଦେବେ କହିନାହାନ୍ତି। ସୂଚନାଯୋଗ୍ୟ, ୧୯୯୭ରୁ ଆମେରିକୀୟ ମହାକାଶଚାରୀମାନେ ମହାକାଶରେ ଥାଇ ଭୋଟ ଦେଇଆସୁଛନ୍ତି। ନାସା କର୍ମଚାରୀମାନଙ୍କୁ ମହାକାଶରୁ ଭୋଟ ଦେବା ପାଇଁ ସୁଯୋଗ ଦେବା ନିମନ୍ତେ ଟେକ୍ସାସ୍ ବିଧାନସଭା ୧୯୯୭ରେ ବିଲ୍ ଗୃହୀତ କରାଇଥିଲା। ସେହିବର୍ଷ ମହାକାଶଚାରୀ ଡାଭିଡ୍ ଓଲ୍ଫ ପ୍ରଥମ ଆମେରିକୀୟ ଭାବେ ମିର୍ ସ୍ପେସ୍ ଷ୍ଟେଶନରେ ଥାଇ ଭୋଟ ଦେଇଥିଲେ। ୨୦୨୦ରେ ନାସା ମହାକାଶଚାରୀ କେଟ୍ ରୁବିନ୍ସ ମଧ୍ୟ ମହାକାଶରୁ ଭୋଟ ଦେଇଥିଲେ।

# ଝଡ଼ବର୍ଷାରେ ଭାଙ୍ଗିଲା ଟେଣ୍ଟ, ୫ ଗୁରୁତର

ପାଲଲହଡା, ୧୪।୯ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ପ୍ରବଳ ଝଡ଼ବର୍ଷା ଯୋଗୁ କେନ୍ଦ୍ରୀୟ ଗଣେଶ ପୂଜା କମିଟି ପକ୍ଷରୁ ଷ୍ଟାଡିୟମଠାରେ ଭସାଣି ଉତ୍ସବ ପାଇଁ ଲଗାଯାଇଥିବ ଟେଣ୍ଟ ଭାଙ୍ଗିଯାଇଛି। ଫଳରେ ଏହା ତଳେ ଚାପି ହୋଇ କମିଟିର ୫ ସଦସ୍ୟ ଗୁରୁତର ହୋଇଛନ୍ତି। ସେମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଆଡଭାନୀ ସାହୁ, ରମେଶ ଚନ୍ଦ୍ର ସାମଲ ଏବଂ ରମେଶ ତ୍ରିବିଡଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଯାତ୍ରାକର ନାୟକଙ୍କ ଚିକିତ୍ସା ଜାରି ରହିଛି। ଖବରପାଇ ବିଧାୟକ ଅଶୋକ ମହାନ୍ତି, ଉପଜିଲାପାଳ ଡାକ୍ତରଖାନାରେ ପହଞ୍ଚି ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା ପଚାରି ବୁଝିଛନ୍ତି।

**ନିଃଶୁଳ୍କ ଆଧାର ସଂଶୋଧନ ସମୟସୀମା ବୃଦ୍ଧି**

**ନୂଆଦିଲ୍ଲୀ:** ଆଧାର କାର୍ଡଧାରୀମାନେ ବିନା ଦେୟରେ ଆଧାର ସଂଶୋଧନ (ଅପଡେଟ୍) କରିବା ସମୟସୀମା ବୃଦ୍ଧି କରାଯାଇଛି। ୟୁନିକ୍ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପକ୍ଷରୁ ଏହି ସୂଚନା ମିଳିଛି। ଶନିବାର ୟୁଆଇଡିଏଆଇ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଏକ୍ସ'ରେ ଏକ ପୋଷ୍ଟ ଶେୟାରକରି ଏ ବିଷୟରେ ସୂଚନା ଦେଇଛି। ସେପ୍ଟେମ୍ବର ୧୪ରେ ଶେଷ ହେଉଥିବା ନିଃଶୁଳ୍କ ଆଧାର ସଂଶୋଧନ ସମୟସୀମା ବର୍ତ୍ତମାନ ୩ ମାସ ବୃଦ୍ଧି କରାଯାଇଛି। ଏହି କ୍ରମରେ ଡିସେମ୍ବର ୧୪ ଯାଏଁ ଏହି ପ୍ରକ୍ରିୟା ଜାରି ରହିବ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ପ୍ରିୟାଂସୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ୭୩% ଭାରତୀୟ ଗ୍ରାହକଙ୍କ ପସନ୍ଦ ଅନ୍‌ଲାଇନ ଶପିଂ

**ନୂଆଦିଲ୍ଲୀ,୧୪।୯ (ଅଭୟ ଦାଶ)**




ବ୍ୟସ୍ତବହୁଳ ଜୀବନ ଓ ଅନ୍ୟାନ୍ୟ ସମସ୍ୟା ପାଇଁ ସବୁ ବର୍ଗର ଭାରତୀୟ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ କିଣାକିଣି କରିବାକୁ ଅଧିକ ପସନ୍ଦ କରୁଛନ୍ତି। ଏପରିକି ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଅନେକ ସୁବିଧା ଓ ଇ-କର୍ମସ କମ୍ପାନୀଗୁଡିକ ପକ୍ଷରୁ ଆକର୍ଷଣୀୟ ଅଫର ଓ ହୋମ୍ ଡେଲିଭରି ସୁବିଧା ଯୋଗାଇଦେଉଥିବାରୁ ପ୍ରାୟ ୭୩% ଭାରତୀୟ ଅନ୍‌ଲାଇନ ଶପିଂକୁ ପସନ୍ଦ କରୁଥିବା ଆମାଜନ୍ ଇଣ୍ଡିଆ ଦ୍ୱାରା ଇପ୍‌ସୋସ୍ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏପରିକି ଭାରତ ବାର୍ଷିକ ଉତ୍ସବ ଋତୁ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଗ୍ରାହକମାନେ ମଧ୍ୟ ଚଳିତ ବର୍ଷ ଫେଷ୍ଟିଭାଲ ଶପିଂ ପାଇଁ ବେଶ୍ ଉତ୍ସାହିତ ଅଛନ୍ତି। ଏହି ଅଧ୍ୟୟନ ବା ସର୍ଭେରେ ଭାଗନେଇଥିବା ଭାରତୀୟଙ୍କ ମଧ୍ୟରୁ ୮୯% ଗ୍ରାହକ ଆଗାମୀ ପର୍ବକୁ ନେଇ ଉତ୍ସାହ ପ୍ରକାଶ କରିଥିବାବେଳେ ୭୧% ଗ୍ରାହକ ଚଳିତ ପାର୍ବଣ ଋତୁରେ ଅନ୍‌ଲାଇନ ଶପିଂ କରିବାକୁ ଇଚ୍ଛା ପ୍ରକାଶ କରିଛନ୍ତି। ସେହିଭଳି ଅନ୍‌ଲାଇନ ଶପିଂ କରିବାକୁ ଚାହୁଁଥିବା ପ୍ରାୟ ୫୦% ଅଂଶଗ୍ରହଣକାରୀ ଗ୍ରାହକ କହିଛନ୍ତି, ସେମାନେ ଗତ ବର୍ଷ ତୁଳନାରେ ଅନ୍‌ଲାଇନ ଫେଷ୍ଟିଭାଲ ଶପିଂରେ ଅଧିକ ଖର୍ଚ୍ଚ କରିବେ। ଏପରିକି ପାର୍ବଣ ସମୟର କିଣାକିଣି ପାଇଁ ଅପେକ୍ଷାକରି ରହିଛନ୍ତି। ଏହି କ୍ରମରେ ମେଟ୍ରୋ ସହରର ୫୫% ଏବଂ ଟିୟର-୨ ସହର (୧୦ରୁ ୪୦ ଲକ୍ଷ ଜନସଂଖ୍ୟା ଥିବା ସହରରେ ୪୩%)ର ଗ୍ରାହକମାନେ ଅନ୍‌ଲାଇନରେ ଶପିଂ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଉକ୍ତ ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଆମାଜନ ଏକ ପସନ୍ଦର ଅନ୍‌ଲାଇନ ଶପିଂ ଗନ୍ତବ୍ୟସ୍ଥଳ ପାଲଟିଛି। ୭୩%ରୁ ଅଧିକ ଉତ୍ତରଦାତା ସେମାନଙ୍କ ପର୍ବପର୍ବାଣି ଆବଶ୍ୟକତା ପାଇଁ ଆମାଜନ ଉପରେ ବିଶ୍ୱାସ କରିଥାନ୍ତି। ଉଲ୍ଲେଖଯୋଗ୍ୟ, ୭୫% ଭାରତୀୟ ଗ୍ରାହକ ଆମାଜନ୍ ଇଣ୍ଡିଆକୁ ଏକ ବିସ୍ତୃତ ଉତ୍ପାଦ ପ୍ରଦାନ କରୁଥିବା ବିବେଚନା କରିଛନ୍ତି ଏବଂ ୭୨% ଆମାଜନରେ ବିକ୍ରେତାମାନେ ଆକର୍ଷଣୀୟ ଡିଲ୍ ପ୍ରଦାନ କରୁଥିବା ବିବେଚନା କରିଥିଲାବେଳେ ୭୩% ଏହାକୁ ଏକ ବିଶ୍ୱସନୀୟ ଏବଂ ଉତ୍କୃଷ୍ଟ ଅନ୍‌ଲାଇନ ଶପିଂ ଡେଷ୍ଟିନେଶନ ଭାବେ ଦେଖୁଛନ୍ତି। ଏ ସମ୍ପର୍କରେ ଆମାଜନ ଇଣ୍ଡିଆର କ୍ୟାଟେଗୋରି ଲିଡରଶିପ୍ ଭାଇସ ପ୍ରେସିଡେଣ୍ଟ ସୌରଭ ଶ୍ରୀବାସ୍ତବ କହିଥିଲେ, ଆମେ ଆମ ଗ୍ରାହକଙ୍କ ନିକଟରେ କୃତଜ୍ଞ ରହିଛୁ ଏବଂ ସେମାନେ ଆମ ଉପରେ ଯେଉଁ ବିଶ୍ୱାସ ରଖିଛନ୍ତି, ସେଥିପାଇଁ ଆମେ ଋଣୀ ରହିଛୁ। ଏପରିକି ପାର୍ବଣ ଅବଧି ଆମ ପାଇଁ ବିଶାଳ ଚୟନ, ମହାନ୍ ମୂଲ୍ୟ ସହ ଅତ୍ୟନ୍ତ ବିଶ୍ୱସନୀୟ ଏବଂ ନିରବଚ୍ଛିନ୍ନ ସପିଂ ଅଭିଜ୍ଞତା ସହିତ ଗ୍ରାହକମାନଙ୍କୁ ଆନନ୍ଦିତ କରିବାର ଏକ ସୁଯୋଗ ମଧ୍ୟ ପ୍ରଦାନ କରିଥାଏ, ଯାହା ଉପଭୋକ୍ତା ପସନ୍ଦକୁ ପ୍ରତିଫଳିତ କରିଛି ବୋଲି ସେ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ସେହିଭଳି ଇପ୍‌ସୋସ୍ ଇଣ୍ଡିଆର କଣ୍ଟ୍ରି ମ୍ୟାନେଜର ଅମିତ ଆଦରକର କହିଛନ୍ତି, ଆମର ସଦ୍ୟ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଅଧିକାଂଶ ସହରାଞ୍ଚଳ ଭାରତୀୟ ଗ୍ରାହକ ଉତ୍ସାହର ସହ ପାର୍ବଣ ଶପିଂକୁ ଅପେକ୍ଷା କରିଛନ୍ତି। ଅପରପକ୍ଷରେ ୭୬% ଗ୍ରାହକ ଯେକୌଣସି ସମୟ ଓ ସ୍ଥାନରେ କିଣାକିଣି କରିବାର କ୍ଷମତାକୁ ପ୍ରଶଂସା କରିଛନ୍ତି। ଏପରିକି ୭୪% ଦ୍ରୁତ ଡେଲିଭରି, ୭୫% ଅସଲି ଉତ୍ପାଦ ପ୍ରଦାନ ପାଇଁ ଅନ୍‌ଲାଇନ ଶପିଂ ଇଭେଣ୍ଟକୁ ବିଶ୍ୱାସ କରିଥିବାବେଳେ ୭୫% ନୋ-କଷ୍ଟ ଇଏମ୍‌ଆଇ ଭଳି ସୁଲଭ ଦେୟ ବିକଳ୍ପ ସହିତ ଅନ୍ୟ କେତେକ ପ୍ରମୁଖ କାରଣ ପାଇଁ କ୍ରୟ କରିଥାନ୍ତି। ଫଳରେ ଗ୍ରାହକମାନଙ୍କୁ ପାର୍ବଣଋତୁରେ ଅନ୍‌ଲାଇନ ଶପିଂ କରିବାକୁ ପ୍ରୋତ୍ସାହିତ କରିଥାଏ। ଅନ୍‌ଲାଇନ ସେଲ୍ ଇଭେଣ୍ଟ ସମୟରେ ଟ୍ରେଣ୍ଡି ଫ୍ୟାଶନ କିଣିବାକୁ ଚାହୁଁଥିବା ଗ୍ରାହକଙ୍କ ପାଇଁ ଆମାଜନ ଚଳିତ ପାର୍ବଣ ଋତୁରେ ପୋଷାକ, ଜୋତା ଏବଂ ଫ୍ୟାଶନ୍ ଆକ୍ସେସରିଜ୍ (୩୫%) ଏବଂ ବିୟୁଟି (୩୪%) ଗ୍ରାହକଙ୍କ ପାଇଁ ପସନ୍ଦର ଅନ୍‌ଲାଇନ ଶପିଂ ମାର୍କେଟପ୍ଲେସ୍ ଭାବେ ଉଭା ହୋଇଛି, ଫେଷ୍ଟିଭାଲ୍ ସ୍ପିରିଟ୍ ଫ୍ୟାଶନରେ ବିସ୍ତାରିତ ହୋଇଥିବାବେଳେ ୮୩% ଲୋକ ପୋଷାକ, ଜୋତା ଏବଂ ଆକ୍ସେସରିଜ୍ ଉପରେ ଭଲ ଡିଲ୍ ପାଇଛନ୍ତି। ସେହିଭଳି ୭୩% ସହମତ ହୋଇଛନ୍ତି ଯେ ପାର୍ବଣ ଋତୁର ଅନ୍‌ଲାଇନ ସେଲ୍ ଇଭେଣ୍ଟରେ ପୋଷାକ, ଜୋତା ଏବଂ ଅନ୍ୟାନ୍ୟ ଫ୍ୟାଶନ ପ୍ରଡକ୍ଟ ପାଇଁ ଆବଶ୍ୟକ ସମସ୍ତ ଜିନିଷ ଉପଲବ୍ଧ ହୋଇଥାଏ। ଏପରିକି ଅନ୍‌ଲାଇନରେ ପୋଷାକ, ଜୋତା ଏବଂ ଫ୍ୟାଶନ ଆକ୍ସେସରିଜ୍ କିଣିବା ଉଦ୍ଦେଶ୍ୟରେ ଜେନ୍-ଜେଡ୍ ୮୬% ସହିତ ଅଗ୍ରଣୀ ହାସଲ କରିଛି। ସେହିପରି ୮୨% ସହମତ ହୋଇଛନ୍ତି ଯେ ଅନ୍‌ଲାଇନ ଫେଷ୍ଟିଭ୍ ସେଲ୍ ଇଭେଣ୍ଟରେ ଆକର୍ଷଣୀୟ ରିହାତି ଏବଂ ବିଳାସପୂର୍ଣ୍ଣ ସୌନ୍ଦର୍ଯ୍ୟ ବ୍ରାଣ୍ଡଗୁଡିକ ପାଇଁ ମଧ୍ୟ ଏହା ଉପଲବ୍ଧ। ଅନ୍‌ଲାଇନ ସେଲ୍ ଇଭେଣ୍ଟ ସମୟରେ ଗ୍ରୋସରି କିଣିବାକୁ ଚାହୁଁଥିବା ଗ୍ରାହକମାନଙ୍କ ପାଇଁ ୩୫% କହିଛନ୍ତି ଯେ ଆମାଜନ୍ ପାର୍ବଣ ଋତୁରେ ସେମାନଙ୍କର ଅନ୍‌ଲାଇନ ଶପିଂ ଆପ୍ ଭାବେ ପରିଗଣିତ ହୋଇଛି।

# ଏନ୍‌ଟିପିସିର ସ୍ୱଚ୍ଛତା ପକ୍ଷ ଶୁଭାରମ୍ଭ




**କଣିହାଁ,୧୪।୯(ସଚ୍ଚିଦାନନ୍ଦ ପ୍ରଧାନ)**

ଏନ୍‌ଟିପିସି କଣିହାଁ ପକ୍ଷରୁ ସ୍ୱଚ୍ଛତା ପକ୍ଷ ପାଳନର ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶନିବାର ସକାଳେ ଏନ୍‌ଟିପିସି ପିଟିଏସ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ଟିପିସି କଣିହାଁ ପ୍ରକଳ୍ପ ମୁଖ୍ୟ ଏ.କେ. ସେହଗଲ ଯୋଗଦେଇ ସ୍ୱଚ୍ଛ ରହିବା ପାଇଁ ଆହ୍ୱାନ ଦେବା ସହ ଶପଥ ପାଠ କରାଇଥିଲେ। ବାସିନ୍ଦାଙ୍କ ମଧ୍ୟରେ ସ୍ୱଚ୍ଛତାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପିଟିଏସ୍ ଟାଉନଶିପ୍‌ରେ ଏକ ପ୍ରଭାତଫେରି ଆୟୋଜନ କରାଯାଇଥିଲା। ଏଥିରେ ଏନ୍‌ଟିପିସିର ସମସ୍ତ ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, ଟାଉନଶିପ ବାସିନ୍ଦା, ସ୍କୁଲ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଉକ୍ତ ସ୍ୱଚ୍ଛତା ପକ୍ଷ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ।

# ଜିଓଫୋନ୍‌ର ନୂତନ ମଡେଲ ପ୍ରାଇମା-୨




**ମୁମ୍ବାଇ,୧୪।୯ (ଅଭୟ ଦାଶ)**

ରିଲାଏନ୍ସ ଜିଓର ନୂତନ ମଡେଲ 'ପ୍ରାଇମା-୨'କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏପରିକି ଏହି ନୂଆ ଜିଓଫୋନ୍ (ଜିଓଫୋନ ପ୍ରାଇମା-୨)କୁ କମ୍ପାନୀ ଭାରତୀୟ ବଜାରରେ ଉପଲବ୍ଧ କରାଯାଇଛି। ସେହିଭଳି ୪ଜି କାଇ-ଓଏସ୍‌ରେ କାର୍ଯ୍ୟ କରୁଥିବା ଜିଓଫୋନ୍ ପ୍ରାଇମା-୨ ରେ କ୍ୱାଲକମ୍ ପ୍ରୋସେସର ସାମିଲ ରହିଛି। ଏଥିରେ ୫୧୨ଏମ୍‌ବି ରାମ୍ ଏବଂ ସମସ୍ତ ଆପ୍ସକୁ ହୋଷ୍ଟ କରିବା ପାଇଁ ୪ ଜିବି ଆଭ୍ୟନ୍ତରୀଣ ମେମୋରି ସହିତ ୧୨୮ଜିବି ପର୍ଯ୍ୟନ୍ତ ବାହ୍ୟ ଏସ୍‌ଡି କାର୍ଡ ବ୍ୟବହାର ପାଇଁ ସୁବିଧା ରହିଛି। ଏହି ଫୋନରେ ୨.୪ ଇଞ୍ଚର ଏଲ୍‌ସିଡି ସ୍କ୍ରିନ୍ ଏବଂ ୨୦୦୦ ଏମ୍‌ଏଏଚ୍ ବ୍ୟାଟେରି ମଧ୍ୟ ରହିଛି। ଏଥିରେ ଡିଜିଟାଲ ସେଲ୍‌ଫି ଏବଂ ପଛ କ୍ୟାମେରା ମଧ୍ୟ ରହିଛି, ଯାହା ଗ୍ରାହକଙ୍କୁ ଫଟୋ ଉଠାଇବା ଏବଂ ଭିଡିଓ କରିବା ସୁବିଧା ଦେଇଥାଏ। ଏପରିକି ମ୍ୟୁଜିକ୍ ପାଇଁ ବ୍ଲୁଟୁଥ୍ ୫.୦ ଏବଂ ୱାଇ-ଫାଇ ସପୋର୍ଟ ସହିତ ୩.୫ମି.ମି. ହେଡ୍‌ଫୋନ୍ ଜ୍ୟାକ୍ ରହିଛି। ଏହି ଫୋନ୍ ଇଂରାଜୀ ଏବଂ ୨୨ଟି ଭାରତୀୟ ଭାଷାକୁ ସପୋର୍ଟ କରୁଛି। ଜିଓଫୋନ୍ ପ୍ରାଇମା-୨ ଫିଚର ଫୋନବର୍ଗରେ ଏକ ଫ୍ଲାଗଶିପ୍ ଫୋନ୍ ଭାବେ ସବୁଠାରୁ ଆଗରେ ରହିଛି। ଏହାର ବଜାର ମୂଲ୍ୟ ମାତ୍ର ୨୭୯୯ ଟଙ୍କା ରହିଛି।

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**




**ପ୍ରିୟାଂସୀ ରଥ**

ପ୍ରଭୁ ଶ୍ରୀଜଗନ୍ନାଥ ଆଶୀର୍ବାଦ କରନ୍ତୁ, ଦୀର୍ଘାୟୁ ହୁଅ, ଯଶସ୍ୱୀ ହୁଅ ।

ଶୁଭେଚ୍ଛା ସହ- ମାମା (ମଧୁସ୍ମିତା), ପାପା (ଦେବବ୍ରତ), ଅଜ୍ଜୁନାନୀ, ମାମୁନିନାନୀ ଏବଂ ପରିବାରବର୍ଗ ।

ଧ-୭୫୭୮୦

# ଏଚ୍‌ଏଆଇ ଓଡ଼ିଶା ଚାପ୍ଟରର ଶୁଭାରମ୍ଭ




**ଭୁବନେଶ୍ୱର,୧୪।୯ (ଅଭୟ ଦାଶ)**

ଭାରତର ହୋଟେଲଗୁଡ଼ିକର ସର୍ବୋଚ୍ଚ ସଂସ୍ଥା ହୋଟେଲ ଆସୋସିଏସନ ଅଫ୍ ଇଣ୍ଡିଆପ(ଏଚ୍‌ଏଆଇ)ର ସମ୍ପାଦକ ଡ. ଜେ.କେ.ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏଚ୍‌ଏଆଇ ଓଡ଼ିଶା ଚାପ୍ଟରର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ଅବସରରେ ଏଚ୍‌ଏଆଇର ସଭାପତି ତଥା ରେଡିସନ ହୋଟେଲ ଗ୍ରୁପ୍‌ର ଦକ୍ଷିଣ ଏସିଆ ଅଧ୍ୟକ୍ଷ କେ.ବି.କାଚ୍ରୁ, ଏଚ୍‌ଏଆଇର ଉପସଭାପତି ତଥା ଇଣ୍ଡିଆନ ହୋଟେଲ୍ସ କମ୍ପାନୀ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ଉପାଧ୍ୟକ୍ଷ (ଓପିଏସ୍) ରୋହିତ ଖୋସ୍‌ଲା, ଏଚ୍‌ଏଆଇ ସଦସ୍ୟ ତଥା ସମ୍ପାଦକ ଏବଂ ସ୍ୱସ୍ତି ପ୍ରିମିୟମ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଡ. ଜେ.କେ.ମହାନ୍ତି, ଏଚ୍‌ଏଆଇ ସଦସ୍ୟ ତଥା ମହାସଚିବ ଏମ୍.ପି. ବେଜବରୁଆ, ଇଆଇଏଚ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ବିକ୍ରମ ଓବେରୟ, ସରୋବର ହୋଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଅଜୟ ବକାୟା ଏବଂ କର୍ପୋରେଟ୍ ଆଣ୍ଡ ଲିଗାଲ୍ ଆଫେୟାର୍ସ ଇଆଇଏଚ୍ ଲିମିଟେଡ୍‌ର ସଭାପତି ଆର୍. ଶଙ୍କର ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

ଏ ନେଇ ଏଚ୍‌ଏଆଇର ସଭାପତି ତଥା ରେଡିସନ ହୋଟେଲ ଗ୍ରୁପ୍‌ର ଦକ୍ଷିଣ ଏସିଆ ଅଧ୍ୟକ୍ଷ କେ.ବି. କାଚ୍ରୁ କହିଥିଲେ, ଆସୋସିଏସନ ଏବଂ ଆତିଥେୟତା କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପରିଚିତ ଓଡ଼ିଶା ଚାପ୍ଟରକୁ ଉପସ୍ଥାପନକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଅଧ୍ୟାୟ ଆମକୁ ଏଚ୍‌ଏଆଇ(ହାଇ) ହୋଟେଲ ସଦସ୍ୟଙ୍କ ସହାୟତାରେ ରାଜ୍ୟର ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବାରେ ସାହାଯ୍ୟ କରିବ।

# ବାଦଶାହା ଡାଇସନ୍‌ର ବ୍ରାଣ୍ଡ୍ ଆମ୍ବାସାଡର

**ନୂଆଦିଲ୍ଲୀ,୧୪।୯ (ଅଭୟ ଦାଶ)**



ବାଦଶାହ

ଦେଶର ପ୍ରମୁଖ ଇ-ବ୍ରାଣ୍ଡ ତଥା ଗ୍ଲୋବାଲ ଟେକ୍ନୋଲୋଜି କମ୍ପାନୀ 'ଡାଇସନ୍'ର ବ୍ରାଣ୍ଡ ଆମ୍ବାସାଡର ଭାବେ ଭାରତର ଲୋକପ୍ରିୟ ରାପର ଓ ମ୍ୟୁଜିକ ଆଇକନ ବାଦଶାହଙ୍କୁ ନିଯୁକ୍ତ କରାଯାଇଛି। ସେ ଭାରତ ପାଇଁ ଡାଇସନ୍ ଅନ୍‌ଟ୍ରାକ୍‌ଟିଏମ ହେଡ୍‌ଫୋନ୍‌ର ନୂଆ ଚେହେରା (ଆମ୍ବାସାଡର) ହୋଇଛନ୍ତି। ସେହିଭଳି ଉଭୟଙ୍କ ମଧ୍ୟରେ ଏହି ସହଭାଗିତା ୨୦୨୪ ସେପ୍ଟେମ୍ବର ୨୩ ରେ ହେବାକୁ ଥିବା ଡାଇସନ୍‌ର ପ୍ରଥମ ହାଇ-ଫିଡେଲିଟି, ଅଡିଓ-ଓନଲି ହେଡ୍‌ଫୋନ୍ 'ଡାଇସନ୍ ଅନ୍‌ଟ୍ରାକ୍ ଟିଏମ୍ ହେଡ୍‌ଫୋନ୍ସ'ର ବହୁ ପ୍ରତୀକ୍ଷିତ ଉନ୍ମୋଚନ ସହ ଆରମ୍ଭ ହେବ।

ଏ ସମ୍ପର୍କରେ ଡାଇସନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଙ୍କିତ ଜୈନ କହିଛନ୍ତି, ଭାରତରେ ଡାଇସନ ଅନ୍‌ଟ୍ରାକ୍ ହେଡ୍‌ଫୋନ୍‌ର ଉନ୍ମୋଚନ କରିବା ପାଇଁ ଆମର ପ୍ରଥମ ଡାଇସନ ଅନ୍‌ଟ୍ରାକ୍ ହେଡ୍‌ଫୋନ୍‌ର ବ୍ରାଣ୍ଡ ଆମ୍ବାସାଡର ଭାବେ ଲୋକପ୍ରିୟ ରାପର୍ ବାଦଶାହଙ୍କ ନାମ ଘୋଷଣାକରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ହେଡ୍‌ଫୋନ୍ ଏକ ଉଚ୍ଚ ପ୍ରଦର୍ଶନକ୍ଷମ ଡିଜାଇନ ମାଧ୍ୟମରେ ଚମତ୍କାର ସାଉଣ୍ଡ ଗୁଣବତ୍ତା ପ୍ରଦାନ କରୁଛି, ଯାହା ବିଗତ ୩୦ ବର୍ଷର ଏରୋଆକୌଷ୍ଟିକ ରିସର୍ଚ୍ଚ ଦ୍ୱାରା ସମର୍ଥିତ ବୋଲି କୁହାଯାଉଛି। ଭାରତର ଡାଇସନ ଅନ୍‌ଟ୍ରାକ୍ ହେଡ୍‌ଫୋନ୍ସ ଆମ୍ବାସାଡର ବାଦଶାହା କହିଛନ୍ତି, ସଙ୍ଗୀତ ହେଉଛି ମୋ ପାଇଁ ଜୀବନ ଏବଂ ମୁଁ ଉତ୍କୃଷ୍ଟମାନର ସାଉଣ୍ଡର ଶକ୍ତିରେ ବିଶ୍ୱାସ କରିଥାଏ। ସୀମାକୁ ଅତିକ୍ରମ କରିବା ପ୍ରତି ଡାଇସନ୍‌ର ପ୍ରତିବଦ୍ଧତା ମୋର ନିଜସ୍ୱ କଳାତ୍ମକ ଆଭିମୁଖ୍ୟ ସହ ଉପଯୁକ୍ତ ଭାବେ ମେଳ ଖାଉଛି।

**Classified Everyday**

**0674-2580101, 2549949**



**MATRIMONIAL**

**BRIDE WANTED**

କଟକ ଏବଂ ଜଗତପୁରରେ ନିଜର ବାସଗୃହ ଥିବା 30 ବର୍ଷର ଖଣ୍ଡାୟତ ପାତ୍ର (Law Officer) ପାଇଁ ଗ୍ରାଜୁଏଟ୍ ପାତ୍ରୀ ଆବଶ୍ୟକ। 9938520432. D-1344

Publish free matrimony Ads in www.happylifehappybazar.com.Send to 9668072655. D-1339

**GROOM WANTED**

62 ବୟସ୍କା Govt. Retd. ବିଧବା ମହିଳାଙ୍କୁ anycasteର ବରପାତ୍ର ଆବଶ୍ୟକ। 7077871702. D-1331

Brahmin Bride, Age-31yrs, 5'7" MO in ICMR, Father Businessman, Mother on Job, Bomikhal Bhubaneswar. Contact: 9337826934, 9337826935. D-75568



**REAL ESTATE**

**SALE**

Three Storied furnished building at Jayadurga Nagar, Bomikhal, Bhubaneswar for 2.40 Crores. (Brokers excuse). 8917520527. D-1309

**(1) Commercial plot, facing to NH Road Nakhara to Niali NH 10000sqft., 3sides road, (2) Residential plot near Petal English Medium School 1100/- sqft. with boundarywall at Brahmanjharilo, Cuttack, 11K.M. to BBSR. Personal plots, No builders. 7809525452.** D-75784

6000sqft. land with house at Mahanadi Vihar, Cuttack. Mobile-8917242678. D-1317

**1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9777154964, 9861463011.** D-1334

ଭୁବନେଶ୍ୱର Sum Hospital ଘଙ୍ଗାପାଟଣାରେ 30 ଫୁଟ୍ ରାସ୍ତା ଥାଇ ସ୍ଥିତିବାନ୍ plot କିଣନ୍ତୁ। 6372851880. D-71076

Mouza Malipada (Near Sum Hospital 2.5K.M.) ସ୍ଥିତିବାନ୍ ଗୃହୋପଯୋଗୀ ଘରବାରି ପଟ୍ଟା, Electricity, Road ଥାଇ 2200sqft. ଏରିଆ ବିକ୍ରିହେବ। Price- 2650/- per sqft. (Negotiable). Mobile-9937939683. D-75567

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9040307584, 9437040045.** D-1333

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




3BHK, Balcony, Well ventilated spacious flat near Axis Bank, Kalarahanga. M-8480744664. D-1326




Newly open health benefits SPA special offer @ 999 Bapuji Nagar. 8018429809. D-76153

Kerala body Massage therapy Male/Female any person. Bhubaneswar. 9337672475. D-1285

Newly open spa positively health benefits with expert therapist. 8658466886. D-76152

**AFFIDAVIT**

I, Mrs. Sanjukta Panigrahi, aged about 48 yrs, W/o- Pradeep Ku. Sarangi, Residing at Flat No.-A/201, Infocity Green Apartment, Sailashreevihar, Bhubaneswar- 751021 do have by solemnly affirms declare that Sanjukta Panigrahi and Sanjukta Saranji is one and same person. D-1345

I, Hemanta Kumar Nayak, S/o- Kalu Charan Nayak, R/o- Bhatapur, VTC: Bhatapur, P.O.- Baralabalunkeswar, District.- Puri, Odisha-752046, have changed my name and shall hereafter be known as Hemanta Kumar Mohapatra. D-1338

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

By virtue of an affidavit sworn before the Court of Executive Magistrate, Bhubaneswar, CF No.-96, Dt.-13.09.2024, I Bishnupriya Polleyi aged about 59 Yrs., W/o- Late Lal Mohan Polleyi, R/o- At/P.O.- Balyasara, P.S.- Kabisuryanagar, Dist.- Ganjam, Odisha, At present residing at plot No.-1150, Harachandi Sahi, P.O.- Old Town, P.S.- Shree Lingaraj Bhubaneswar- 751002, Dist.- Khordha, Odisha my correct name is Bishnupriya Polleyi in my Aadhaar Card, Pan Card and other relevant documents. But in my service record, my name has been mentioned as Bistunupriya Polleyi instead of Bishnupriya Polleyi. Here I declare that Bishnupriya Polleyi and Bistunupriya Polleyi is one and same person for all future purposes. D-76154

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଅରୁଣ କୁମାର ନାଗ**

ପୁରୀ

ଆବିର୍ଭାବ: ୧୫।୦୫।୧୯୭୨
ତିରୋଧାନ: ୦୩।୦୯।୨୦୨୪

ଆପଣଙ୍କ ହସ ହସ ଚେହେରା, ସମସ୍ତଙ୍କୁ ଭଲ ପାଇବା ସର୍ବଦା ସମସ୍ତଙ୍କ ନିକଟରେ ସ୍ମରଣୀୟ ହୋଇ ରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଭ କରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକସନ୍ତପ୍ତ: ଆଲୋକ ନାଗ, ମଇନା ନାଗ, ତପସ୍ୱିନୀ ନାଗ, ଅମିତ୍, ଆଞ୍ଚଲ, ପରିବାର ଓ ବନ୍ଧୁବର୍ଗ ।

ଧ-୭୩୫୫୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ନାବାଳକଙ୍କୁ ଚୋରିରେ ସାହାଯ୍ୟ କରୁଥିଲେ ମା, ମାଉସୀ

ଭୁବନେଶ୍ୱର,୧୪।୯(ସୂର୍ଯ୍ୟକାନ୍ତ ବେହେରା)

■ସୁନା, ହୀରା ଓ ରୁପା ଅଳଙ୍କାର, ଲାପ୍‌ଟପ ଆଦି ଜବତ

■ମା', ଦୁଇ ମାଉସୀ, ୨ ରିସିଭର ଗିରଫ

ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳ ସମେତ ଭଦ୍ରକ ଜିଲାରେ ଚୋରି କରୁଥିଲେ। ପରେ ଚୋରି ଜିନିଷକୁ ନିଜ ମା ଓ ଦୁଇ ମାଉସୀଙ୍କ ଜରିଆରେ ବିକ୍ରି କରୁଥିଲେ। ଏକ ଚୋରି ଘଟଣାର ତଦନ୍ତ କରୁଥିବା ଭରତପୁର ଥାନା ପୋଲିସ ସମ୍ପୃକ୍ତ ର୍‍ୟାକେଟର ମୁଖ୍ୟ ଅଭିଯୁକ୍ତ ନାବାଳକଙ୍କ ସମେତ ୬ ଜଣଙ୍କୁ ଧରିବା ପରେ ଏଭଳି ଘଟଣା ପଦାକୁ ଆସିଛି। ଚୋରି ର୍‍ୟାକେଟର ମୁଖ୍ୟ ଅଭିଯୁକ୍ତ ଥିବା ନାବାଳକଙ୍କୁ ପୋଲିସ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର ପରେ ବାଳସୁଧାର ଗୃହକୁ ପଠାଇଦେଇଛି। ଅନ୍ୟପଟେ ନାବାଳକଙ୍କୁ ଚୋରିରେ ସହାୟତା କରୁଥିବା ତାଙ୍କ ମା' ଗଞ୍ଜାମର ମଞ୍ଜୁ ଡାକୁଆ, ଦୁଇ ମାଉସୀ ଆଶା ଡାକୁଆ ଓ ମିତିକା ଡାକୁଆଙ୍କ ସହ ଚୋରି ସାମଗ୍ରୀ କିଣିଥିବା ଦୁଇ ରିସିଭର ଗଜପତି ଜିଲାର ଲିକୁ ଶବର ଓ ପୁରୀ କୋଣାର୍କର ଲକ୍ଷ୍ମଣ କୁମାର ପରିଡାଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୧୭ ଗ୍ରାମ୍ ଓଜନର ହୀରାଖଚିତ ସୁନା ଅଳଙ୍କାର, ୨୫୦ ଗ୍ରାମ୍ ସୁନା ଅଳଙ୍କାର,୧୯୦ ଗ୍ରାମ୍ ରୁପା ଅଳଙ୍କାର, ଗୋଟିଏ ଟିଭି, ୪ ଲାପଟପ, ୩ ମୋବାଇଲ ଫୋନ, ଗ୍ୟାସ ସିଲିଣ୍ଡର ଆଦି ଜବତ ହୋଇଛି। ତେବେ ଗିରଫ ୫ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର ପରେ ଜାମିନ ନ ମିଳିବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁସାରେ, ମୁଖ୍ୟ ଅଭିଯୁକ୍ତ ନାବାଳକ ଜଣକ ଖୋଲା ଘର ଦେଖି ଭିତରକୁ ପଶିଯିବା ସହ ଲୋକଙ୍କୁ ବାହାରପଟୁ କବାଟ ଦେଇ ଅନ୍ୟ କୋଠରିରୁ ଚୋରି କରିଥାନ୍ତି। ଘଟଣାକ୍ରମରେ ନାବାଳକ ଜଣକ ସେପ୍ଟେମ୍ବର ୧୧ ଅପରାହ୍ଣ ୪ଟାରେ ଭରତପୁର କୋଳଥିଆ ଅଞ୍ଚଳରେ ପରିବାର ସହ ରହୁଥିବା ଚିନ୍ମୟ କୁମାର ଦଳାଇଙ୍କ ଘରେ ପଶିଥିଲେ। ଚିନ୍ମୟଙ୍କ ସ୍ତ୍ରୀ ଓ ଝିଅ ଗୋଟିଏ ରୁମ୍‌ରେ ଥିବା ବେଳେ ନାବାଳକ ଜଣକ ପ୍ରଥମେ ସେମାନଙ୍କୁ ବାହାରପଟୁ କବାଟ ବନ୍ଦ କରିଦେଇଥିଲେ। ପରେ ଚିନ୍ମୟଙ୍କ ବାପା ରହୁଥିବା ଘରର କବାଟ ବନ୍ଦ କରି ତୃତୀୟ ଘରୁ ସୁନା ଅଳଙ୍କାର, ୭୦ ହଜାର ଟଙ୍କା ଚୋରି କରି ନେଇଥିଲେ। ଏନେଇ ଘର ମାଲିକ ଚିନ୍ମୟ କୁମାର ଦଳାଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଚଳାଇ ଅଭିଯୁକ୍ତଙ୍କୁ ଧରିଥିଲା।



ଗିରଫ ହୋଇଥିବା ୩ ମହିଳାଙ୍କ ସହ ୫ ଅଭିଯୁକ୍ତ।

# ଆପାର୍ଟମେଣ୍ଟରୁ ୫୦ ଭରି ସୁନା ଗହଣା ଚୋରି

ବାରଙ୍ଗ,୧୪।୯(ଲିଙ୍ଗରାଜ ରାଉତ)

ଗୋଟିଏ ମାସରେ ୨ ଚୋରି



ଘଙ୍ଗାପାଟଣା ନିକଟ ଆକ୍ରୋପଲିସ ଆପାର୍ଟମେଣ୍ଟରୁ ୫୦ ଭରି ସୁନା ଗହଣା ସହ ୪୦ରୁ ଊର୍ଦ୍ଧ୍ୱ ରୁପା କଏନ ଓ ନଗଦ ୧୦ ହଜାର ଟଙ୍କା ଚୋରି ହୋଇଥିବା ଚନ୍ଦକା ଥାନାରେ ଅଭିଯୋଗ ହୋଇଛି। ଗୋଟିଏ ମାସରେ ଏହି ଅଞ୍ଚଳର ୨ଟି ଫ୍ଲାଟରୁ ଘରେ କେହି ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଆପାର୍ଟମେଣ୍ଟ ଦୁର୍ବୃତ୍ତଙ୍କ ଟାର୍ଗେଟରେ ରହୁଥିବାରୁ ଆପାର୍ଟମେଣ୍ଟ ଅନ୍ତେବାସୀଙ୍କ ପାଇଁ ଚିନ୍ତା ବଢ଼ିଯାଇଛି। ଏନେଇ ପୋଲିସ ୩୦୯/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ମେଟ୍ରୋଲଜିକାଲ ଲାବ୍ରୋଟୋରୀର ଚିଫ୍ ସାଇଣ୍ଟିଷ୍ଟ ନାରାୟଣ ପରିଡ଼ା ଅବସର ପରେ ଚନ୍ଦକା ଥାନା ଅଧୀନ ଗୋଠପାଟଣା ଆକ୍ରୋପଲିସ ଆପାର୍ଟମେଣ୍ଟର ର-୫୦୬ ଫ୍ଲାଟ କିଣି ରହୁଥିଲେ। ସେ ଗତ ଜୁଲାଇରେ ୟୁରୋପରେ ରହୁଥିବା ପୁଅ ପାଖକୁ ଯାଇଥିଲେ। ଗତ ୧୧ ତାରିଖ ରାତିରେ ତାଙ୍କ ଘରୁ ଚୋରି ହୋଇଥିବାବେଳେ ଏନେଇ ୧୨ରେ କେୟାର ଟେକରଠାରୁ ସେ ଖବର ପାଇଥିଲେ। ୟୁରୋପରୁ ଶନିବାର ସକାଳେ ଭୁବନେଶ୍ୱରରେ ପହଞ୍ଚିଥିଲେ। ଘରକୁ ଫେରି ଦେଖିବାବେଳକୁ ଘରର ମୁଖ୍ୟ କବାଟ ଭାଙ୍ଗିଥିବା ସହ ଆଲମିରା ଭାଙ୍ଗି ସେଥିରେ ଥିବା ସୁନା, ରୁପା ଅଳଙ୍କାର, ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଆପାର୍ଟମେଣ୍ଟରେ ସିସିଟିଭି ଲାଗିଥିଲେ ସୁଦ୍ଧା ତାହା କାମ କରୁ ନ ଥିବା ପରିଡ଼ା କରିଛନ୍ତି।

## ମୋବାଇଲ ରଖିବା, କଏଦୀଙ୍କୁ ନିର୍ଯାତନା ମହଙ୍ଗା ପଡ଼ିଲା

# ଜେଲ୍‌ର ଦୁଇ କର୍ମଚାରୀ ନିଲମ୍ବିତ

କରଞ୍ଜିଆ, ୧୪।୯(କବିତା ମହାନ୍ତ)- ମୟୂରଭଞ୍ଜ ଜିଲା କରଞ୍ଜିଆ ଉପ କାରାଗାର ମଧ୍ୟରେ ନିଜ ପାଖରେ ମୋବାଇଲ ଫୋନ ରଖିବା ଓ କଏଦୀମାନଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ଜେଲ୍‌ର ଦୁଇ କର୍ମଚାରୀ ନିଲମ୍ବିତ ହୋଇଛନ୍ତି। ପୂର୍ବରୁ ଏ ସମ୍ପର୍କରେ ଅନ୍ତେବାସୀମାନେ ଅଭିଯୋଗ କରିଥିଲେ। ଏହାର ତଦନ୍ତ ପରେ ଜେଲ ଆଇଜି ଏ.ଏମ୍. ପ୍ରସାଦଙ୍କ ନିର୍ଦ୍ଦେଶରେ ୨ କର୍ମଚାରୀ କୃଷ୍ଣଚନ୍ଦ୍ର ମହାନ୍ତ ଓ ସ୍ୱାଗତ ରଥଙ୍କୁ ନିଲମ୍ବନ କରାଯାଇଥିବା ଜିଲା କାରାଗାର ଅଧୀକ୍ଷକ ସୁଜିତ କୁମାର ରାଉଳ ସୂଚନା ଦେଇଛନ୍ତି। ପୂର୍ବରୁ ମଧ୍ୟ ଜଣେ କଏଦୀ ଫେରାର ଘଟଣାରେ ୱାର୍ଡର ନିଲମ୍ବନ ହୋଇଥିଲେ।

## ମହିଳା ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା

# ୨ ଅଭିଯୁକ୍ତ ଗିରଫ, ୪୨ହଜାର ସହ ବାଇକ୍, ମାରଣାସ୍ତ୍ର ଜବତ

ବାଲେଶ୍ୱର, ୧୪।୯(ବାଞ୍ଛାନିଧି ଦେ)- ବାଲେଶ୍ୱର ଟାଉନ୍ ଥାନା ପୋଲିସ ଜଣେ ମହିଳା ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣାରେ ୨ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲୁବଜାର ଅଞ୍ଚଳର ଡିଜେ ସନୁ ଓ ଓଲନ୍ଦା ସାରଗାଁ ଅଞ୍ଚଳର ଗେଣ୍ଟୁ। ଅଭିଯୁକ୍ତଙ୍କଠାରୁ ୪୨ହଜାର ଟଙ୍କା ସହ ବାଇକ୍ ଓ ବ୍ୟବହୃତ ମାରଣାସ୍ତ୍ର ଜବତ ହୋଇଛି। ଗତ ୧୦ ତାରିଖରେ ମହିଳା ଫାଇନାନ୍ସ କର୍ମଚାରୀ ଜଣକ ସ୍କୁଟି ଯୋଗେ ପୁରୁଣାବାଲେଶ୍ୱର ଓ କସବା ସ୍କୁଲ ଅଞ୍ଚଳରୁ ଟଙ୍କା ଆଦାୟ କରି ଫେରୁଥିଲେ। ବାଇକ୍‌ରେ ୩ଜଣ ଦୁର୍ବୃତ୍ତ କସବା ସ୍କୁଲ ନିକଟରେ ପହଞ୍ଚି ମହିଳାଙ୍କୁ ଅଟକାଇ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ମହିଳାଙ୍କଠାରେ ଥିବା ୧ଲକ୍ଷ ୨୪ହଜାର ୨୦ଟଙ୍କା ଓ ବ୍ୟାଗ୍‌କୁ ଛଡ଼ାଇ ଚମ୍ପଟ ମାରିଥିଲେ। ଥାନାରେ ମାମଲା (୩୨୩/୨୦୨୪) ରୁଜୁ କରାଯାଇଥିଲା।

# ଶ୍ରୀକାକୁଲମ୍‌ରୁ ଆସି କଟକରେ ଲୁଟୁଥିଲେ



କଟକ,୧୪।୯ (କାର୍ତ୍ତିକ ସାହୁ)

■ଏଟିଏମ୍ କାର୍ଡ, ଟଙ୍କା ଜବତ

■ଆନ୍ତଃରାଜ୍ୟ ଲୁଟେରା ଗିରଫ

ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ କରିବା ଘଟଣାରେ ପୁରୀଘାଟ ପୋଲିସ ଜଣେ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ପଲାଶା ଥାନା ଅନ୍ତର୍ଗତ ସୁଧକୋଣ୍ଡା ଗ୍ରାମର ଜି. ରାଜା ରାଓ(୫୧)। ତାଙ୍କ ନିକଟରୁ ୯୮ଟି ଏଟିଏମ୍ କାର୍ଡ ଓ ୨୦,୦୦୦ ଟଙ୍କା ଜବତ କରାଯାଇଛି। ଏନେଇ ପୁରୀଘାଟ ଥାନାରେ ଏକ ମାମଲା(ନଂ. ୨୨୩/୨୪) ରୁଜୁ ହୋଇଛି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଶ୍ରୀକାକୁଲମ ସମେତ କଟକର ବିଭିନ୍ନ ଥାନାରେ ୫ଟି ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଛି।

ସୂଚନାନୁସାରେ, କଟକ ସଦର ଥାନା ଅନ୍ତର୍ଗତ ମୁକାମେଶ୍ୱର ଅଞ୍ଚଳର ଆଦିକନ୍ଦ ସାହୁ ବଜ୍ରକବାଟି ରୋଡ୍‌ସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଏଟିଏମ୍‌ରୁ ଟଙ୍କା ଉଠାଉଥିବାବେଳେ ଜଣେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ତାଙ୍କ ଏଟିଏମ୍ କାର୍ଡ ବଦଳ ହୋଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ରାଣୀହାଟସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ ଏଟିଏମ୍‌ରୁ ୪୦,୦୦୦ ଟଙ୍କା ଉଠାଇଥିବା ଆଦିକନ୍ଦ ଜାଣିବାକୁ ପାଇଥିଲେ। ଏନେଇ ସେ ଗତ ଅଗଷ୍ଟ ୨୮ରେ ପୁରୀଘାଟ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପଚରାଉଚରାବେଳେ ଅଭିଯୁକ୍ତ ଜଣଙ୍କ ଆନ୍ତଃରାଜ୍ୟ ଏଟିଏମ୍ ଲୁଟେରା ବୋଲି ପୋଲିସ ଜାଣିବାକୁ ପାଇଥିଲା। ଅଭିଯୁକ୍ତ ଲୁଟ୍ କରିବାର କୌଶଳ ପୋଲିସ ନିକଟରେ ଡେମୋ କରି ଦେଖାଇଛନ୍ତି।

# ମହିଳାଙ୍କୁ ଅସଦାଚରଣ, ଅଭିଯୁକ୍ତଙ୍କୁ ବର୍ଷେ ଜେଲ

କଟକ,୧୪।୯ (କାର୍ତ୍ତିକ ସାହୁ)

ଚୌଦ୍ୱାର ଥାନା ଅଞ୍ଚଳରେ ଜଣେ ବିବାହିତା ମହିଳାଙ୍କୁ ଅସଦାଚରଣ କରିବା ମାମଲାର ବିଚାରକରି କଟକ ଜେଏମ୍‌ଏଫ୍‌ସି କୋର୍ଟ ଅଭିଯୁକ୍ତଙ୍କୁ ୧ ବର୍ଷ ଜେଲଦଣ୍ଡ ଓ ୫୦୦ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୭ ଦିନ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଅଦାଲତ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ହେଲେ ଚୌଦ୍ୱାର ଥାନା ଅଧୀନ ଅମରାବତୀପୁର ଗ୍ରାମର ଗଗନ ବିହାରୀ ପ୍ରଧାନ(୫୮)।

ସୂଚନାନୁସାରେ, ୨୦୧୬ ମାର୍ଚ୍ଚ ୧୨ ତାରିଖ ଅପରାହ୍ଣ ପ୍ରାୟ ୨ଟାରେ ସମ୍ପୃକ୍ତା ମହିଳା ତାଙ୍କ ଘରଠାରୁ କିଛି ଦୂରକୁ ଯାଇଥିଲେ। ଏହି ସମୟରେ ଗଗନ ତାଙ୍କୁ ଅସଦାଚରଣ କରିଥିଲେ। ସେ ଏହାର ପ୍ରତିବାଦ କରିବାରୁ ଗଗନ ବଳାତ୍କାର ଉଦ୍ୟମ କରିଥିଲେ। ହେଲେ ମହିଳା ଜଣଙ୍କ କୌଶଳକ୍ରମେ ଖସି ପଳାଇଥିଲେ। ମହିଳାଙ୍କ ଏତଲାକ୍ରମେ ଚୌଦ୍ୱାର ଥାନାରେ ସେହି ମାସ ୧୪ରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ୨୦୧୬ ଏପ୍ରିଲ ୬ରେ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଥିଲା। କଟକ ଜେଏମ୍‌ଏଫ୍‌ସି କୋର୍ଟରେ ମାମଲାର ବିଚାର ହୋଇ ଶୁକ୍ରବାର ରାୟ ପ୍ରକାଶ ପାଇଛି।

# ଜାଲ୍ ଜାତି ପ୍ରମାଣପତ୍ର ଦେଇ ଚାକିରି

ଭବାନୀପାଟଣା,୧୪।୯(ଉତ୍ତମ କୁମାର ଦାଶ)

■ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଆର୍‌ଡିସି

■ତାଲିକାରେ ୯ ସରକାରୀ କର୍ମଚାରୀ

କଳାହାଣ୍ଡି ଜିଲାରେ ଜାଲ୍ ଜାତି ପ୍ରମାଣପତ୍ର ଦେଇ କେତେଜଣ ବ୍ୟକ୍ତି ଚାକିରି କରୁଥିବା ଅଭିଯୋଗ ହୋଇଆସୁଥିଲା। ସେହି ଅନୁଯାୟୀ ଏବେ ୯ ଜଣ ସରକାରୀ କର୍ମଚାରୀଙ୍କ ଜାତି ପ୍ରମାଣପତ୍ରର ତଦନ୍ତ ପାଇଁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆର୍‌ଡିସି) କଳାହାଣ୍ଡି ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନେ ହେଲେ ଧର୍ମଗଡ଼ ବନ ବିଭାଗ ରେଞ୍ଜ ଅଧିକାରୀ ଭବାନୀ ଶଙ୍କର କାଉର, ଜୟନ୍ତପୁର ଆଶ୍ରମ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଅସୀମା ଦୋରା, ପୌରକେଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଦୋରା, ଲାଞ୍ଜିଗଡ଼ର ଶିକ୍ଷକ ଧ୍ରୁବ ମାଝି, ଭବାନୀପାଟଣା ବ୍ଲକର ଜଣେ ଶିକ୍ଷକ ଧର୍ମପଦ ଭୋଇ, କର୍ଲାମୁଣ୍ଡାର ଅଙ୍ଗନୱାଡ଼ି କର୍ମୀ ଦୀପାଞ୍ଜଳି ଭୋଇ, ବୋର୍ଡା ଆର୍‌ଆଇ ଥିବୀର ଭୋଇ, ଲାଞ୍ଜିଗଡ଼ର ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ସଞ୍ଜୀବ ନାୟକ ଓ ଅବସରପ୍ରାପ୍ତ ଜିଲା ଶିକ୍ଷାଧିକାରୀ ପ୍ରେମାନିଧି ଦୋରା। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୬୭୨/ଓଏସ୍‌ଡବ୍ଲ୍ୟୁଏଏସ୍ ୦୦୬୪/ତା୨୦।୦୮।୨୦୨୪ରେ ଉପରୋକ୍ତ ୯ଜଣ ସରକାରୀ କର୍ମଚାରୀଙ୍କ ଜାତି ପ୍ରମାଣପତ୍ରର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ ଦ୍ୱାରା ଜାରି ଆଦର୍ଶ ନିୟମାବଳୀ ପତ୍ର ସଂଖ୍ୟା ୨୨୦୭୬/୧୨।୦୬।୨୦୦୯ ଅନୁଯାୟୀ ତଦନ୍ତ କରାଯିବାକୁ ଏହି ପତ୍ରରେ ପରାମର୍ଶ ଦିଆଯାଇଛି। ସେହି ଅନୁସାରେ ସେମାନଙ୍କ ବଂଶାବଳୀ, ଦେବଦେବୀ, ପୂଜା ରୀତିନୀତି, ଜନ୍ମ ପ୍ରମାଣପତ୍ର, ସ୍କୁଲ ଓ ରାଜସ୍ୱ ବିଭାଗର ପ୍ରମାଣପତ୍ର ଆଦି ଭିତ୍ତିରେ ଯାଞ୍ଚ କରିବାକୁ କୁହାଯାଇଛି। ଶୀଘ୍ର ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ଚିଠିରେ ଉଲ୍ଲେଖ ରହିଛି। କଳାହାଣ୍ଡି ଏସ୍‌ପି ଏହି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ପାଇବା ପରେ ଜାଲ୍ ଜାତି ପ୍ରମାଣପତ୍ର ଦେଇ ଚାକିରି କରୁଥିବା ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି ।

# ଧରାପଡ଼ିଲେ ୩ ଅଭିଯୁକ୍ତ

ଜୁନାଗଡ଼,୧୪।୯(ସୁନୀଲ କୁମାର ସିଂହ)

ଫାଇନାନ୍ସ କର୍ମଚାରୀଙ୍କଠାରୁ ଲୁଟ୍ ଘଟଣା

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅନ୍ତର୍ଗତ ଜାରିଙ୍ଗ ଓଭରବ୍ରିଜ ନିକଟରେ ଗତ ଜୁଲାଇ ୧୦ରେ ଆକ୍ସିସ ବ୍ୟାଙ୍କ ଫାଇନାନ୍ସ କର୍ମଚାରୀଙ୍କଠାରୁ ୧ଲକ୍ଷ ୮୬ ହଜାର ଟଙ୍କା ଲୁଟ୍ ହୋଇଥିଲା। ଏ ନେଇ ଫାଇନାନ୍ସ କର୍ମଚାରୀ ସୁଶାନ୍ତ ନାଏକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୮୧/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ୩ଜଣଙ୍କୁ ପୋଲିସ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ନଗଦ ୬୫ ହଜାର ଟଙ୍କା, ୩ ମୋବାଇଲ ଓ ଏକ ବାଇକ୍ ଜବତ ହୋଇଛି। ୩ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣ ଗୋଲାମୁଣ୍ଡା ଥାନା ଅଞ୍ଚଳର ହୋଇଥିବାବେଳେ ଅନ୍ୟଜଣେ ଏମ୍ ରାମପୁର ଥାନା ଅଞ୍ଚଳର। ଏହି ଘଟଣାରେ ଅନ୍ୟ ୨ ଜଣ ଅଭିଯୁକ୍ତ ଫେରାର ଥିବାବେଳେ ସେମାନଙ୍କୁ ଧରିବା ପାଇଁ ପ୍ରୟାସ ଜାରିରହିଥିବା ଜୁନାଗଡ ଆଇଆଇସି ଉଲ୍ଲାସ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଗୋଲାମୁଣ୍ଡା ଥାନାରେ ୨ଟି, ନର୍ଲାରେ ୨ଟି ଓ କେସିଙ୍ଗାରେ ଗୋଟିଏ ମାମଲା ରହିଛି। ସୂଚନା ଅନୁଯାୟୀ, ଗତ ଜୁଲାଇ ୧୦ରେ ଆକ୍ସିସ ବ୍ୟାଙ୍କ ଫାଇନାନ୍ସ କର୍ମଚାରୀ ସୁଶାନ୍ତ ଓ ତାଙ୍କର ଜଣେ ସହକର୍ମୀ ଜୁନାଗଡ ଥାନା ଅଞ୍ଚଳରୁ ୧ଲକ୍ଷ ୮୬ ହଜାର ଟଙ୍କା ସଂଗ୍ରହ କରି ଫେରୁଥିଲେ। ହେଲେ ଜାରିଙ୍ଗ ଓଭରବ୍ରିଜ ନିକଟରେ ଅଭିଯୁକ୍ତ ସେମାନଙ୍କଠାରୁ ଟଙ୍କା, ମୋବାଇଲ ଛଡାଇ ନେଇଥିଲେ।

# ଖେଳନା କିଣାକୁ ନେଇ ଯୁବକଙ୍କୁ ହତ୍ୟା

ଯୋଡ଼ା,୧୪।୯(ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ କାଳୀମାଟିଠାରେ ଗଣେଶ ପୂଜା ଉପଲକ୍ଷେ ପଡ଼ିଥିବା ମୀନା ବଜାରରେ ଖେଳନା କିଣାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ହତ୍ୟା ଅଭିଯୋଗ ହୋଇଛି। ମୃତକ ହେଲେ ଦବୁନା ଅଞ୍ଚଳର ବିଦେଶୀ ବାରିକ। ଏ ନେଇ ପରିବାର ଓ ସ୍ଥାନୀୟ ଗ୍ରାମ୍ୟ ବିକାଶ ସମିତି ପକ୍ଷରୁ ଲିଖିତ ଭାବେ ଅଭିଯୋଗ କରାଯାଇ ନିରପେକ୍ଷ ତଦନ୍ତ ଦାବି କରାଯାଇଛି। ସୂଚନା ଅନୁଯାୟୀ, ଦବୁନା ଅଞ୍ଚଳର ବିଦେଶୀ ବାରିକ, ବ୍ରଜ ବାରିକ ଓ ଦିପୁ ପ୍ରଧାନ ସେପ୍ଟେମ୍ବର ୧୨ରେ ମୀନାବଜାରକୁ ବୁଲିବାକୁ ଯାଇଥିଲେ। ରାତି ପ୍ରାୟ ୧ ଟା ୨୦ ରେ ଖେଳନା ଦୋକାନୀ ସହିତ ଖେଳନାର ମୂଲ୍ୟକୁ ନେଇ ଝଗଡ଼ା ହୋଇଥିଲା। ବିଦେଶୀ ବାରିକଙ୍କ ସହିତ ମାରପିଟ୍ ଘଟିଥିଲା। ପରେ ସମିତିର ସଦସ୍ୟମାନେ ବିଦେଶୀଙ୍କୁ ଯାତ୍ରା ପେଣ୍ଡାଲ ଭିତରକୁ ନେଇଯାଇଥିଲେ। ସେଠାରେ ବିଦେଶୀ ଶୋଇଯାଇଥିଲେ। ସକାଳେ ପରିବାର ଲୋକେ ଏକ ବୋଲେରୋରେ ତାଙ୍କୁ ଘରକୁ ନେଇଥିଲେ ହେଁ ତାଙ୍କର ଚେତା ନ ଫେରିବାରୁ ସ୍ଥାନୀୟ କାଳୀମାଟି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ପକ୍ଷରୁ ଏକ ହତ୍ୟା ଅଭିଯୋଗ କରାଯାଇ ଥିବା ଆଇଆଇସି ଦୀପ୍ତି ରଞ୍ଜନ ସାହୁ କହିଛନ୍ତି। ପୋଲିସ ଘଟଣାରେ ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ। ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ କହିଥିଲେ।

# ପୂର୍ବତନ ବରିଷ୍ଠ ବ୍ୟାଙ୍କ ସହଯୋଗୀ ପାରାଦୀପରୁ ଗିରଫ

ନାଉଗାଁ,୧୪।୯(ସୁଧା ବେହୁରା)

ଜମାକାରୀଙ୍କ ଟଙ୍କା ଜାଲିଆତି ଅଭିଯୋଗରେ ଫେରାର ଥିଲେ



ଜମାକାରୀଙ୍କ ଟଙ୍କା ଜାଲିଆତି ଅଭିଯୋଗରେ ଜଗତ୍‌ସିଂହପୁର ଜିଲା ନାଉଗାଁ ଥାନା ଅନ୍ତର୍ଗତ ଭାରତୀୟ ଷ୍ଟେଟ ବ୍ୟାଙ୍କର ପୂର୍ବତନ ବରିଷ୍ଠ ବ୍ୟାଙ୍କ ସହଯୋଗୀ ସନ୍ତୋଷ କୁମାର ମଲିକଙ୍କୁ ପାରାଦୀପରୁ ପୋଲିସ ଗିରଫ କରିଛି। ସେ ଦୀର୍ଘଦିନ ହେବ ଫେରାର ଥିଲେ। ସନ୍ତୋଷ ବ୍ୟାଙ୍କକୁ ଜମା କରିବା ପାଇଁ ଆସୁଥିବା ଜମାକାରୀଙ୍କ ଫିକ୍ସ ଡିପୋଜିଟ୍‌ରେ ଜାଲିଆତି କରିଥିବା ପୋଲିସ କହିଛି।

ସୂଚନାଯୋଗ୍ୟ, ପୂର୍ବତନ ବରିଷ୍ଠ ବ୍ୟାଙ୍କ ସହଯୋଗୀ ସନ୍ତୋଷ ମଲିକଙ୍କ ଘର ଉକ୍ତ ବ୍ଲକ ଗଜରାଜପୁର ପଞ୍ଚାୟତ ଅନ୍ତର୍ଗତ ଦେବୀଦୋଳ ସରିଆବରପାଟଣାରେ। ସେ ୧ ଅକ୍ଟୋବର ୨୦୧୫ରୁ ୩୦ଜୁନ ୨୦୧୮ ପର୍ଯ୍ୟନ୍ତ ନାଉଗାଁ ଶାଖାରେ ବ୍ୟାଙ୍କ ସହଯୋଗୀଭାବେ କାର୍ଯ୍ୟ କରୁଥିଲେ। ଉକ୍ତ ଶାଖାରେ ଜମାକାରୀ କୃଷ୍ଣଚନ୍ଦ୍ର ମହାନ୍ତି ୨୦୧୮ ଜାନୁଆରୀ ୩୧ ଓ ୨ ଫେବୃଆରୀରେ ୩ଟି ଫିକ୍ସଡ ଡିପୋଜିଟ୍ ବାବଦରେ ୪ ଲକ୍ଷ ୫୦ ହଜାର ଟଙ୍କା ଜମା କରିଥିଲେ। ୩୧ ମେ' ୨୦୧୯ରେ ଉକ୍ତ ଜମାରାଶି ବିଷୟରେ ବୁଝିବା ପାଇଁ ସେ ବ୍ୟାଙ୍କକୁ ଆସିଥିଲେ। କିନ୍ତୁ କୃଷ୍ଣଚନ୍ଦ୍ରଙ୍କ ନାମରେ କୌଣସି ଡିପୋଜିଟ୍ ନ ଥିବା ଜାଣିବାକୁ ପାଇଥିଲେ। ତାଙ୍କୁ ମିଳିଥିବା ଫିକ୍ସଡ ଡିପୋଜିଟ୍‌ରେ ଜାଲିଆତି ହୋଇଥିବା ଜଣାପଡ଼ିଥିଲା। ଏହି ଘଟଣାରେ ସନ୍ତୋଷଙ୍କ ସମ୍ପୃକ୍ତି ଥିବା କୃଷ୍ଣଚନ୍ଦ୍ର ଜାଣିବା ପରେ ଶାଖା ପରିଚାଳକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ବ୍ୟାଙ୍କର ତତ୍କାଳୀନ ଶାଖା ପରିଚାଳକ ନଗେନ୍ଦ୍ର କୁମାର ବାଲ୍ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ତତ୍କାଳୀନ ଥାନାଧିକାରୀ ଗୋବର୍ଦ୍ଧନ ସାହୁ ମାମଲା (ନଂ.୨୬/୨୦) ରୁଜୁ କରିଥିଲେ। ତଦନ୍ତକାରୀ ଅଫିସର ଭାବେ ବିବେକାନନ୍ଦ ସାହୁ ତଦନ୍ତ କରିବା ପରେ ଏହି ଶାଖାର କୋର ବ୍ୟାଙ୍କିଙ୍ଗ ସିଷ୍ଟମରେ ୫୧ ଜଣ ଜମାକାରୀଙ୍କ ୪୧ ଲକ୍ଷ ୯୫ ହଜାର ଓ ୧୯ ଜଣ ଜମାକାରୀଙ୍କ ନକଲି ଫିକ୍ସଡ ଡିପୋଜିଟ୍ ବାବଦରେ ୧୯ ଲକ୍ଷ ୩୦ ହଜାର ଏହିପରି ସମୁଦାୟ ୬୨ ଲକ୍ଷ ୨୫ ହଜାର ଟଙ୍କା ଜାଲିଆତି ହୋଇଥିବା ଜଣାପଡ଼ିଥିଲା। ଏହାପରଠୁ ସନ୍ତୋଷ ଫେରାର ଥିଲେ ବୋଲି ଥାନା ଅଧିକାରୀ ସଂଘମିତ୍ରା ନାୟକ ପ୍ରକାଶ କରିଛନ୍ତି। ଏହି ଚଢ଼ାଉ ସମୟରେ ଖବରପାଇ ଏଏସ୍‌ଆଇ ନୀଳମଣି ନାୟକ, କନଷ୍ଟେବଳ ଧୀରେନ ଜେନା, ଆରତି ଧର ପ୍ରମୁଖ ସାମିଲ ଥିଲେ।

# ବିଲ୍‌ଡରଙ୍କୁ ଡରାଇବା ପାଇଁ ବୋମାମାଡ଼, ଜମି ଦଲାଲଙ୍କ ସମେତ ୮ ଗିରଫ



ଗିରଫ ୮ ଅଭିଯୁକ୍ତ।

ଭୁବନେଶ୍ୱର,୧୪।୯(ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ନୟାପଲ୍ଲୀ ଓ ଇନ୍‌ଫୋଭ୍ୟାଲି ଥାନା ଅଞ୍ଚଳରେ କିଛି ଦିନ ତଳେ ଘଟିଥିବା ବୋମାମାଡ଼ ଘଟଣାର ମୁଖ୍ୟ ଅଭିଯୁକ୍ତ ଜମି ଦଲାଲଙ୍କ ସମେତ ୮ ଜଣଙ୍କୁ କମିଶନରେଟ ପୋଲିସ ଗିରଫ କରିଛି। ବିଲ୍‌ଡରଙ୍କୁ ଡରାଇବାକୁ ଉକ୍ତ ବୋମାମାଡ଼ ହୋଇଥିଲା ବୋଲି ପୋଲିସ ଜାଣିବାକୁ ପାଇଛି। ମୁଖ୍ୟ ଅଭିଯୁକ୍ତ ହେଲେ ଜମି ଦଲାଲ ଖଣ୍ଡଗିରି ଅଞ୍ଚଳରେ ରହୁଥିବା ପୁରୀ ଚନ୍ଦନପୁରର ବସନ୍ତ ମହାପାତ୍ର। ବସନ୍ତଙ୍କ କଥାରେ ବୋମାମାଡ଼ କରିଥିବା ଅଭିଯୁକ୍ତ ହେଲେ ଚନ୍ଦନପୁର ଥାନା ଅଞ୍ଚଳର ଅକ୍ଷୟ କୁମାର ରାଉତ, ଦୀପକ ରାଉତ, ପୁରୀ ସଦରର ଅକ୍ଷୟ କୁମାର ନାୟକ ଓ ଦୀପକ ପ୍ରଧାନ, ସାକ୍ଷୀ ଗୋପାଳର ପିନାକୀ ପ୍ରସାଦ ଜେନା, ସତ୍ୟବାଦୀର ଚିକୁ ଛଟୋଇ ଓ ଅନ୍ୟଜଣେ ହେଲେ ବୋମା ଯୋଗାଇଥିବା ଶଙ୍କର ମଲ୍ଲିକ। ସେମାନଙ୍କଠାରୁ ୪ ଟି ଅଫୁଟା ସୁତୁଲି ବୋମା, ବିସ୍ଫୋରକ ପଦାର୍ଥ, ୩ଟି ମୋଟରସାଇକେଲ ଏବଂ ୫ ମୋବାଇଲ ଜବତ ହୋଇଛି। ବିବାଦୀୟ ଜମି କାରବାରକୁ କେନ୍ଦ୍ରକରି ୨ ବିଲ୍‌ଡରଙ୍କୁ ବସନ୍ତ ନିଜ ଅଞ୍ଚଳର ଯୁବକଙ୍କ ମାଧ୍ୟମରେ ବୋମାମାଡ଼ କରିଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ଖବରଦାତା ସମ୍ମିଳନୀରେ କହିଛନ୍ତି। ସେହିପରି ଅକ୍ଷୟ, ଦୀପକ ରାଉତ,ଦୀପକ ପ୍ରଧାନ, ପିନାକୀ ଓ ଶଙ୍କର ମଲ୍ଲିକଙ୍କ ନାମରେ ପୂର୍ବରୁ ପୁରୀର ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଛି ।

ସୂଚନାନୁସାରେ ଗତ ୮ ତାରିଖ ରାତି ସାଢେ ୧୧ ଟା ସମୟରେ ନୟାପଲ୍ଲୀ ଥାନା କେଶରୀ ଏନକ୍ଲେଭ୍ ଆପାର୍ଟମେଣ୍ଟର କମ୍ୟୁନିଟି ହଲରେ ବିଲ୍‌ଡର ବିଶିକେଶନ ପ୍ରଧାନ ବସିଥିବାବେଳେ କେତେଜଣ ଦୁର୍ବୃତ୍ତ ବାଇକରେ ଆସି ୨ ଟି ବୋମା ମାଡ କରି ଫେରାର ହୋଇଯାଇଥିଲେ। ଏନେଇ ବିଶିକେଶନ ଥାନାରେ ଅଭିଯୋଗ କରିଥିଲେ। ସେହିପରି ପୁରୁଣା ଭୁବନେଶ୍ୱରର ପ୍ରିୟଦର୍ଶନ ଗରାବଡୁ ଇନ୍‌ଫୋଭ୍ୟାଲି ଥାନା ଯାଁଳା କାଞ୍ଚନ ପ୍ଲାଜା ପାଖରେ ଥିବାବେଳେ ୨ ଜଣ ଦୁର୍ବୃତ୍ତ ବୋମା ମାଡ଼ କରି ବାଇକ୍‌ରେ ଫେରାର ହୋଇଯାଇଥିଲେ। ତେବେ ବୋମାମାଡ଼ ବେଳେ ପ୍ରିୟଦର୍ଶନ ନ ଥିବାରୁ ବର୍ତ୍ତି ଯାଇଥିଲେ। ଜମି ବିବାଦକୁ ନେଇ ଏହି ବୋମାମାଡ ହୋଇଥିବା ସନ୍ଦେହ ରି ସେ ଥାନାରେ ଅଭିଯୋଗ କରିଥିଲେ।



**ବିଭିନ୍ନ ଜରୁରୀ ଡକ୍ୟୁମେଣ୍ଟରେ ହସ୍ତାକ୍ଷର ବା ସିଗ୍ନେଚର ଆବଶ୍ୟକ ହେଲେ ଅନେକଙ୍କୁ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯିବାକୁ ପଡ଼େ। କେବେକେବେ ଠିକ୍ ସମୟରେ ପହଞ୍ଚି ନ ପାରିବା କାରଣରୁ କାର୍ଯ୍ୟ ସମ୍ପନ୍ନ ମଧ୍ୟ ହୋଇପାରେ ନାହିଁ। ହେଲେ ବର୍ତ୍ତମାନ ଡିଜିଟାଲ୍ ଯୁଗରେ ଇ-ସିଗ୍ନେଚର ବା ଡିଜିଟାଲ୍ ସିଗ୍ନେଚର ସାର୍ଟିଫିକେଟ୍ (ଡିଏସ୍‌ସି) ଦ୍ୱାରା ଉଭୟ ସମୟ ଏବଂ ଟଙ୍କା ବଞ୍ଚାଇ ହେବା ସହ ଠିକ୍ ସମୟରେ ସବୁ କାମ ସହଜରେ ହୋଇପାରୁଛି....**

# ଇ-ସିଗ୍ନେଚର

ସମୟ ସହିତ ଟେକ୍ନୋଲୋଜିରେ ମଧ୍ୟ ଅନେକ ବିକାଶ ଘଟୁଛି। କିଛି ବର୍ଷ ପୂର୍ବରୁ ଆମେ ଯେଉଁ କାର୍ଯ୍ୟ କଳ୍ପନା ମଧ୍ୟ କରି ନ ଥିଲେ ତାହା ଏବେ ଖୁବ୍ ସହଜରେ ହୋଇପାରୁଛି। ଦିନଥିଲା କୌଣସି ଜରୁରୀ କାର୍ଯ୍ୟ ଯେମିତିକି ଜବ୍ ଆପ୍ଲିକେଶନ୍ ହେଉ ଅବା କୌଣସି ଫର୍ମ ଆବେଦନ ପାଇଁ ଏଣେ ତେଣେ ଖୋଜି ଫର୍ମ କିଣିବା, ତାକୁ ଫିଲ୍‌ଅପ୍ କରି ପୁଣିଯାଇ ଡିପୋଜିଟ୍ କରିବା ଆଦି ଏକ କଷ୍ଟକର ବ୍ୟାପାର ଥିଲା। ଏମିତିକି ଲେଖିବା ବେଳେ ସାମାନ୍ୟ ଭୁଲ ଯୋଗୁ ସମ୍ପୂର୍ଣ୍ଣ ଫର୍ମ ନଷ୍ଟ ମଧ୍ୟ ହେଉଥିଲା। ହେଲେ ବର୍ତ୍ତମାନ ବ୍ୟାଙ୍କ କାମ ହେଉ ଅବା ଭୋଟର ଆଇଡି, ଆଧାର କାର୍ଡ, ପାନ୍ କାର୍ଡ, ପାସ୍‌ପୋର୍ଟ, ଡ୍ରାଇଭିଂ ଲାଇସେନ୍ସ, ପରୀକ୍ଷା ଏବଂ ଜବ୍ ଆପ୍ଲିକେଶନ୍ ଆଦିର ଫର୍ମ ଭରିବା ପାଇଁ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ୍ ଏକ ଭଲ ବିକଳ୍ପ। ଏଥିରେ ଇ-ସାଇନ୍ ବ୍ୟବସ୍ଥା ଥିବାରୁ ସଭିଙ୍କ ଲାଗି ଘରେ ବସି ଏହି ସବୁ ଜରୁରୀ କାର୍ଯ୍ୟ କରିବା ଲାଗି ଏହା ସୁବିଧା ଉପାୟ ପାଲଟିଛି। ଯେଉଁଥିରେ ଉଭୟ ସମୟ ଏବଂ ଟଙ୍କା କମ୍ ଖର୍ଚ୍ଚ ହେଉଛି।

**ଇ-ସାଇନ୍ କ'ଣ:** ଇଲେକ୍ଟ୍ରୋନିକ୍ ସିଗ୍ନେଚର ବା ଇ-ସାଇନ୍ ଏକ ପ୍ରୋସେସ୍‌ଡ ଡାଟା। ଯାହାକି ଇଲେକ୍ଟ୍ରୋନିକ ଡକ୍ୟୁମେଣ୍ଟରେ ସିଗ୍ନେଚର କରିଥିବା ବ୍ୟକ୍ତିଙ୍କ ସିଗ୍ନେଚର ଭେରିଫାଏ କରି ତାଙ୍କ ପରିଚୟ ଠିକ୍ ବା ନୁହେଁ ଦର୍ଶାଇଥାଏ। ତେବେ ଇ-ସାଇନ୍ ଟେକ୍ନୋଲୋଜି ସିଗ୍ନେଚର ଭେରିଫାଏ କରିବା ଲାଗି ଫିଙ୍ଗରପ୍ରିଣ୍ଟ, ଆଇରିସ୍ ସ୍କାନ୍, ପାସ୍‌ୱାର୍ଡ କିମ୍ବା ଅଥେଣ୍ଟିକେଶନ୍ ନମ୍ବର ଭଳି ବିଭିନ୍ନ ଉପାୟ ବ୍ୟବହାର କରିଥାଏ।

**କେଉଁଠି ହୁଏ ବ୍ୟବହାର:** ଏହି ଡିଜିଟାଲ୍ ସିଗ୍ନେଚର ମୁଖ୍ୟତଃ ଅନ୍‌ଲାଇନ୍ ଫର୍ମ ଫିଲପ୍, ଡକ୍ୟୁମେଣ୍ଟ ରାଇଟିଂ, କମ୍ପାନୀ ରେଜିଷ୍ଟ୍ରେଶନ୍, ଅନ୍‌ଲାଇନ୍ ଇନ୍‌କମ୍ ଟ୍ୟାକ୍ସ ରିଟର୍ନ ଫିଲିଂ, ଇପିଏଫ୍‌ଓ ଅନ୍‌ଲାଇନ୍ ରେଜିଷ୍ଟ୍ରେଶନ୍ ଭଳି ବିଭିନ୍ନ କ୍ଷେତ୍ରରେ ହୋଇଥାଏ।

**ସ୍ମାର୍ଟ ଫୋନ୍‌ରେ ଇ-ସାଇନ୍:** ବର୍ତ୍ତମାନ ଅନ୍‌ଲାଇନ୍‌ରେ ଅଧିକାଂଶ କାମ ଘରେ ବସି କରିହେଉଛି, ଯେଉଁଥିରୁ ବାଦ୍‌ପଡ଼ିନି ସିଗ୍ନେଚର। ଏବେ ଆଉ କାଗଜ କଲମ ନୁହେଁ, କମ୍ପ୍ୟୁଟର, ଲାପଟପ୍, ମୋବାଇଲ୍ ଆଦିରେ ଖୁବ୍ ସହଜରେ ଡିଜିଟାଲ୍ ସିଗ୍ନେଚର କରାଯାଇ ପାରୁଛି।

**କିପରି କରିବେ:** ଏହି ଡିଜିଟାଲ୍ ସିଗ୍ନେଚର ପ୍ରସ୍ତୁତ କରିବା ଲାଗି ଗୁଗୁଲ୍ ପ୍ଲେ-ଷ୍ଟୋର୍‌ରୁ ଏକ ଇ-ସାଇନ୍ ଆପ୍ ଡାଉନ୍‌ଲୋଡ୍ କରିବାକୁ ପଡ଼ିଥାଏ। ଏହି ଆପ୍‌କୁ ଇନ୍‌ଷ୍ଟଲ୍ କରିବା ପରେ ସେଥିରେ ନିଜର ଏକ ଆକାଉଣ୍ଟ ଖୋଲିବାକୁ ହୋଇଥାଏ। ଏଥିପାଇଁ ରେଜିଷ୍ଟର୍ଡ ଇମେଲ୍ ଆଇଡି ଏବଂ ମୋବାଇଲ୍ ନମ୍ବର ଆବଶ୍ୟକ। ଆକାଉଣ୍ଟ ଖୋଲିବା ପରେ ଆପଣ ଯେଉଁ ଡକ୍ୟୁମେଣ୍ଟରେ ଇ- ସିଗ୍ନେଚର୍ କରିବାକୁ ଚାହୁଁଛନ୍ତି, ତାହାକୁ ଖୋଲି ସିଗ୍ନେଚର କରନ୍ତୁ। ଏହା ସେଟ୍ ହୋଇଗଲେ ସେଭ୍ କରନ୍ତୁ। ବର୍ତ୍ତମାନ ଅବଶ୍ୟକତା ଅନୁଯାୟୀ ଡକ୍ୟୁମେଣ୍ଟ ପଠାଇପାରିବେ କିମ୍ବା ଡାଉନ୍‌ଲୋଡ୍ କରି ରଖିପାରିବେ।





**କେତେକ ଲୋକପ୍ରିୟ ଇ-ସାଇନ୍ ଆପ୍:**
- ଆଡୋବ୍ ଆକ୍ରୋବାଟ୍ ରିଡର
- ଗୁଗୁଲ୍ ଡକ୍‌ସ୍
- ଡକ୍ୟୁସାଇନ୍
- ସାଇନ୍ ଇଜି

ଏହି ସବୁ ଆପ୍ ବ୍ୟବହାର କରି ଆପଣ ନିଜ ସ୍ମାର୍ଟଫୋନ୍‌ରେ ଯେକୌଣସି ପିଡିଏଫ୍ କିମ୍ବା ଡକ୍ୟୁମେଣ୍ଟରେ ଇ-ସାଇନ୍ କରିପାରିବେ। ଏହା ସମ୍ପୂର୍ଣ୍ଣ ଦେୟମୁକ୍ତ।

**ରହିଛି ଅନେକ ଫାଇଦା:**
- ଏହାଦ୍ୱାରା ଏଣେ ତେଣେ ଯିବାର ସମୟ ଏବଂ ଖର୍ଚ୍ଚ ଉଭୟ କମ୍ ହୋଇଥାଏ।
- ଏହା ଡକ୍ୟୁମେଣ୍ଟଗୁଡ଼ିକୁ ସୁରକ୍ଷିତ ରଖିବାରେ ଅନେକ ସାହାଯ୍ୟ କରିଥାଏ। ଏଥିରେ ପେପର୍ ଡକ୍ୟୁମେଣ୍ଟ ଭଳି କେବେ ହଜିଯିବା, ଠିକ୍ ସମୟରେ ପହଞ୍ଚିବାରେ ବିଳମ୍ବ ହେବା କିମ୍ବା ଚୋରୀ ହେବା ଆଶଙ୍କା ବହୁମାତ୍ରାରେ କମିଯାଏ।
- ଏହି ଡକ୍ୟୁମେଣ୍ଟରେ ଯେକୌଣସି ସମୟରେ ଯେଉଁଠାରେ ଥିଲେ ବି ଆବଶ୍ୟକ ସମୟରେ ସାଇନ୍ କରିବା ସହଜ।

## ଏ ସପ୍ତାହର ପ୍ରଶ୍ନ

୧- ଅଗ୍ନି-୪ ମିଜାଇଲ୍ ନିକଟରେ ............. ପକ୍ଷରୁ ନିର୍ମାଣ କରାଯାଇଛି ?
୨- ପ୍ରଥମ ଇଣ୍ଟରନ୍ୟାଶନାଲ୍ ସୋଲାର ଫେଷ୍ଟିଭାଲ ............ ଠାରେ ଆୟୋଜିତ ହୋଇଯାଇଛି ?
୩- ନିକଟରେ ପ୍ରଧାନମନ୍ତ୍ରୀ ଜଲ୍ ସଞ୍ଚୟ ଜନ୍ ଭାଗୀଦାରି ......... ଠାରେ ଶୁଭାରମ୍ଭ କରିଛନ୍ତି ?
୪- ବେଷ୍ଟ ଏଗ୍ରିକଲ୍‌ଚର ଷ୍ଟେଟ୍ ଆୱାର୍ଡ-୨୦୨୪ ......... ରାଜ୍ୟକୁ ମିଳିଛି ?
୫- ଜୁଡିଥ୍ ସୁମିତ୍ରା ତୁଲୁକା .......... ଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ?

## ଗତ ଥରର ଉତ୍ତର

୧ ଅଗଷ୍ଟ ୨୯
୨ ମୁମ୍ବାଇ
୩ ଗୁଜୁରାଟର ଗାନ୍ଧୀନଗର
୪ ଇବନ୍-ଇ-ବତୁତା
୫ ବୈଶାଳୀ

## ଉତ୍ତରଦାତା



ଦିବ୍ୟଜ୍ୟୋତି ସାହୁ, ଭୁବନେଶ୍ୱର



ଜୀବନ ମୁଦୁଲି, ନୟାଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

### ଯୁବ ପ୍ରତିଭା

# ଫଟୋଗ୍ରାଫି ଦେଇଛି ସ୍ୱତନ୍ତ୍ର ପରିଚୟ

ପୃଥିବୀର ୩୭ଟି ଦେଶର ୧୬୦ରୁ ଊର୍ଦ୍ଧ୍ୱ ସ୍ଥାନ ବୁଲି ଫଟୋ ଉଠାଇଛନ୍ତି ସେ। ୧୧ ବର୍ଷର ଅଭିଜ୍ଞତା ମଧ୍ୟରେ ସେ ପ୍ରିୟଙ୍କା ଚୋପ୍ରା, ରିହାନା, ରାଜକୁମାର ରାଓ, ନୟନତାରାଙ୍କ ଭଳି ଭାରତର ବିଭିନ୍ନ ଫିଲ୍ମ ସେଲିବ୍ରିଟିଙ୍କ ଠାରୁ ଆରମ୍ଭ କରି ଅନନ୍ତ ଅମ୍ବାନୀ, ବିଭିନ୍ନ କ୍ରୀଡ଼ାବିତ୍‌ଙ୍କ ବିବାହ ଉତ୍ସବରେ ଫଟୋ ଶୁଟ୍ କରି ଅନେକ ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ସେ ହେଉଛନ୍ତି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବଣା ଅଞ୍ଚଳର ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଓ କମଳିନୀଙ୍କ ବଡ଼ ପୁଅ ରାଜକମଲ।

ବାପା ପ୍ରତିରକ୍ଷା ବାହିନୀରେ କାର୍ଯ୍ୟରତ ଥିବା ଯୋଗୁଁ ରାଜକମଲଙ୍କ ପାଠପଢ଼ା ପ୍ରଥମରୁ ଯୁକ୍ତ ଦୁଇ ପର୍ଯ୍ୟନ୍ତ କେନ୍ଦ୍ରୀୟ ବିଦ୍ୟାଳୟରେ ହୋଇଥିଲା। ପରେ ସେ ସିକନ୍ଦରାବାଦସ୍ଥିତ ଲୟାଲ ଏକାଡେମୀରୁ ଗ୍ରାଜୁଏଶନ୍ ସମାପ୍ତ କରି କୋଲକାତାରେ ଏମ୍‌ବିଏ ପାଠ ପଢ଼ିଥିଲେ। ୨୦୦୭ରୁ ୨୦୦୯ ମସିହା ପର୍ଯ୍ୟନ୍ତ ହାଇଦ୍ରାବାଦର ଏକ ମଲ୍ଟି ନ୍ୟାଶନାଲ୍ କମ୍ପାନୀ (ଏମ୍‌ଏନ୍‌ସି)ରେ ଚାକିରି କରିଥିଲେ। ପାଠ ପଢ଼ିବା ସମୟରୁ ଫଟୋଗ୍ରାଫି ପ୍ରତି ଏକ ଭିନ୍ନ ଆକର୍ଷଣ ରହିଥିବାରୁ ଯେତେ ଭଲ ଜବ୍ ହେଉନା କାହିଁକି ସେ କୌଣସିରେ ସନ୍ତୁଷ୍ଟ ହୋଇ ନ ପାରି ଚାକିରି ଛାଡୁଥିଲେ। ଏମିତିକି ଏମ୍‌ବିଏ ପଢୁଥିବା ବେଳେ ସେ ନିକନ କମ୍ପାନୀ ୫ଡି କ୍ୟାମେରା କିଣି ଫଟୋ ଉଠାଉଥିଲେ। ୨୦୧୦ରେ ହାଇଦ୍ରାବାଦରେ ଅନୁଷ୍ଠିତ ଜିଭିକେ-୧ ଫ୍ୟାଶନ-ଶୋରେ ଫଟୋ ଉଠାଇ ସେ ୮ ହଜାର ଟଙ୍କା ପୁରସ୍କାର ପାଇଥିଲେ। ଧୀରେ ଧୀରେ ଏହି ନିଶା ତାଙ୍କୁ ସଫଳତାର ମାର୍ଗ ଦେଖାଇଲା। ପରେ ଅଧିକ ଅଭିଜ୍ଞତା ହାସଲ ପାଇଁ ସେ ବାଙ୍ଗାଲୋରସ୍ଥିତ ଏନ୍‌ଆଇସିସିରେ ୧୮ମାସ ପାଠ ପଢ଼ିଥିଲେ। ୨୦୧୩ରେ ବମ୍ବେର 'ଷ୍ଟୋରିଜ୍ ବାଏ ଯୋଶେଫ ରାଧିକ' ନାମକ ଏକ ଅନ୍ତର୍ଜାତୀୟ ଫଟୋ ସଂସ୍ଥାରେ ଯୋଗଦେଲେ। ଏହି ସଂସ୍ଥାରେ କାମ କରିବା ସହିତ ବିଭିନ୍ନ ଦେଶ ବୁଲି ମଧ୍ୟ ଫଟୋ ଉଠାଇଲେ। ଦେଶର ବିଭିନ୍ନ ସହରର ରାସ୍ତା ପାର୍ଶ୍ୱରେ ଏସିଆନ୍ ପେଣ୍ଟ୍‌ସ, ମସାବା ବ୍ରାଣ୍ଡ ଲୁଗା କମ୍ପାନୀ ପରି ବିଭିନ୍ନ ନାମୀଦାମୀ କମ୍ପାନୀର ବିଜ୍ଞାପନ ଫଟୋ ରାଜକମଲ ମଧ୍ୟ ଉଠାଇଛନ୍ତି। ବିଭିନ୍ନ କର୍ପୋରେଟ୍ ହାଉସ୍ ବିଜ୍ଞାପନ ସହିତ ସେଲିବ୍ରିଟିଙ୍କ ବିବାହ ଫଟୋ ସେ ଶୁଟ୍ କରିଥାଆନ୍ତି। ବିଦେଶରେ ଫଟୋ ଉଠାଇବା ସମ୍ପର୍କରେ ରାଜକମଲ କହନ୍ତି, ବିଦେଶରେ ଅନେକ ନାମୀଦାମୀ ଫଟୋଗ୍ରାଫର ଅଛନ୍ତି, ତେବେ ଆମ ଫଟୋର ମାନ ସେହିପରି ଭଲ ରଖୁଥିବାରୁ ସେମାନେ ଆମ ଫଟୋକୁ ପସନ୍ଦ କରୁଛନ୍ତି। ତେଣୁ ଫଟୋଗ୍ରାଫି ମୋତେ ଆତ୍ମସନ୍ତୋଷ ଦେଇଛି ଏବଂ ଯଥେଷ୍ଟ ଆୟ କରିବାର ସୁଯୋଗ ବି ଦେଇଛି। ନିଜର ଛବି ଦେଖିବା ପାଇଁ ସମସ୍ତେ ଭଲପାଆନ୍ତି। ତେଣୁ ଫଟୋର ଚାହିଦା ପୂର୍ବରୁ ଥିଲା, ଏବେ ରହିଛି, ଆଗକୁ ମଧ୍ୟ ରହିବ। ପ୍ରତ୍ୟେକ ବିଷୟବସ୍ତୁର ଫଟୋ ଉଠାଇବା ଲାଗି ବିଭିନ୍ନ ଆଙ୍ଗେଲ୍ ରହିଛି। ମୋ ମତରେ ଏହି କଳାକୁ ଯିଏ ଭଲ ଭାବେ ବୁଝିପାରିଛି, ସେ ଏ କ୍ଷେତ୍ରରେ ସଫଳ ହୋଇପାରିବେ। ପରିବେଶ ଓ ପ୍ରକୃତିକୁ ଭଲ ପାଉଥିବା ବ୍ୟକ୍ତି ହିଁ ଜଣେ ଫଟୋଗ୍ରାଫର ହୋଇପାରିବେ। ତେବେ ଯୁବପିଢ଼ି ଫଟୋଗ୍ରାଫିକୁ କ୍ୟାରିଅର କରିପାରିଲେ ଉଭୟ ନାମ ଓ ଭଲ ଆୟ କରିପାରିବେ ବୋଲି ମତବ୍ୟକ୍ତ କରିଛନ୍ତି ରାଜକମଲ।



**- ସନ୍ତୋଷ କୁମାର ନାୟକ**

### ୟୁଥ୍ ଆଲର୍ଟ



# ଓଠ ଦେବ ସ୍ୱାସ୍ଥ୍ୟ ସୂଚନା

**ମଣିଷର ବିଭିନ୍ନ ଅଙ୍ଗ ଯେପରି ଆଖି, ନଖ, ତ୍ୱଚାରେ ଦେଖାଦେଉଥିବା କେତେକ ପରିବର୍ତ୍ତନରୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ପ୍ରାରମ୍ଭିକ ସୂଚନା ମିଳିଥାଏ। ଠିକ୍ ସେହିପରି ଓଠର କେତେକ ଅସ୍ୱାଭାବିକ ପରିବର୍ତ୍ତନ ମଧ୍ୟ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ସୂଚେଇ ଦେଇଥାଏ। ଜାଣିବା ଏହା ସମ୍ପର୍କରେ...**

⏭।ହଠାତ୍ ଓଠ ଫୁଲିଲେ କିମ୍ବା ଫୁଲା ରହିଲେ ଜଣାଯାଏ ଯେ, ଉକ୍ତ ବ୍ୟକ୍ତିଙ୍କ ଶରୀରରେ କୌଣସି ଆଲର୍ଜି ସମସ୍ୟା ଅଛି। ଏହା ବ୍ୟତୀତ କୌଣସି ମେଡିସିନ୍ କିମ୍ବା ଖାଦ୍ୟପେୟରେ ରିଆକ୍ସନ ଏବଂ ପେଟରେ ଇନ୍‌ଫେକ୍ସନ ହେଲେ ମଧ୍ୟ ଓଠ ଫୁଲିଥାଏ। ତେଣୁ ଏଭଳି ହେଲେ ଅବହେଳା ନ କରି ତୁରନ୍ତ ପ୍ରତିକାର କରିବାକୁ ଚେଷ୍ଟା କରନ୍ତୁ।

⏭।ଯଦି କାହାର ଓଠ ଶୁଖିଯାଏ, ଫାଟିବା ଭଳି ଦେଖାଯାଏ ତେବେ ସେଥିରୁ ଜଣାଯାଏ, ଉକ୍ତ ବ୍ୟକ୍ତଙ୍କ ଶରୀରରେ ଜଳୀୟାଂଶ କମ୍ ବା ସେ ଡିହାଇଡ୍ରେଶନ୍‌ର ଶିକାର। କେବେକେବେ ଶରୀରରେ ଆବଶ୍ୟକ ପୋଷକତତ୍ତ୍ୱ କମିଗଲେ, ପେଟ ଖରାପ ହେଲେ କିମ୍ବା ଭିତରୁ ଜ୍ୱର ରହିଲେ ବି ଓଠ ଶୁଖିଲା ଦେଖାଯାଏ। ଯଦି ଓଠରେ ଏଭଳି ପରିବର୍ତ୍ତନ ଦେଖୁଛନ୍ତି, ତେବେ ଅଧିକ ପାଣି ପିଅନ୍ତୁ ଏବଂ ଆବଶ୍ୟକ ସ୍ଥଳେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

⏭।କେବେକେବେ ଓଠ ହଳଦିଆ ମଧ୍ୟ ଦେଖାଯାଏ। ହେଲେ ଅଧିକ ଦିନ ଏପରି ରହିଲେ ଜାଣିବେ ବ୍ୟକ୍ତିଙ୍କ ଶରୀରରେ ଆନେମିଆ ବା ରକ୍ତହୀନତା ସମସ୍ୟା ରହିଛି। ଶରୀରରେ ଅକ୍ସିଜେନ୍ ପରିବହନ ପାଇଁ ଆବଶ୍ୟକ ଲାଲ୍ ରକ୍ତକଣିକା ଓ ହିମୋଗ୍ଲୋବିନ୍ ଏବଂ ଆଇରନ୍ ଅଭାବ ରହିଛି। ଏହା ଯୋଗୁ ଥକାପଣ, ଦୁର୍ବଳ ଲାଗିବା ଭଳି ଲକ୍ଷଣ ମଧ୍ୟ ଦେଖାଯାଏ। ତେଣୁ ତୁରନ୍ତ ଏହାର ଚିକିତ୍ସା କରାଇନେବା ଆବଶ୍ୟକ।

⏭।ଯଦି ଓଠର ରଙ୍ଗ କୌଣସି କାରଣରୁ ନୀଳ କିମ୍ବା ବାଇଗଣି ଦେଖାଯାଏ, ତେବେ ଏହା ରକ୍ତରେ ଅକ୍ସିଜେନ୍ ଅଭାବ, ହୃଦ୍‌ରୋଗ, ଆଜ୍ମା, କ୍ରନିକ୍ ଆବଷ୍ଟ୍ରକ୍ଟିଭ୍ ପଲ୍ମୋନାରି ଡିଜିଜ୍‌ର ଲକ୍ଷଣ ହୋଇପାରେ। ଓଠରେ ଏପରି ପରିବର୍ତ୍ତନ ଦେଖିବାମାତ୍ରେ ବିଳମ୍ବ ନ କରି ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।



